# ଧରିତ୍ରୀ
DHARITRI

ସମ୍ବଲପୁର, ମଙ୍ଗଳବାର, ଅଗଷ୍ଟ ୪/୨୦୨୦ (୧୨ ପୃଷ୍ଠା) | Sambalpur, Tuesday, August 4/2020 | ★★

୧୬ଶ ଭାଗ ୧୮୧ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୫/-




**ଟ୍ରଟ୍ ହେଲେ ଇଂଲଣ୍ଡର ବ୍ୟାଟିଂ କୋଚ୍**

ପାକିସ୍ତାନ ବିପକ୍ଷ ଟେଷ୍ଟ ସିରିଜ ପାଇଁ ପୂର୍ବତନ ବ୍ୟାଟ୍ସମ୍ୟାନ ଜୋନାଥନ୍ ଟ୍ରଟ୍‌ଙ୍କୁ ଇଂଲଣ୍ଡ କ୍ରିକେଟ ଦଳର ବ୍ୟାଟିଂ କୋଚ୍ ଭାବେ ନିଯୁକ୍ତି ମିଳିଛି।

୧୨

୧୦

**ବାଜି ମାରିଲେ କରିସ୍ମା**

ଆକ୍ସନ ଆଧାରିତ ରିୟାଲିଟି ଶୋ 'ଖତରୋଁ କେ ଖିଲାଡି'ର ଦଶମ ସିଜନ୍‌ରେ ବାଜି ମାରିଛନ୍ତି ଅଭିନେତ୍ରୀ କରିସ୍ମା ତନ୍ନା। ଗ୍ରାଣ୍ଡ ଫାଇନାଲ ସେ ଟ୍ରଫି ନିଜ ନାଁରେ କରିନେଇଛନ୍ତି।



# କାହା ପାଇଁ ରାଖୀ

**ତଥାଗତ ସତପଥୀ**

୩୦ ଜୁଲାଇ ୨୦୨୦। ଭାରତୀୟ ନ୍ୟାୟ ବ୍ୟବସ୍ଥାରେ ଆଉ ଏକ ଅସ୍ୱାଭାବିକ ଚମକ୍ରାରିତା। ମଧ୍ୟପ୍ରଦେଶ ହାଇକୋର୍ଟ ଇନ୍ଦୋର ବେଞ୍ଚର ବିଚାରପତି ରୋହିତ ଆରିଆଙ୍କ ସମ୍ମୁଖରେ ଜାମିନ ଆବେଦନ ଥିଲା। ଜାମିନ ମାଗୁଥିବା ବ୍ୟକ୍ତି ଜଣେ ମହିଳାଙ୍କ ସହିତ ଅସଦାଚରଣ କରିଥିଲେ। ବିଚାରପତି ଆରିଆଙ୍କ ଦୃଷ୍ଟିରେ ଏହି ଅଭିଯୁକ୍ତ ତାଙ୍କ ସ୍ତ୍ରୀଙ୍କ ସହିତ ଯାଇ ଯଦି ପୀଡ଼ିତାଙ୍କଠାରୁ ଏକ ରାଖୀ ବନ୍ଧେଇ ଆଣିପାରିବେ ତେବେ ତାଙ୍କୁ ଜାମିନ ମିଳିବ। ଏଥିସହିତ ରାଖୀ ବାନ୍ଧିବା ପରେ ସେହି ମହିଳାଙ୍କୁ ୧୧ ହଜାର ନଗଦ ଟଙ୍କା ଦେବେ ଓ ତାଙ୍କ ପୁତ୍ରଙ୍କ ପାଇଁ ପାଞ୍ଚ ହଜାର ଟଙ୍କା ମୂଲ୍ୟର ଲୁଗା ଓ ମିଠା ଭେଟିଦେବେ। ଏହା କରିପାରିଲେ ଅଭିଯୁକ୍ତ ସମ୍ପୃକ୍ତ ମହିଳାଙ୍କୁ ନିଜ ଭଉଣୀ ଭାବେ ସୁରକ୍ଷିତ ରଖିବାର ଦାୟିତ୍ୱ ନେବେ। ଆମେ ଭାରତବାସୀ ଶୁଣିଆସିଛୁ ଯେ 'ଆଇନ ତା' ନିଜ ବାଟରେ ଯିବ'। ଏହାର ଅର୍ଥ ହେଲା କୌଣସି ବାହ୍ୟ ପ୍ରଭାବ ଯଦି ପଡ଼ିବ ନାହିଁ, ତେବେ ଭାରତୀୟ ଆଇନ ବ୍ୟବସ୍ଥାରେ ମୁଣ୍ଡି ହୋଇ ବସିଥିବା ବିଚାରପତିମାନେ ନ୍ୟାୟ ବାଣ୍ଟିବା ପାଇଁ ଆଗେଇ ଆସିବେ। ମଧ୍ୟପ୍ରଦେଶ ହାଇକୋର୍ଟ ନିଷ୍ପତ୍ତି ଶୁଣିବା ପରେ ମନେହୁଏ ଯେ ଆଇନ ବାଟରେ ନୁହେଁ, ଅଦ୍ଭୁତ ଭାବେ ଅବାଟରେ ଚାଲିଯାଉଛି।

ମେ' ମାସ ୨୦୨୦ରେ କେରଳ ହାଇକୋର୍ଟ ଭିନ୍ନ ମାମଲାରେ ଏକ ରାୟ ଦେଇଥିଲେ। ବିଚାରପତି ନାରାୟଣ ପିସାରଦୀ ଜଣେ ଯୁବକଙ୍କ ଆବେଦନର ଶୁଣାଣି କରିଥିଲେ। ନିଜ ବାନ୍ଧବୀଙ୍କୁ ବଳାତ୍କାର କରିଥିବା ଅଭିଯୋଗରେ ଆଇପିସିର ଧାରା ୩୭୬ (ବଳାତ୍କାର)ରେ ସମ୍ପୃକ୍ତ ଯୁବକଙ୍କୁ ଅଭିଯୁକ୍ତ କରାଯାଇଥିଲା। ଏହି ମାମଲାର ରାୟରେ ବିଚାରପତି କହିଲେ, ଯଦି ବଳାତ୍କାରୀ ଏବଂ ସମ୍ପୃକ୍ତ ମହିଳା ଆଇନତଃ ବିବାହ କରିନେବେ ତେବେ ଏ ମାମଲାକୁ ରଦ୍ଦ କରିଦିଆଯିବ। ବିଚାରପତି ପିସାରଦୀଙ୍କ ନ୍ୟାୟ ଦେବାର ଢଙ୍ଗ ସେତିକିରେ ଶେଷ ହେଲାନାହିଁ। ଏହିଭଳି ଅବାଞ୍ଛିତ ନ୍ୟାୟକୁ ଅନ୍ୟ ଅପରାଧୀମାନେ ବ୍ୟବହାର କରିବାକୁ ଚେଷ୍ଟା କରିଛନ୍ତି। ଉଦାହରଣ ସ୍ୱରୂପ କେରଳର ବହୁଚର୍ଚ୍ଚିତ ଖ୍ରୀଷ୍ଟିଆନ୍ ପାଦ୍ରୀ ରବିନ୍ ୱାଡାକୁଞ୍ଚେରିଙ୍କ ମାମଲା ଉଲ୍ଲେଖନୀୟ। ଜଣେ ନାବାଳିକାଙ୍କୁ ବଳାତ୍କାର କରି ଗର୍ଭବତୀ କରାଇଥିବା ରବିନ୍ କେରଳ ହାଇକୋର୍ଟଙ୍କୁ ଆବେଦନ କରି କହିଥିଲେ ଯେ, ଦୁଇ ମାସର ଜାମିନ ମିଳିଲେ ସେହି ପୀଡ଼ିତାଙ୍କୁ ବିବାହ କରିବା ସହିତ ତାଙ୍କ ସନ୍ତାନକୁ ଆଜୀବନ ଭରଣପୋଷଣ ଦେବେ। ରବିନ୍‌ଙ୍କ ଏହିଭଳି ସତ୍‌ସାହସ କେବଳ ଭାରତ ଭଳି ଦେଶର ବିଚାରପତିଙ୍କ ବ୍ୟବହାର ଯୋଗୁ ସୃଷ୍ଟି ହୋଇପାରିଛି।

ମଧ୍ୟପ୍ରଦେଶ ହାଇକୋର୍ଟଙ୍କ ନିର୍ଦ୍ଦେଶ ମଧ୍ୟ ସେହିଭଳି ପାଗଳାମି ବହୁସଂଖ୍ୟାରେ ସୃଷ୍ଟି କରିବାରେ ସୁଯୋଗ ଆଣିଦେବ। ଭାରତବର୍ଷରେ ଶିକ୍ଷିତ ସମାଜ ୟୁନିଫର୍ମ ସିଭିଲ୍ କୋଡ୍ ବା ଏକକ ଦେୱାନୀ ସଂହିତା ଭଳି ଚିନ୍ତାଧାରା ସମ୍ପର୍କରେ ଆଲୋଚନା କରୁଛି। ସେହି ସମୟରେ ମହିଳାଙ୍କୁ ଅସଦାଚରଣ ଘଟଣାରେ ଅଭିଯୁକ୍ତଙ୍କୁ ସମ୍ପୃକ୍ତ ମହିଳାଙ୍କଠାରୁ ରାଖୀ ବାନ୍ଧି ଆସିବା ପାଇଁ ନ୍ୟାୟାଳୟ କହିଛନ୍ତି। ଏହାଦ୍ୱାରା ଅନେକ ପ୍ରଶ୍ନ ସୃଷ୍ଟି ହେଉଛି। କୁହାଯାଉଛି ଯେ, ଆଇନ ବ୍ୟବସ୍ଥା ସମସ୍ତଙ୍କ ପାଇଁ ସମାନ ରହିବା ଉଚିତ। ଯଦି ଏହିଭଳି ଅସଦାଚରଣ ଘଟଣାରେ କୌଣସି ଜଣେ ଅଣହିନ୍ଦୁ ଭାରତୀୟ ସମ୍ପୃକ୍ତ ହୋଇଯିବେ ତା'ହେଲେ ନ୍ୟାୟାଳୟ କେଉଁ ପର୍ବର ସୁଯୋଗ ଉଠାଇ ଏପରି ବୁଝାମଣା କରାଇବେ। ଏତଦ୍‌ବ୍ୟତୀତ ପୀଡ଼ିତାଙ୍କ ମତ ଲୋଡ଼ିବା ଉଚିତ୍ କି ନୁହେଁ, ତାହା ମଧ୍ୟ ଅନ୍ୟ ଏକ ପ୍ରଶ୍ନ। ଏହିଭଳି ଅନେକ ପ୍ରଶ୍ନ ଥିବା ବେଳେ ଗୋଟିଏ ମୂଳ ପ୍ରଶ୍ନ ମନକୁ ଆସେ ଯାହା ନ୍ୟାୟାଳୟ ଚିନ୍ତାକୁ ଆସିଥିବା ମନେହୁଏ ନାହିଁ। କେବଳ ରାଖୀ ପିନ୍ଧିଦେଲେ ମହିଳାଙ୍କ ପ୍ରତି ବ୍ୟବହାର ବଦଳି ଯାଇପାରିବ କି? ଏହାବ୍ୟତୀତ ଏଭଳି ନ୍ୟାୟ ଦ୍ୱାରା ଭାଇ ଓ ଭଉଣୀ ମଧ୍ୟରେ ଏକ ଶାରୀରିକ ସମ୍ପର୍କ ଗ୍ରହଣୀୟ ବୋଲି ବୁଝାଯିବ ନାହିଁ କି? ବିଶେଷକରି ଭାରତୀୟ ସମାଜରେ ପରିବାର ଭିତରେ ଯୁବତୀମାନଙ୍କ ପାଇଁ ଅସୁରକ୍ଷିତ ବାତାବରଣ ଥିବା କଥା ବହୁବାର ସରକାରୀ ଭାବେ ରେକର୍ଡ ହୋଇଥିବା ଅପରାଧ ରିପୋର୍ଟରୁ ଜଣାପଡ଼ିଛି। ଏପରି କି ଜାତୀୟ ଅପରାଧ ରେକର୍ଡ ବ୍ୟୁରୋ ବା ଏନ୍‌ସିଆର୍‌ବିରୁ ଏ ସଂକ୍ରାନ୍ତୀୟ ତଥ୍ୟ ମିଳେ। ସେହିଭଳି ସମାଜରେ ମହିଳାମାନଙ୍କ ପ୍ରତି ଘଟୁଥିବା ଅପରାଧର ପରିମାଣ ବୃଦ୍ଧି ପାଉଥିବା ବେଳେ ବିଭିନ୍ନ ରାଜ୍ୟର ହାଇକୋର୍ଟରୁ ଏହିଭଳି ବିକୃତ ରାୟ ବା ନିର୍ଦ୍ଦେଶ ସମାଜ ପାଇଁ ଅତ୍ୟନ୍ତ କ୍ଷତିକାରକ ହେଉଛି। ବିଚାରପତିମାନଙ୍କ ଅସ୍ୱାଭାବିକ ଆଭିମୁଖ୍ୟର ପ୍ରଭାବ ଦିଲ୍ଲୀର 'ନିର୍ଭୟା' ମାମଲାରେ ଦେଖିବାକୁ ମିଳିଥିଲା। ଅମାନୁଷିକ ଭାବେ ଗଣବଳାତ୍କାରର ଶିକାର ହୋଇଥିବା ଯୁବତୀଙ୍କୁ ପରାମର୍ଶ ଦେବାକୁ ଯାଇ ଏବେ କଏଦୀ ଭାବେ ଜୀବନଯାପନ କରୁଥିବା ଗୁରୁ ଆଶାରାମ ବାପୁ କହିଥିଲେ ଯେ, ଯଦି ଯୁବତୀ ସେହି ବଳାତ୍କାରୀମାନଙ୍କୁ ଭାଇ ଭାବେ ସମ୍ବୋଧନ କରିଥାଆନ୍ତେ, ତେବେ ଏଭଳି ଘଟଣା ଘଟି ନ ଥାନ୍ତା। ଆଜି ଆଶାରାମ ବାପୁ କଏଦୀ ହେବା ପଛରେ ବଳାତ୍କାର ଅଭିଯୋଗ ରହିଛି ମୂଳ କାରଣ। ନିଜ ମାମଲାରୁ ମୁକ୍ତି ପାଇବା ପାଇଁ ଏହି ଗୁରୁ ତାଙ୍କ ମାମଲା ବିଚାର କରୁଥିବା ବିଚାରପତିଙ୍କୁ ଭାଇ ଭାବେ ସମ୍ବୋଧନ କରି ନିଜର ଭବିଷ୍ୟତ ବଦଳାଇବାର ଚେଷ୍ଟା କରିପାରିଥାନ୍ତେ। ଦୁଃଖର ବିଷୟ ତାହା ତାଙ୍କ ପାଇଁ ସମ୍ଭବପର ହେଲା ନାହିଁ।

ଉଭୟ ପାଦ୍ରୀ ରବିନ୍ ଏବଂ ଗୁରୁ ଆଶାରାମଙ୍କ ମାନସିକତାକୁ ଲକ୍ଷ୍ୟକଲେ ବୁଝାପଡୁଛି ଯେ, ଭାରତର ନ୍ୟାୟ ବ୍ୟବସ୍ଥାରେ ଘଟୁଥିବା ଅଦ୍ଭୁତ ଘଟଣା ସମାଜରେ ବହୁଳ ପ୍ରଭାବ ପକାଉଛି। ଏହିଭଳି ଚିନ୍ତାଧାରା ଯଦି ଭବିଷ୍ୟତରେ ଲାଗିରହିବ ତେବେ ତାହା ଦେଶକୁ ଅତ୍ୟନ୍ତ ଅସୁରକ୍ଷିତ ଏବଂ ଅସାମାଜିକ କରିଦେବ।

# ଖାଦ୍ୟ ସଙ୍କଟ ସୃଷ୍ଟି କରିପାରେ ସବୁଜ କୃଷି

- ଓଡ଼ିଶା ସମେତ ୫ ରାଜ୍ୟରେ ପାଇଲଟ ପ୍ରକଳ୍ପ
- ବାର୍ଷିକ ୪୯ ନିୟୁତ କୃଷି କ୍ଷେତ୍ର ଗ୍ୟାସ କମାଇବା ଲକ୍ଷ୍ୟ
- ୨୦୩୦ ସୁଦ୍ଧା ୧୫ % ଗ୍ରୀନ୍ ହାଉସ ଗ୍ୟାସ୍ ବୃଦ୍ଧି ଆଶଙ୍କା



ଭୁବନେଶ୍ୱର,୩।୮ (ବ୍ୟୁରୋ)

କୃଷି କ୍ଷେତ୍ରରୁ ନିର୍ଗତ ହେଉଥିବା ଗ୍ରୀନ ହାଉସ ଗ୍ୟାସ୍‌କୁ ହ୍ରାସ କରିବା ଲକ୍ଷ୍ୟରେ ଗତ ଜୁଲାଇ ୨୮ରେ କେନ୍ଦ୍ର ସରକାର ଗ୍ରୀନ-ଏଜି(ସବୁଜ କୃଷି) ପ୍ରକଳ୍ପ ନାମରେ ଏକ ପାଇଲଟ୍ ପ୍ରକଳ୍ପ ଆରମ୍ଭ କରିଛନ୍ତି। ପ୍ରାଥମିକ ପର୍ଯ୍ୟାୟରେ ଏହା ମିଜୋରାମ୍‌ରେ ଆରମ୍ଭ ହୋଇଥିବାବେଳେ ଖୁବ୍‌ଶୀଘ୍ର ଓଡ଼ିଶା, ମଧ୍ୟପ୍ରଦେଶ, ରାଜସ୍ଥାନ, ଉତ୍ତରାଖଣ୍ଡରେ ଆରମ୍ଭ ହେବ। ଏହି ୫ଟି ରାଜ୍ୟର ୧୦୪.୦୭୦ ହେକ୍ଟର ଜମିରେ ଜଳ ପରିଚାଳନା, ଜୈବିକ(ଅର୍ଗାନିକ) ଚାଷ ଏବଂ କୃଷି ଜୈବ ବିବିଧତା ବଜାୟ ରଖିବା ନେଇ ଚାଷୀମାନଙ୍କୁ ସଚେତନ କରାଯିବ। ଓଡିଶାର ଶିମିଳିପାଳ ଅଞ୍ଚଳରେ ଏହାକୁ ପାଇଲଟ ପ୍ରକଳ୍ପ ଭାବେ ଆରମ୍ଭ କରାଯିବାର ଯୋଜନା ରହିଛି। ଏହା ଦ୍ୱାରା କୃଷି କ୍ଷେତ୍ରରୁ ବାର୍ଷିକ ନିର୍ଗମନ ହେଉଥିବା ୪୯ ନିୟୁତ କାର୍ବନ ଡାଇଅକ୍ସାଇଡ ଗ୍ୟାସକୁ ରୋକାଯିବାକୁ ଲକ୍ଷ୍ୟ ରଖାଯାଇଛି। ଏହି ପାଇଲଟ ପ୍ରକଳ୍ପ ୨୦୨୬ ମାର୍ଚ୍ଚ ୩୧ ସୁଦ୍ଧା ଶେଷ ହେବ। ତେବେ ଏହି ଚାଷ ପ୍ରଣାଳୀ ଦ୍ୱାରା କୃଷି ଉତ୍ପାଦନ ଗୁରୁତର ଭାବେ ପ୍ରଭାବିତ ହେବାର ଆଶଙ୍କା ରହିଛି। ସବୁଜ କୃଷି ଦ୍ୱାରା ପରିବେଶ କିଛି ମାତ୍ରାରେ ସୁଧୁରିଲେ ମଧ୍ୟ ଆଗାମୀ ଦିନରେ ଘୋର ଖାଦ୍ୟ ସଙ୍କଟ ଦେଖାଦେବାର ସମ୍ଭାବନା ଥିବା କୃଷି ବିଶେଷଜ୍ଞ ଆଶଙ୍କା କରିଛନ୍ତି।

କୃଷି ବିଶେଷଜ୍ଞ ତଥା ଓୟୁଏଟିର ପୂର୍ବତନ କୁଳପତି ସୁରେନ୍ଦ୍ର ନାଥ ପଶୁପାଳକ କହିଛନ୍ତି ଯେ, କେନ୍ଦ୍ର ସରକାରଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ଏହି ପାଇଲଟ ପ୍ରକଳ୍ପ ହେଲେ ଚାଷୀମାନେ ଜମିରେ ଆଉ ରାସାୟନିକ ସାର, କୀଟନାଶକ ଔଷଧ, ଗୋବରଖତ ଆଦି ପ୍ରୟୋଗ କରିବେ ନାହିଁ। ଏହାଦ୍ୱାରା ଚାଷୀଙ୍କୁ ବଡ଼ ଆକାରରେ କ୍ଷତି ସହିବାକୁ ପଡିବ। ଉତ୍ପାଦନ ହ୍ରାସ ପାଇବା ସାଙ୍ଗକୁ ଚାଷୀମାନେ ସମାନଙ୍କ ଉତ୍ପାଦିତ ଶସ୍ୟ ମଧ୍ୟ ବିକ୍ରି କରିପାରିବେ ନାହିଁ। ଏହି ପ୍ରଣାଳୀରେ ଚାଷ କରାଗଲେ ଚାଷ କରିବାର ୫ ବର୍ଷ ପରେ ଜମି ଲାଭ ଦେବା ଆରମ୍ଭ କରିବ। ସେ ପର୍ଯ୍ୟନ୍ତ ଚାଷରେ ହେଉଥିବା କ୍ଷତିକୁ ଚାଷୀ ଭରଣା କରିବା ଅବସ୍ଥାରେ ରହିବ ନାହିଁ। କେବଳ ସେତିକି ନୁହେଁ, ଉତ୍ପାଦିତ ଶସ୍ୟର ଉତ୍ପାଦନ ମୂଲ୍ୟ ମଧ୍ୟ ବହୁ ପରିମାଣରେ ବଢି ଯିବ। ଅପରପକ୍ଷରେ କରୋନା ମହାମାରୀ ପରେ ଲୋକମାନେ ସ୍ୱାସ୍ଥ୍ୟ ପ୍ରତି ଅଧିକ ଯତ୍ନବାନ ହେବେ। ପୁଷ୍ଟିକର, ସ୍ୱାସ୍ଥ୍ୟକର ଏବଂ ସୁରକ୍ଷିତ ଖାଦ୍ୟର ଚାହିଦା ବଢିବ। ସବୁଜ ଚାଷ ପାଇଁ ସରକାର ୫ ବର୍ଷ ଲାଗି ଚାଷୀଙ୍କ କ୍ଷତି ଭରଣା କରିବାକୁ ପ୍ରସ୍ତୁତ ରହିଲେ ଏହି ଚାଷ ସଫଳ ହୋଇପାରିବ ବୋଲି ସେ କହିଛନ୍ତି।

ଅନ୍ୟପକ୍ଷରେ କୃଷି ବିଭାଗର ଜଣେ ବରିଷ୍ଠ ଅଧିକାରୀଙ୍କ କଥା କହିବା କଥା ହେଲା ସବୁଜ ଚାଷ ଏକ ଉତ୍ତମ ପ୍ରୟାସ। ତାହା କେତେଦୂର ସଫଳ ହେବ ଭବିଷ୍ୟତ କହିବ। କେନ୍ଦ୍ର ସରକାର ଚାଷୀଙ୍କୁ ଏବେ ଧାନର ଉତ୍ପାଦନ ମୂଲ୍ୟ ଠିକ୍‌ରେ ଦେଇପାରୁ ନାହାନ୍ତି। ସବୁଜ ଚାଷ ଯୋଗୁ ହେବାକୁ ଥିବା କ୍ଷତି ଭରଣା କରିବା ସହଜ ହେବ ନାହିଁ। ୧ କୁଇଣ୍ଟାଲ ଧାନ ଉତ୍ପାଦନ ପାଇଁ ଚାଷୀଙ୍କୁ ୨୪୦୩ ଟଙ୍କା ଖର୍ଚ୍ଚ କରିବାକୁ ପଡୁଛି। ଚାଷୀଙ୍କଠାରୁ କେନ୍ଦ୍ର ସରକାର ୨୦୨୦-୨୧ରେ ଆର୍ଥିକ ବର୍ଷରେ ୧୮୬୮ ଟଙ୍କା ସର୍ବନିମ୍ନ ସହାୟକ ମୂଲ୍ୟ(ଏମଏସପି)ରେ କ୍ରୟ କରୁଛନ୍ତି। ଫଳରେ ଚାଷୀଙ୍କୁ କୁଇଣ୍ଟାଲ ପିଛା ୫୩୫ ଟଙ୍କା କ୍ଷତି ସହିବାକୁ ପଡୁଛି। ବିନା ରାସାୟନିକ ସାର କିମ୍ବା କୀଟନାଶକରେ ଚାଷ କଲେ କମ୍ ଅମଳ ହେବ ଏବଂ କ୍ଷତି ବହୁ ଗୁଣା ବଢିଯିବ। ଚାଷୀ ତାହା ସମ୍ଭାଳିବା ଅବସ୍ଥାରେ ରହିବା ସମ୍ଭବ ହେବ ନାହିଁ। କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ସଚିବ ସୌରଭ ଗର୍ଗ କହିଛନ୍ତି ଯେ, ଜଳବାୟୁ ପରିବର୍ତ୍ତନ ହେଉଥିବାରୁ ରାଜ୍ୟ ସରକାରଙ୍କ ପକ୍ଷରୁ ଜଳବାୟୁ ପରିବର୍ତ୍ତନ ଆକ୍ସନ ପ୍ଲାନ ପ୍ରସ୍ତୁତ କରାଯାଇଛି। ଚାଷୀମାନେ କିପରି ଆଗାମୀ ଦିନରେ ଜଳବାୟୁ ଅନୁସାରେ ସବୁଦିନିଆ ଫସଲ କରି ପାରିବେ ସେ ନେଇ ବ୍ୟବସ୍ଥା କରାଯାଉଛି। କେନ୍ଦ୍ର ସରକାରଙ୍କ ପକ୍ଷରୁ ଆରମ୍ଭ କରାଯାଇଥିବା ☞ପୃଷ୍ଠା-୪



ବିଶିଷ୍ଟ ସାହିତ୍ୟ ସାଧିକା ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଧରିତ୍ରୀର ପ୍ରେରଣାଦାୟିନୀ ନନ୍ଦିନୀ ଶତପଥୀଙ୍କର ଚତୁର୍ଦ୍ଦଶତମ ଶ୍ରାଦ୍ଧ ବାର୍ଷିକୀରେ ଧରିତ୍ରୀ ପରିବାରର ବିନମ୍ର ଶ୍ରଦ୍ଧାଞ୍ଜଳି।

## ରାମମନ୍ଦିର ଭୂମିପୂଜନ ଉତ୍ସବ ଆରମ୍ଭ

- ଦିନକ ପରେ ଶିଳାନ୍ୟାସ
- ମୋଦିଙ୍କ ସମେତ ୫ ଜଣ ମଞ୍ଚରେ ରହିବେ
- ଅତିଥିଙ୍କ ପାଇଁ ସୁରକ୍ଷା କୋଡ୍
- ୩ ଦିନ ଧରି ଚାଲିବ ପୂଜନ କାର୍ଯ୍ୟକ୍ରମ

ଅଯୋଧ୍ୟା, ୩।୮

ରାମମନ୍ଦିର ଭୂମିପୂଜନ ଉତ୍ସବ ପାଇଁ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଥିବାବେଳେ ସୋମବାରଠାରୁ ୩ ଦିନିଆ ଉତ୍ସବ ଆରମ୍ଭ ହୋଇଛି। ବୁଧବାର ଭୂମିପୂଜନ ବେଳେ ମଞ୍ଚରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମେତ ୫ ଜଣ ରହିବେ। ଅନ୍ୟମାନଙ୍କ ମଧ୍ୟରେ ଅଛନ୍ତି ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍) ମୁଖ୍ୟ ମୋହନ ଭାଗବତ, ଉତ୍ତରପ୍ରଦେଶ ରାଜ୍ୟପାଳ ଆନନ୍ଦୀବେନ୍ ପଟେଲ, ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଏବଂ ମହନ୍ତ ନୃତ୍ୟଗୋପାଳ ଦାସ। ଏହି ଉତ୍ସବ ଲାଗି ୧୭୫ ଜଣଙ୍କୁ ନିମନ୍ତ୍ରଣ କରାଯାଇଛି। ନିମନ୍ତ୍ରଣ କାର୍ଡରେ ରାମଲାଲାଙ୍କ ମୂର୍ତ୍ତିର ଛବି ସହିତ ସୁରକ୍ଷା କୋଡ୍ ରହିଛି, ଯାହା ଗୋଟିଏ ଥର କାମ କରିବ। ଯଦି ଅତିଥି ଉତ୍ସବ ସ୍ଥଳ ଛାଡ଼ି ବାହାରକୁ ଆସନ୍ତି ତେବେ ସେ ଆଉ ପ୍ରବେଶ କରିପାରିବେ ନାହିଁ। ପ୍ରଥମ ନିମନ୍ତ୍ରଣ ଅଯୋଧ୍ୟା ମାମଲାର ମୁସଲମାନ ପ୍ରତିପକ୍ଷ ଇକ୍‌ବାଲ ଅନ୍‌ସାରୀଙ୍କ ପାଖକୁ ପଠାଯାଇଥିଲା। ସେହିପରି ୧୦ ହଜାରରୁ ଅଧିକ ଲୋକଙ୍କ ☞ପୃଷ୍ଠା-୪


## ଜିମ୍, ଯୋଗାଭ୍ୟାସ ପାଇଁ ନିର୍ଦ୍ଦେଶନାମା

- ୫ରୁ କଟକଣା ମଧ୍ୟରେ ଖୋଲିବ
- ମାସ୍କ ପରିଧାନ, ୬ଫୁଟ ଦୂରତ୍ୱ ବାଧ୍ୟତାମୂଳକ
- ଲକ୍ଷଣବିହୀନ ଲୋକଙ୍କୁ ମିଳିବ ଅନୁମତି



ନୂଆଦିଲ୍ଲୀ,୩।୮ (ଡି.ଏନ୍.ଏ.)

କେନ୍ଦ୍ର ସରକାରଙ୍କ ଅନ୍‌ଲକ୍-୩ ଗାଇଡ୍‌ଲାଇନ ଅନୁସାରେ ଆସନ୍ତା ୫ତାରିଖରୁ ଯୋଗ ଏବଂ ଜିମ୍ କେନ୍ଦ୍ର ଖୋଲିବ। ଏଥିପାଇଁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ସୋମବାର ସ୍ୱତନ୍ତ୍ର ନିର୍ଦ୍ଦେଶନାମା ଜାରି କରାଯାଇଛି। କରୋନା ଭୂତାଣୁ ଯେପରି ନ ବ୍ୟାପିବ ତାକୁ ଲକ୍ଷ୍ୟ ରଖି କେତେକ ପ୍ରତିକାର ପଦକ୍ଷେପ ବ୍ୟବସ୍ଥା ଗ୍ରହଣ କରିବାକୁ କୁହାଯାଇଛି। ସର୍ବପ୍ରଥମେ କୌଣସି ଲକ୍ଷଣ ନ ଥିବା ବ୍ୟକ୍ତିଙ୍କୁ ଯୋଗ ଏବଂ ଜିମ୍ କେନ୍ଦ୍ରକୁ ଅନୁମତି ମିଳିବ। ମାସ୍କ ପରିଧାନକୁ ବାଧ୍ୟତାମୂଳକ କରାଯିବା ସହ ୬ଫୁଟର ଦୂରତା ବଜାୟ ☞ପୃଷ୍ଠା-୪





**ଆଜିର ମନ୍ତବ୍ୟ**

"ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା କରୋନା ପଜିଟିଭ୍ ହେବା ପରେ ଏମ୍ସ ନ ଯାଇ ଘରୋଇ ହସ୍ପିଟାଲରେ ଭର୍ତ୍ତିହେବା ଆଶ୍ଚର୍ଯ୍ୟର କଥା।

– ଶଶୀ ଥରୁର, କଂଗ୍ରେସ ଏମ୍‌ପି

# ଓଡ଼ିଶା ପର୍ଯ୍ୟଟନକୁ ସାହା 'ରୋଡ୍ ଟ୍ରିପ୍'

ଭୁବନେଶ୍ୱର,୩।୮ (ବ୍ୟୁରୋ)




କରୋନା ସ୍ଥିତି ସୁଧୁରିବା ପରେ ଓଡ଼ିଶା ପ୍ରତି ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବାକୁ ରାଜ୍ୟ ପର୍ଯ୍ୟଟନ ବିଭାଗ ପକ୍ଷରୁ 'ସଡକ ପଥେ ପର୍ଯ୍ୟଟନ' କାର୍ଯ୍ୟକ୍ରମ ଆରମ୍ଭ ହେବ। 'ରୋଡ୍ ଟ୍ରିପ୍‌ସ ଟୁ ଆଣ୍ଡ୍ ଥ୍ରୁ ଓଡ଼ିଶା' ନାମକ ଏହି ଯୋଜନା ମାଧ୍ୟମରେ ସମ୍ପୂର୍ଣ୍ଣ ଠପ୍ ହୋଇପଡ଼ିଥିବା ପର୍ଯ୍ୟଟନ ଶିଳ୍ପକୁ ପୁନରୁଦ୍ଧାର କରାଯିବ। ସଡକ ପଥରେ ପର୍ଯ୍ୟଟନ ବା ରୋଡ୍ ଟ୍ରିପ୍ ଟୁରିଜମ୍ ଆରମ୍ଭ କରି ଓଡିଶା ପର୍ଯ୍ୟଟନ ଅନ୍ୟ ରାଜ୍ୟ ପାଇଁ ଉଦାହରଣ ସାଜିବା ସହ ମଡେଲ ଭାବେ କାର୍ଯ୍ୟ କରିବ। ଏହା ମାଧ୍ୟମରେ ଆନ୍ତଃରାଜ୍ୟ ପର୍ଯ୍ୟଟନଙ୍କୁ ପ୍ରୋତ୍ସାହିତ କରାଯାଇପାରିବ। ପଡୋଶୀ ରାଜ୍ୟର ପର୍ଯ୍ୟଟକଙ୍କ ଉପରେ ଅଧିକ ଫୋକସ ରହିବ ବୋଲି ରାଜ୍ୟ ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ କହିଛନ୍ତି। ନୂଆ ଯୋଜନା ମାଧ୍ୟମରେ ଆନ୍ଧ୍ରପ୍ରଦେଶ, ଛତିଶଗଡ, ଝାଡଖଣ୍ଡ ଓ ପଶ୍ଚିମବଙ୍ଗର ବିଭିନ୍ନ ସହରରୁ ପର୍ଯ୍ୟଟକମାନେ ଯେପରି ସଡ଼କପଥରେ ଓଡିଶା ଆସିପାରିବେ ତାହାକୁ ପ୍ରାଥମିକତା ଦିଆଯିବ। ଆନ୍ଧ୍ରପ୍ରଦେଶର ବିଶାଖାପାଟଣା, ଛତିଶଗଡର ରାୟପୁର ଓ ବିଳାସପୁର, ଝାଡଖଣ୍ଡର ରାଞ୍ଚି ଓ ଜାମସେଦପୁର, ପଶ୍ଚିମବଙ୍ଗର କୋଲକାତା ଓ ଖଡଗପୁରରେ ଏବେ ଓଡିଶା ପର୍ଯ୍ୟଟନର ପ୍ରଚାର ପ୍ରସାର କରାଯାଉଛି। ସେଠାକାର ଲୋକେ ଯେପରି ଓଡ଼ିଶାର ବିସ୍ତୀର୍ଣ୍ଣ ବେଳାଭୂମି, ପାହାଡ, ଜଙ୍ଗଲ, ଆଦିବାସୀ ଅଞ୍ଚଳ, ଦୁଃସାହସିକ ପର୍ଯ୍ୟଟନ, ଐତିହ୍ୟ ପର୍ଯ୍ୟଟନ ଏବଂ ଓଡ଼ିଶାର ଉତ୍କୃଷ୍ଟ ହସ୍ତଶିଳ୍ପ ଓ ହସ୍ତତନ୍ତର ମଜା ନେଇପାରିବେ ତାହାକୁ ଗୁରୁତ୍ୱ ଦିଆଯିବ। ସେହିଭଳି ରାଜ୍ୟର ଇକୋ-ଟୁରିଜମ୍ ସେଣ୍ଟରଗୁଡ଼ିକ ଧୀରେ ଧୀରେ ପର୍ଯ୍ୟଟକଙ୍କ ପାଇଁ ଉନ୍ମୁକ୍ତ ହେଉଥିବାବେଳେ ସେଠାରେ ନିରୋଳାରେ ରହି ଜଣେ ସବୁଜିମା ପରିବେଶ ସହ ବନ୍ୟଜନ୍ତୁ ଦେଖିବାର ସୁଯୋଗ ପାଇପାରିବେ। ସାତକୋଶିଆ ସହ ଦାରିଙ୍ଗବାଡ଼ି, ଚିଲିକା ହ୍ରଦ, ପୁରୀ-କୋଣାର୍କ ମେରାଇନ୍ ଡ୍ରାଇଭ୍, ଚାନ୍ଦିପୁର ଆଦି ସ୍ଥାନର ପ୍ରଚାର କରାଯିବ। ପ୍ରାକୃତିକ ସବୁଜିମାରେ ଭରପୁର କନ୍ଧମାଳ, ☞ପୃଷ୍ଠା-୪

**ଅଣ୍ଟା ସଳଖିବାକୁ ନୂଆ ଯୋଜନା**

- ସଡ଼କ ପଥରେ ଓଡ଼ିଶା ବୁଲିବେ ପର୍ଯ୍ୟଟକ
- ପଡୋଶୀ ରାଜ୍ୟ ଉପରେ ନଜର

# ବଜ୍ରପାତ ନେଲା ୭ ଜୀବନ

## ରାଖୀ ବାନ୍ଧିବାକୁ ଯାଇଥିବା ବେଳେ ଭଉଣୀଭାଇ ମୃତ

ବାଲେଶ୍ୱର ଅଫିସ/ରେମୁଣା/ସଜନାଗଡ/ଚାନ୍ଦବାଲି/ଭଦ୍ରକ ଅଫିସ/କେନ୍ଦୁଝର, ୩।୮ (ଡି.ଏନ.ଏ./ସ୍ୱ.ପ୍ର.)



ଉତ୍ତର ଓଡ଼ିଶାର ବିଭିନ୍ନ ସ୍ଥାନରେ ସୋମବାର ଅପରାହ୍ନରେ ବଜ୍ରପାତ ହୋଇ ଅକାଳରେ ୭ଜଣଙ୍କ ଜୀବନ ଯାଇଛି। ମୃତକଙ୍କ ମଧ୍ୟରେ ଭଉଣୀଭାଇ ଅଛନ୍ତି। ରାଖୀ ପୂର୍ଣ୍ଣିମା ଅବସରରେ ଏଭଳି ଦୁଃଖଦ ଘଟଣା ସ୍ଥାନୀୟ ଅଞ୍ଚଳରେ ଆଲୋଡନ ସୃଷ୍ଟି କରିଛି।

ବାଲେଶ୍ୱର ଜିଲା ରେମୁଣା ବ୍ଲକ ମଣ୍ଡଗାଁ ଗ୍ରାମର ଭାସ୍କର ବେହେରାଙ୍କ ଝିଅ ଆଶା ବେହେରା(୧୨) ଦଳେଇ ସାହିସ୍ଥିତ ସମ୍ପର୍କୀୟ ଭାଇ ସୁଶାନ୍ତ ଦଳେଇ(୧୫)ଙ୍କ ଘରକୁ ରାଖୀ ବାନ୍ଧିବାକୁ ଆସିଥିଲେ। ସେହି ସମୟରେ ସୁଶାନ୍ତଙ୍କ ନିଜ ଭଉଣୀ ରଙ୍ଗଲତା ପ୍ରଧାନ ଓ ଭିଣୋଇ ବିଜୟ ପ୍ରଧାନ ଉପସ୍ଥିତ ଥିଲେ। ଆଶା ଘର ପିଣ୍ଡାରେ ବସି ସୁଶାନ୍ତଙ୍କ ହାତରେ ରାଖୀ ବାନ୍ଧୁଥିବା ବେଳେ ହଠାତ୍ ବଜ୍ରପାତ ହୋଇଥିଲା। ଏଥିରେ ୪ଜଣ ଗୁରୁତର ଆହତ ହେବା ସହ ଘର ଛପର ଓ ନିକଟସ୍ଥ ଆମ୍ବଗଛ ଜଳିଯାଇଥିଲା। ପରିବାର ଲୋକେ ୪ଜଣଙ୍କୁ ଉଦ୍ଧାରକରି ପ୍ରଥମେ ଖନ୍ତାପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ସୁଶାନ୍ତ ଓ ଆଶାକୁ ମୃତ ଘୋଷଣା ☞ପୃଷ୍ଠା-୪

## ଜେଲ ଉପରେ ଆଇଏସ୍ ଆକ୍ରମଣ: ୨୧ ମୃତ

ଆଫଗାନିସ୍ତାନର ନଙ୍ଗରହାର ପ୍ରଦେଶ ରାଜଧାନୀ ଜଲାଲାବାଦରେ ଏକ ଜେଲ ଉପରେ ଇସ୍‌ଲାମିକ ଷ୍ଟେଟ୍ (ଆଇଏସ୍) ଆତଙ୍କବାଦୀମାନେ ରବିବାର ରାତିରେ ଆକ୍ରମଣ କରିଛନ୍ତି। ଏହି ଆକ୍ରମଣରେ ୨୧ ଜଣଙ୍କର ମୃତ୍ୟୁ ହେବା ସହ ୪୩ ଆହତ ହୋଇଛନ୍ତି। ମୃତକଙ୍କ ମଧ୍ୟରେ ବନ୍ଦୀ, ସାଧାରଣ ନାଗରିକ ଓ ଜେଲ୍ ସୁରକ୍ଷା କର୍ମୀ ଅଛନ୍ତି।

# 'ରାଖୀ ବାନ୍ଧିଲେ ମିଳିବ ଜାମିନ'

## ମଧ୍ୟପ୍ରଦେଶ ହାଇକୋର୍ଟଙ୍କ ରାୟକୁ ନେଇ ଚର୍ଚ୍ଚା

ଭୋପାଳ,୩।୮

ମଧ୍ୟପ୍ରଦେଶ ହାଇକୋର୍ଟଙ୍କ ପକ୍ଷରୁ ଦିଆଯାଇଥିବା ରାୟକୁ ନେଇ ଏବେ ସୋସିଆଲ୍ ମିଡ଼ିଆରେ ଚର୍ଚ୍ଚା ଜାରି ରହିଛି। ଜାମିନ ଲାଗି ଆବେଦନ କରିଥିବା ଜଣେ ଯୁବକଙ୍କୁ ହାଇକୋର୍ଟ କହିଛନ୍ତି ଯେ, ଅସଦାଚରଣ ପ୍ରଦର୍ଶନ କରିଥିବା ମହିଳାଙ୍କଠାରୁ ରାଖୀ ବାନ୍ଧିଲେ ତାଙ୍କର ଜାମିନ ମଞ୍ଜୁର ହେବ। ଯୁବକଙ୍କ ନାମରେ ଜଣେ ମହିଳାଙ୍କୁ ଅସଦାଚରଣ କରିଥିବା ଅଭିଯୋଗ ରହିଛି। କୋର୍ଟ ପକ୍ଷରୁ କୁହାଯାଇଛି ସମ୍ପୃକ୍ତ ମହିଳାଙ୍କ ଘରକୁ ଯାଇ ରାଖୀ ବାନ୍ଧିବା ସହିତ ତାଙ୍କ ପିଲାଙ୍କୁ ଉପହାର ଦେଲେ ଜାମିନ





ମଞ୍ଜୁର ହେବ। ପିଲାମାନଙ୍କୁ ୫ ହଜାର ଟଙ୍କାର ପୋଷାକ ଏବଂ ମହିଳାଙ୍କୁ ୧୧ ହଜାର ଟଙ୍କାର ଉପହାର ଦେବାଲାଗି ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏପ୍ରିଲ୍‌ରେ ଅଭିଯୁକ୍ତ ବିକ୍ରମ ବାଗରୀଙ୍କ ନାମରେ ଜଣେ ମହିଳାଙ୍କୁ ଅସଦାଚରଣ କରିଥିବା ଅଭିଯୋଗ ହୋଇଥିଲା। ମହିଳାଙ୍କ ପରିବାର ପକ୍ଷରୁ ଏନେଇ ମାମଲା ଦାଏର କରାଯାଇଥିଲା। ବିକ୍ରମ ହାଇକୋର୍ଟରେ ଜାମିନ ପାଇଁ ଆବେଦନ କରିଥିଲେ। ତେବେ ହାଇକୋର୍ଟ ଏଭଳି ଏକ ନିଆରା ସର୍ତ୍ତ ରଖିଥିଲେ। ରାଖୀ ବାନ୍ଧିବାର ଫଟୋ ଏବଂ ଉପହାର ରସିଦ୍ ହାଇକୋର୍ଟରେ ଦାଖଲ କରିବା ପରେ ଜାମିନ ଉପରେ ବିଚାର କରାଯିବ ବୋଲି କୋର୍ଟ କହିଛନ୍ତି।



ଦେଶର ବିଭିନ୍ନ ଅଞ୍ଚଳରୁ ମହିଳାମାନେ ପଠାଇଥିବା ରାଖୀ ବାନ୍ଧି ଲଦାଖରେ ଯବାନମାନେ ରକ୍ଷାବନ୍ଧନ ଉତ୍ସବ ପାଳନ କରୁଛନ୍ତି।

## କୁଳଭୂଷଣଙ୍କ ଓକିଲ ନିଯୁକ୍ତି ପାଇଁ ଭାରତକୁ ଅନୁମତି



ଇସ୍‌ଲାମାବାଦ, ୩।୮: ପାକିସ୍ତାନ ଜେଲ୍‌ରେ ବନ୍ଦୀ ଥିବା ଭାରତର ପୂର୍ବତନ ନୌସେନା ଅଧିକାରୀ କୁଳଭୂଷଣ ଯାଦବଙ୍କ ମାମଲାର ଶୁଣାଣି ସୋମବାର ଇସ୍‌ଲାମାବାଦ ହାଇକୋର୍ଟରେ ଅନୁଷ୍ଠିତ ହୋଇଥିଲା। ଅଦାଲତ ଶୁଣାଣି ସେପ୍ଟେମ୍ବର ୩ ପର୍ଯ୍ୟନ୍ତ ସ୍ଥଗିତ ରଖିବା ସହ ତାଙ୍କ ପାଇଁ ଓକିଲ ନିଯୁକ୍ତି ନିମନ୍ତେ ଭାରତକୁ ସୁଯୋଗ ଦେଇଛନ୍ତି। ଓକିଲ ପାକିସ୍ତାନୀ ହେବା ଆବଶ୍ୟକ ବୋଲି କୁହାଯାଇଛି। ପାକିସ୍ତାନୀ ଲିଗାଲ ଟିମ୍‌କୁ ସହାୟତା ପାଇଁ ଭାରତୀୟ ଓକିଲଙ୍କୁ ଅନୁମତି ମିଳିବ ନାହିଁ ବୋଲି ସେଠାର ଆଟର୍ନି ଜେନେରାଲ ଖଲିଦ ଜାଭେଦ ଖାନ୍ ଗଣମାଧ୍ୟମକୁ କହିଛନ୍ତି। ଗୁପ୍ତଚର ବୃତ୍ତି ଓ ଆତଙ୍କବାଦୀ କାର୍ଯ୍ୟକଳାପରେ ସମ୍ପୃକ୍ତ ଥିବା ଅଭିଯୋଗରେ କୁଳଭୂଷଣଙ୍କୁ ପାକିସ୍ତାନର ସାମରିକ ଅଦାଲତ ମୃତ୍ୟୁଦଣ୍ଡାଦେଶ ଦେଇଥିଲେ। ଏହାର ପୁନର୍ବିଚାର ପାଇଁ ଅନ୍ତର୍ଜାତୀୟ ନ୍ୟାୟିକ ଅଦାଲତ (ଆଇସିଜେ) ଗତବର୍ଷ ପାକିସ୍ତାନକୁ ପରାମର୍ଶ ଦେଇଥିଲେ। କୁଳଭୂଷଣଙ୍କ ପାଇଁ ଓକିଲ ନିଯୁକ୍ତି ନିମନ୍ତେ ଗତମାସ ୨୨ ତାରିଖରେ ପାକ୍ ସରକାର ଇସ୍‌ଲାମାବାଦ ହାଇକୋର୍ଟଙ୍କୁ ଅନୁରୋଧ କରିଥିଲେ।

## ତ୍ରିଭାଷୀ ସୂତ୍ରକୁ ତାମିଲନାଡୁର ବିରୋଧ

### ଶିକ୍ଷାନୀତିର ପୁନର୍ବିଚାର ପାଇଁ ପ୍ରଧାନମନ୍ତ୍ରୀଙ୍କୁ ଅନୁରୋଧ କଲେ ପାଲାନିସ୍ୱାମୀ

ଚେନ୍ନାଇ, ୩।୮

ନୂତନ ଜାତୀୟ ଶିକ୍ଷାନୀତିରେ ତ୍ରିଭାଷୀ ସୂତ୍ର ଦୁଃଖଦ ଓ ଯନ୍ତ୍ରଣାଦାୟକ ବୋଲି ତାମିଲନାଡୁ ମୁଖ୍ୟମନ୍ତ୍ରୀ ଇ.କେ. ପାଲାନିସ୍ୱାମୀ କହିବା ସହ ଏହାକୁ କାର୍ଯ୍ୟକାରୀ ହେବାକୁ ଦେବେନାହିଁ ବୋଲି କହିଛନ୍ତି। ତାମିଲନାଡୁର ପିଲାମାନଙ୍କ ଉପରେ ହିନ୍ଦୀ ଭାଷାକୁ ଜୋରଜବରଦସ୍ତ ଲାଗୁ କରିବାକୁ ପୂର୍ବତନ ମୁଖ୍ୟମନ୍ତ୍ରୀ ଆନ୍ନା ଦୁରାଇ, ଏମ୍‌ଜିଆର ଏବଂ ଜୟଲଳିଥା ବିରୋଧ କରିଆସୁଥିଲେ। ଉକ୍ତ ଆଭିମୁଖ୍ୟକୁ ପାଲାନିସ୍ୱାମୀ ସମର୍ଥନ କରିବା ସହ ତ୍ରିଭାଷୀ ସୂତ୍ରର ପୁନର୍ବିଚାର ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଅନୁରୋଧ କରିଛନ୍ତି। ୧୯୬୫ରେ ହିନ୍ଦୀକୁ ସରକାରୀ ଭାଷା କରିବା ପାଇଁ ତତ୍କାଳୀନ କଂଗ୍ରେସ ସରକାର ଉଦ୍ୟମ କରିବାରୁ ତାମିଲନାଡୁରେ ଆନ୍ଦୋଳନ ହୋଇଥିଲା।

ଯଦିଓ ନୂତନ ଶିକ୍ଷାନୀତିରେ ତିନି ଭାଷା ସମ୍ପର୍କରେ ନିଷ୍ପତ୍ତି ରାଜ୍ୟଗୁଡ଼ିକ ଉପରେ ଛାଡ଼ିଦିଆଯାଇଛି, ତେବେ



ଇ.କେ. ପାଲାନିସ୍ୱାମୀ

ହିନ୍ଦୀଭାଷାକୁ ଲାଗୁ କରିବା ପାଇଁ କେନ୍ଦ୍ରର ଏହା ଏକ କୌଶଳପୂର୍ଣ୍ଣ ଉଦ୍ୟମ ବୋଲି ତାମିଲନାଡୁର ରାଜନୈତିକ ଦଳଗୁଡ଼ିକ ଭାବୁଛନ୍ତି। କେନ୍ଦ୍ର କୌଣସି ରାଜ୍ୟରେ କୌଣସି ଭାଷାକୁ ଲାଗୁ କରିବ ନାହିଁ ବୋଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ ରମେଶ ପୋଖରିୟାଲ ନିଶଙ୍କ ଟୁଇଟ୍ ମାଧ୍ୟମରେ ସ୍ପଷ୍ଟ କରିଥିଲେ।

## ଲଦାଖରେ ଶକ୍ତି ବଢ଼ାଉଛି ଭାରତ

ନୂଆଦିଲ୍ଲୀ,୩।୮: ଚାଇନା ସହ ସୀମା ବିବାଦ ସମାଧାନ ହେବା ପରିବର୍ତ୍ତେ ସ୍ଥିତି ବିଗିଡ଼ିବାରେ ଲାଗିଛି। ଚାଇନାର ସାମ୍ରାଜ୍ୟବାଦୀ ଆଭିମୁଖ୍ୟ ଯୋଗୁ ଭାରତ ସୀମାରେ ଶକ୍ତି ବୃଦ୍ଧି କରିବାରେ ଲାଗିଛି। ଦୌଲତବେଗ୍ ଓଲ୍‌ଡି ଓ ଦେପ୍‌ସାଙ୍ଗ ନିକଟରେ ୧୭ ହଜାରରୁ ଅଧିକ ସୈନ୍ୟ ଚାଇନା ମୁତୟନ କରବା ସହ ଯୁଦ୍ଧାସ୍ତ୍ର ମହଜୁଦ କରିଛି। ଏହାକୁ ଦୃଷ୍ଟିରେ ରଖି ଭାରତ ମଧ୍ୟ ସେନା ଓ ଟ୍ୟାଙ୍କ ଠୁଳ କରିବାରେ ଲାଗିପଡ଼ିଛି। ପିଏଲ୍‌ଏର ଯେକୌଣସି ଉଦ୍ୟମକୁ ପଣ୍ଡ କରିବା ଲାଗି ଜୋର୍‌ଦାର ପ୍ରସ୍ତୁତି ଚାଲିଛି। ସୀମା ଶାନ୍ତ ଲାଗି ଦୁଇଦେଶ ଆଲୋଚନା ଜାରି ରଖିଥିବାବେଳେ ସୀମାରେ ଉତ୍ତେଜନା ବଢ଼ିବାରେ ଲାଗିଛି। ଏଲ୍‌ଏସି ନିକଟ ଦେପ୍‌ସାଙ୍ଗ ଓ ଦୌଲତ ବେଗ୍ ଓଲ୍‌ଡିରେ ଚାଇନା ନିର୍ମାଣ କାର୍ଯ୍ୟ ଜାରି ରଖିଛି। ସେନା ଅପସାରଣ ପରେ ଶାନ୍ତି ଫେରିଲେ ପର୍ଯ୍ୟାୟ କ୍ରମେ ଆଲୋଚନା କରିବା ସପକ୍ଷରେ ଭାରତ ରହିଛି। ପ୍ରକାଶଥାଉ କି, ରବିବାର ଦୁଇଦେଶ ମଧ୍ୟରେ ମୋଲ୍‌ଡୋଠାରେ ସେନା କମାଣ୍ଡରସ୍ତରୀୟ ଆଲୋଚନା ହୋଇଥିଲା। ପୂର୍ବରୁ ଗଲ୍‌ୱାନ ଉପତ୍ୟକାରୁ ସେନା ଅପସାରଣ ଲାଗି ଚାଇନା ରାଜି ହୋଇଥିଲା। ଏବେ ସେ ଏହାକୁ ମାନୁନି। ଫଳରେ ଦୁଇଦେଶ ଲଦାଖ ସୀମାରେ ପୁଣି ମୁହାଁମୁହିଁ ହେବାର ଆଶଙ୍କା ସୃଷ୍ଟିହୋଇଛି।

ଅନ୍ୟପକ୍ଷରେ ଭାରତ ପ୍ରତିରକ୍ଷା ଉତ୍ପାଦନ ଖର୍ଚ୍ଚ ବୃଦ୍ଧି କରିବା ଲାଗି ଯୋଜନା କରୁଛି। ୨୦୨୫ ସୁଦ୍ଧା ପ୍ରତିରକ୍ଷା ସରଞ୍ଜାମ କିଣାରେ ୧.୭୫ ଲକ୍ଷ କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ଜଣାପଡ଼ିଛି। ପ୍ରତିରକ୍ଷା ମନ୍ତ୍ରଣାଳୟ ଦ୍ୱାରା ପ୍ରସ୍ତୁତ କରାଯାଇଥିବା ଏକ ଚିଠାରୁ ଏଭଳି ତଥ୍ୟ ପଦାକୁ ଆସିଛି। ଏହି ଡ୍ରାଫ୍ଟ ଡିଫେନ୍ସ ପ୍ରଡକ୍ସନ ଆଣ୍ଡ ଏକ୍ସପୋର୍ଟ ପ୍ରମୋଶନ ପଲିସି-୨୦୨୦ରେ ୩୫ ହଜାର କୋଟି ଟଙ୍କାର ଅନ୍ତରୀକ୍ଷ ଓ ପ୍ରତିରକ୍ଷା ସରଞ୍ଜାମ ଆଗାମୀ ୫ ବର୍ଷ ଲାଗି କ୍ରୟ କରାଯିବ।

## କ୍ୱାରାଣ୍ଟାଇନ୍‌ରେ ରାମମନ୍ଦିର ମୁଖ୍ୟ ପୂଜକ

ଅଯୋଧ୍ୟା,୩।୮(ଆଇଏଏନ୍‌ଏସ୍): ଭୂମିପୂଜା ଲାଗି ଜୋର୍‌ଦାର ପ୍ରସ୍ତୁତି ଚାଲିଥିବାବେଳେ ରାମମନ୍ଦିରର ମୁଖ୍ୟ ପୂଜକ ଆଚାର୍ଯ୍ୟ ସତ୍ୟେନ୍ଦ୍ର ଦାସଙ୍କୁ ହୋମ୍ କ୍ୱାରାଣ୍ଟାଇନ୍‌ରେ ରଖାଯାଇଛି। ତାଙ୍କ ସହଯୋଗୀ ପ୍ରଦୀପ ଦାସ ଜୁଲାଇ ୩୦ରେ କରୋନା ଆକ୍ରାନ୍ତ ହୋଇଛନ୍ତି। ତେଣୁ ରାମମନ୍ଦିର ପରିସର ମଧ୍ୟକୁ ନ ଯିବା ଲାଗି ଟ୍ରଷ୍ଟ ପକ୍ଷରୁ ତାଙ୍କୁ କୁହାଯାଇଛି। ଭୂମିପୂଜାରେ ତାଙ୍କ ସ୍ଥାନରେ ଅନ୍ୟ ପୂଜକଙ୍କୁ ନିୟୋଜିତ କରାଯାଇଛି।

## ସୁଶାନ୍ତ ସିଂ ମୃତ୍ୟୁ ଘଟଣା | ବିଧାନସଭାରେ ସିବିଆଇ ତଦନ୍ତ ଦାବି


ପାଟନା,୩।୮: ଅଭିନେତା ସୁଶାନ୍ତ ସିଂ ରାଜପୁତ ମୃତ୍ୟୁ ମାମଲାକୁ ନେଇ ବିହାର ବିଧାନସଭାରେ ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ସିବିଆଇ ତଦନ୍ତ ଦାବି କରାଯାଇଛି। ସୋମବାରଠାରୁ ବିଧାନସଭା ଅଧିବେଶନ ଆରମ୍ଭ ହୋଇଥିବା ବେଳେ ସମସ୍ତ ଦଳର ବିଧାୟକମାନେ ଏକ ସ୍ୱରରେ ଏହାର ତଦନ୍ତ ସିବିଆଇକୁ ଦିଆଯିବା ଉଚିତ ବୋଲି କହିଥିଲେ। ଗୃହରେ ବିରୋଧୀ ଦଳ ନେତା ତେଜସ୍ୱୀ ଯାଦବ ମଧ୍ୟ ମାମଲାର ସିବିଆଇ ତଦନ୍ତ କରାଯିବା ଦରକାର ବୋଲି ମତ ରଖିଥିଲେ। ସୁଶାନ୍ତଙ୍କ ପରିବାର ପଛରେ ଆର୍‌ଜେଡି ରହିଛି ବୋଲି ସେ କହିଥିଲେ। ବିଧାୟକ ତଥା ସୁଶାନ୍ତଙ୍କ ଭାଇ ନୀରଜ କୁମାର ବବ୍‌ଲୁ କହିଥିଲେ, ବିହାର ପୋଲିସ ତଦନ୍ତ ଲାଗି ମୁମ୍ବାଇ ଯାଇଥିଲେ ହେଁ ସେଠାକାର ପୋଲିସ ସହଯୋଗ କରୁନାହାଁ। ତଦନ୍ତ ଠିକ୍ ବାଟରେ କରାଯାଉନାହିଁ। ବିହାର ପୋଲିସ ଆଇପିଏସ୍ ଅଧିକାରୀ ବିନୟ ତିୱାରୀ ତଦନ୍ତ ଲାଗି ସେଠାକୁ ଯାଇଥିବାବେଳେ ତାଙ୍କୁ ବଳପୂର୍ବକ କ୍ୱାରାଣ୍ଟାଇନ୍‌ରେ ରଖାଯାଇଛି। ବିହାର ପୋଲିସକୁ ମୁମ୍ବାଇ ପୋଲିସର ଦୁର୍ବ୍ୟବହାର ସାରା ଦେଶ ଦେଖୁଛି। ଏହାକୁ ଯେତେ ନିନ୍ଦାକଲେ କମ୍ ହେବ ବୋଲି ସେ କହିଥିଲେ। ଉଚିତ ତଦନ୍ତ ଲାଗି ସିବିଆଇକୁ ମାମଲା ହସ୍ତାନ୍ତର କରାଯିବା ଦରକାର ବୋଲି ବବ୍‌ଲୁ କହିଛନ୍ତି। ତାଙ୍କୁ ତେଜସ୍ୱୀ ଯାଦବଙ୍କ ସହ କଂଗ୍ରେସ, ଜେଡିୟୁ ଓ ଅନ୍ୟ ସମସ୍ତ ବିଧାୟକମାନେ ସମର୍ଥନ କରିଥିଲେ।

### ମାନସିକ ଚାପରେ ଥିଲେ ଅଭିନେତା

ମୁମ୍ବାଇ,୩।୮

ଅଭିନେତା ସୁଶାନ୍ତ ସିଂ ମୃତ୍ୟୁ ମାମଲାକୁ ନେଇ ବାଦବିବାଦ ଲାଗିଥିବାବେଳେ ମୁମ୍ବାଇ ପୋଲିସ ସୋମବାର ରହସ୍ୟ ଖୋଲିଛି। ଆତ୍ମହତ୍ୟା ପୂର୍ବରୁ ସୁଶାନ୍ତ ମାନସିକ ଭାବେ ଚାପଗ୍ରସ୍ତ ଥିଲେ। ବାଇପୋଲାର ଡିଜ୍‌ଅର୍ଡର ଯୋଗୁ ସେ ଚିକିତ୍ସିତ ହେବା ସହ ଔଷଧ ମଧ୍ୟ ଖାଉଥିଲେ ବୋଲି ମୁମ୍ବାଇ ପୋଲିସ ମୁଖ୍ୟ ପରମ୍‌ବୀର ସିଂ ପ୍ରକାଶ କରିଛନ୍ତି। ଏନେଇ ଡାକ୍ତର ମତ ରଖିଥିବା ସେ ପ୍ରକାଶ କରିଛନ୍ତି।

ପୂର୍ବତନ ମ୍ୟାନେଜର ଦିଶା ସାଲିଆନ୍ ଜୁନ୍ ୮ରେ ଆତ୍ମହତ୍ୟା କରିଥିବା ବେଳେ ଏହାକୁ ନେଇ ସୁଶାନ୍ତ ଚିନ୍ତିତ ଥିଲେ। ସର୍ବଦା ମାନସିକ ଚାପରେ ରହୁଥିଲେ। ଶେଷରେ ସେ କଷ୍ଟହୀନ ମୃତ୍ୟୁ ଚାହୁଁଥିବା ଗୁଗଲରେ ଦର୍ଶାଇଥିଲେ। ତାଙ୍କ ମୋବାଇଲ ଓ ଲାପ୍‌ଟପ୍‌ରୁ ଏହା ଜଣାପଡ଼ିଛି। ତେବେ



ସୁଶାନ୍ତ ସିଂ ରାଜପୁତ

କେଉଁ କାରଣରୁ ସେ ଆତ୍ମହତ୍ୟା କରିବାକୁ ଚାହୁଁଥିଲେ, ସେନେଇ ତଦନ୍ତ କରାଯାଉଥିବା ମୁମ୍ବାଇ ପୋଲିସ ପ୍ରକାଶ କରିଛି। ମାମଲାରେ କୌଣସି ରାଜନେତାଙ୍କ ନାମ ନାହିଁ। ରିଆ ଚକ୍ରବର୍ତ୍ତୀଙ୍କ ବିରୋଧରେ ସୁଶାନ୍ତଙ୍କ ପରିବାର ଆଣିଥିବା ଅଭିଯୋଗର ତଦନ୍ତ ଚାଲିଛି। ସୁଶାନ୍ତଙ୍କ ଆକାଉଣ୍ଟରେ ୧୮ କୋଟି ଟଙ୍କା ଥିଲା। ତାଙ୍କ

- ରହସ୍ୟ ଖୋଲିଲା ମୁମ୍ବାଇ ପୋଲିସ
- ବାଇପୋଲାର ଡିଜ୍‌ଅର୍ଡର ଯୋଗୁ ଔଷଧ ଖାଉଥିଲେ

ଆକାଉଣ୍ଟରେ ଏବେ ୪.୫ କୋଟି ଅଛି। ପ୍ରାୟ ୧୫ କୋଟି ହେର୍‌ଫେର୍ ହୋଇଛି। ହେଲେ ସୁଶାନ୍ତଙ୍କ ଆକାଉଣ୍ଟରୁ ରିଆଙ୍କ ଆକାଉଣ୍ଟକୁ ଟଙ୍କାଟିଏ ବି ଆସି ନ ଥିବା ତଦନ୍ତରୁ ଜଣାପଡ଼ିଛି। ରିଆଙ୍କ ସମେତ ମୋଟ ୫୬ ଜଣଙ୍କୁ ଏହି ମାମଲାରେ ଜେରା କରାଯାଇଛି ବୋଲି ପରମ୍‌ବୀର କହିଛନ୍ତି। ରିଆ ପୋଲିସକୁ ସହଯୋଗ କରୁଛନ୍ତି ଓ ତାଙ୍କ ବୟାନ ରେକର୍ଡ କରାଯାଇଛି। ମାମଲାର ବିଭିନ୍ନ ଦିଗକୁ ମୁମ୍ବାଇ ପୋଲିସ ତନ୍ନ ତନ୍ନ କରି ଦେଖୁଛି ବୋଲି ପରମ୍‌ବୀର ପ୍ରକାଶ କରିଛନ୍ତି।

## ସୁନ୍ନି ୱାକଫ୍ ବୋର୍ଡକୁ ମିଳିଲା ଜମି

ଅଯୋଧ୍ୟା,୩।୮(ଆଇଏଏନ୍‌ଏସ୍): ରାମମନ୍ଦିର ନିର୍ମାଣ ଲାଗି ଭୂମିପୂଜାର ବିରାଟ ପ୍ରସ୍ତୁତି ଚାଲିଥିବାବେଳେ ସୋମବାର ଅଯୋଧ୍ୟା ଜିଲାପାଳ ଅନୁଜ କୁମାର ଝା ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ମସ୍‌ଜିଦ ଲାଗି ଫୈଜାବାଦର ଧନିପୁରଠାରେ ଥିବା ୫ ଏକର ଜମି ସୁନ୍ନି ୱାକଫ୍ ବୋର୍ଡକୁ ହସ୍ତାନ୍ତର କରିଛନ୍ତି। ଜୁଫର ଫାରୁକିଙ୍କ ଅଧ୍ୟକ୍ଷତାରେ ଗଠିତ ନୂତନ ମସ୍‌ଜିଦ ଟ୍ରଷ୍ଟ ଓ ବୋର୍ଡର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସୟାଦ୍ ମୋହମ୍ମଦ ଶୋଇବ୍ ଅଯୋଧ୍ୟା ଜିଲାପାଳଙ୍କୁ ଭେଟିବା ପରେ ଏହି କାର୍ଯ୍ୟ ସମ୍ପାଦନ କରାଯାଇଛି। ଜିଲାପାଳ ରେଭେନ୍ୟୁ ରେକର୍ଡର ସାର୍ଟିଫାଏଡ୍ କପି ପ୍ରଦାନ କରିଥିଲେ। ସୁପ୍ରିମକୋର୍ଟ ପକ୍ଷରୁ ୨୦୧୯ ନଭେମ୍ବର ୯ରେ ସୁନ୍ନି ୱାକଫ୍ ବୋର୍ଡକୁ ଅଯୋଧ୍ୟାରେ ମସ୍‌ଜିଦ୍ ନିର୍ମାଣ ଲାଗି ୫ ଏକର ଜମି ଦେବାକୁ ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ୨୦୨୦ ଫେବୃୟାରୀରେ ଉତ୍ତରପ୍ରଦେଶ ସରକାର ରାମ ଜନ୍ମଭୂମିଠାରୁ ୨୫ କିମି ଦୂର ଧନିପୁର ଗ୍ରାମରେ ଏଥିଲାଗି ଜମି ଦେବାକୁ ଘୋଷଣା କରିଥିଲେ। ମସ୍‌ଜିଦ୍ ଲାଗି ଜମି ପାଇବା ପରେ ସୁନ୍ନି ୱାକଫ୍ ବୋର୍ଡର ସିଇଓ ଶୋଏବ୍ କହିଛନ୍ତି, ପରବର୍ତ୍ତୀ ବୈଠକରେ ମସ୍‌ଜିଦ୍ ନିର୍ମାଣ ସମ୍ପର୍କରେ ଆଲୋଚନା କରାଯିବ।

## ଅକ୍ସଫୋର୍ଡ ଟିକାର ମାନବ ପରୀକ୍ଷା ପାଇଁ ସେରମ୍ ଇନ୍‌ଷ୍ଟିଚ୍ୟୁଟ୍‌କୁ ଅନୁମତି

ନୂଆଦିଲ୍ଲୀ ୩।୮(ପି.ଟି.): ଭାରତରେ ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟ ପ୍ରସ୍ତୁତ କୋଭିଡ୍ ଟିକାର ମାନବ ଶରୀରରେ ପରୀକ୍ଷା ପାଇଁ ସେରମ୍ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଇଣ୍ଡିଆକୁ ଅନୁମତି ମିଳିଛି। କୋଭିଡ୍-୧୯ ସବ୍‌ଜେକ୍ଟ ଏକ୍ସପର୍ଟ କମିଟି (ଏସ୍‌ଇସି)ର ସୁପାରିସକ୍ରମେ ଦ୍ୱିତୀୟ ଓ ତୃତୀୟ ପର୍ଯ୍ୟାୟ କ୍ଲିନିକାଲ ପରୀକ୍ଷା ଲାଗି ଭାରତର ଡ୍ରଗ୍ସ କଣ୍ଟ୍ରୋଲର ଜେନେରାଲ (ଡିସିଜିଆଇ) ଡ. ଭି.ଜି. ସୋମାନି ଅନୁମତି ଦେଇଛନ୍ତି।

ପରୀକ୍ଷାରେ ଭାଗନେବାକୁ ଥିବା ସ୍ୱେଚ୍ଛାସେବୀଙ୍କୁ ୪ ସପ୍ତାହ ବ୍ୟବଧାନରେ ଦୁଇଥର ଟିକା ପ୍ରଦାନ କରାଯିବ। ଏହା ପରେ ଟିକାର ନିରାପତ୍ତା ଓ ପ୍ରତିଷେଧକ କ୍ଷମତା ଅନୁଧ୍ୟାନ କରାଯାଇ ତଥ୍ୟ କେନ୍ଦ୍ରୀୟ ଡ୍ରଗ୍ସ ଷ୍ଟାଣ୍ଡାର୍ଡ କଣ୍ଟ୍ରୋଲ ଅର୍ଗାନାଇଜେଶନ (ସିଡିଏସ୍‌ସିଓ)କୁ ଦିଆଯିବ। ସମ୍ପ୍ରତି ଅକ୍ସଫୋର୍ଡ ଟିକାର ଦ୍ୱିତୀୟ ଓ ତୃତୀୟ ପର୍ଯ୍ୟାୟ କ୍ଲିନିକାଲ ପରୀକ୍ଷା ବ୍ରିଟେନରେ ହେଉଥିବାବେଳେ ବ୍ରାଜିଲରେ ତୃତୀୟ ପର୍ଯ୍ୟାୟ ଏବଂ ଦକ୍ଷିଣ ଆଫ୍ରିକାରେ ପ୍ରଥମ ଓ ଦ୍ୱିତୀୟ ପର୍ଯ୍ୟାୟ ପରୀକ୍ଷା ହେଉଛି।

# ଦୁଇତୃତୀୟାଂଶ ପ୍ରବାସୀ ଶ୍ରମିକ ସହରମୁହାଁ

ନୂଆଦିଲ୍ଲୀ ୩।୮(ପି.ଟି.)

କରୋନା ମହାମାରୀ ଜନିତ ଲକ୍‌ଡାଉନ ଯୋଗୁ କାମଧନ୍ଦା ହରାଇ ଭିଟାମାଟିକୁ ଫେରିଆସିଥିବା ପ୍ରବାସୀ ଶ୍ରମିକମାନେ ପୁଣି କାମ ଅନ୍ୱେଷଣରେ ସହରକୁ ଫେରିବା ଆରମ୍ଭ କରିଛନ୍ତି। ଗ୍ରାମାଞ୍ଚଳରେ ଦକ୍ଷତା ଅନୁସାରେ କାର୍ଯ୍ୟ ମିଳୁ ନ ଥିବାରୁ ଲକ୍‌ଡାଉନ ବେଳେ ଫେରିଥିବା ଦୁଇତୃତୀୟାଂଶ ଶ୍ରମିକ ସହରକୁ ଫେରିଲେଣି କିମ୍ବା ଫେରିଯିବା ଯୋଜନାରେ ଅଛନ୍ତି। ୧୧ ରାଜ୍ୟର ୪୮ଟି ଜିଲାରୁ ୪,୮୩୫ ପରିବାରକୁ ନେଇ କରାଯାଇଥିବା ସର୍ଭେରୁ ଏହା ଜଣାପଡିଛି। ଉକ୍ତ ଅଧ୍ୟୟନ ଅନୁଯାୟୀ ୨୯ ପ୍ରତିଶତ ପ୍ରବାସୀ ଶ୍ରମିକ ସହରକୁ ଫେରିଗଲେଣି। ଅନ୍ୟ ୪୫ ପ୍ରତିଶତ ଫେରିଯିବା ପାଇଁ ଚାହୁଁଛନ୍ତି।

ଗ୍ରାମାଞ୍ଚଳରେ ଅନ୍‌ଲକ୍ କିପରି କାର୍ଯ୍ୟକାରୀ ହେଉଛି ତାହା ଉପରେ ଆଗା ଖାନ୍ ରୁରାଲ ସପୋର୍ଟ ପ୍ରୋଗ୍ରାମ (ଇଣ୍ଡିଆ), ଆକ୍ସନ ଫର୍ ସୋସିଆଲ ଆଡଭାନ୍ସମେଣ୍ଟ, ଗ୍ରାମୀଣ ସହର, ଆଇ-ସକ୍ଷମ, ପ୍ରଦାନ(ପ୍ରଫେସନାଲ ଆସିଷ୍ଟାଣ୍ଟ ଫର୍ ଡେଭେଲପମେଣ୍ଟ ଆକ୍ସନ),



ସେବା ମନ୍ଦିର, ଟ୍ରାନ୍ସଫର୍ମ ରୁରାଲ ଇଣ୍ଡିଆ ଫାଉଣ୍ଡେଶନ ଆଦି ସଂସ୍ଥା ପକ୍ଷରୁ ମିଳିତ ଭାବେ ଏହି ସର୍ଭେ କରାଯାଇଥିଲା। ସର୍ଭେ ଅନୁଯାୟୀ ଯେଉଁ ପ୍ରବାସୀ ଗାଁକୁ ଫେରିଥିଲେ ସେମାନଙ୍କୁ ସେଠାରେ କେବଳ ଶ୍ରମଭିତ୍ତିକ କାର୍ଯ୍ୟ ମିଳିଥିଲା। ଗ୍ରାମାଞ୍ଚଳରେ କୌଶଳଭିତ୍ତିକ କାର୍ଯ୍ୟର ଅଭାବ ୮୦ ପ୍ରତିଶତରୁ ଅଧିକ ଅନୁଭବ କରିଥିଲେ। ଏକ ଚତୁର୍ଥାଂଶ ଦାଦନ ଏବେ ବି ଗ୍ରାମରେ କାମ ଅନ୍ୱେଷଣ କରୁଥିବା ଅଧ୍ୟୟନରୁ ଜଣାପଡିଛି। ପ୍ରତି ୪ ପରିବାରରୁ ଗୋଟିଏ ପରିବାର ସେମାନଙ୍କ ତୃତୀୟ ପିଲାକୁ ସ୍କୁଲରୁ ଫେରାଇନେବାକୁ ଚିନ୍ତା କରୁଛନ୍ତି। ଗ୍ରାମୀଣ ଭାରତରେ କୋଭିଡ୍-୧୯ ଜନିତ ସ୍ୱାସ୍ଥ୍ୟ ସମସ୍ୟା ବଢ଼ିଚାଲିଥିବା ଅଧ୍ୟୟନରେ ସତର୍କ କରିଦିଆଯାଇଛି।

ଲକ୍‌ଡାଉନ ଯୋଗୁ ଲୋକମାନଙ୍କର ଆୟ ଯଥେଷ୍ଟ ହ୍ରାସ ପାଇଛି। ଫଳରେ ୪୩ ପ୍ରତିଶତ ପରିବାର ଖାଇବା କମାଇଦେଇଥିବାବେଳେ ୫୫ ପ୍ରତିଶତ ସେମାନଙ୍କ ଖାଦ୍ୟରେ ବ୍ୟଞ୍ଜନ ସଂଖ୍ୟା କମାଇଦେଇଥିବା ସର୍ଭେରୁ ଜଣାପଡିଛି। ଅନ୍‌ଲକ କାର୍ଯ୍ୟକାରୀ ହେବା ପରେ ସ୍ଥିତିରେ ସାମାନ୍ୟ ଉନ୍ନତି ଘଟିଛି। ସାଧାରଣ ବଣ୍ଟନ ବ୍ୟବସ୍ଥାରେ ଖାଦ୍ୟଶସ୍ୟ ମିଳିଯାଉଥିବାରୁ ଗରିବ ଶ୍ରେଣୀର ପରିବାର କୌଣସି ପ୍ରକାରେ ଚଳିଯାଉଛନ୍ତି। ସେମାନେ ବଜାରରୁ କିଣାକିଣି କରିବା କମାଇଦେଇଛନ୍ତି।

### ସର୍ଭେ ରିପୋର୍ଟ

- ଗ୍ରାମାଞ୍ଚଳରେ ମିଳୁନି ଦକ୍ଷତା ଅନୁଯାୟୀ କାମ
- ୨୫% ପରିବାର ସେମାନଙ୍କ ତୃତୀୟ ପିଲାଙ୍କୁ ସ୍କୁଲ୍‌ରୁ ଫେରାଇନେବାକୁ ଚାହାନ୍ତି
- ୪୩% ଖାଇବା କମାଇଦେଇଛନ୍ତି

ଆର୍ଥିକ ଦୁଃସ୍ଥିତିରୁ ମୁକ୍ତିପାଇବା ପାଇଁ ୬ ପ୍ରତିଶତ ପରିବାର ସେମାନଙ୍କର ଘରକରଣା ସାମଗ୍ରୀ ବନ୍ଧକ ରଖିଥିବାବେଳେ ୧୫ ପ୍ରତିଶତ ସେମାନଙ୍କର ପ୍ରାଣୀ ସମ୍ପଦ ବିକ୍ରି କରିଦେଇଛନ୍ତି। ୨ ପ୍ରତିଶତ ଗୋରୁଗାଈ ବିକିଥିବାବେଳେ ଅନ୍ୟ ୨ ପ୍ରତିଶତ ଜମି ବନ୍ଧକ ରଖିଛନ୍ତି। ୧ ପ୍ରତିଶତ ସେମାନଙ୍କ ଜମି ବିକ୍ରି କରିଦେଇଛନ୍ତି। ୧୦ ପ୍ରତିଶତ ସେମାନଙ୍କ ସମ୍ପର୍କୀୟଙ୍କ ଠାରୁ ହାତ ଉଧାରି କରିଥିବାବେଳେ ୭ ପ୍ରତିଶତ ମହାଜନଙ୍କଠାରୁ ଋଣ କରିଥିବା ସର୍ଭେରୁ ଜଣାପଡିଛି।


## 'ସିଜେଆଇଙ୍କୁ ସମାଲୋଚନା ସର୍ବୋଚ୍ଚ ଅଦାଲତଙ୍କ ପ୍ରଭୁତ୍ୱକୁ ନ୍ୟୁନ କରୁନାହିଁ'

### ସୁପ୍ରିମକୋର୍ଟରେ ପ୍ରଶାନ୍ତ ଭୂଷଣଙ୍କ ସତ୍ୟପାଠ

ନୂଆଦିଲ୍ଲୀ, ୩।୮

ସୁପ୍ରିମକୋର୍ଟରେ ଅଦାଲତ ଅବମାନନା ମାମଲାର ସମ୍ମୁଖୀନ ହୋଇଥିବା ବରିଷ୍ଠ ଆଇନଜୀବୀ ପ୍ରଶାନ୍ତ ଭୂଷଣ ଏକ ସତ୍ୟପାଠ ଦାଖଲ କରି କହିଛନ୍ତି, ଭାରତର ପ୍ରଧାନ ବିଚାରପତି (ସିଜେଆଇ)ଙ୍କୁ ସମାଲୋଚନା କରିବା ସର୍ବୋଚ୍ଚ ଅଦାଲତଙ୍କୁ ବଦନାମ କରୁନାହିଁ କିମ୍ବା ଏହାର ପ୍ରଭୁତ୍ୱକୁ ନ୍ୟୁନ କରୁନାହିଁ। ସିଜେଆଇଙ୍କୁ ସୁପ୍ରିମକୋର୍ଟ ଏବଂ ସୁପ୍ରିମକୋର୍ଟଙ୍କୁ ସିଜେଆଇ ଭାବେ ବିବେଚନା କରାଯିବା ଭାରତର ସର୍ବୋଚ୍ଚ ଅଦାଲତକୁ ଦୁର୍ବଳ କରିଦେବ ବୋଲି ସେ କହିଛନ୍ତି।

ସିଜେଆଇ ଏସ୍.ଏ. ବୋବ୍‌ଡେ ଓ ନ୍ୟାୟ ବ୍ୟବସ୍ଥା ଉପରେ ପୂର୍ବରୁ ପ୍ରଶାନ୍ତ ଭୂଷଣ କରିଥିବା ଟୁଇଟ୍‌କୁ ନେଇ ଜଷ୍ଟିସ୍ ଅରୁଣ ମିଶ୍ରଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ତାଙ୍କୁ ଅଦାଲତ ଅବମାନନା ନୋଟିସ ଜାରି କରିଥିଲେ। ସିଜେଆଇ ଛୁଟିରେ ନାଗପୁରରେ ଥିବାବେଳେ ଏକ ସୁପରବାଇକ୍‌ରେ ବସିଥିଲେ, ଯାହାକୁ ନେଇ ବରିଷ୍ଠ ଆଇନଜୀବୀ ଟୁଇଟ୍ କରିଥିଲେ। କରୋନା ମହାମାରୀ ଯୋଗୁ ୩



ମାସରୁ ଊର୍ଦ୍ଧ୍ୱ ସମୟ ଧରି ସୁପ୍ରିମକୋର୍ଟରେ ଭିଡିଓ କନ୍‌ଫରେନ୍ସ ଜରିଆରେ କ୍ୱଚିତ ମାମଲା ଶୁଣାଣି ହେଉଥିବାରୁ ସେ ନିଜର ମନବ୍ୟଥା ଜଣାଇବା ପାଇଁ ଏଭଳି ଟୁଇଟ୍ କରିଥିଲେ ବୋଲି କହିଛନ୍ତି। ସତ୍ୟପାଠରେ ଆହୁରି କୁହାଯାଇଛି, ୪ ପୂର୍ବତନ ସିଜେଆଇଙ୍କ ସମ୍ପର୍କରେ ପ୍ରଶାନ୍ତ ଭୂଷଣଙ୍କ ଟୁଇଟ୍ ସେମାନଙ୍କ ସମ୍ପର୍କରେ ତାଙ୍କର ଯଥାର୍ଥ ଧାରଣା। ଗଣତନ୍ତ୍ରକୁ ନଷ୍ଟ କରିବାକୁ ସୁପ୍ରିମକୋର୍ଟ ସୁଯୋଗ ଦେଉଛି ବୋଲି ସେ ଯେଉଁ ମତାମତ ଦେଇଥିଲେ, ତାହା ଅପ୍ରିୟ ତଥା ଅରୁଚିକର ହୋଇପାରେ, କିନ୍ତୁ ଅଦାଲତ ଅବମାନନା ହୋଇପାରିବ ନାହିଁ ବୋଲି ସତ୍ୟପାଠରେ କୁହାଯାଇଛି।

ଧରିତ୍ରୀ
DHARITRI
ମଙ୍ଗଳବାର, ୪ ଅଗଷ୍ଟ, ୨୦୨୦



**ଦୁଇ ବାଇକ ମୁହାଁମୁହିଁ ଧକ୍କା, ଜଣେ ମୃତ**

ବେଦବ୍ୟାସ, (ଡି.ଏନ.ଏ.): ସୁନ୍ଦରଗଡ ଜିଲ୍ଲା ବ୍ରହ୍ମଣୀତରଙ୍ଗ ଥାନା କଲୁଙ୍ଗା ଫାଣ୍ଡି ରେଳାପୋଷଠାରେ ସୋମବାର ସନ୍ଧ୍ୟାରେ ଦୁଇ ବାଇକ ମୁହାଁମୁହିଁ ଧକ୍କା ହେବାରୁ ଜଣଙ୍କର ମୃତ୍ୟୁ ହେବା ସହ ଅନ୍ୟ ଦୁଇ ଜଣ ଗୁରୁତର ହୋଇଛନ୍ତି। ମୃତକ ହେଲେ ଥାନା ଅନ୍ତର୍ଗତ ପତ୍ରାର ବ୍ରଜ କିଷାନ(୨୭)। ଆହତ ବ୍ରଜଙ୍କ ଭାଉଜ କମଳା କିଷାନ ଓ ଟାଇଁସରର ବିଜୟ କୁମାର ମଲ୍ଲିକଙ୍କୁ ରାଉରକେଲା ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ବ୍ରଜ ଓ କମଳା ଗୋଟିଏ ବାଇକରେ ଆସୁଥିବା ବେଳେ ବିପରୀତ ଦିଗରୁ ବିଜୟ ଅନ୍ୟ ଏକ ବାଇକରେ ଆସୁଥିଲେ। ପୋଲିସ ଦୁର୍ଘଟଣାଗ୍ରସ୍ତ ଦୁଇଟି ଯାକ ବାଇକକୁ ଜବତ କରିଛି।

# ଚାଷୀଙ୍କୁ ମିଳୁନି ଆର୍‌କେଭିୱାଇ ସହାୟତା

ଯାଜପୁର ଅଫିସ,୩।୮



ରସୁଲପୁର ବ୍ଲକ ନଠୁଆବର ପଞ୍ଚାୟତର ଆଦମପୁର ଗ୍ରାମର ପରିବା ଚାଷୀମାନେ।

■ କରୋନାରେ ଦୋହଲିଯାଇଛି ଚାଷୀଙ୍କ ଆର୍ଥିକ ସ୍ଥିତି

■ ମିନି କିଟ୍, ଛତୁ, ଫୁଲ, ହାଇବ୍ରିଡ୍ ଚାଷ ପାଇଁ ୭୨.୭ ଲକ୍ଷ ମଞ୍ଜୁର

ଗତ ୨ ବର୍ଷ ମଧ୍ୟରେ ସାମୁଦ୍ରିକ ବାତ୍ୟା ହୁଡ୍‌ହୁଡ୍, ତିତ୍‌ଲି, ଫନୀ ଓ ଅମ୍ଫାନ ଯୋଗୁ ଯାଜପୁର ଜିଲାର ଚାଷୀମାନେ ବିପୁଳ କ୍ଷତି ସହିଛନ୍ତି। ସେମାନଙ୍କ ବର୍ଷବର୍ଷର ସଞ୍ଚିତ ସମ୍ବଳ, ଫସଲ, ବୃକ୍ଷ ସମ୍ପଦ ନଷ୍ଟ ହୋଇଛି। ଏବେ ମହାମାରୀ କରୋନା ଜନିତ ଅଚଳାବସ୍ଥା ଯୋଗୁ ସେମାନଙ୍କ ଆର୍ଥିକ ସ୍ଥିତି ଦୋହଲି ଯାଇଛି। ଚାଷୀଙ୍କୁ ସହାୟତା ପାଇଁ ରାଜ୍ୟ ସରକାରଙ୍କ ଉଦ୍ୟାନ କୃଷି ନିର୍ଦ୍ଦେଶାଳୟ ପକ୍ଷରୁ ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା (ଆରକେଭିୱାଇ)ରେ ଯାଜପୁର ଜିଲାର ଚାଷୀଙ୍କୁ ପନିପରିବା ମିନି କିଟ୍, ଫୁଲ ଚାଷ, ଛତୁ ଚାଷ, ହାଇବ୍ରିଡ୍ ଚାଷ ପାଇଁ ୭୨ ଲକ୍ଷ ୭୦ ହଜାର ୮୫୦ ଟଙ୍କାର ସହାୟତା ମଞ୍ଜୁର କରାଯାଇଛି। ହେଲେ ଏଯାଏ ଜିଲାର ଚାଷୀମାନେ ତାହା ପାଇପାରି ନାହାନ୍ତି। ପୂର୍ବ ବାତ୍ୟା ସମୟରେ ମଧ୍ୟ ସରକାରଙ୍କ ପକ୍ଷରୁ କିଚେନ ଗାର୍ଡେନ ପାଇଁ ପନିପରିବା କିଟ୍ ବଣ୍ଟନ କରିବାକୁ ନିର୍ଦ୍ଦେଶ ହୋଇଥିଲା। କିନ୍ତୁ ଜିଲାର ଅଧିକାଂଶ ପନିପରିବା ଚାଷୀ ଏଭଳି ମିନି କିଟ୍ କେବେ ଦେଖି ନ ଥିବା କହିଛନ୍ତି।

ଲକ୍‌ଡାଉନ୍, ଶଟ୍‌ଡାଉନ୍ ଯୋଗୁ ଓଡ଼ିଶାର ଧାନ ଓ ପନିପରିବା ଚାଷୀମାନେ ସର୍ବହରା ହୋଇପଡ଼ିଛନ୍ତି। ସେମାନଙ୍କୁ ସହାୟତା ପାଇଁ ଆରକେଭିୱାଇରେ ୩୪୦୦.୮ ଲକ୍ଷ ଟଙ୍କା ମଞ୍ଜୁର ହୋଇଛି। ରାଜ୍ୟ ଉଦ୍ୟାନ କୃଷି ନିର୍ଦ୍ଦେଶାଳୟ ବିଭିନ୍ନ ପ୍ରକଳ୍ପ ଜରିଆରେ ଉକ୍ତ ଅର୍ଥ ଚାଷୀଙ୍କୁ ଯୋଗାଇବାର ବ୍ୟବସ୍ଥା ରହିଛି। ତଦନୁଯାୟୀ ବିଭିନ୍ନ ଜିଲାର ଉଦ୍ୟାନ କୃଷି ବିଭାଗ ୨୮୬୪ ଲକ୍ଷ ଟଙ୍କା ପାଇସାରିଥିବା ଉଦ୍ୟାନ କୃଷି ନିର୍ଦ୍ଦେଶକଙ୍କ ଗତ ୩୦ ତାରିଖ ଚିଠିରୁ ଜଣାପଡ଼ିଛି। ତୁରନ୍ତ ଉକ୍ତ ଅର୍ଥ ବିନିଯୋଗ କରିବାକୁ ଚିଠିରେ ନିର୍ଦ୍ଦେଶ ଦିଆଯାଇଛି। ଯାଜପୁର ଜିଲାର ୧୦ ବ୍ଲକ ଅଞ୍ଚଳରେ ବିଭିନ୍ନ ପର୍ଯ୍ୟାୟରେ କିଚେନ ଗାର୍ଡେନ ପାଇଁ ୧୫,୯୨୦ ଜଣ ଚାଷୀଙ୍କୁ ମିନି କିଟ୍ ବଣ୍ଟନ କରିବାକୁ ଧାର୍ଯ୍ୟ ହୋଇଛି। ମିନି କିଟ୍ ପିଛା ୧୩୦ ଟଙ୍କା ହିସାବରେ ୨୦,୬୯,୬୦୦ ଟଙ୍କା ବିନିଯୋଗ ହୋଇଛି। ସେହିପରି ଫୁଲ ଚାଷ ପାଇଁ ଜିଲାର ୧୫୦ ଚାଷୀଙ୍କୁ ଚିହ୍ନଟ କରାଯାଇଛି। ଚାଷୀ ପିଛା ୬୦୦୦ ଟଙ୍କା ହିସାବରେ ୯ ଲକ୍ଷ ଟଙ୍କା ବଣ୍ଟନ କରିବାକୁ ଧାର୍ଯ୍ୟ ହୋଇଛି। ସେହିପରି ଜିଲାରେ ଛତୁ ଚାଷ ପାଇଁ ବ୍ୟକ୍ତିଗତ ଓ ଗୋଷ୍ଠୀଗତ ଭାବେ ଆର୍ଥିକ ସହାୟତା ଦିଆଯାଉଛି। ୧୦୦୦ ଟଙ୍କା ହିସାବରେ ବ୍ୟକ୍ତିଗତ ଭାବେ ୪୦୦ ହିତାଧିକାରୀଙ୍କୁ ୪ ଲକ୍ଷ ଟଙ୍କା ଏବଂ ୧୦ ହଜାର ଟଙ୍କା ହିସାବରେ ଗୋଷ୍ଠୀଗତ ଭାବେ ୨୦୦ ଏସ୍‌ଏଚ୍‌ଜି/ଏଫଆଇଜିମାନଙ୍କୁ ୨୦ ଲକ୍ଷ ଟଙ୍କା ନିର୍ଦ୍ଧାରଣ ହୋଇଛି। ସେହିପରି ହାଇବ୍ରିଡ୍ କୃଷିଜାତ ଦ୍ରବ୍ୟ ଚାଷ ପାଇଁ ୧୨,୫୫୦ ଟଙ୍କା ସବ୍‌ସିଡିରେ ୧୫୦ ଦଳକୁ ସାମିଲ କରାଯାଇଛି। ଏଥିରେ ୧୯,୦୧,୨୫୦ ଟଙ୍କା ଖର୍ଚ୍ଚ ହେବ ବୋଲି ବିଭାଗ ପକ୍ଷରୁ ରିପୋର୍ଟରେ ଦର୍ଶାଯାଇଛି। ବାସ୍ତବରେ ଜିଲାର ଅଧିକାଂଶ ଚାଷୀ ଏହିସବୁ ସୁବିଧାରୁ ବଞ୍ଚିତ ହୋଇଛନ୍ତି, ଯାହାକି ରସୁଲପୁର ବ୍ଲକ ଶ୍ରୀବନ୍ତପୁର, ଜାବରା ଆଦି ପଞ୍ଚାୟତର ଚାଷୀମାନଙ୍କୁ ଉଦାହରଣ ଭାବେ ନିଆଯାଇପାରେ। ଜାବରା ପଞ୍ଚାୟତର କଣ୍ଟିଆକଣ ଗ୍ରାମର ଚାଷୀ ଆତୁଲ ମଲିକ, ରମେଶ ମଲିକ, ନୃସିଂହ ଜେନା, ନଠୁଆବର ପଞ୍ଚାୟତର ଆଦମପୁର ଗ୍ରାମର ଚନ୍ଦ୍ରମଣି ମଲ୍ଲିକ, ସଞ୍ଜୟ ନାୟକ ଓ ବିଦ୍ୟାଧର ନାୟକଙ୍କ କହିବାନୁଯାୟୀ, କୌଣସି ବିପର୍ଯ୍ୟୟ ସମୟରେ ଧାନ କିମ୍ବା ପନିପରିବା ଚାଷ ପାଇଁ ସେମାନଙ୍କୁ ସରକାରୀ ସହାୟତା ମିଳିନାହିଁ। ବର୍ତ୍ତମାନ ମହାମାରୀ ସମୟରେ ମଧ୍ୟ ସେମାନଙ୍କୁ କିଚେନ ଗାର୍ଡେନ ପାଇଁ ମିନି କିଟ୍ କିମ୍ବା ଛତୁ, ଫୁଲ ଚାଷ ସକାଶେ ଆର୍ଥିକ ସହାୟତା ରାଶି ମିଳିନାହିଁ ବୋଲି ସେମାନେ କହିଛନ୍ତି। ଅନ୍ୟପକ୍ଷରେ ୩ ଦିନ ତଳେ ଏଠାରୁ ବଦଳି ହୋଇଥିବା ଜିଲା ଉଦ୍ୟାନ ବିଭାଗର ସହକାରୀ ଉପନିର୍ଦ୍ଦେଶକ ଲୋକନାଥ ଜେନା କୁହନ୍ତି, ଏଯାଏ କରୋନା ସହାୟତା ସାମଗ୍ରୀ କିମ୍ବା ଅର୍ଥ ଆସିନାହିଁ। ତାଲିକା ହିସାବରେ ଚାଷୀମାନଙ୍କୁ ଗାଇଡ୍‌ଲାଇନ ଅନୁଯାୟୀ ସହାୟତା ମିଳିବ। ଏଥିରେ କୌଣସି ପ୍ରକାର ଅନିୟମିତତା ହେବ ନାହିଁ ବୋଲି ସେ କହିଛନ୍ତି।

## କରୋନା ସଂକ୍ରମଣ ସ୍ଥିତି

(ସୋମବାର ରାତି ୧୦ଟା ସୁଦ୍ଧା)

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୧,୮୩,୪୫,୯୭୫ | ୬,୯୪,୮୨୬ | ୧,୧୫,୪୨,୯୦୩ |
| ଭାରତ | ୧୮,୫୨,୧୫୬ | ୩୮,୯୬୯ | ୧୨,୨୯,୧୭୧ |
| ଓଡ଼ିଶା | ୩୪,୯୧୩ | ୧୯୭(+୩୯) | ୨୧,୯୫୫ |

(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# ଆଇଏଏସ୍, ଓଏଏସ୍ ଅଫିସର ସ୍ତରରେ ବଦଳି

ଭୁବନେଶ୍ୱର,୩।୮(ବ୍ୟୁରୋ)

■ ସନତ ଖୋର୍ଦ୍ଧା ଜିଲାପାଳ

■ ପ୍ରଶିକ୍ଷଣ ଶେଷ ପରେ ୩ ଆଇଏଏସ୍‌ଙ୍କୁ ନିଯୁକ୍ତି

ରାଜ୍ୟ ସରକାର ଆଇଏଏସ୍ ଏବଂ ବରିଷ୍ଠ ଓଏଏସ୍ ସ୍ତରରେ ଅଦଳ ବଦଳ କରିଛନ୍ତି। ଏ ନେଇ ସୋମବାର ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ବରିଷ୍ଠ ଓଏଏସ୍ ଅଫିସର ତଥା ଖୋର୍ଦ୍ଧା ଜିଲାପାଳ ସୀତାଂଶୁ କୁମାର ରାଉତଙ୍କୁ ବ୍ରହ୍ମପୁର କନସୋଲିଡେଶନ ଓ ସେଟଲମେଣ୍ଟ ଅତିରିକ୍ତ କମିଶନର ଭାବେ ନିଯୁକ୍ତି ଦିଆଯାଇଥିବା ବେଳେ ଅନୁସୂଚୀତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ଅତିରିକ୍ତ ସଚିବ ସନତ କୁମାର ମହାନ୍ତିଙ୍କୁ ଖୋର୍ଦ୍ଧା ଜିଲାପାଳ ଭାବେ ନିଯୁକ୍ତି ଦିଆଯାଇଛି। ସେହିପରି ୨୦୧୮ ବ୍ୟାଚ ଆଇଏଏସ୍ କୀର୍ତ୍ତୀ ଭାସନ ଭି.ଙ୍କୁ ଦ୍ୱିତୀୟ ପର୍ଯ୍ୟାୟ ପ୍ରଶିକ୍ଷଣ ଶେଷ କରିବା ପରେ ଗଞ୍ଜାମ କୋଭିଡ୍ ପରିଚାଳନା ଓଏସଡି ଭାବେ ନିଯୁକ୍ତି ଦିଆଯାଇଥିବା ବେଳେ ଶୁଭଙ୍କର ମହାପାତ୍ରଙ୍କୁ କାଳିଗୁଡା ଉପଜିଲାପାଳ, ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କୁ ସମ୍ବଲପୁର ଉପ ଜିଲାପାଳ ଏବଂ ଜେ. ସୋନାଲଙ୍କୁ ଗଜପତି ଜିଲା କୋଭିଡ୍ ପରିଚାଳାନା ଓଏସ୍‌ଡି ଭାବେ ନିଯୁକ୍ତି ଦିଆଯାଇଛି।

# ଘର ଭିତରେ ବାଘ ସହ ୨୦ଘଣ୍ଟା

**ମାଲକାନଗିରି,୩।୮(ସ୍ୱ.ପ୍ର.):** ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ରେ ଗୋଟିଏ ଚିତାବାଘ ଜଣେ ଗ୍ରାମବାସୀଙ୍କ ଘରେ ପଶି ପ୍ରାୟ ୨୦ ଘଣ୍ଟା ରହିଥିବା ଦେଖିବାକୁ ମିଳିଛି। ଏପରି ଘଟଣା ଘଟିଛି ଛତିଶଗଡ଼ର କଙ୍କେର ଜିଲା ଚାମର ବ୍ଲକ ଅନ୍ତର୍ଗତ ବଗଡ଼ଙ୍ଗରି ଗ୍ରାମରେ। ଏହି ଗ୍ରାମର ଜଣେ ବ୍ୟକ୍ତିଙ୍କ ଘର ଭିତରକୁ ରବିବାର ରାତି ପ୍ରାୟ ୩ଟା ବେଳେ ଏକ ଚିତାବାଘ ପଶିଯାଇଥିଲା। ପ୍ରାୟ ୨୦ ଘଣ୍ଟା ଧରି ଘରେ ରହିଥିଲେ ମଧ୍ୟ ଘରର କୌଣସି ବ୍ୟକ୍ତିଙ୍କର କିଛି କ୍ଷତି କରିନାହିଁ। ବନ ବିଭାଗ କର୍ମଚାରୀ ପିଞ୍ଜରା ଧରି ପହଞ୍ଚିଥିଲେ ମଧ୍ୟ ବାଘଟି ପଶି ନ ଥିଲା। ଶେଷରେ ଘରର ଖପର ନିର୍ମିତ ଛାତକୁ ଭାଙ୍ଗି ବାଘ କୁଦା ମାରି ବାହାରକୁ ଚାଲିଯାଇଥିଲା।

# ଜାମିନ ପାଇଁ ହାଇକୋର୍ଟ ଗଲେ ଡାକ୍ତର

**ଥାନାରେ ଆଦିବାସୀ ନାବାଳିକାଙ୍କୁ ବଳାତ୍କାର ମାମଲା**

**କଟକ ଅଫିସ,୩।୮:** ସୁନ୍ଦରଗଡ଼ ଜିଲା ବୀରମିତ୍ରପୁର ଥାନାରେ ଜଣେ ଆଦିବାସୀ ନାବାଳିକାଙ୍କୁ ବଳାତ୍କାର ଓ ପରେ ଗର୍ଭପାତ କରାଇବା ଘଟଣାରେ ପୂର୍ବତନ ଆଇଆଇସି ଆନନ୍ଦ ଚନ୍ଦ୍ର ମାଝୀ ଗିରଫ ହୋଇଥିଲେ। ଗର୍ଭପାତ କରାଇଥିବା ଅଭିଯୋଗରେ ବୀରମିତ୍ରପୁର ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ଦେବାଶିଷ ଘୋଷଙ୍କୁ ମଧ୍ୟ କ୍ରାଇମ୍‌ବ୍ରାଞ୍ଚ ଗତ ୭ ତାରିଖରେ ଗିରଫ କରିଥିଲା। ତଳକୋର୍ଟରେ ତାଙ୍କ ଜାମିନ ଖାରଜ ହୋଇଯାଇଥିଲା। ସୋମବାର ଡାକ୍ତର ଘୋଷ ଜାମିନ ପାଇଁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଉଲ୍ଲେଖଯୋଗ୍ୟ, ସୁନ୍ଦରଗଡ଼ ଜିଲା ଶିଶୁ ସୁରକ୍ଷା ଅଧିକାରୀଙ୍କ ପକ୍ଷରୁ ପୂର୍ବତନ ଆଇଆଇସି ମାଝୀ ଓ ଡାକ୍ତର ଘୋଷଙ୍କ ନାମରେ ରାଏବଗା ଥାନାରେ ଏତଲା ଦିଆଯାଇଥିଲା। କ୍ରାଇମ୍‌ବ୍ରାଞ୍ଚ ଏହି ଘଟଣାର ତଦନ୍ତ କରୁଥିଲା।

# କୃଷିରେ ମନୋନିବେଶ ଲାଗି ମନ୍ତ୍ରୀଙ୍କ ପରାମର୍ଶ

**ଭୁବନେଶ୍ୱର,୩।୮(ବ୍ୟୁରୋ):** ଗହ୍ମାପୂର୍ଣ୍ଣିମା ଏକ ଗଣପର୍ବ ରୂପେ ଶ୍ରାବଣ ମାସର ଶୁକ୍ଳପକ୍ଷ ପୂର୍ଣ୍ଣମୀ ତିଥିରେ ପାଳନ କରାଯାଏ। ଏହିଦିନ ଭଗବାନ ବଳରାମ ଜନ୍ମଗ୍ରହଣ କରିଥିଲେ। ଭାରତୀୟ ସଂସ୍କୃତିରେ କୃଷି ଓ ପଶୁପାଳନର ମୁଖ୍ୟ ବିଦ୍ଧାଣି ହେଉଛନ୍ତି ବଳରାମ। ତେଣୁ ତାଙ୍କ ଜନ୍ମଦିନରେ ଗୋମାତାର କୃଷକ ପରିବାରକୁ ଅବଦାନ ବିଷୟରେ ସ୍ମରଣ କରିବାକୁ ଯାଇ ସେମାନଙ୍କ ପୂଜାର୍ଚ୍ଚନା କରାଯାଏ। ଗହ୍ମାପୂର୍ଣ୍ଣିମା ତଥା ରକ୍ଷାବନ୍ଧନର ଏହି ଅବସରରେ କୃଷିମନ୍ତ୍ରୀ ଅରୁଣ କୁମାର ସାହୁ ସାମାଜିକ ଦୂରତା ରକ୍ଷାକରି ଗୋମାତାଙ୍କ ପୂଜାର୍ଚ୍ଚନା କରିଛନ୍ତି। ରାଜ୍ୟରେ ସମସ୍ତ ଚାଷୀ, ଗୋପାଳକ ଓ କୃଷି ପରିବାରର ସମସ୍ତ ସଦସ୍ୟଙ୍କୁ ସେ ଆନ୍ତରିକ ଶୁଭେଚ୍ଛା ତଥା ଅଭିନନ୍ଦନ ଜ୍ଞାପନ କରିଛନ୍ତି। କୋଭିଡ୍-୧୯ ମହାମାରୀର ଏହି ଘଡ଼ିସନ୍ଧି ମୁହୂର୍ତ୍ତରେ ଜୀବନଜୀବିକାର ସମ୍ଭାବନା ରଖୁଥିବା କୃଷି ଓ ପ୍ରାଣୀପାଳନ କ୍ଷେତ୍ରରେ ମନୋନିବେଶ କରିବାକୁ ରାଜ୍ୟର କୃଷକ ସମାଜକୁ ସେ ବିନମ୍ର ନିବେଦନ କରିଛନ୍ତି।

# ୯ରେ ଆଉ ଏକ ଲଘୁଚାପ

**ଭୁବନେଶ୍ୱର,୩।୮(ବ୍ୟୁରୋ):** ଉତ୍ତର ବଙ୍ଗୋପସାଗରରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଏହା ଆହୁରି ଅଧିକ ଘନୀଭୂତ ହୋଇ ଲଘୁଚାପରେ ପରିଣତ ହେବାର ସମ୍ଭାବନା ରହିଛି। ଏଥିସହିତ ପଶ୍ଚିମବଙ୍ଗ ଓ ବାଂଲାଦେଶ ଉପକୂଳ ଏବଂ ଉତ୍ତର ପୂର୍ବ ବଙ୍ଗୋପସାଗର ଓ ଏହାର ଆଖପାଖ ଅଞ୍ଚଳରେ ଆଉ ଦୁଇଟି ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି। ଏହାର ପ୍ରଭାବରେ ଆସନ୍ତା ୬ ତାରିଖ ଯାଏ ଦକ୍ଷିଣ ଓଡ଼ିଶା ଏବଂ ଉପକୂଳ ଓଡ଼ିଶାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଗଞ୍ଜାମ, କନ୍ଧମାଳ, ମୟୂରଭଞ୍ଜ, ଭଦ୍ରକ ଏବଂ ଯାଜପୁର ଜିଲାର କେତେକ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏଥିସହିତ ପୁରୀ, ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା, ଝାରସୁଗୁଡ଼ା, ସମ୍ବଲପୁର, ବରଗଡ଼, ଦେବଗଡ଼, ସୁନ୍ଦରଗଡ଼, କେନ୍ଦୁଝର, ବାଲେଶ୍ୱର, ବଲାଙ୍ଗୀର ଏବଂ ବୌଦ୍ଧ ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏ ନେଇ ପାଣିପାଗ ବିଭାଗ ପକ୍ଷରୁ ଏଲୋୱାର୍ନିଂ ଜାରି କରାଯାଇଛି।

୪ ତାରିଖରେ ବାଲେଶ୍ୱର, ଭଦ୍ରକ, ମୟୂରଭଞ୍ଜ, ଯାଜପୁର, ଅନୁଗୋଳ, ବୌଦ୍ଧ, ଢେଙ୍କାନାଳ ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହି ସମୟରେ କନ୍ଧମାଳ, ବଲାଙ୍ଗୀର, ସୋନପୁର, ସମ୍ବଲପୁର, ଦେବଗଡ଼, କେନ୍ଦୁଝର ଏବଂ କଟକ ଜିଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ୫ତାରିଖରେ ନୂଆପଡ଼ା, ବଲାଙ୍ଗୀର, ଅନୁଗୋଳ ଏବଂ କେନ୍ଦୁଝର ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ୬ ତାରିଖରେ ସୁନ୍ଦରଗଡ଼, କେନ୍ଦୁଝର ଏବଂ ନବରଙ୍ଗପୁର ଜିଲାରେ ବର୍ଷା ହେବାର ସମ୍ଭାବନା ରହିଛି। ଏ ନେଇ ପାଣିପାଗ ବିଭାଗ ପକ୍ଷରୁ ଏଲୋୱାର୍ନିଂ ଜାରି କରାଯାଇଛି। ଦୁଇଦିନ ବର୍ଷିବା ପରେ ୬ ତାରିଖଠାରୁ ବର୍ଷା ପରିମାଣ ହ୍ରାସ ପାଇବ। ତେବେ ଉତ୍ତର ପଶ୍ଚିମ ବଙ୍ଗୋପସାଗରରେ ଆସନ୍ତା ୯ ତାରିଖରେ ଆଉ ଏକ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ରହିଛି।

# ଧର୍ମାନୁଷ୍ଠାନ ଖୋଲିବାକୁ ହାଇକୋର୍ଟରେ ମାମଲା



**କଟକ ଅଫିସ,୩।୮:** କରୋନା ପାଇଁ ପୁରୀ ଶ୍ରୀମନ୍ଦିର ସମେତ ରାଜ୍ୟର ସମସ୍ତ ଧର୍ମାନୁଷ୍ଠାନ ବନ୍ଦ ରହିଛି। ଏସବୁକୁ ପୁଣିଥରେ ଖୋଲିବାକୁ ନିବେଦନ କରି ସୋମବାର ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ରୁଜୁ ହୋଇଛି। ପୁରୀ ନିବାସୀ ତ୍ରିଲୋଚନ ରଥ ଏହି ମାମଲା କରିଛନ୍ତି। ସେ ଦର୍ଶାଇଛନ୍ତି ଯେ, କେନ୍ଦ୍ର ସରକାର ଅନ୍‌ଲକ୍‌ର ପ୍ରଥମ ପର୍ଯ୍ୟାୟରେ ଧର୍ମାନୁଷ୍ଠାନ ଖୋଲିବା ପାଇଁ ନିଷ୍ପତ୍ତି ନେଇଥିଲେ। କିନ୍ତୁ ରାଜ୍ୟ ସରକାର ଏହା ଉପରେ କଟକଣା ବଳବତ୍ତର ରଖିଛନ୍ତି। ରାଜ୍ୟରେ ମଦ ଦୋକାନ, ମଲ୍ ଓ ଜିମ୍‌ଖାନା ଖୋଲିପାରୁଥିବା ବେଳେ ମନ୍ଦିର ଖୋଲିବାରେ ଅସୁବିଧା କେଉଁଠି ବୋଲି ଆବେଦନକାରୀ ପ୍ରଶ୍ନ କରିଛନ୍ତି। ଝାଡ଼ଖଣ୍ଡର ପ୍ରସିଦ୍ଧ ବୈଦ୍ୟନାଥ ମନ୍ଦିର ଖୋଲିବା ପାଇଁ ସୁପ୍ରିମକୋର୍ଟରେ ମାମଲା ହୋଇଥିଲା। ଯଦି ବିଭିନ୍ନ ଅନୁଷ୍ଠାନ ଖୋଲାଯାଉଛି, ତେବେ ମନ୍ଦିର ଖୋଲିବା ପାଇଁ ସରକାର ପଦକ୍ଷେପ ନେବା ଆବଶ୍ୟକ ବୋଲି ସୁପ୍ରିମ୍‌କୋର୍ଟ ନିର୍ଦ୍ଦେଶରେ କହିଥିଲେ। ହାଇକୋର୍ଟରେ ରୁଜୁ ହୋଇଥିବା ଜନସ୍ୱାର୍ଥ ମାମଲାରେ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ, ରାଜ୍ୟ ମୁଖ୍ୟ ଶାସନସଚିବ, ଆଇନ ବିଭାଗ ପ୍ରମୁଖ ଶାସନସଚିବ, ସ୍ୱତନ୍ତ୍ର ରିଲିଫ୍ କମିଶନର ତଥା ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ବିଭାଗ ପ୍ରମୁଖ ଶାସନସଚିବ, ଦେବୋତ୍ତର କମିଶନର, ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସକଙ୍କୁ ପକ୍ଷଭୁକ୍ତ କରାଯାଇଛି। ଆବେଦନକାରୀଙ୍କ ପକ୍ଷରୁ ଅକ୍ଷୟ ପାଣ୍ଡେ ମାମଲା ପରିଚାଳନା କରୁଛନ୍ତି।

# ଆର୍ଥିକ ସହାୟତା ପାଇଁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହେଲେ ପୂଜକ

**କଟକ ଅଫିସ,୩।୮:** କରୋନା ଭୂତାଣୁ ସଂକ୍ରମଣ ଆଶଙ୍କାରେ ମନ୍ଦିର ବନ୍ଦ ଥିବା ଯୋଗୁ ପୂଜକମାନେ ରୋଜଗାର ହରାଇଛନ୍ତି। ତେଣୁ ଆର୍ଥିକ ସହାୟତା ନିବେଦନ କରି ପୁରୀ ଜିଲା କାକଟପୁର ମା' ମଙ୍ଗଳା ମନ୍ଦିରର ୧୫ ଜଣ ପୂଜକ ସୋମବାର ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ପୁରୀ ଶ୍ରୀମନ୍ଦିର ସେବାୟତଙ୍କୁ ରାଜ୍ୟ ସରକାର ଯେଉଁଭଳି ଆର୍ଥିକ ସହାୟତା ଦେଉଛନ୍ତି, ଅନୁରୂପ ସହାୟତା ଦେବାକୁ ସେମାନେ ନିବେଦନ କରିଛନ୍ତି। ମାସିକ ୧୫ ହଜାର ଟଙ୍କା ଆର୍ଥିକ ସହାୟତା ଦେବା ପାଇଁ ମନ୍ଦିରର ପୂଜକ ପ୍ରକାଶ ପଣ୍ଡା ଓ ଅନ୍ୟ ୧୪ ଜଣ ପୂଜକ ଆବେଦନରେ ଉଲ୍ଲେଖ କରିଛନ୍ତି। ଏହି ମାମଲାରେ ରାଜ୍ୟ ମୁଖ୍ୟ ଶାସନସଚିବ, ଆଇନ ବିଭାଗ ସଚିବ, ସ୍ୱତନ୍ତ୍ର ରିଲିଫ୍ କମିଶନର, ଦେବୋତ୍ତର କମିଶନର ଓ ପୁରୀ ଜିଲାପାଳଙ୍କୁ ପକ୍ଷଭୁକ୍ତ କରାଯାଇଛି।

# ରାଖୀ ପିନ୍ଧିଲେ ମହାପ୍ରଭୁ

ପୁରୀ ଅଫିସ, ୩।୮

**ଶ୍ରୀମନ୍ଦିରରେ ରାଖୀ ଲାଗି, ବଳଭଦ୍ର ଜନ୍ମ ନୀତି**



ମହାପ୍ରଭୁଙ୍କ ପାଇଁ ଶ୍ରୀମନ୍ଦିରକୁ ପାଟରା ବିଶୋଇ ସେବକଙ୍କ ଗୃହରୁ ରାଖୀ ନିଆଯାଉଛି।

ପବିତ୍ର ଗହ୍ମାପୂର୍ଣ୍ଣିମା ତିଥିରେ ସୋମବାର ଶ୍ରୀମନ୍ଦିରରେ ବଳଭଦ୍ର ଜନ୍ମ ଏବଂ ରାଖୀ ଲାଗି ନୀତି ସମ୍ପନ୍ନ ହୋଇଛି। ଦୁଇଭାଇ ମହାପ୍ରଭୁ ଶ୍ରୀଜଗନ୍ନାଥ ଏବଂ ବଡଠାକୁର ବଳଭଦ୍ର ଶ୍ରୀଭୁଜରେ ପାଟ ରାଖୀ ଓ ଗୁଆମାଳ ପିନ୍ଧିଛନ୍ତି। ଶ୍ରୀମନ୍ଦିରରେ ଏହି ବିଶେଷ ନୀତି ଅନୁଷ୍ଠିତ ହୋଇଥିଲେ ହେଁ କରୋନା କଟକଣା ପାଇଁ କୌଣସି ଭକ୍ତ ଦର୍ଶନ କରିପାରି ନାହାନ୍ତି।

ଦ୍ୱିପ୍ରହର ଧୂପ ବେଶରେ ମହାପ୍ରଭୁ ଦକ୍ଷିଣ ଭୁଜରେ ଗୋଟିଏ ଏବଂ ଉତ୍ତର ଭୁଜରେ ଦୁଇଟି ଆଜ୍ଞାମାଳ ଲାଗି ହୋଇଥିଲେ। ପାଟରା ବିଶୋଇ ସେବକଙ୍କ ଦ୍ୱାରା ବାସୁଙ୍ଗା ପାଟରେ ପ୍ରସ୍ତୁତ ୪ଟି ରାଖୀ ଓ ୪ଟି ଗୁଆମାଳକୁ ଶ୍ରୀଜଗନ୍ନାଥ ଏବଂ ବଳଭଦ୍ରଙ୍କ ଶ୍ରୀଭୁଜରେ ପୁଷ୍ପାଳକ ସେବକ ଲାଗି କରାଇଥିଲେ। ବଳଭଦ୍ରଙ୍କ ସମ୍ମୁଖରେ ଷଷ୍ଠୀ, ମାର୍କଣ୍ଡି ଓ ବରୁଣ ପୂଜା ହୋଇଥିଲା। ପରେ ଦ୍ୱିପ୍ରହର ଧୂପ ଓ ଯାତ୍ରାଙ୍ଗୀ ଭୋଗ ବଢି ଆଳତି ହୋଇଥିଲା। ଭିତର ପାଣି ପଡ଼ି ଧୋପଖାଳ (ସଫା) ପରେ ବଡ଼ ବାଡରେ ମଙ୍ଗଳାର୍ପଣ ନୀତି ହୋଇଥିଲା। ପୂଜାପଣ୍ଡା, ପତିମହାପାତ୍ର ଏବଂ ମୁଦିରସ୍ତ ତିନି ବାଡରେ ବନ୍ଦାପନା କରିଥିଲେ। ମହାଜନ ସେବକମାନେ ମଦନମୋହନଙ୍କୁ ଦକ୍ଷିଣୀ ଘରୁ ରତ୍ନସିଂହାସନକୁ ବିଜେ କରାଇଥିଲେ। ମଦନମୋହନ, ଶ୍ରୀଦେବୀ, ଭୂଦେବୀ ଆଜ୍ଞାମାଳ ପାଇବା ପରେ ଝୁଲଣମଣ୍ଡପକୁ ବିଜେ ହୋଇଥିଲେ। ସେହିପରି ମହାପ୍ରଭୁଙ୍କଠାରୁ ଆଜ୍ଞାମାଳ ପାଇ ଚକ୍ରରାଜ ଶ୍ରୀସୁଦର୍ଶନ ଜଗମୋହନସ୍ଥିତ ଚଉଦୋଳକୁ ବିଜେ ପରେ ପାଟ ପତନି ଓ ଚୁଳ ଲାଗି ହୋଇଥିଲା। ବିମାନବଡୁମାନେ ଚଉଦୋଳରେ ସୁଦର୍ଶନଙ୍କୁ ନେଇ ଝୁଲଣ ମଣ୍ଡପରେ ବିଜେ କରାଇ ସୁବର୍ଣ୍ଣ ଓଡ଼ିଆଣି ଓ ସୁନା ହରିଡ଼ାମାଳି ଲାଗି କରିଥିଲେ। ପରେ ସୁଦର୍ଶନଙ୍କୁ ମାର୍କଣ୍ଡ ପୁଷ୍କରିଣୀଙ୍କୁ ନେଇ ମଣ୍ଡପରେ ବିଜେ କରାଇଥିଲେ। କୁମ୍ଭାର ବିଶୋଇ ଦେଇଥିବା ଚିକିଟା ମାଟିରେ ଶୁଦ୍ଧସୁଆର ବଳଭଦ୍ରଙ୍କ ମୂର୍ତ୍ତି ନିର୍ମାଣ କରିଥିଲେ। ପୂଜାପଣ୍ଡା ତାହାକୁ ଜୀବନ୍ୟାସ ଦେଇ ଜାତ କର୍ମ କରିଥିଲେ। ମୁଦିରସ୍ତ ପ୍ରସାଦ ଲାଗି କରିବା ପରେ ପୂଜାପଣ୍ଡା ଶୀତଳ ମଣୋହୀ କରିଥିଲେ। ଏହାପରେ ବନ୍ଦାପନା ହୋଇ ବଳଭଦ୍ର ପିତୁଳାକୁ ଜଳରେ ବିସର୍ଜନ କରାଯାଇଥିଲା। ଶ୍ରୀସୁଦର୍ଶନ ୪ ଆଶ୍ରମ (ମାର୍କଣ୍ଡ, ଅଙ୍ଗିରା, ପଣ୍ଡୁ ଏବଂ ଭୃଗୁ) ପରିକ୍ରମା କରି ସିଂହଦ୍ୱାରରେ ପହଞ୍ଚିଥିଲେ। ବନ୍ଦାପନା ହୋଇ ସୁଦର୍ଶନ ଶ୍ରୀମନ୍ଦିରରେ ପ୍ରବେଶ କରିଥିଲେ। ପରେ ମହାପ୍ରଭୁଙ୍କ ମହାସ୍ନାନ ହୋଇ ଅନ୍ୟାନ୍ୟ ନୀତି ବଢିଥିଲା।

# ୨ଶହ ଟପିଲା ମୃତ୍ୟୁ, ଅଗଷ୍ଟ ସ୍ଥିତି ଚିନ୍ତାଜନକ

ଭୁବନେଶ୍ୱର, ୩।୮(ବ୍ୟୁରୋ)

**ଆଉ ୧,୩୮୪ ଚିହ୍ନଟ, ୧୦ ମୃତ**

■ ୩ଦିନରେ ୪,୪୨୦ ଆକ୍ରାନ୍ତ, ଗଲାଣି ୩୦ ଜୀବନ

■ ମୋଟ ଆକ୍ରାନ୍ତ ସଂଖ୍ୟା ୩୬,୨୯୭କୁ ବୃଦ୍ଧି

■ ଏଥିମଧ୍ୟରୁ ୭୧% ପୁରୁଷ, ୨୯ % ମହିଳା

ଜୁଲାଇ ମାସ ପରି ଅଗଷ୍ଟ ମାସରେ ମଧ୍ୟ ସଂକ୍ରମଣ ଚିନ୍ତାଜନକ ରହିବ। ମାସ ଆରମ୍ଭରୁ ଆକ୍ରାନ୍ତ ଓ ମୃତକଙ୍କ ତଥ୍ୟ ଏଭଳି ଆଶଙ୍କା ସୃଷ୍ଟି କରିଛି। ତିନିଦିନ ହେଲା ଲଗାତର ହଜାରେ ଉପରେ ନୂଆ ପଜିଟିଭ୍ ଚିହ୍ନଟ ହେଉଥିବାବେଳେ ମୃତ୍ୟୁ ସଂଖ୍ୟା ମଧ୍ୟ ସର୍ବାଧିକ ରହି ଆସିଛି। ଏହି ସମୟ ମଧ୍ୟରେ ୪,୪୨୦ ଆକ୍ରାନ୍ତ ହୋଇଛନ୍ତି ଓ କରୋନାରେ ୩୦ଜଣଙ୍କ ଜୀବନ ଯାଇଛି। ଏହି ଧାରା ଜାରି ରହିଲେ ଅଗଷ୍ଟ ମାସରେ ହିଁ ଓଡ଼ିଶା ଡେଞ୍ଜର ଜୋନ୍‌କୁ ଚାଲି ଆସିଥିବ ବୋଲି ବିଶେଷଜ୍ଞମାନେ ଅନୁମାନ କରୁଛନ୍ତି। ଅନ୍ୟପକ୍ଷରେ ଶେଷ ୨୪ ଘଣ୍ଟାରେ ରାଜ୍ୟରେ ୧,୩୮୪ଜଣ ନୂଆ ପଜିଟିଭ୍ ଚିହ୍ନଟ ହୋଇଥିବାବେଳେ ୧୨ ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରୁ ୧୦ଜଣଙ୍କର କରୋନାଜନିତ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ରୋଗରେ ୨ଜଣ ପ୍ରାଣ ହରାଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି। କରୋନା ମୃତକଙ୍କ ମଧ୍ୟରେ ଗଞ୍ଜାମ ଓ ରାୟଗଡ଼ାରୁ ୩ଜଣ ଲେଖାଏ ଥିବାବେଳେ ଗଜପତିରୁ ୨, ଖୋର୍ଦ୍ଧା ଓ କଳାହାଣ୍ଡିରୁ ଜଣେ ଲେଖାଏ ରହିଛନ୍ତି। ଏମାନଙ୍କୁ ମିଶାଇ ରାଜ୍ୟରେ ଏବେ କରୋନାଜନିତ ମୃତ୍ୟୁ ସଂଖ୍ୟା ୨୦୭ରେ ପହଞ୍ଚିଛି। ସେହିଭଳି ଅନ୍ୟ ରୋଗରେ ମରିଥିବା ଗଞ୍ଜାମର ଜଣେ ୪୮ବର୍ଷୀୟ ବ୍ୟକ୍ତି ଓ ମାଲକାନଗିରିର ୮୩ ବର୍ଷୀୟ ପୁରୁଷଙ୍କୁ ମିଶାଇଲେ ରାଜ୍ୟରେ ଅଣକୋଭିଡ୍ ମୃତ୍ୟୁ ସଂଖ୍ୟା ୪୧ରେ ପହଞ୍ଚିଛି।

ସେପଟେ ନୂଆ ଆକ୍ରାନ୍ତମାନେ ୨୬ ଜିଲାରୁ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରେ ୮୭୩ଜଣଙ୍କୁ କ୍ୱାରାଣ୍ଟାଇନ ସେଣ୍ଟରୁ ଠାବ କରାଯାଇଥିବାବେଳେ ୫୧୧ଜଣ ସ୍ଥାନୀୟ ଆକ୍ରାନ୍ତ ରହିଛନ୍ତି। ଗଞ୍ଜାମରୁ ସର୍ବାଧିକ ୩୩୧ ଥିବାବେଳେ ଏହା ତଳକୁ ଖୋର୍ଦ୍ଧା ୨୧୧, କୋରାପୁଟ ୯୭, ସମ୍ବଲପୁର ୯୩, କଟକ ୮୯, ବାଲେଶ୍ୱର ୭୯, ଗଜପତି ୬୧, ବଲାଙ୍ଗୀର ୫୧, ସୁନ୍ଦରଗଡ଼ ୪୬, ମାଲକାନଗିରି ୩୯, ରାୟଗଡ଼ା ୩୮, ବରଗଡ଼ ୩୩, ମୟୂରଭଞ୍ଜ ୨୯, ନବରଙ୍ଗପୁର ୨୬, ଭଦ୍ରକ ୨୫, ଜଗତ୍‌ସିଂହପୁର ଓ ନୟାଗଡ଼ରୁ ୨୨ ଲେଖାଏ, ପୁରୀ ୧୭, ଯାଜପୁର ୧୮, ଅନୁଗୋଳ ୧୩, ଢେଙ୍କାନାଳ ଓ କେନ୍ଦ୍ରାପଡ଼ାରୁ ୧୧ ଲେଖାଏ, ଝାରସୁଗୁଡ଼ା ୭, ସୋନପୁର ୬, ନୂଆପଡ଼ା ୫ ଓ କଳାହାଣ୍ଡିରୁ ୪ଜଣ ରହିଛନ୍ତି। ଫଳରେ ରାଜ୍ୟରେ ଏବେ ମୋଟ କରୋନା ପଜିଟିଭ୍ ସଂଖ୍ୟା ୩୬,୨୯୭କୁ ବୃଦ୍ଧି ପାଇଛି। ଏଥିମଧ୍ୟରେ ୨୯% ମହିଳା ଥିବାବେଳେ ୭୧% ପୁରୁଷ ରହିଛନ୍ତି। ୦ରୁ ୧୪ ବର୍ଷ ମଧ୍ୟରେ ୧,୮୫୧ଜଣ ଶିଶୁ ରହିଛନ୍ତି। ସେହିପରି ଯୁବପିଢ଼ି ଅର୍ଥାତ୍ ୧୫ରୁ ୪୦ବର୍ଷ ବୟସରେ ୨୦,୩୧୫ଜଣ ଥିବାବେଳେ ୪୧ରୁ ୬୦ବର୍ଷ ମଧ୍ୟରେ ୧୦,୨୭୨ ଏବଂ ୬୦ରୁ ଉର୍ଦ୍ଧ୍ୱ ବୟସର ୨,୪୭୫ଜଣ ଆକ୍ରାନ୍ତ ରହିଛନ୍ତି।

**ଦିନକରେ ରେକର୍ଡ ସଂଖ୍ୟକ ଆରୋଗ୍ୟ**

ରାଜ୍ୟରେ ପ୍ରତିଦିନ ଶତାଧିକ ଆକ୍ରାନ୍ତ କରୋନାରୁ ଆରୋଗ୍ୟ ହେଉଛନ୍ତି। କିନ୍ତୁ ସୋମବାର ରେକର୍ଡ ସଂଖ୍ୟକ ଆକ୍ରାନ୍ତ ଅର୍ଥାତ୍ ସର୍ବାଧିକ ୧,୧୧୯ଜଣ ଆରୋଗ୍ୟ ହୋଇ ହସ୍ପିଟାଲରୁ ଡିସ୍‌ଚାର୍ଜ ହୋଇଛନ୍ତି। ଏମାନଙ୍କ ମଧ୍ୟରେ ଗଞ୍ଜାମରୁ ୩୫୪ଜଣ ଥିବାବେଳେ ଖୋର୍ଦ୍ଧା ୯୭, ଗଜପତି ୮୩, ଯାଜପୁର ୭୦, କେନ୍ଦୁଝର ୫୭, କଟକ ୫୦, ବୌଦ୍ଧ ୪୦, ନୟାଗଡ଼ ୩୭, ରାୟଗଡ଼ା ୩୫, ପୁରୀ ୩୧, ବାଲେଶ୍ୱର ୩୦, ମୟୂରଭଞ୍ଜ ୨୯, ଭଦ୍ରକ ୨୮, ଜଗତ୍‌ସିଂହପୁର ୨୭, ଢେଙ୍କାନାଳ ୨୪, ସୁନ୍ଦରଗଡ଼ ୨୨, କନ୍ଧମାଳ ୧୭, ବଲାଙ୍ଗୀର, ସମ୍ବଲପୁରରୁ ୧୬, ମାଲକାନଗିରି ୧୫, ନବରଙ୍ଗପୁର ୧୨, କେନ୍ଦ୍ରାପଡ଼ା ୧୧, ଅନୁଗୋଳ, କୋରାପୁଟ ୫, ବରଗଡ଼ ୪, ସୋନପୁର ୩ ଓ ଝାରସୁଗୁଡ଼ାରୁ ଜଣେ ରହିଛନ୍ତି। ଏମାନଙ୍କୁ ମିଶାଇଲେ ରାଜ୍ୟରେ ମୋଟ ଆରୋଗ୍ୟ ସଂଖ୍ୟା ୨୩,୦୭୩କୁ ବୃଦ୍ଧି ପାଇଛି।

# ହୋଟେଲ, ରେଷ୍ଟୁରାଣ୍ଟ ପାଇଁ ନୂଆ ଗାଇଡ୍‌ଲାଇନ୍

**ଭୁବନେଶ୍ୱର,୩।୮(ବ୍ୟୁରୋ):** ହୋଟେଲ ଏବଂ ରେଷ୍ଟୁରାଣ୍ଟଗୁଡ଼ିକ କରୋନା ନିୟମ ମାନୁନାହାନ୍ତି। ଗହଳି ବଢୁଛି। ଏହାକୁ ଦେଖି ରାଜ୍ୟ ସରକାର ହୋଟେଲ ଏବଂ ରେଷ୍ଟୁରାଣ୍ଟ ପାଇଁ ଥିବା ଗାଇଡ୍‌ଲାଇନରେ ସଂଶୋଧନ କରିଛନ୍ତି। ଏ ନେଇ ସୋମବାର ସ୍ୱତନ୍ତ୍ର ରିଲିଫ କମିଶନରଙ୍କ କାର୍ଯ୍ୟାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ତଦନୁଯାୟୀ ହୋଟେଲଗୁଡ଼ିକର ରେଷ୍ଟୁରାଣ୍ଟ ନିଜର ଅତିଥିମାନଙ୍କ ପାଇଁ ଖୋଲା ରହିବ। ତେବେ କର୍ମଚାରୀ ଓ ଅତିଥିମାନେ କେନ୍ଦ୍ର ଗାଇଡ୍‌ଲାଇନକୁ କଡ଼ାକଡ଼ି ଭାବେ ପାଳନ କରିବାକୁ କୁହାଯାଇଛି। ଏଥିସହିତ ରେଷ୍ଟୁରାଣ୍ଟ, ହୋଟେଲ, ଜାତୀୟ ରାଜପଥ କଡ଼ରେ ଥିବା ରେଷ୍ଟୁରାଣ୍ଟଗୁଡ଼ିକ ପାର୍ସଲ, ହୋମ୍ ଡେଲିଭରି ଦେବାକୁ ଅନୁମତି ଦିଆଯାଇଛି। ରେଷ୍ଟୁରାଣ୍ଟ କର୍ମଚାରୀ ଅତିକମ୍‌ରେ ୬ ଫୁଟ ଦୂରତା ଅବଲମ୍ବନ କରିବା ସହ ମୁହଁରେ ମାସ୍କ ପିନ୍ଧିବା ବାଧ୍ୟତାମୂଳକ କରାଯାଇଛି। ମଙ୍ଗଳବାରଠାରୁ ସଂଶୋଧିତ ଗାଇଡ୍‌ଲାଇନ୍ ଲାଗୁ ହେବ।



## ଫାଣ୍ଡି ଅଧିକାରୀଙ୍କୁ ହୋମ୍‌ଗାର୍ଡଙ୍କ ଆକ୍ରମଣ

ଭବାନୀପାଟଣା,୩ା୮(ସ୍ୱ.ପ୍ର.): କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ଥାନା ଅଧୀନ ଗୁଣପୁର ଫାଣ୍ଡି ଅଧିକାରୀ ଦିଗାମ୍ବର ସାହୁଙ୍କୁ ସୋମବାର ହୋମଗାର୍ଡ ଚୈତନ୍ୟ ପ୍ରଧାନୀ ଆକ୍ରମଣ କରିଛନ୍ତି। ହୋମଗାର୍ଡଙ୍କ ଉପସ୍ଥାନକୁ ନେଇ ଫାଣ୍ଡି ଅଧିକାରୀ ପ୍ରଶ୍ନ ଉଠାଇବାରୁ ଏଭଳି ଘଟଣା ଘଟିଛି। ହୋମଗାର୍ଡ ଉତ୍ତକ୍ଷିପ୍ତ ହୋଇ ତାଙ୍କୁ ଆକ୍ରମଣ କରିଥିବ ଜଣା ପଡ଼ିଛି। ଏ ନେଇ ଥୁଆମୂଳ ରାମପୁର ଥାନାରେ ଏକ ମାମଲା ରୁଜୁ ହୋଇଛି।

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................



ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ନାସା, ସ୍ପେସ୍‌ଏକ୍ସର ସଫଳତା

## ମହାକାଶଯାତ୍ରୀଙ୍କ ନିରାପଦ ଜଳାବତରଣ

କେପ୍ କାନାଭେରାଲ, ୩ା୮

ନାସାର ୨ ମହାକାଶଚାରୀ ରବିବାର ନିରାପଦର ସହିତ ପୃଥିବୀ ପୃଷ୍ଠରେ ଅବତରଣ କରିଛନ୍ତି। ତେବେ ସେମାନଙ୍କର କ୍ୟାପ୍‌ସୁଲ ମେକ୍ସିକୋ ଉପସାଗରରେ ଅବତରଣ କରିଥିଲା, ଯାହାକି ଆମେରିକା ମହାକାଶ ଅଭିଯାନର ୪୫ ବର୍ଷ ମଧ୍ୟରେ ପ୍ରଥମ ଘଟଣା। ଏଲୋନ ମସ୍କଙ୍କ ସ୍ପେସ୍‌ଏକ୍ସ କମ୍ପାନୀ ପାଇଁ ଏହା ଏକ ବଡ଼ ସଫଳତା। ପ୍ରଥମ ଥର ପାଇଁ ଏହି ଘରୋଇ କମ୍ପାନୀ ମହାକାଶକୁ ମାନବ ପ୍ରେରଣ କରିଥିଲା। ସେମାନେ ନିରାପଦର ସହିତ ଫେରିଆସିଥିବାରୁ ଆସନ୍ତା ମାସରେ କମ୍ପାନୀର ଆଉ ଏକ ଅଭିଯାନ ପାଇଁ ପଥ ପରିଷ୍କାର ହୋଇଯାଇଛି। ଆସନ୍ତା ବର୍ଷ ସ୍ପେସ୍‌ଏକ୍ସ ମହାକାଶକୁ ପର୍ଯ୍ୟଟକ ପଠାଇବା ଲାଗି ଯୋଜନା କରିଛି।

ଦୁଇମାସ ପୂର୍ବରୁ ଟେଷ୍ଟ ପାଇଲଟ ଡ୍ୟୁଗ୍ ହର୍ଲି ଏବଂ ବବ୍ ବେନ୍‌କେନ ଫ୍ଲୋରିଡାରୁ ମହାକାଶ ଯାନରେ ଅନ୍ତର୍ଜାତୀୟ ମହାକାଶ କେନ୍ଦ୍ରକୁ ଯାଇଥିଲେ। ଏଣ୍ଡେଭର ନାମକ ସ୍ପେସ୍‌ଏକ୍ସର ଡ୍ରାଗନ କ୍ୟାପସୁଲରେ ସେମାନେ ମହାକାଶ କେନ୍ଦ୍ର ଛାଡ଼ିବାର ଦିନକରୁ କମ୍ ସମୟ ମଧ୍ୟରେ ପୃଥିବୀରେ ଅବତରଣ କରିଛନ୍ତି। ପେନ୍‌ସାକୋଲା ଉପକୂଳରୁ ପ୍ରାୟ ୪୦ ମାଇଲ ଦୂରରେ ଉପସାଗର ଜଳରାଶିରେ କ୍ୟାପ୍‌ସୁଲ ଅବତରଣ କରିଥିଲା।





ଲକ୍‌ଡାଉନ୍ ଖୋଲିଲା ପରେ ସୋମବାର କଟକ ରାଣୀହାଟ ଛକ ରାସ୍ତାରେ ପ୍ରବଳ ଗହଳି।

# ଶ୍ରୀକ୍ଷେତ୍ରରୁ ଜାତିସଂଘ

- ୨୦ ବର୍ଷ ବୟସରେ ଗୁଡ୍‌ୱିଲ ୟୁଥ୍ ଆମ୍ବାସାଡର
- ଭବିଷ୍ୟତ ନିଷ୍ପତ୍ତି ନିଜ ହାତରେ: ଆଶୁତୋଷ



ଆଶୁତୋଷ ପଟ୍ଟନାୟକ

ପୁରୀ ଅଫିସ, ୩ା୮

ବୟସ ୨୦। ହେଲେ ମିଳିତ ଜାତିସଂଘ ପକ୍ଷରୁ ୧୦ଟି ଦେଶରେ ଆୟୋଜିତ ୫୦ଟି ସମ୍ମିଳନୀରେ ବକ୍ତୃତା ଦେଇସାରିଲେଣି। ଏତେ କମ୍ ବୟସରେ ଏଭଳି ସଫଳତା ଆଣି ସେ ଦେଶ ଓ ରାଜ୍ୟ ପାଇଁ ଗର୍ବ ଗୌରବ ପାଲଟିଛନ୍ତି। ଯୁବପିଢ଼ି କିପରି ସଶକ୍ତ ହୋଇ ଆଗକୁ ବଢ଼ିବେ ସେଥିପାଇଁ ଜାତିସଂଘରେ କାମ କରୁଛନ୍ତି। ଏମିତି ଜଣେ ଯୁବ ବ୍ୟକ୍ତିତ୍ୱ ହେଉଛନ୍ତି ଓଡ଼ିଆ ପୁଅ ଆଶୁତୋଷ ପଟ୍ଟନାୟକ। ପୁରୀ ବଳିଆପଣ୍ଡା ଅଞ୍ଚଳରୁ ଜାତିସଂଘର ଗୁଡ୍‌ୱିଲ୍ ୟୁଥ୍ ଆମ୍ବାସାଡର ଏକ ଲମ୍ବା ପଥର ଯାତ୍ରୀ। ସବୁବେଳେ ନିଜ କାମକୁ ନେଇ ଗମ୍ଭୀର ରହୁଥିବା ଆଶୁତୋଷ ଯୁବପିଢ଼ିଙ୍କୁ ନିଜ ଭବିଷ୍ୟତ ଗଢ଼ିବାର ନୂଆ ରାହା ଦେଖାଉଛନ୍ତି। ବିଶ୍ୱର ପ୍ରତିଟି ଘରେ ଶିକ୍ଷା, ଯୁବପିଢ଼ିଙ୍କ ବିକାଶ, କରୋନା ମୁକାବିଲା ଏବଂ ଏହାର ପରବର୍ତ୍ତୀ ସ୍ଥିତିକୁ କିପରି ସାମ୍ନା କରିବାକୁ ହେବ ତାହା ଉପରେ ସ୍ପଷ୍ଟ ମତ ରଖିଛନ୍ତି।

ସୋମବାର ବଳିଆପଣ୍ଡାସ୍ଥିତ ବାସଭବନରେ ଗଣମାଧ୍ୟମକୁ ସୂଚନା ଦେଇ ଆଶୁତୋଷ କହିଛନ୍ତି, ବର୍ତ୍ତମାନ ସମଗ୍ର ବିଶ୍ୱକୁ ମହାମାରୀ କରୋନା ଆତଙ୍କିତ କରିଛି। କିନ୍ତୁ କରୋନାକୁ ଭୟ କରି ସମ୍ପୂର୍ଣ୍ଣ ଭାବେ ଘରେ ବସିଲେ ହେବ ନାହିଁ। କିପରି ଆଗକୁ ବଢ଼ିବାକୁ ହେବ ସେଥିପ୍ରତି ଧ୍ୟାନ ଦେବାକୁ ପଡ଼ିବ। ଏହା ଉପରେ ଜାତିସଂଘ ଫୋକସ ରଖିଛି। ବିଶେଷକରି ଯୁବପୀଢ଼ିଙ୍କୁ ସଶକ୍ତ କରିବା ଉପରେ ଜାତିସଂଘ ଗୁରୁତ୍ୱ ଦେଇଆସୁଛି। କାରଣ ବିଶ୍ୱର ଆଧାର ବା ମୂଳ ହେଉଛନ୍ତି ଯୁବପିଢ଼ି। ମୂଳକୁ ହିଁ ଆମକୁ ସଶକ୍ତ କରିବାକୁ ପଡ଼ିବ। ଯୁବପିଢ଼ିଙ୍କୁ ସଶକ୍ତ କରିବା ପାଇଁ ଜାତିସଂଘ ତାଙ୍କ ଭଳି ଗୁଡ୍‌ୱିଲ ଆମ୍ବାସାଡ଼ରଙ୍କୁ ନିଯୁକ୍ତି ଦେଇଥାଏ।

ମିଳିତ ଜାତିସଂଘ ଏବଂ ସରକାର ସର୍ବଦା ସେମାନଙ୍କ ପାଇଁ ରହିଛନ୍ତି ବୋଲି ଯୁବପିଢ଼ିଙ୍କୁ ସଚେତନ କରିବା ହେଉଛି ଗୁଡ୍‌ୱିଲ ୟୁଥ୍ ଆମ୍ବାସାଡରଙ୍କ ମୁଖ୍ୟ କାମ। ତେବେ ଯୁବବର୍ଗ ସଶକ୍ତ ହେବାକୁ ହେଲେ ଶିକ୍ଷା ସବୁଠୁ ଗୁରୁତ୍ୱପୂର୍ଣ୍ଣ। ଏହାକୁ ସବୁ ଦେଶ ଅନୁସରଣ କରିବା ଦରକାର। ମାତ୍ର ବିଶ୍ୱବ୍ୟାପୀ ଅନେକ ଯୁବତୀ ଯୁବକ ଅଛନ୍ତି ଯେଉଁମାନଙ୍କ ପାଖରେ ଏବେ ବି ଶିକ୍ଷା ଅପହଞ୍ଚ। ଅର୍ଥାତ୍ ପାଠ ପଢ଼ିବା ଲାଗି ସେମାନଙ୍କୁ ସୁଯୋଗ ମିଳୁନାହିଁ। ଓଡ଼ିଶାରେ ବି ଏମିତି ଉଦାହରଣ ରହିଛି। କିନ୍ତୁ ସମସ୍ତଙ୍କ ପାଇଁ ଶିକ୍ଷା କ୍ଷେତ୍ରରେ ରାଜ୍ୟ ସରକାରଙ୍କ ପ୍ରଚେଷ୍ଟା ପ୍ରଶଂସନୀୟ। ଶିକ୍ଷା ଏକ ଅଧିକାର। ଏଭଳି ମାନସିକତା ସମସ୍ତଙ୍କର ରହିବା ଦରକାର। ସାମ୍ପ୍ରତିକ ସ୍ଥିତିରେ କରୋନା ଅନେକଙ୍କୁ ମାନସିକ ଅବସାଦଗ୍ରସ୍ତ କରିଦେଇଛି। କିନ୍ତୁ ଏଥିରେ ଭାଙ୍ଗି ନ ପଡ଼ି ନିଜକୁ ଧୈର୍ଯ୍ୟ ଧରିବାକୁ ହେବ। ଜୀବନରେ ଆଗକୁ କିପରି ବଢ଼ି ହେବ ସେ ନିଷ୍ପତ୍ତି ନିଜେ ହିଁ ନେବାକୁ ପଡ଼ିବ। ଏଭଳି ସ୍ଥିତିରେ ମିଳିତ ଜାତିସଂଘ ଆଗକୁ ବଢ଼ିବାକୁ ପ୍ରେରଣା ଦେଇଥାଏ। ସେହିପରି କରୋନା ସମ୍ପର୍କରେ ଆଶୁତୋଷ କହିଥିଲେ, ଏହା ଗୋଟିଏ ମହାମାରୀ ନୁହେଁ। ବିଗତ ଦିନରେ ଏମିତି ଅନେକ ମହାମାରୀକୁ ମଣିଷ ସାମ୍ନା କରିଛି। ଆଜି କରୋନା ଅଛି ଆଗାମୀ ଦିନରେ ଆଉ ଏହିଭଳି କୌଣସି ରୋଗ ଆସିବ। ତେଣୁ ମଣିଷକୁ ଏଭଳି ପରିସ୍ଥିତି ସହ ଲଢେଇ କରି ବଞ୍ଚିବାକୁ ପଡ଼ିବ। ପଛକୁ ନ ଚାହିଁ ଆଗକୁ ହିଁ ଯିବାକୁ ହେବ। ଓଡ଼ିଶା ପାଇଁ ଅନେକ କିଛି ସ୍ୱପ୍ନ ଦେଖିଥିବା ଆଶୁତୋଷ ଦୁବାଇରେ ରହୁଥିଲେ ବି ତାଙ୍କ ମନ ଓ ହୃଦୟ ସବୁବେଳେ ଓଡ଼ିଶା ସହିତ ରହିଛି। ଜଣେ ଓଡ଼ିଆ ଭାବେ ସେ ନିଜକୁ ଗର୍ବ ଅନୁଭବ କରନ୍ତି। ଓଡ଼ିଶାର ଯୁବପିଢ଼ି କେବେ ମନରେ ହତାଶା ଭାବ ନ ରଖି ସବୁବେଳେ ଆଗକୁ ବଢ଼ିବାର ପ୍ରୟାସ ଜାରି ରଖନ୍ତୁ, ଦିନେ ନା ଦିନେ ସଫଳତା ପାଦ ଛୁଇଁବ ବୋଲି ଆଶୁତୋଷ କହିଛନ୍ତି।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ନଅ ତିଅଣ ଛ' ଭଜା**
**ପଖାଳ ସାଙ୍ଗକୁ କର ମଜା।**

ଭୋଜନର ମଜା। ବିଭିନ୍ନ ପ୍ରକାରର ସ୍ୱାଦିଷ୍ଟ ବ୍ୟଞ୍ଜନ ପରଷା ଯାଇଥିଲେ ପଖାଳ ଖାଇବାର ମଜା ଦ୍ୱିଗୁଣିତ ହୋଇଯାଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ନ ବରଷେ କଳା ମେଘ**
**ବରଷେ ଧୂଳିଆ।**
**ନ ପୋଷଇ ଗୋରା ପୁଅ**
**ପୋଷଇ କାଳିଆ।**

ସବୁ ବାଦଲ ବରଷି ନ ଥାଏ। ଧୂଳିଆ ବର୍ଷା ହୁଏ। ପରୋକ୍ଷରେ କୁହାଳିଆ ଲୋକ କାମକୁ ନୁହେଁ, କେବଳ ବାହାଦୁରି ମାତ୍ର ସାର ହୋଇଥାଏ। ସେହିପରି ବଡ଼ବଡ଼ିଆ କିଛି କରନ୍ତି ନାହିଁ। ଧନୀପୁଅ ପଇସା ହୋଇଗଲେ ବଡ଼ଲୋକୀ ଦେଖେଇ ଦୂରେଇ ଯାଆନ୍ତି। ଅଭାବ ଅନଟନରେ ରହୁଥିବା ମଳିମୁଣ୍ଡିଆ ପୁଅ ହିଁ ସାହାଭରସା ଯୋଗେଇ ଦେଉଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ**


## classifieds Everyday 0674-2580101, 2549302





**SALE**

VSS Nagar ହାଟଠାରୁ 50mtr ଦୂରତାରେ BDA road ଥାଇ ଘରବାରି ପ୍ଲଟ୍ sqft. 2500/- ରେ କିଣନ୍ତୁ। 7788888879, 9439006530. D-69137

Bhubaneswar-Khordha NH side ରେ boundary wall road ସହିତ plot ମିଳୁଅଛି। 6372852525. D-69124

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. 2,20,000/- outright. 9348232008, 6371569855. D-69131

Infocity-2 ପାଖରେ 200ft. ରୋଡ୍‌କୁ ଲାଗି ପାଚେରି ହୋଇ ପ୍ଲଟ୍ ବିକ୍ରି କରାଯାଉଛି। 9439864322. D-69138

ପୁରୀ ବାଟମଙ୍ଗଳା ମନ୍ଦିରଠାରୁ ଅଠରନଳା ମଝିରେ ମେନ୍‌ରୋଡ୍‌ରୁ 200 ମିଟର ଦୂରରେ 2 ମହଲା ଘର ବିକ୍ରୟହେବ। ସମ୍ପୂର୍ଣ୍ଣ ବିବରଣୀ ପାଇଁ ଯୋଗାଯୋଗ କରନ୍ତୁ। 9438109040, 8144658008. D-17873





Get refreshment body massage by expert therapist contact for. 9556978408. D-69705

Newly open SPA Centre full body massage Bamikhal, Bhubaneswar. 7205187702. D-59955

Herbal full body massage by smart / expert therapist. Contact: 8338067247. D-69713

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


## ପ୍ରଥମ ପୃଷ୍ଠାରୁ...

### ଖାଦ୍ୟ ସଙ୍କଟ...

ସବୁଜ ଚାଷ ଏକ ଭଲ ପ୍ରୟାସ। ସମ୍ପୂର୍ଣ୍ଣ ତଥ୍ୟ ମିଳିବା ପରେ ଏ ନେଇ ପଦକ୍ଷେପ ନିଆଯିବ ବୋଲି ଗର୍ଗ କହିଛନ୍ତି। ସମ୍ପ୍ରତି ଗ୍ରୀନ ହାଉସ ଗ୍ୟାସ ବୃଦ୍ଧି ପରିବେଶ ପାଇଁ ବିପଦ ସାଜିଛି। କଳକାରଖାନାଠାରୁ ଆରମ୍ଭ କରି ଯାନବାହନ, ସହରାଞ୍ଚଳ, କୃଷି କ୍ଷେତ୍ର ଆଦିରୁ ବାହାରୁଥିବା ବିଷାକ୍ତ ଗ୍ୟାସ ପରିବେଶକୁ ଦୁର୍ବଳ କରିବାରେ ଲାଗିଛି। ସମଗ୍ର ବିଶ୍ୱ ପାଇଁ ପରିବେଶ ପ୍ରଦୂଷଣ ବଡ ଚିନ୍ତାର କାରଣ ହୋଇଛି। ଏକ ଅଧ୍ୟୟନରୁ ଜଣାଯାଇଛି ଯେ, କୃଷି କ୍ଷେତ୍ରରୁ ବାର୍ଷିକ ପ୍ରାୟ ୬ ନିୟୁତ ଟନ ଗ୍ରୀନ ହାଉସ ଗ୍ୟାସ ନିର୍ଗତ ହୋଇଥାଏ। ମୁଖ୍ୟତଃ ରାସାୟନିକ ସାର, ଜୈବିକ ସାର, ଜଙ୍ଗଲ ନଷ୍ଟ ଏବଂ ମୃତ୍ତିକା କ୍ଷୟ ଆଦିରୁ ଗ୍ରୀନ ହାଉସ ଗ୍ୟାସ୍ ବୃଦ୍ଧି ପାଉଛି। ୧୯୯୦ରୁ ୨୦୧୦ ମଧ୍ୟରେ କୃଷି କ୍ଷେତ୍ରରୁ ବାହାରୁଥିବା ଗ୍ରୀନ୍ ହାଉସ ଗ୍ୟାସ ୮ ପ୍ରତିଶତ ବୃଦ୍ଧି ଘଟିଛି। ୨୦୨୦ରୁ ୨୦୩୦ ମଧ୍ୟରେ ଏହା ୧୫ ପ୍ରତିଶତ ଅର୍ଥାତ ବାର୍ଷିକ ୭ ନିୟୁତ ଟନ୍ ଉତ୍ପନ୍ନ ହେବ ବୋଲି ବିଶେଷଜ୍ଞ ମହଲ୍‌ରେ ଆକଳନ କରାଯାଇଛି।

### ବଜ୍ରପାତ ନେଲା...

କରିଥିବା ବେଳେ ଗୁରୁତର ଥିବା ଭଉଣୀଭିଣୋଇଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ନୀଳଗିରି ବ୍ଲକ ବରହମ୍ପୁର ଥାନା ଆରବନ୍ଧ ଗ୍ରାମର ନିତ୍ୟାନନ୍ଦ ବିଶ୍ୱାଳ ନାମକ ଚାଷୀ ବିଲରେ ସାର ପକାଉଥିବାବେଳେ ବଜ୍ରପାତର ଶିକାର ହୋଇଥିଲେ। ଘଟଣାସ୍ଥଳରେ ସେ ଚେତାଶୂନ୍ୟ ହୋଇପଡିଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାରକରି ବରହମ୍ପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଯାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ନୀଳଗିରି ଉପଖଣ୍ଡ ଚିକିତ୍ସାଳୟରେ ଶବ ବ୍ୟବଚ୍ଛେଦ କରାଯାଇଛି। ଭଦ୍ରକ ଜିଲା ତିହିଡ଼ି ବ୍ଲକ ଗୋବିନ୍ଦପୁର ପଞ୍ଚାୟତ ପଇଡିପୁର ଗାଁରେ ବଜ୍ରପାତ ହୋଇ ଆନନ୍ଦ ଚନ୍ଦ୍ର ଦାସ ନାମକ ଚାଷୀଙ୍କ ମୃତ୍ୟୁ ହୋଇଛି। ସେ ବିଲକୁ ପାଣି ମଡ଼ାଇବାକୁ ଯାଇଥିବା ବେଳେ ବଜ୍ରପାତର ଶିକାର ହୋଇଥିଲେ। ପରିବାର ଲୋକେ ତାଙ୍କୁ ଚିକିତ୍ସା ପାଇଁ ତିହିଡ଼ି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଚାନ୍ଦବାଲି ଏନ୍‌ଏସି ଅଧୀନ ଗଜିଗିରି ଗାଁର ମଥୁରା ଦାସ ନାମକ ଚାଷୀ ବିଲରେ କାମ କରୁଥିବା ବେଳେ ବଜ୍ରପାତରେ ପ୍ରାଣ ହରାଇଛନ୍ତି। ଚାନ୍ଦବାଲି ବ୍ଲକ ଶାସ୍ତ୍ରୀଘାଟ ଅଞ୍ଚଳକୁ କାଠ କିଣିବାକୁ ଆସିଥିବା ରମାକାନ୍ତ ବେଜ ନାମକ ଜଣେ ବ୍ୟକ୍ତି ବଜ୍ରପାତରେ ମୃତ୍ୟୁବରଣ କରିଛନ୍ତି। ତାଙ୍କ ଘର କେନ୍ଦ୍ରାପଡା ଜିଲା ରାଜକନିକା ବ୍ଲକରେ। ସେହିପରି କେନ୍ଦୁଝର ଜିଲା ଚମ୍ପୁଆ ବ୍ଲକ ସୁନାପଶି ପଞ୍ଚାୟତ ଅଧୀନ ଗିରିଧାରୀପୁର ଗ୍ରାମରେ ବଜ୍ରପାତ ହୋଇ ଚନ୍ଦ୍ରମୋହନ ମୁଣ୍ଡ ନାମକ ବ୍ୟକ୍ତିଙ୍କର ମୃତ୍ୟୁ ଘଟିଛି। ବର୍ଷା ସମୟରେ ସେ ବାହାରେ ଥିବା ଦୁଇଟି ବଳଦକୁ ଦେଖିବାକୁ ଯାଇଥିବା ବେଳେ ବଜ୍ରପାତ ହୋଇଥିଲା। ସେ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ଚମ୍ପୁଆ ଉପଖଣ୍ଡ ଡାକ୍ତରଖାନାକୁ ଅଣାଯାଇଥିଲା। ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ।

### ଓଡ଼ିଶା ପର୍ଯ୍ୟଟନକୁ...

କେନ୍ଦୁଝର, ଗଜପତି ଓ କୋରାପୁଟ ଭଳି ଜିଲା ବର୍ଷାଦିନେ ରୋଡ୍ ଟ୍ରିପ୍ ପାଇଁ ସବୁଠାରୁ ଉତ୍କୃଷ୍ଟ ସ୍ଥାନ ହୋଇଥିବାରୁ ଏହାର ଅଧିକ ପ୍ରଚାର ପ୍ରସାର କରାଯିବ। ରେଣ୍ଟାଲ୍ କାର୍ ବା ନିଜସ୍ୱ ଗାଡ଼ି ମାଧ୍ୟମରେ ଯେପରି ପର୍ଯ୍ୟଟକମାନେ ଆସିପାରିବେ ସେଥିଲାଗି ସମସ୍ତ ବ୍ୟବସ୍ଥା କରାଯିବ। ଭ୍ରମଣକୁ ଭଲପାଉଥିବା ଲୋକେ କରୋନା ପାଇଁ ଲକ୍‌ଡାଉନରେ ରହିଥିବାରୁ ଏବେ ସେମାନେ ବାହାରକୁ ଯିବାକୁ ଚାହୁଁଛନ୍ତି। ମାତ୍ର ସାଧାରଣ ପରିବହନ ବ୍ୟବସ୍ଥା ଏକ ପ୍ରକାର ବନ୍ଦ ଥିବାରୁ ପର୍ଯ୍ୟଟକମାନେ ସଡକ ପଥରେ ସୁରକ୍ଷିତ ଯାତ୍ରା କରିବାକୁ ଉଚିତ୍ ମଣିବେ। ଏଭଳିସ୍ଥଳେ ଓଡ଼ିଶାର ଉତ୍ତମ ଓ ସୁଦୀର୍ଘ ସଡକପଥ ଓ ଏହାର ଦୁଇ ପାର୍ଶ୍ୱରେ ଥିବା ସବୁଜିମା ତଥା ପ୍ରାକୃତିକ ସୌନ୍ଦର୍ଯ୍ୟ ସେମାନଙ୍କୁ ଆକୃଷ୍ଟ କରିପାରିବ। ସେହିଭଳି ରାଜ୍ୟର ୨୦ଟି ଅଭୟାରଣ୍ୟ ପାର୍ଶ୍ୱରେ ଥିବା ସବୁଜିମା ପରିବେଶ ସହିତ ମହାନଦୀ, ବାହ୍ମଣୀ ଏବଂ ବୈତରଣୀର ଅବବାହିକା ପର୍ଯ୍ୟଟକଙ୍କୁ ନୂତନ ଅନୁଭୂତି ପ୍ରଦାନ କରିବ ବୋଲି ଟୁର୍ ଅପରେଟର୍‌ମାନେ ଆଶାବ୍ୟକ୍ତ କରିଛନ୍ତି। ଏଥିଲାଗି ରାଜ୍ୟ ପର୍ଯ୍ୟଟନ ବିଭାଗ ପର୍ଯ୍ୟାୟକ୍ରମେ ଟ୍ରାଭେଲ ବିଶେଷଜ୍ଞ, ବରିଷ୍ଠ ଅଧିକାରୀ ଓ ଟୁର୍ ଅପରେଟରଙ୍କ ସହିତ ଆଲୋଚନା କରୁଥିବା ଜଣାପଡ଼ିଛି। ଏହି ନୂତନ ଯୋଜନା ସମ୍ପର୍କରେ ବିଭାଗ ନିଜ ୱେବ୍‌ସାଇଟ୍ ସହ ସୋସିଆଲ ମିଡ଼ିଆ ସାଇଟ୍‌ରେ ପ୍ରଚାର କରିବ। ସେହିଭଳି ବ୍ଲଗିଂ ମାଧ୍ୟମରେ ଏହାର ପ୍ରମୋଶନ କରାଯିବ। ସ୍ୱତନ୍ତ୍ର ବ୍ରୋଚରରେ ରୋଡ୍ ସାଇଡ୍ ବା ୱେ ସାଇଡ୍ ଆମେନିଟିଜ୍, ହୋଟେଲ, ରେଷ୍ଟୁରାଣ୍ଟ, ଢାବା, ପେଟ୍ରୋଲ ପମ୍ପ, ଶୌଚାଳୟ, ଗ୍ୟାରେଜ, ହସ୍ପିଟାଲ, ପୋଲିସ ଷ୍ଟେଶନ ଆଦି ସମ୍ପର୍କରେ ଉଲ୍ଲେଖ କରାଯିବ। ପର୍ଯ୍ୟଟକଙ୍କ ପାଇଁ କୋଭିଡ୍ ମାର୍ଗଦର୍ଶିକା ମଧ୍ୟ ଏଥିରେ ଉପଲବ୍ଧ ରହିବ। ଏହାଦ୍ୱାରା ରାଜ୍ୟର ପର୍ଯ୍ୟଟନ ଶିଳ୍ପକୁ କିଛିମାତ୍ରାରେ ଛିଡ଼ା କରାଯାଇପାରିବ ବୋଲି ଆଶା କରାଯାଉଛି।

### ଜିମ୍, ଯୋଗାଭ୍ୟାସ...

ରଖିବାକୁ ନିର୍ଦ୍ଦେଶ ରହିଛି। ୬୫ବର୍ଷରୁ ଊର୍ଦ୍ଧ୍ୱ ବ୍ୟକ୍ତି, ଗର୍ଭବତୀ ଏବଂ ୧୦ବର୍ଷରୁ କମ୍ ପିଲାଙ୍କୁ ଯୋଗ କେନ୍ଦ୍ର କିମ୍ବା ଜିମ୍ ଆସିବାକୁ ବାରଣ କରାଯାଇଛି। ଜିମ୍ ଉପକରଣ ବ୍ୟବହାର ପୂର୍ବରୁ ହାତକୁ ସାନିଟାଇଜ୍ କରିବା ଆବଶ୍ୟକ। ଜିମ୍ ପରିସର ମଧ୍ୟରେ ଛେପ ପକାଇବାକୁ ବାରଣ କରାଯାଇଛି। ଏହାର ଉଲ୍ଲଂଘନ କଲେ ଜରିମାନା ଦେବାକୁ ପଡ଼ିବ। ଜିମ୍‌କୁ ଆସୁଥିବା ଲୋକଙ୍କ ତାଲିକା ପ୍ରସ୍ତୁତ କରି ଏକକାଳୀନ ଗହଳି ନ କରି କମ୍ ସଂଖ୍ୟାରେ ପର୍ଯ୍ୟାୟକ୍ରମେ ଆସିବାକୁ ଅନୁମତି ଦିଆଯିବ। ଜିମ୍‌କୁ ଆସିବା ପୂର୍ବରୁ ସମସ୍ତ ବ୍ୟକ୍ତି, କର୍ମଚାରୀ, ପ୍ରଶିକ୍ଷକ ଏବଂ ଦର୍ଶକମାନେ ଆରୋଗ୍ୟ ସେତୁ ଆପ୍ ଡାଉନ୍‌ଲୋଡ୍ କରିବେ। ପ୍ରବେଶ ପଥରେ ଉପଯୁକ୍ତ ସାନିଟାଇଜ୍ ବ୍ୟବସ୍ଥା ଗ୍ରହଣ କରିବାକୁ ପଡ଼ିବ। ଚପଲକୁ ଜିମ୍ ପ୍ରବେଶପଥ ବାହାରେ ରଖିବାକୁ କୁହାଯାଇଛି। ସର୍ବୋପରି ଜିମ୍ ସଂସ୍ଥାର କର୍ମଚାରୀ ସମସ୍ତ ଉପକରଣକୁ ପରିଷ୍କାର ରଖିବା ସହ ସମୟ ବ୍ୟବଧାନରେ ଏହାକୁ ସାନିଟାଇଜ୍ କରିବାକୁ ବାଧ୍ୟତାମୂଳକ କରାଯାଇଛି।

### ରାମମନ୍ଦିର...

ଶେଷକୃତ୍ୟ ସମ୍ପନ୍ନ କରିଥିବା ପଦ୍ମଶ୍ରୀ ମହମ୍ମଦ ଶରିଫ୍‌ଙ୍କୁ ମଧ୍ୟ ଉତ୍ସବକୁ ନିମନ୍ତ୍ରଣ କରାଯାଇଛି। ତେବେ ରାମମନ୍ଦିର ଆନ୍ଦୋଳନର ପ୍ରମୁଖ ନେତା ଲାଲକୃଷ୍ଣ ଆଡଭାନୀ, ମୁରଲୀ ମନୋହର ଜୋଷୀ ଏବଂ ଉମା ଭାରତୀ ଉତ୍ସବରେ ଯୋଗଦେବେ ନାହିଁ। ଆଡଭାନୀ, ଜୋଷୀଙ୍କୁ ଫୋନ୍ ଯୋଗେ ନିମନ୍ତ୍ରଣ କରାଯାଇଥିବା କୁହାଯାଉଥିଲାବେଳେ ମହାମାରୀ କାରଣରୁ ଉମା ଭାରତୀ କାର୍ଯ୍ୟକ୍ରମରେ ଯୋଗଦେବାକୁ ମନା କରିଦେଇଛନ୍ତି। ସୋମବାର ଗୌରୀ ଗଣେଶ ପୂଜାରୁ ରାମମନ୍ଦିର ଭୂମିପୂଜା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ୩ ଦିନ ପୂଜାପାଠ ସହ ହିନ୍ଦୁ ରୀତିନୀତିରେ ବିଭିନ୍ନ କାର୍ଯ୍ୟକ୍ରମ କରାଯିବ। ପୂର୍ବାହ୍ନ ୮ଟାରୁ ୧୧ ପୁରୋହିତଙ୍କ ମନ୍ତ୍ର ଉଚ୍ଚାରଣ ସହ ପୂଜା ଆରମ୍ଭ ହୋଇଛି। ବିଭିନ୍ନ ମନ୍ଦିରରେ ମନ୍ତ୍ର, ଆରତି ଓ ରାମାୟଣ ପାଠ କରାଯାଇଛି। ମୁଖ୍ୟମନ୍ତ୍ରୀ ଆଦିତ୍ୟନାଥ ସୋମବାର ଅଯୋଧ୍ୟା ଗସ୍ତକରି ପ୍ରସ୍ତୁତି କାର୍ଯ୍ୟର ସମୀକ୍ଷା କରିଥିଲେ। ପ୍ରଧାନମନ୍ତ୍ରୀଙ୍କ ଗସ୍ତ ପୂର୍ବରୁ ହନୁମାନଗଡ଼ି ମନ୍ଦିରକୁ ସାନିଟାଇଜ୍ କରାଯାଇଛି। ପ୍ରସ୍ତୁତିକୁ ନେଇ ମୁଖ୍ୟମନ୍ତ୍ରୀ ଖୁସି ଜାହିର କରିବା ସହ ଟୁଇଟରରେ ଭକ୍ତମାନଙ୍କୁ ଘରେ ରହି ଦୀପ ଜାଳିବାକୁ ପରାମର୍ଶ ଦେଇଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ଆଜି ବନ୍ଧୁଙ୍କ ସାହାଯ୍ୟ ଓ ସହଯୋଗ ପାଇ ସ୍ଥଗିତ କାମକୁ ତ୍ୱରାନ୍ୱିତ କରିବେ। ଆର୍ଥିକ ସ୍ୱଚ୍ଛଳତା ଫେରି ପାଇବେ ଏବଂ କାର୍ଯ୍ୟସିଦ୍ଧି ହେବ। କର୍ମକ୍ଷେତ୍ରରେ ଏକାଧିକ କାମ ହାତକୁ ନେଇ ବ୍ୟସ୍ତ ବିବ୍ରତ ହୋଇପାରନ୍ତି। ପାରିବାରିକ କ୍ଷେତ୍ରରେ ସାମାନ୍ୟ ଅସୁବିଧା ଥିବାର ଅନୁଭବ କରିବେ।

**ବୃଷ**
ଆଜି ଯାହାକୁ ଯାହା କହିବେ ସେହିବ୍ୟକ୍ତି କଦାପି ମନା କରିବନାହିଁ। ବିଭିନ୍ନ ଦିଗରୁ ପ୍ରଶଂସା ଓ ପ୍ରୋତ୍ସାହନ ପାଇ ମନୋବଳ ବୃଦ୍ଧି ପାଇବ। ଆନୁଷ୍ଠାନିକ କ୍ଷେତ୍ରରେ ମଧ୍ୟାହ୍ନରେ ଟେନସନ୍ ଦୂର ହେବ। କଚେରି ମାମଲାର ଶୁଣାଣି ବିଳମ୍ବରେ ଘଟିବ।

**ମିଥୁନ**
ସ୍ୱାସ୍ଥ୍ୟ ଭଲ ରହିଲେ ମଧ୍ୟ ମାନସିକ ସ୍ଥିତି ସେତେଟା ଭଲ ରହି ନ ପାରେ। କର୍ମକ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବଢ଼ିପାରେ। ଅତୀତ ଘଟଣାକୁ କେନ୍ଦ୍ରକରି ବିବାଦୀୟ ପରିସ୍ଥିତି ସୃଷ୍ଟି ହେବାର ଆଶଙ୍କା ରହିଛି। ସରକାରୀ କ୍ଷେତ୍ରରୁ ଋଣସୂତ୍ରରେ ଅର୍ଥଲାଭର ଆଶା ରହିଛି।

**କର୍କଟ**
ବିଭିନ୍ନ ସମସ୍ୟା ବିଷୟ ଚିନ୍ତାକରି ଆଜିର ମାନସିକ ସ୍ଥିତି ସେତେଟା ଭଲ ରହିବ ନାହିଁ। ଅଶ୍ଳେଷା ନୀଚ ସଂସର୍ଗରୁ ଦୂରେଇ ରହିବା ଭଲ, ଅନ୍ୟଥା ସମାଲୋଚିତ ହେବାକୁ ପଡିପାରେ। ଆର୍ଥିକ ଦିଗଟି ଭଲ ରହିବ, କିନ୍ତୁ ବାକି ଥିବା ଟଙ୍କା ଫେରିପାଇବେ ନାହିଁ। ନୂତନ ଯୋଜନା ପାଇଁ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ।

**ସିଂହ**
ଆଜି ହଠାତ୍ କୌଣସି ନୂତନ ଯୋଜନା ଆରମ୍ଭ କରିପାରନ୍ତି। କିନ୍ତୁ ସହକର୍ମୀଙ୍କ ସହଯୋଗ ଅଭାବରୁ ତାହା ମଉଳି ଯିବାକୁ ବସିପାରେ। କର୍ମକ୍ଷେତ୍ରରେ ଅବହେଳା କାରଣରୁ ସୁଯୋଗ ହାତଛଡା ହୋଇପାରେ। ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ନ ଦେଲେ ପରେ ବହୁତ ଅନୁତାପ କରିବାକୁ ପଡିପାରେ।

**କନ୍ୟା**
ନିଜର ସନ୍ଦେହୀ ମନୋଭାବ ହେତୁ କେତେକ ଅନାକାଂକ୍ଷିତ ସମସ୍ୟା ଦେଖାଦେବ। ଆପଣ ଅନ୍ୟମନସ୍କ ରହି ନୀରବତା ଅବଲମ୍ବନ କରିବା ଦ୍ୱାରା ଆପଣଙ୍କ ସକାଶେ ତାହା ଚିନ୍ତାର କାରଣ ହୋଇପାରେ। ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭ କରିପାରନ୍ତି।

**ତୁଳା**
କେତେକ ଅପୂରଣୀୟ ଆଶା ମନରେ ଆଲୋଡନ ସୃଷ୍ଟି କରିବ। କୌଣସି ବିବାଦୀୟ କ୍ଷେତ୍ରରେ ବନ୍ଧୁ ମାନଙ୍କ ଭିତରେ ମାନମନାନ୍ତର ଦେଖାଦେଇପାରେ। କଳା, ସାହିତ୍ୟ, ସାମ୍ବାଦିକତା, ରାଜନୀତି ଓ ଅର୍ଥନୀତି କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିବେ। ପାରିବାରିକ କ୍ଷେତ୍ରରେ କୌଣସି ଘଟଣା ମନକୁ ବିବ୍ରତ କରିପାରେ।

**ବିଛା**
ପରୋକ୍ଷଶତ୍ରୁତା କରୁଥିବା ବ୍ୟକ୍ତିଟି ଆଗରେ ନିଜର ଭଳି ଅଭିନୟ କରି ପଛରେ ବିଭିନ୍ନ ପ୍ରକାରର କଥା କହିବେ। ପରିବାରରେ ଆପୋଷ ଆଲୋଚନା ଦ୍ୱାରା ଘରୋଇ ସମସ୍ୟାର ସରଳ ସମାଧାନ ହୋଇଯିବ। ଯନ୍ତ୍ରଣା ତୀବ୍ର ହେବ କିନ୍ତୁ କିଛି କ୍ଷଣ ପରେ ଉପଶମ ହେବାର ଆଶା ରହିଛି।

**ଧନୁ**
ବନ୍ଧୁଙ୍କ ମାଧ୍ୟମରେ ଦୀର୍ଘ ଦିନରୁ ପ୍ରତୀକ୍ଷା କରିଥିବା କୌଣସି ଖବର ପାଇ ଖୁସି ହେବେ। ଶିଳ୍ପ,ପରିବହନ ଓ ବାଣିଜ୍ୟରେ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବଢ଼ିପାରେ। ନିଜର ପ୍ରତିବେଶୀଙ୍କ ସହ ସଂପର୍କ ଯୋଡିବା ସକାଶେ ଆପ୍ରାଣ ଚେଷ୍ଟା କରିବ। ପରିଜନଙ୍କ ସହ ଭ୍ରମଣ ସୁଯୋଗ ପାଇ ସାମୟିକ ଭାବରେ ଖୁସୀ ହେବେ।

**ମକର**
ମନ ବୁଝିଲା ଭଳି କିଛି ପ୍ରତିଶ୍ରୁତି ଦେଇ କାମ ହାସଲ କରିବେ। କୌଣସି ପ୍ରତୀକ୍ଷିତ ଖବରଟି ପଡୋଶୀଙ୍କଠାରୁ ପାଇ ଖୁସି ହେବେ। ଭୁଲ୍ ବୁଝାମଣା କାରଣରୁ ପରିବାରରେ ମାନସିକ ଅଶାନ୍ତି ଦେଖା ଦେଇପାରେ। ଶ୍ରବଣା ସାମାଜିକ ସ୍ତରରେ ଛୋଟ ଘଟଣା ପ୍ରତି ଗୁରୁତ୍ୱ ଦିଅନ୍ତୁ ନାହିଁ।

**କୁମ୍ଭ**
କର୍ମକ୍ଷେତ୍ରରେ ଅଧସ୍ତନ କର୍ମଚାରୀମାନଙ୍କୁ ସନ୍ତୁଷ୍ଟ କରିବାକୁ ଯାଇ ଆପଣଙ୍କୁ ବହୁତ କଷ୍ଟ ସ୍ୱୀକାର କରିବାକୁ ପଡିବ। ଆଜି ଦିନଟିରେ ବାଣିଜ୍ୟ ଓ ବ୍ୟବସାୟିକ ସଫଳତା ମିଳିବ। ନିକଟ ସମ୍ପର୍କୀୟ ମାନଙ୍କ ପକ୍ଷପାତିତାକୁ ନାପସନ୍ଦ କରିବେ। ସମ୍ପର୍କୀୟ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେଇ ଆଶା ପୂରଣ କରିବେ।

**ମୀନ**
କର୍ମକ୍ଷେତ୍ରରେ ତରବରିଆ ପଦକ୍ଷେପ ନେବା ଠିକ୍ ହେବ ନାହିଁ। ପରିବାରରେ ଶୁଣାକଥାକୁ ବିଶ୍ୱାସ କରି କୌଣସି କାମ କଲେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ବନ୍ଧୁଙ୍କ ଖାପଛଡା କଥା ଓ ବେଖାତିର ମନୋଭାବ ଯୋଗୁଁ ଚିନ୍ତାପ୍ରକଟ କରିବେ। ନିଜର କାର୍ଯ୍ୟ ଦକ୍ଷତା ହେତୁ ବନ୍ଧୁମାନଙ୍କ ଗହଣରେ ପ୍ରଶଂସିତ ହେବେ।

ଆଜି ଶ୍ରୀମନ୍ଦିରରେ ଝୁଲଣଯାତ୍ରା ଶେଷ,ଓଡ଼ିଶାର ପ୍ରଥମ ମହିଳା ମୁଖ୍ୟମନ୍ତ୍ରୀ ସ୍ୱର୍ଗତା ଶ୍ରୀମତୀ ନନ୍ଦିନୀ ଶତପଥୀଙ୍କ ତିରୋଧାନ ଦିବସ, ଭାଦ୍ରବ କୃଷ୍ଣ ପ୍ରତିପଦା ମଙ୍ଗଳବାର, ଅଗଷ୍ଟ ୪ ତାରିଖ,ଦିବା ଘ.୦୮.୧୧ମି. ପରେ ଧନିଷ୍ଠା/ମକର, ମକର ରାଶିର ଘାତବାର, ପ୍ରତିପଦାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୮.୦୧ମି. ଗତେ ଘ.୧୦.୩୫ମି. ମଧ୍ୟେ, ଘ.୦୧.୦୯ମି. ଗତେ ଘ.୦୨.୫୨ମି. ମଧ୍ୟେ, ଘ.୦୩.୪୩ମି. ଗତେ ଘ.୦୫.୨୬ମି. ମଧ୍ୟେ, ସନ୍ଧ୍ୟା ଘ.୦୬.୧୮ମି. ଗତେ ଘ.୦୭.୦୨ମି.ମଧ୍ୟେ, ରାତ୍ରି ଘ.୦୯.୧୬ମି. ଗତେ ଘ.୧୧.୩୦ମି. ମଧ୍ୟେ, ଘ.୦୧.୪୪ମି. ଗତେ ଘ.୦୩.୧୩ମି. ମଧ୍ୟେ ଅମୃତବେଳା। ସକାଳ ଘ.୦୩.୦୫ମି. ଗତେ ଘ.୦୪.୪୧ମି. ମଧ୍ୟେ ରାହୁକାଳ।

## ସୂର୍ଯ୍ୟବଂଶୀ ମୟୂର ବିକାଶ ସଦର ଉପଜିଲାପାଳ

ସମ୍ବଲପୁର,୩।୮ (ବ୍ୟୁରୋ):ସମ୍ବଲପୁର ଜିଲା ସଦର ଉପଜିଲାପାଳ ଭାବେ ଆଇଏଏସ୍ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କୁ ନିଯୁକ୍ତ କରାଯାଇଛି । ରାଜ୍ୟ ସରକାରଙ୍କ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଏ ନେଇ ବିଜ୍ଞପ୍ତି ପ୍ରକାଶ ପାଇଛି । ସେ ଦ୍ୱିତୀୟ ପର୍ଯ୍ୟାୟ ତାଲିମ ପାଇଁ ନିଯୁକ୍ତ ହୋଇଛନ୍ତି । ଏ ନେଇ ଚିଠି ନଂ. ୧୬୬୯୨/୨୦ରେ ଜିଲାପାଳ କାର୍ଯ୍ୟାଳୟକୁ ସୂଚନା ଦିଆଯାଇଛି ।

## ସଂକ୍ଷେପରେ

### ସାପ କାମୁଡ଼ାରେ ଯୁବକ ମୃତ

ଜୁନାଗଡ଼,୩।୮ (ଡି.ଏନ୍.ଏ.): କଳାହାଣ୍ଡି ଜିଲା କଲମପୁର ବ୍ଲକ ମଣ୍ଡଳ ପଞ୍ଚାୟତ ଅନ୍ତର୍ଗତ ଖଣ୍ଡିଡଙ୍ଗରୀଗୁଡା ଗ୍ରାମରେ ରବିବାର ବିଳମ୍ବିତ ରାତିରେ ସାପ ଦଂଶନରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ରାମେଶ୍ୱର ବିହାରୀ(୪୮)। ରବିବାର ବିଳମ୍ବିତ ରାତିରେ ରାମେଶ୍ୱର ଶୋଇଥିବା ସମୟରେ ଏକ ବିଷଧର ସାପ ତାଙ୍କୁ ଚୋଟ୍ ମାରିଥିଲା । ପରିବାର ଲୋକେ ତାଙ୍କୁ ଜୁନାଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସୋମବାର ସକାଳେ ବ୍ୟବଚ୍ଛେଦ ପରେ ମୃତଦେହକୁ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି ।

### ଜୁଆ ଆଡ୍ଡାରୁ ୭ ଗିରଫ

ଜୁନାଗଡ,୩।୮ (ଡି.ଏନ୍.ଏ.): କଳାହାଣ୍ଡି ଜିଲା ଜୁନାଗଡ଼ ସହର ବଡପଡାରେ ଅବାଧ ଜୁଆ ଖେଳ ଚାଲିଛି । ରବିବାର ଅପରାହ୍ନରେ ସ୍ଥାନୀୟ ପୋଲିସ ଅତର୍କିତ ଚଢାଉ କରି ୭ଜଣଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ନଗଦ ୧୧ହଜାର ୨୭୦ଟଙ୍କା ଓ ତାସ୍ ଜବତ କରାଯାଇଛି। ଗିରଫ ବ୍ୟକ୍ତିମାନେ ହେଲେ ଜୁନାଗଡ଼ ସହର ବଡପଡାର କେଶବ କିଶୋର ଧଙ୍ଗଡା ମାଝି, ଘନଶ୍ୟାମ ତାଣ୍ଡି, ରଞ୍ଜନ ବାଗ, ଭବାନୀ ଲହଜଲ, ପୁଣ୍ୟବନ ବାଗ, ହିଙ୍ଗଲିବାହାଲି ପଡାର ରାଜ କିଶୋର କନ୍ଦପାନ ଓ ବୁଡିପଦର ଗ୍ରାମର ଘନଶ୍ୟାମ ମେହେର। ଏ ନେଇ ଜୁନାଗଡ ଥାନାରେ ଏକ ମାମଲା(ନଂ.୨୩୧/୨୦) ରୁଜୁ ହୋଇଛି। ଜୁନାଗଡ଼ ଥାନାଧିକାରୀ ଉତ୍ତମ କୁମାର ସାହୁଙ୍କ ନେତୃତ୍ୱରେ ଏହି ଚଢାଉ ହୋଇଥିଲା।

### ବୋଲେରୋ ଦୁର୍ଘଟଣାଗ୍ରସ୍ତ, ଦମ୍ପତି ମୃତ

କନ୍ଧମାଳ, ୩।୮ (ଡି.ଏନ.ଏ.): ବୌଦ୍ଧ ଜିଲା ମନମୁଣ୍ଡା ଥାନା ଅଧୀନ ୪୧ ନଂ ଜାତୀୟ ରାଜପଥରେ ସୋମବାର ସନ୍ଧ୍ୟାରେ ଏକ ଦୁର୍ଘଟଣା ଘଟିଛି। ଏଥିରେ ପଲସାଗୋରାର ସୂର୍ଯ୍ୟ ଦାସ(୫୫) ଓ ତାଙ୍କ ସ୍ତ୍ରୀ ଶୋଭାଗିନୀ ଦାସ(୫୦)ଙ୍କ ମୃତ୍ୟୁ ଘଟିଛି। କନ୍ଧମାଳ-ମନମୁଣ୍ଡା ରାଜ୍ୟ ରାଜପଥରେ ମୃତକଙ୍କ ପରିବାର ବୋଲେରୋ(ନଂ. ଓଡି୦୮ଏ ୧୪୫୬)ରେ ସୁବର୍ଣ୍ଣପୁର ଜିଲା ଖଲିଆପାଲିରୁ ଏକ ମୃତାହ କାମରେ ଯୋଗଦେଇ ଫେରୁଥିଲେ । ମନମୁଣ୍ଡାଠାରୁ ୧୪କିମି ଦୂର ଗୋପାଳମାଳ ପାଖରେ ଉକ୍ତ ଗାଡିଟି ଭାରସାମ୍ୟ ହରାଇ ରାସ୍ତାପାର୍ଶ୍ୱସ୍ଥ ଗଛରେ ପିଟି ହୋଇଯାଇଥିଲା। ଏହି ଦୁର୍ଘଟଣାରେ ଡ୍ରାଇଭର ଶଙ୍କର ମହାକୁଡ(୪୦) ଓ ମୃତ ସୂର୍ଯ୍ୟଙ୍କ ପୁଅ ରାଜେନ୍ଦ୍ର(୨୪)ଙ୍କ ଅବସ୍ଥା ସଙ୍କଟାପନ୍ନ ହୋଇଛି। ଉଭୟଙ୍କୁ ସୋନପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ମନମୁଣ୍ଡା ପୋଲିସ ଏକ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଛି। ସୋନପୁର ଜିଲା ଡାକ୍ତରଖାନାରେ ମୃତଦେହ ରଖାଯାଇଛି। ମଙ୍ଗଳବାର ବ୍ୟବଚ୍ଛେଦ କରାଯିବ ବୋଲି ପୋଲିସ କହିଛି।

### ମିଠା ପାଇଁ କରୋନା କଟକଣା ଉଲ୍ଲଂଘନ

ରାଉରକେଲା ଅଫିସ,୩।୮: ଗତ ୩୧ ମଧରାତ୍ରିରୁ ଲକ୍‌ଡାଉନ କଟକଣା କୋହଳ ପରେ ହାତରେ ଥିଲା ମାତ୍ର ୨ ଦିନ। ବହୁ ପୂର୍ବରୁ ବ୍ୟବସାୟୀମାନେ ରାଖୀ କିଣି ମହଜୁଦ ରଖିଥିଲେ। ମିଠା ବରାଦ ବି କରିଥିଲେ। ହେଲେ ପରିସ୍ଥିତି ଦେଖି ସମସ୍ତଙ୍କ ଆଶା ମଉଳି ଯାଇଥିଲା। ହେଲେ ସୋମବାର ରକ୍ଷା ବନ୍ଧନ ଦିନ ଷ୍ଟିଲସିଟିରେ ରାଖୀ ଓ ମିଠା ଦୋକାନରେ ନାହିଁ ନ ଥିବା ଭିଡ଼ ଦେଖିବାକୁ ମିଳିଥିଲା । ସହରରେ ସକାଳୁ ଗହଳି ବଢ଼ି ଯାଇଥିଲା । ଲୋକମାନେ ମିଠା ଓ ରାଖୀ କିଣିବା ସହିତ ସମ୍ପର୍କୀୟଙ୍କ ଘରକୁ ଯିବା ପାଇଁ ବାହାରି ଥିଲେ । ପରିସ୍ଥିତି ଏମିତି ହୋଇଥିଲା ଯେ କିଛି ସମୟ ପାଇଁ ସମସ୍ତେ କରୋନା କଟକଣାକୁ ଭୁଲି ଯାଇଥିଲେ। ତଥାପି କାରବାର ଭଲ ହୋଇଥିବାରୁ ବ୍ୟବସାୟୀଙ୍କୁ ଆଶ୍ୱସ୍ତ କରିଛି। ଅନ୍ୟପକ୍ଷେ କେତେକ ସ୍ଥାନରେ ମିଠାର ଅଭାବ ପଡିଥିବା ଦେଖିବାକୁ ମିଳିଥିଲା । କଟକ ଭୁବନେଶ୍ୱରକୁ ବସ ଚଳାଚଳ ବନ୍ଦ ଥିବାରୁ ବ୍ୟବସାୟୀମାନେ ବାହାରୁ ମିଠା ମଗାଇବା ସମ୍ଭବ ହୋଇ ନ ଥିଲା। ଲୋକଙ୍କ ଚାହିଦା ଅନୁସାରେ ମିଠା ଯୋଗାଇବା ବହୁ ଦୋକାନୀଙ୍କ ପାଇଁ ଚ୍ୟାଲେଞ୍ଜ ହୋଇଥିଲା। ଏମିତି ଅବସ୍ଥାରେ ପ୍ୟାକେଟ ବା ଡବା ମିଠା ବଜାରରୁ ଉଭାନ ହୋଇ ଯାଇଥିଲା। ତଥାପି ବହୁ ଲୋକ ମିଠା ନ ପାଇ ନିରାଶ ହୋଇଥିଲେ।

# ୪୮ ହଜାର ହେକ୍ଟର ଜମିରେ ଧାନରୁଆ ବନ୍ଦ

ଭବାନୀପାଟଣା, ୩।୮ (ଡି.ଏନ୍.ଏ.)

- ବର୍ଷା ଅଭାବରୁ ଚାଷ କାମ ବାଧାପ୍ରାପ୍ତ
- କେନାଲରେ ପାଣି ମାଡିପାରୁନାହିଁ
- ଚିନ୍ତାରେ ପଡିଛି ଚାଷୀ



ବର୍ଷା ଅଭାବରୁ ଫାଟି ଯାଇଥିବା ଜମିରେ ଜଣେ ଚାଷୀ ।

ଚଳିତ ଖରିଫ ଋତୁରେ କଳାହାଣ୍ଡି ଜିଲାରେ ୨ ଲକ୍ଷ ୪ ହଜାର ୪୫୮ ହେକ୍ଟର ଜମିରେ ଧାନ ଚାଷ କରିବା ପାଇଁ ଲକ୍ଷ୍ୟ ରଖାଯାଇଥିଲା। ସେଥିରୁ ୧ ଲକ୍ଷ ୬୧ ହଜାର ୯୭ ହଜାର ହେକ୍ଟର ଜମିରେ ଧାନ ରୋଇବା ପାଇଁ ସ୍ଥିର ହୋଇଥିଲା । ହେଲେ ବର୍ଷା ଅଭାବରୁ ସେଥିରେ ବ୍ୟତିକ୍ରମ ଦେଖାଦେଇଛି । କୃଷି ଉପ-ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟରୁ ମିଳିଥିବା ସୂଚନା ଅନୁଯାୟୀ, ବର୍ତ୍ତମାନ ସୁଦ୍ଧା ଜିଲାରେ ପ୍ରାୟ ୧ ଲକ୍ଷ ୧୨ ହଜାର ହେକ୍ଟର ଜମିରେ ଧାନ ରୁଆ ସରିଛି। ବର୍ଷା ଅଭାବରୁ ଜମି କାଦୁଅ ହୋଇ ପାରୁ ନ ଥିବାରୁ ୪୮ ହଜାର ହେକ୍ଟର ଜମିରେ ଚାଷୀ ଧାନ ରୋଇପାରୁ ନାହାନ୍ତି। ଜୁଲାଇ ମାସରେ ୨୭୧.୬୯ ମିମି ବର୍ଷା ରେକର୍ଡ କରାଯାଇଛି। ଚଳିତ ମାସରେ ପ୍ରାୟ ୩୨୭.୭ ମିମି ବୃଷ୍ଟିପାତ ହେବା କଥା। ହେଲେ ସ୍ୱାଭାବିକ ବର୍ଷା ଅଭାବରୁ ଚାଷ କାମ ବାଧାପ୍ରାପ୍ତ ହେଉଛି।

ଏହାକୁ ନେଇ ଭବାନୀପାଟଣା ଉପଖଣ୍ଡ ଅଞ୍ଚଳରେ ଖରିଫରେ ଧାନ ଫସଲ କରିଥିବା ଚାଷୀମାନେ ଚିନ୍ତାରେ ପଡିଛନ୍ତି । କୃଷି ବିଭାଗର ସୂଚନା ମୁତାବକ ଜୁଲାଇରେ ହାରାହାରିଠାରୁ ୫୦ ପ୍ରତିଶତ କମ୍ ବର୍ଷା ହୋଇଛି। ଏହି ପରିପ୍ରେକ୍ଷୀରେ ଭବାନୀପାଟଣା ବ୍ଲକ ଆଖପାଖ ଅଞ୍ଚଳରେ ଚାଷ କାମ ପ୍ରଭାବିତ ହୋଇଛି। ରୁଆ ବିହୁଡା ସରି ନାହିଁ। ଶହ ଶହ ଏକର ବାହାଲ ଜମିରେ ଚାଷୀ ଧାନ ପହ୍ଲା ରୋପଣ କରିପାରିନାହାଁନ୍ତି। ଯେଉଁଠି ରୁଆ ହୋଇଛି ସେଇଠି ଜମି ଫାଟି ଆଁ କଲାଣି। ଆଣ୍ଟ ମାଲ ଜମି କଥା ନ କହିଲେ ଭଲ। ଧାନ ଗଛ ଟାଣ ଖରାରେ ଦରମରା ହେଲାଣି। ରୋଇବା ପାଇଁ ପକାଯାଇଥିବା ପହ୍ଲା ଦବି ଯାଇଛି। ଜମି ଟାଣ ଯୋଗୁ ପହ୍ଲା ଓପାଡି ହେଉନାହିଁ। ଭଟାଙ୍ଗପଦର ଡ୍ୟାମ୍ ତଳି ଅଞ୍ଚଳର ଏଭଳି ଅବସ୍ଥା ଚାଷୀଙ୍କ ପାଇଁ ଦୁଃଖ ଆଣିଛି । ମୁଖ୍ୟ କେନାଲର କିଛି ଅଂଶକୁ ଛାଡି ଦେଲେ ଅନ୍ୟସ୍ଥାନରେ ଲାଇନିଂ କରାଯାଇନାହିଁ। କେନାଲର ଦୁଇ ପାର୍ଶ୍ୱ ସିମେଣ୍ଟ କଂକ୍ରିଟ କରାଗଲେ ଡ୍ୟାମରୁ ପାଣି ଚାଷୀଙ୍କ କ୍ଷେତକୁ ପହଞ୍ଚି ପାରିବ। ହେଲେ କେନାଲ ମରାମତି କରାଯାଉ ନ ଥିବାରୁ ଜମିକୁ ପାଣି ମାଡ଼ି ପାରୁ ନ ଥିବା ଚାଷୀମାନେ କହିଛନ୍ତି। ଆଗକୁ ବର୍ଷା ନ ହେଲେ ପରିସ୍ଥିତି ଭୟଙ୍କର ହେବ ବୋଲି ଅଗ୍ରଣୀ ଚାଷୀ ଶାନ୍ତନୁ କୁମାର ବେହେରା, ସୁନିଲ କୁମାର ବେହେରା ଆଶଙ୍କା ପ୍ରକାଶ କରିଛନ୍ତି।

## କାଳିଆ ଟଙ୍କା ଫେରସ୍ତକୁ ନେଇ ତୀବ୍ର ପ୍ରତିକ୍ରିୟା

ଭବାନୀପାଟଣା,୩।୮ (ଡି.ଏନ୍.ଏ.)

କଳାହାଣ୍ଡି ଜିଲାର ୬୩୫୯ ଅଯୋଗ୍ୟ ଚାଷୀ କାଳିଆ ଯୋଜନା ବାବଦରେ ପାଇଥିବା ସହାୟତା ଟଙ୍କା ଫେରାଇବା ପାଇଁ ନୋଟିସ ଜାରି ହୋଇଛି। ଏହାକୁ ନେଇ ଚାଷୀମାନେ ଚିନ୍ତାରେ ପଡିଛନ୍ତି। ଚାଷବାସ ସମୟରେ ଚାଷୀମାନେ କିପରି ଟଙ୍କା ଫେରାଇବେ ବୋଲି କଳାହାଣ୍ଡି ଜିଲା କୃଷକ ମହାସଂଘ ପ୍ରଶ୍ନ କରିଛି । ସରକାର ଭୋଟ ହାତେଇବା ପାଇଁ ସାଧାରଣ ନିର୍ବାଚନ ପୂର୍ବରୁ ଏପରି ଯୋଜନା ଘୋଷଣା କରିଥିଲେ । ଖୁବ୍‌ଶୀଘ୍ର ଚାଷୀଙ୍କ ତାଲିକା ପ୍ରସ୍ତୁତ କରାଯାଇଥିଲା । ତାଲିକା ଅନୁଯାୟୀ ଚାଷୀଙ୍କ ଆକାଉଣ୍ଟକୁ ଟଙ୍କା ପଠାଯାଇଥିଲା । ଏବେ ଟଙ୍କା ଫେରାଇବାକୁ ନୋଟିସ ଜାରି ହେବା ଦୁଃଖଦାୟକ ଘଟଣା ବୋଲି କୃଷକ ନେତା ନିରଞ୍ଜନ ପ୍ରଧାନ କହିଛନ୍ତି। କଳାହାଣ୍ଡି ଜିଲାରେ ଚାଷୀମାନେ ବର୍ତ୍ତମାନ ସୁଦ୍ଧା ବୀମା ଟଙ୍କା ପାଇ ନାହାନ୍ତି। ଏ ଜିଲାର ଚାଷୀ ନାନା ସମସ୍ୟା ଦେଇ ଗତି କରୁଛି। ଏବେ କରୋନା କଟକଣା ସମୟରେ ସରକାର ଦାଉ ସାଧୁଛନ୍ତି। ସରକାର ଚାଷୀଙ୍କ ସମସ୍ୟାକୁ ଦୃଷ୍ଟିରେ ରଖି ପଦକ୍ଷେପ ନିଅନ୍ତୁ ବୋଲି ପ୍ରଧାନ କହିଛନ୍ତି। ଜିଲା କୃଷକ ମୋର୍ଚ୍ଚା ସଭାପତି ସୁଧୀର ରଞ୍ଜନ ପଟ୍ଟଯୋଷୀ କହିଛନ୍ତି, ରାଜ୍ୟ ସରକାରଙ୍କ ଏହା ଏକ ଚାଲ ଥିଲା। ଚାଷୀଙ୍କ ପ୍ରତି ରାଜ୍ୟ ସରକାରଙ୍କ ଏହା ପ୍ରବଞ୍ଚନା । ଆମେ ଏହାର ଦୃଢ ବିରୋଧ କରୁଛୁ। ଆଇନର ଆଳରେ ନିରୀହ ଚାଷୀମାନଙ୍କଠାରୁ ସରକାର ଟଙ୍କା ଆଦାୟ କରିବାକୁ ଧମକ ଦେଇଛନ୍ତି । ସରକାର ଟଙ୍କା ଫେରସ୍ତ ନେବା ପାଇଁ କରିଥିବା ଉଦ୍ୟମ ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ସେ କହିଛନ୍ତି।

## ୩ ଅଞ୍ଚଳରୁ ଉଠିଲା କଣ୍ଟେନମେଣ୍ଟ କଟକଣା

ରାଉରକେଲା ଅଫିସ,୩।୮

**ସଂକ୍ରମଣ ରୋକିବାକୁ ପ୍ରଶାସନ ପକ୍ଷରୁ ଗାଇଡ୍ ଲାଇନ ଜାରି**

ଗାନ୍ଧୀ ରୋଡ ସମେତ ଷ୍ଟିଲ ଟାଉନଶିପ୍ ଅନ୍ତର୍ଗତ ସେକ୍ଟର ୧ ଓ ୨୧ ଅଞ୍ଚଳରୁ କଣ୍ଟେନମେଣ୍ଟ କଟକଣା ଉଠାଇ ଦିଆଯାଇଛି। ଉପରୋକ୍ତ ଅଞ୍ଚଳରେ ଗତ ୨୪ ତାରିଖରେ କଣ୍ଟେନମେଣ୍ଟ ଜୋନ୍ ଘୋଷଣା କରାଯାଇଥିଲା। ସମ୍ପୃକ୍ତ ଅଞ୍ଚଳରୁ ଆଉ ନୂଆ କରୋନା ସଂକ୍ରମିତ ଚିହ୍ନଟ ନ ହେବା ଓ ସ୍ଥିତି ସୁଧୁରିବା ପରେ ରାଉରକେଲା ମହାନଗର ନିଗମ କମିଶନର ଦିବ୍ୟଜ୍ୟୋତି ପରିଡ଼ାଙ୍କ ନିର୍ଦ୍ଦେଶ କ୍ରମେ ସେହି ପ୍ରତିବନ୍ଧକ ହଟାଇ ଦିଆଯାଇଛି ।ଅପରପକ୍ଷେ ସୋମବାରଠାରୁ ଲକ୍‌ଡାଉନ କଟକଣା କୋହଳ ପରେ ସକାଳୁ ଅଧିକାଂଶ ଦୋକାନ ବଜାର ଖୋଲିଥିଲା। ସମସ୍ତ ବ୍ୟବସାୟିକ ପ୍ରତିଷ୍ଠାନ ରାତି ୯ଟାରେ ବନ୍ଦ ରଖିବାକୁ ନିର୍ଦ୍ଦେଶ ରହିଛି। ଏମିତି ଅବସ୍ଥାରେ ସଂକ୍ରମଣ ରୋକିବାକୁ ଜିଲା ପ୍ରଶାସନ ପକ୍ଷରୁ କେତେକ ନୂଆ ଗାଇଡ୍ ଲାଇନ ଜାରି କରାଯାଇଛି। ଗହଳି ହେବା ସମ୍ଭାବନା ଥିବା ସ୍ଥାନ ବା ଏକାଧିକ ଦୋକାନ ଯେଉଁଠି ଅଛି ସେଠାରେ ବିନା ଅନୁମତିରେ ଭିଡ ଜମାଇବା ଉପରେ ରୋକ୍ ଲଗା ଯାଇଛି। ବିଶେଷ କରି ସର୍ପି ଓ ମାର୍କେଟ କମ୍ପ୍ଲେକ୍ସ ମାଲିକମାନଙ୍କୁ ଏନେଇ ଲିଖିତ ଅନୁମତି ନେବାକୁ ପଡିବ। ପ୍ରତ୍ୟେକ ଦୋକାନୀ ଫେସ୍ ମାସ୍କ, ସାଇନିଟାଇଜର ଓ ସାମାଜିକ ଦୂରତ୍ୱକୁ କଡାକଡି ପାଳନ କରିବେ । ନଚେତ୍ ପ୍ରଶାସନ କଠୋର ପଦକ୍ଷେପ ନେବ ବୋଲି ଚେତାଇ ଦିଆଯାଇଛି । ଏଥିସହିତ ବ୍ୟବସାୟିକ ପ୍ରତିଷ୍ଠାନ ମାଲିକମାନେ ଗ୍ରାହକଙ୍କୁ ଏ ନେଇ ସଚେତନ କରାଇବେ। ସବୁ ସ୍ଥାନରେ ସଂକ୍ରମଣ ରୋକିବାକୁ ସମ୍ମିଳିତ ଉଦ୍ୟମକୁ ପ୍ରାଧାନ୍ୟ ଦିଆଯାଇଛି। ଏହାବ୍ୟତୀତ ବିଭିନ୍ନ ମଲ୍ ପରିସରରେ ଯେମିତି କୋଭିଡ୍ କଟକଣା ନିୟମ ଉଲ୍ଲଂଘନ ନ ହୁଏ ସେଥିପ୍ରତି ଯତ୍ନବାନ ହେବାକୁ କୁହାଯାଇଛି। ଆବଶ୍ୟକୀୟ ସୁରକ୍ଷା ବିନା କେହି କାରବାର କରି ପାରିବେ ନାହିଁ। ଏପରି କି ବ୍ୟବସାୟିକ ସଂସ୍ଥା ଗ୍ରାହକଙ୍କ ପ୍ରବେଶ ଓ ପ୍ରସ୍ଥାନ ପଥ ଅଲଗା କରବେ । କଟକଣା କୋହଳର ଅର୍ଥ ନୁହେଁ ମନ ଇଚ୍ଛା ଭିଡ ଜମାଇବା, ଅଯଥାରେ ଗହଳି କରିବା। ଏଣୁ ସହରବାସୀ ଏ ଦିଗରେ ନିଶ୍ଚିତ ସଚେତନ ହେବେ ବୋଲି ଆରଏମ୍‌ସି କର୍ତ୍ତୃପକ୍ଷ କହିଛନ୍ତି ।

# ୫ ଦୋକାନ ସିଲ୍, ୪୦ ଦୋକାନୀଙ୍କୁ ଜରିମାନା

ଝାରସୁଗୁଡ଼ା ଅଫିସ,୩।୮



ସୋମବାର ଏକ ଦୋକାନ ସମ୍ମୁଖରେ ଗ୍ରାହକଙ୍କ ଭିଡ଼ ।

- ରକ୍ଷାବନ୍ଧନ ପାଇଁ ମିଠା ଦୋକାନରେ ଭିଡ଼
- ମାତ୍ରାଧିକ କାର୍ଯ୍ୟାନୁଷ୍ଠାନକୁ ବ୍ୟବସାୟୀଙ୍କ ବିରୋଧ

ପବିତ୍ର ରକ୍ଷା ବନ୍ଧନ ପାଇଁ ସୋମବାର ସକାଳୁ ଝାରସୁଗୁଡ଼ାର ବିଭିନ୍ନ ମିଠା ଦୋକାନରେ ଭିଡ ଜମିଥିଲା । ଗ୍ରାହକମାନେ କରୋନା କଟକଣାକୁ ଖାତିର କରି ନ ଥିଲେ । ଏପରି କି କେହି ସାମାଜିକ ଦୂରତା ଅବଲମ୍ବନ କରି ନ ଥିଲେ । ଏପରି ଅଭିଯୋଗ ପରେ ଜିଲା ପ୍ରଶାସନ ପକ୍ଷରୁ ସହରର ୫ଟି ମିଠା ଦୋକାନକୁ ସିଲ୍ କରାଯାଇଛି। ଏଥିସହିତ ୪୦ ଦୋକାନ ମାଲିକଠାରୁ ଜରିମାନା ଆଦାୟ କରାଯାଇଛି। ହେଲେ ଜିଲା ପ୍ରଶାସନର ଏପରି ମାତ୍ରାଧିକ ପଦକ୍ଷେପକୁ ବ୍ୟବସାୟୀମାନେ ବିରୋଧ କରିଛନ୍ତି । ରାଖୀ ପାଇଁ ତିଆରି ହୋଇଥିବା ମିଠା ବିକ୍ରି ହୋଇପାରିନାହିଁ। ଫଳରେ ବ୍ୟବସାୟୀମାନେ ବ୍ୟାପକ କ୍ଷତି ସହିଛନ୍ତି ବୋଲି ସେମାନେ କହିଛନ୍ତି ।

ସୂଚନାଯୋଗ୍ୟ, ଝାରସୁଗୁଡ଼ା ଜିଲା ପ୍ରଶାସନ ପକ୍ଷରୁ ଅଗଷ୍ଟ ମାସ ୧୦ ତାରିଖ ପର୍ଯ୍ୟନ୍ତ ପ୍ରତି ଶନିବାର ଓ ରବିବାର ୨ ଦିନ ଶଟ୍‌ଡାଉନ ଘୋଷଣା କରାଯାଇଛି। ଏହାକୁ ବିରୋଧ କରି ଶନିବାର ଝାରସୁଗୁଡ଼ା, ବେଲପାହାଡ ଓ ବ୍ରଜରାଜନଗର ଅଞ୍ଚଳର ବ୍ୟବସାୟୀମାନେ ଜିଲାପାଳଙ୍କ ସରକାରୀ ବାସଭବନ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସୋମବାର ରକ୍ଷା ବନ୍ଧନ ଥିବାରୁ ଶନିବାର ଓ ରବିବାର ଦୋକାନ ଖୋଲିବାକୁ ଅନୁମତି ଦେବାକୁ ଦାବି କରିଥିଲେ। ଏନେଇ ପ୍ରଶାସନିକ ଅଧିକାରୀଙ୍କ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଶନିବାର ସନ୍ଧ୍ୟା ୬ରୁ ରାତି ୯ ଓ ରବିବାର ସକାଳ ୬ରୁ ଦିନ ୧୦ଟା ପର୍ଯ୍ୟନ୍ତ ଦୋକାନ ଖୋଲା ରହିବ ବୋଲି ପ୍ରଶାସନ ପକ୍ଷରୁ ଅନୁମତି ପ୍ରଦାନ କରାଯାଇଥିଲା । ହେଲେ ଏନେଇ କୌଣସି ସରକାରୀ ଚିଠି କିମ୍ବା ଜିଲା ପ୍ରଶାସନ ପକ୍ଷରୁ ମାଇକ ବୁଲାଇ ପ୍ରଚାର କରାଯାଇ ନ ଥିଲା । ଫଳରେ ଲୋକେ ଏହି ଘୋଷଣାନାମା ଜାଣି ପାରି ନ ଥିଲେ। ଫଳରେ ଲୋକମାନେ ସେମାନଙ୍କ ଆବଶ୍ୟକ ମିଠା ଓ ରାଖୀ କିଣି ପାରି ନ ଥିଲେ । ଫଳରେ ସୋମବାର ସକାଳୁ ରାଖୀ ଓ ମିଠା ଦୋକାନରେ ଭିଡ଼ ଜମିଥିଲା । ଏ ସମ୍ପର୍କରେ ପ୍ରତିକ୍ରିୟା ଜାଣିବା ପାଇଁ ପ୍ରଶାସନିକ ଅଧିକାରୀଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସମ୍ଭବ ହୋଇପାରି ନ ଥିଲା ।

# ପିପିଇ ପିନ୍ଧି ସଂକ୍ରମିତଙ୍କୁ ରାଖୀ ବାନ୍ଧିଲେ ନର୍ସ



ବଲାଙ୍ଗୀର କୋଭିଡ ହସ୍ପିଟାଲରେ ଜଣେ ନର୍ସ ସଂକ୍ରମିତ ଯୁବକଙ୍କୁ ରାଖୀ ବାନ୍ଧୁଛନ୍ତି ।

ବଲାଙ୍ଗୀର ଅଫିସ, ୩।୮

ଭାଇ-ଭଉଣୀର ପବିତ୍ର ବନ୍ଧନକୁ ଉଜାଗର କରେ ରକ୍ଷାବନ୍ଧନ ପର୍ବ । କରୋନା ମହାମାରୀ ଚଳିତବର୍ଷର ରକ୍ଷାବନ୍ଧନ ଉତ୍ସବକୁ ବହୁ ଦିଗରୁ ଫିକା କରିଦେଇଛି।

ତେବେ ବଲାଙ୍ଗୀର କିସ୍ କ୍ୟାମ୍ପସ୍ ସ୍ଥିତ କୋଭିଡ ହସ୍ପିଟାଲ ପରିସରରେ ଚଳିତ ରକ୍ଷାବନ୍ଧନ ଉତ୍ସବ ଅନେକ ଦିଗରୁ ସ୍ମରଣୀୟ ଓ ଉଦାହରଣୀୟ ହୋଇଛି। କରୋନା ସଂକ୍ରମିତ ଚିହ୍ନଟ ପରେ କୋଭିଡ ହସ୍ପିଟାଲରେ ଭର୍ତ୍ତି ହୋଇଥିବା ଯୁବକଙ୍କୁ ସେଠାରେ କାର୍ଯ୍ୟରତ ଥିବା ତାଲିମପ୍ରାପ୍ତ ନର୍ସ ପିପିଇ ପିନ୍ଧି ରାଖୀ ବାନ୍ଧିବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି । ପିପିଇ ପିନ୍ଧିଥିବା ନର୍ସ ଜଣକ କୋଭିଡ ହସ୍ପିଟାଲ ଭିତରେ ସଂକ୍ରମିତ ଯୁବକଙ୍କୁ ରାଖୀ ବାନ୍ଧିବା ସହ ମିଠା ଖୁଆଇବା ଦୃଶ୍ୟ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବା ପରେ ଏହା ଚର୍ଚ୍ଚାର ବିଷୟ ହୋଇଛି । ଏହି ନର୍ସ ଜଣକ କର୍ତ୍ତବ୍ୟରତ ଥିବା ଅବସ୍ଥାରେ ଘରକୁ ଯାଇ ନିଜ ଭାଇଙ୍କୁ ରାଖୀ ବାନ୍ଧି ପାରି ନ ଥିଲେ। କୋଭିଡ ହସ୍ପିଟାଲର ସଂକ୍ରମିତ ଯୁବକଙ୍କୁ ରାଖୀ ବାନ୍ଧି ରକ୍ତ ସମ୍ପର୍କରୁ ବହୁ ଉର୍ଦ୍ଧ୍ୱରେ ମାନବିକ ଓ ସାମାଜିକ ସମ୍ପର୍କ ଏଇ ବାର୍ତ୍ତା ଦେଇଛନ୍ତି। ରାଖୀ ବାନ୍ଧିବା ଘଟଣାକୁ ନେଇ ସଂକ୍ରମିତ ଯୁବକ ସାମାଜିକ ଗଣମାଧ୍ୟମରେ ଭାବପ୍ରବଣ ବାର୍ତ୍ତା ଲେଖି ପୋଷ୍ଟ କରିଛନ୍ତି।

## ୩୧ ପର୍ଯ୍ୟନ୍ତ କଟକଣା ଜାରି କଲା ପ୍ରଶାସନ

ବଲାଙ୍ଗୀର ଅଫିସ, ୩।୮

କରୋନା ସଂକ୍ରମଣକୁ ଆଖି ଆଗରେ ରଖି ବଲାଙ୍ଗୀର ଜିଲା ପ୍ରଶାସନ ମଙ୍ଗଳବାରଠାରୁ ଅଗଷ୍ଟ ୩୧ ପର୍ଯ୍ୟନ୍ତ ନୂଆ କଟକଣା ଜାରି କରିଛି। ଅପରାହ୍ନ ୫ଟାରୁ ପରଦିନ ସକାଳ ୬ପର୍ଯ୍ୟନ୍ତ ସମସ୍ତ ଦୋକାନ ବଜାର, ବାଣିଜ୍ୟିକ ପ୍ରତିଷ୍ଠାନ ବନ୍ଦ ରହିବ । କଟକଣା ସମୟରେ କୌଣସି ଦୁଇଚକିଆ ବା ଚାରିଚକିଆ ଯାନବାହନ ଚଳାଚଳ କରିପାରିବ ନାହିଁ । ତେବେ ଏହି ସମୟରେ ମେଡିକାଲ ଏବଂ ଜରୁରୀ କାର୍ଯ୍ୟ ପାଇଁ ଅନୁମତି ଦିଆଯାଇଛି । ଟ୍ରାନ୍ସପୋର୍ଟ ଓ ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଉଥିବା ମାଲବାହୀ ଗାଡିକୁ ଏହି କଟକଣାରୁ ବାଦ୍ ଦିଆଯାଇଛି। ନୂଆ ନିର୍ଦ୍ଦେଶାବଳୀ ଓ କଟକଣାକୁ ଉଲ୍ଲଂଘନ କଲେ ତାଙ୍କ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲାପାଳ ଅରିନ୍ଦମ ଡାକୁଆ ସୂଚନା ଦେଇଛନ୍ତି ।

## ନାବାଳିକାଙ୍କୁ ଘରୁ ଉଠାଇ ନେଇ ବଳାତ୍କାର

ସୋନପୁର,୩।୮ (ନି.ପ୍ର.)

- ଥାନାରେ ଜଣାଇଲେ ହତ୍ୟା କରିବି ବୋଲି ଅଭିଯୁକ୍ତଙ୍କ ଧମକ
- ଘଟଣାକୁ ଚାପି ଦେବାକୁ ଉଦ୍ୟମ

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଥାନା ବାଘରତୈଲା ଗାଁର ଜଣେ ନାବାଳିକାଙ୍କୁ ଘରୁ ଉଠାଇ ନେଇ ବଳାତ୍କାର କରାଯାଇଛି। ପୀଡିତାଙ୍କ ବାପା ବୀରମହାରାଜପୁର ଥାନାରେ ସୋମବାର ଅଭିଯୋଗ କରିଛନ୍ତି। ପୋଲିସ ମାମଲା ରୁଜୁ କରି ତନାଘନା ଚଳାଇଛି। ଅଭିଯୋଗ ଅନୁଯାୟୀ ନାବାଳିକା ମା’ ଓ ବାପାଙ୍କ ସହିତ ଘରେ ଥିଲେ। ଗୁରୁବାର ରାତି ୯ଟାରେ ସ୍ଥାନୀୟ ରୁଗୁଡିପାଲି ଗ୍ରାମର ଦିଲ୍ଲୀପ କୁମାର ମିଶ୍ର ଓରଫ ଟୁକୁ(୪୬) କବାଟ ଭାଙ୍ଗି ତାଙ୍କ ଘରେ ପଶିଥିଲେ । ଟୁକୁ ଏକ ଭୁଜାଲି ଧରି ମା’ ବାପାଙ୍କୁ ଭୟଭୀତ କରିବା ସହ ତାଙ୍କ ୧୭ବର୍ଷୀୟା ଝିଅଙ୍କୁ ଜୋରଜବରଦସ୍ତ ନିଜ ବାଇକ୍‌ରେ ବସାଇ ନେଇ ଯାଇଥିଲେ। ବହୁ ଖୋଜାଖୋଜି କରିଥିଲେ ମଧ ଏହି ଦମ୍ପତି ଝିଅକୁ ପାଇ ନ ଥିଲେ । ଅଭିଯୁକ୍ତ ନାବାଳିକାଙ୍କୁ ନିଜ ରୁଗୁଡିପାଲିସ୍ଥିତ ଘରକୁ ନେଇ ବଳାତ୍କାର କରିଥିଲେ। ଲୋକେ ସୂଚନା ପାଇବା ପୂର୍ବରୁ ଭୋର ୪ଟାରେ ଅଭିଯୁକ୍ତ ନାବାଳିକାଙ୍କୁ ଆଣି ତାଙ୍କ ଘରେ ଛାଡିଥିଲେ। ଏ ସମ୍ପର୍କରେ ଥାନାରେ ଅଭିଯୋଗ କଲେ ତୁମ ମା ବାପାଙ୍କୁ ଜୀବନରୁ ମାରିଦେବି ବୋଲି ପୀଡିତାଙ୍କୁ ଟୁକୁ ଧମକ ଦେଇଥିଲେ। ପୀଡିତା ଘରେ ପହଞ୍ଚିବା ପରେ କାନ୍ଦିକାନ୍ଦି ମା ବାପାଙ୍କୁ ସବୁ କଥା କହିଥିଲେ। ହେଲେ ଅଭିଯୁକ୍ତ ରାସ୍ତାରେ ଜଗି ରହିଥିବାରୁ ପୀଡିତାଙ୍କ ବାପା ଘଟଣାର ୩ ଦିନ ପରେ ବି ଥାନାରେ ଅଭିଯୋଗ କରିପାରି ନ ଥିଲେ । ସୋମବାର ସୁଯୋଗ ଦେଖି ପୀଡିତାଙ୍କ ବାପା ଥାନାରେ ଅଭିଯୋଗ କରିଛନ୍ତି । ଅଭିଯୁକ୍ତ ସେହି ଅଞ୍ଚଳର ଜଣେ ପ୍ରଭାବଶାଳୀ ବ୍ୟକ୍ତି ହୋଇଥିବାରୁ ଏହି ଘଟଣାକୁ ଚାପି ଦେବାକୁ ଉଦ୍ୟମ ଆରମ୍ଭ ହୋଇଛି । ତାଙ୍କୁ ଗିରଫ ନ କରିବା ପାଇଁ ଯୋଜନା ଚାଲିଥିବା ଅଭିଯୋଗ ହୋଇଛି ।

# ଗଙ୍ଗାଧର ଥିଲେ ଅମୃତର କବି

ବରଗଡ଼ ଅଫିସ,୩।୮



ବରଗଡ଼ ଗାନ୍ଧୀଛକସ୍ଥିତ ସ୍ୱଭାବ କବିଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଉଛି ।

ବରଗଡ଼ ଜିଲା ବିଜେପୁର ଖଗେଶ୍ୱର ସାହିତ୍ୟ କଳା ପରିଷଦ ପକ୍ଷରୁ ଡିଜିଟାଲାଇଜେଶନ ମାଧ୍ୟମରେ ସୋମବାର ଗଙ୍ଗାଧର ମେହେର ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ମେହେରପଡ଼ାରେ ଥିବା ସ୍ୱଭାବ କବିଙ୍କ ପ୍ରତିମୂର୍ତ୍ତିରେ ପରିଷଦ ପକ୍ଷରୁ ମାଲ୍ୟାର୍ପଣ କରାଯାଇଥିଲା। ପରିଷଦ ସଭାପତି ମୋହନ ସିଂ କନ୍ହେଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାରୋହରେ ପଦ୍ମପୁର ଉପଜିଲାପାଳ ତନ୍ମୟ କୁମାର ଦରୱାନ ମୁଖ୍ୟଅତିଥି ଏବଂ ପଦ୍ମଶ୍ରୀ ହଳଧର ନାଗ ସ୍ୱତନ୍ତ୍ର ଅତିଥି ଭାବେ ଯୋଗ ଦେଇଥିଲେ। ଡ. ପ୍ରଦୀପ କୁମାର ପଧାନ, ଅଧ୍ୟାପକ ସୁଶାନ୍ତ କୁମାର ମିଶ୍ର ଯୋଗଦାନ କରି ଗଙ୍ଗାଧର ଅମୃତର କବି ବୋଲି ଆଲୋଚନା କରିଥିଲେ। କଣ୍ଠଶିଳ୍ପୀ ପ୍ରଶାନ୍ତ ପ୍ରଧାନ ଉଦଘାଟନୀ ସଙ୍ଗୀତ ଗାନ କରିଥିଲେ। ଏହି ଅନ୍‌ଲାଇନ କାର୍ଯ୍ୟକ୍ରମକୁ ଉପ ସଭାପତି ଦିଲୀପ କୁମାର ଦେବତା, ସମ୍ପାଦକ ରାଜେଶ୍ୱର ବେହେରା, ସହ ସମ୍ପାଦକ ହୃଦମଣି ସାହୁ, କୋଷାଧ୍ୟକ୍ଷ ଦେବାଶିଷ ମେହେର, ଜିତେନ୍ଦ୍ରିୟ ମେହେର, ଆଶୁତୋଷ ମହାପାତ୍ର ପ୍ରମୁଖ ପରିଚାଳନା କରିଥିଲେ।

ବରଗଡ଼ ଅଗ୍ରଗାମୀ ଯୁବକ ସଂଘ ପରିସରରେ ସଂଘ ସଭାପତି ଦେବେଶ ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ଗଙ୍ଗାଧର ଜୟନ୍ତୀ ପାଳିତ ହୋଇଥିଲା। ସମ୍ପାଦକ ବିଶ୍ୱଜିତ ମିଶ୍ର, ଗାନ୍ଧୀ ସ୍ମୃତି ପାଠାଗାର ସଭାପତି ଅରୁଣ ମହାନ୍ତି, ଜିଲା କ୍ରୀଡ଼ା ସଂସଦ ସମ୍ପାଦକ କିଶୋର ମିଶ୍ର, କୃଷକ ନେତା ଗୌରଚନ୍ଦ୍ର ଖମାରୀ, ରାଜକୁମାର ବିଶି ପ୍ରମୁଖ ସ୍ୱଭାବ କବିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ବରପାଲିରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଏକ ସ୍ମରଣିକା ଉନ୍ମୋଚନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ପ୍ରଫେସର ମଣୀନ୍ଦ୍ର କୁମାର ମେହେର, ନିରଞ୍ଜନ ମେହେର, ଡ. ସୁକମନି ମେହେର, ଡା. ସୁବଳ ମାଝି, ରମାକାନ୍ତ ତ୍ରିପାଠୀ, ବୀରେନ୍ଦ୍ର ନାଗ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଜିଲା ସଦର ମହକୁମାରେ ଗଙ୍ଗାଧର ଜୟନ୍ତୀ ପାଳନ କରାଯାଇଥିଲା। ଏଥିରେ ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କଲ୍ୟାଣୀ ଦାଶ ପ୍ରମୁଖ ଯୋଗ ଦେଇଥିଲେ ଏବଂ ଗାନ୍ଧୀଛକ ସ୍ଥିତ କବି ଗଙ୍ଗାଧରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପଦ୍ମପୁର ଗଙ୍ଗାଧର ମଣ୍ଡପରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉପଜିଲାପାଳ ତନ୍ମୟ କୁମାର ଦରୱାନ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସ୍ମୃତି କମିଟି ସଭାପତି ଡ. ପ୍ରମୋଦ ପାଢ଼ୀ, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ପାଣିଗ୍ରାହୀ, ଡ. ଜୟକେତନ ତ୍ରିପାଠୀ, ମନୋଜ କୁମାର ପଣ୍ଡା ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଅଶୋକ କୁମାର ବହିଦାର ଧନ୍ୟବାଦ ଅର୍ପଣ କରିଥିଲେ।

अखिल भारतीय आयुर्विज्ञान संस्थान (एम्स), भुवनेश्वर
ALL INDIA INSTITUTE OF MEDICAL SCIENCES (AIIMS), BHUBANESWAR
(A Statutory Body under aegis of Ministry of Health and Family Welfare, Govt. of India)
Engineering Branch (Civil), Sijua (Patrapada), Bhubaneswar(Odisha)-751019
www.aiimsbhubaneswar.nic.in
File No. : AIIMS/BBSR/Engg./ 557/ NIT-009 / 2020-21 Dated : 27th Jul 2020
NOTICE INVITING E-TENDER
The All India Institute of Medical Sciences (AIIMS), Bhubaneswar invites e-Tender for the Work(s) for **Renovation of Mini Auditorium inside the campus of AIIMS, Bhubaneswar** *(NIT No. : AIIMS/BBSR/Engg./ 009 /2020-21)*. The detailed Tender Document along with Last Date & Time of Submission of Tender can be viewed & downloaded from the website **www.aiimsbhubaneswar.nic.in, www.tenderwizard.com / AIIMSBBSR & CPP Portal www.eprocure.gov.in.**
Sd/-
Executive Engineer(Civil) I/C
AIIMS, Bhubaneswar

ଯେଉଁ ଲୋକ ତୁମ ଉପରେ ରାଗୁଛି ବା ତୁମକୁ ଅପମାନ କରୁଛି– ତୁମର ଆଗ ବୁଝିବା ଉଚିତ ଯେ, ସେ ଗୋଟିଏ ଦୁର୍ବଳ ଲୋକ। ଏଣୁ ସେ ଏତେ ରାଗୁଛି। କିନ୍ତୁ ତୁମେ ଯଦି ତା'ର ଏହି ରାଗ ଓ ହିଂସାର ପ୍ରତ୍ୟୁତ୍ତର ଦିଅ ବା ପ୍ରତିକ୍ରିୟା ଦେଖାଅ– ତେବେ ଏ କଥା ନିଶ୍ଚୟ ଜାଣିବ ଯେ, ତୁମେ ମଧ୍ୟ ତା'ଭଳି ଏକ ଦୁର୍ବଳ ବ୍ୟକ୍ତିତ୍ୱ। –**ଶ୍ରୀମା**

# ଓଡ଼ିଶାରେ ଉଚ୍ଚଶିକ୍ଷା ଓ ନୂତନ ଶିକ୍ଷା ନୀତି ୨୦୨୦




ଡ. ବିରଞ୍ଚି ନାରାୟଣ ପି ପଣ୍ଡା
ସହକାରୀ ପ୍ରଫେସର(ଆଇନ)
ଜାଭିଅର ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର

ଡ. ଲଲାଟେନ୍ଦୁ କେଶରୀ ଜେନା
ସହକାରୀ ପ୍ରଫେସର (ମାନବ ସମ୍ବଳ)
ଜାଭିଅର ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର

ଗଣତନ୍ତ୍ର ଏବଂ ବିବିଧତା ହେଉଛି ଦୁଇଟି ଶବ୍ଦ, ଯାହା ସମଗ୍ର ବିଶ୍ୱରେ ଭାରତକୁ ବ୍ୟାଖ୍ୟା କରେ। ଚତୁର୍ଥ ଶିଳ୍ପ ବିପ୍ଳବର ଆବଶ୍ୟକତାକୁ ଦୃଷ୍ଟିରେ ରଖି ବିଶ୍ୱସ୍ତରୀୟ ଶିକ୍ଷା ବ୍ୟବସ୍ଥାକୁ ଉତ୍ସାହିତ କରି ଭାରତର ନେତୃତ୍ୱ ନେବାକୁ ଦେଶର ଏକ ବୃହତ୍ ପରିସର ଅଛି, ଯାହା ଉଚ୍ଚ କୁଶଳୀ ଶ୍ରମିକ ଉତ୍ପାଦନ କରିପାରିବ ଏବଂ ନବସୃଜନ ପାଇଁ ନିଯୁକ୍ତି ସୁଯୋଗ ବଢ଼ାଇବ। ଆବଶ୍ୟକତାକୁ ସୁଗମ କରିବା ପାଇଁ ନିକଟରେ କେନ୍ଦ୍ର କ୍ୟାବିନେଟ ନୂତନ ଜାତୀୟ ଶିକ୍ଷା ନୀତି (ଏନ୍ଇପି) ୨୦୨୦କୁ ମଞ୍ଜୁରୀ ପ୍ରଦାନ କରିଛି। ସମଗ୍ର ଦେଶରେ ଶିକ୍ଷା ବ୍ୟବସ୍ଥାକୁ ବୃଦ୍ଧି କରିବା ପାଇଁ ନେଇଥିବା ପଦକ୍ଷେପ ମଧ୍ୟରୁ ଏହା ଅନ୍ୟତମ । ଏହି କମ୍ପାକ୍ଟ ନୂତନ ଶିକ୍ଷା ନୀତି ୨୦୨୦ ସମଗ୍ର ଭାରତୀୟ ଶିକ୍ଷା ବ୍ୟବସ୍ଥାରେ ସଂସ୍କାର ଆଣିବା ଉଦ୍ଦେଶ୍ୟରେ ଏମ୍ଏଚ୍ଆର୍ଡିକୁ 'ଶିକ୍ଷା ମନ୍ତ୍ରଣାଳୟ' ଭାବରେ ନାମିତ କରିଛି। ସମସ୍ତଙ୍କର ସୃଜନଶୀଳ ସାମର୍ଥ୍ୟର ବିକାଶ ଉପରେ ଗୁରୁତ୍ୱ ଦେଇ ସାମାଜିକ ଏବଂ ଅର୍ଥନୈତିକ ପୃଷ୍ଠଭୂମି ନିର୍ବିଶେଷରେ ଶିକ୍ଷାର୍ଥୀମାନଙ୍କ ପାଇଁ ଉଚ୍ଚ–ଗୁଣାତ୍ମକ ଶିକ୍ଷା ବିସ୍ତାର ଉପରେ ଧ୍ୟାନଦେବା ଏହି ନୀତିର ଲକ୍ଷ୍ୟ।

ନୂତନ ଶିକ୍ଷା ନୀତି ୨୦୨୦ର ଏକ ଗୁରୁତ୍ୱପୂର୍ଣ୍ଣ ଦିଗ ହେଉଛି, ଉଚ୍ଚଶିକ୍ଷାରେ ମୋଟ ନାମଲେଖା ଅନୁପାତ (ଜିଇଆର)କୁ ୨୦୩୫ ସୁଦ୍ଧା ଧନ୍ଦାମୂଳକ ଶିକ୍ଷା ସହିତ ୨୬.୩ ପ୍ରତିଶତ (୨୦୧୮) ରୁ ୫୦ ପ୍ରତିଶତକୁ ବୃଦ୍ଧି କରିବା। ଏହା ବିଭିନ୍ନ ଭାରତୀୟ ଉଚ୍ଚଶିକ୍ଷା ପ୍ରତିଷ୍ଠାନରେ ୩.୫କୋଟି ନୂତନ ସିଟ୍ ସୃଷ୍ଟି କରିବ। ପ୍ରତ୍ୟେକ ଜିଲାରେ ୨୦୩୦ ସୁଦ୍ଧା ବୃହତ୍ ବହୁମୁଖୀ ଅନୁଷ୍ଠାନ ଗଠନ ପାଇଁ ଗୁଣାତ୍ମକ ଶିକ୍ଷା ବିସ୍ତାର କରି ଭାରତକୁ ଏକ ବିଶ୍ୱସ୍ତରୀୟ ଜ୍ଞାନ ସୁପର ପାୱାର କରିବା ପାଇଁ ଏହି ନୀତିର ଲକ୍ଷ୍ୟ ରହିଛି। ସରକାରଙ୍କ ନୂତନ ଶିକ୍ଷା ନୀତିର ସ୍ପଷ୍ଟ ଏଜେଣ୍ଡା ହେଉଛି, ନିରନ୍ତର ବିକାଶ ଲକ୍ଷ୍ୟ ପାଇଁ ୨୦୩୦ ଏଜେଣ୍ଡା ସହିତ ଭାରତକୁ ସମାନ କରିବା ଲାଗି ଉପଲବ୍ଧତା, ସୁଲଭତା ଏବଂ ଗୁଣାତ୍ମକ ଶିକ୍ଷା ସହିତ ଜନସାଧାରଣଙ୍କୁ ଶିକ୍ଷାଦେବା।

ନୂତନ ଶିକ୍ଷା ନୀତି ୨୦୨୦କୁ ଓଡ଼ିଶା ସରକାର ସମ୍ପୂର୍ଣ୍ଣ ହୃଦୟରୁ ସମର୍ଥନ କରିଛନ୍ତି ଏବଂ ସ୍ୱାଗତ କରିଛନ୍ତି; ଯଦିଓ ଏହିପରି ଉଚ୍ଚ ଲକ୍ଷ୍ୟ ହାସଲ କରିବା ପାଇଁ ଅର୍ଥ ଏବଂ ବଜେଟ ଅଂଶ ବିଷୟରେ ଏହାର କିଛି ଚିନ୍ତା ଅଛି। ତଥାପି, ବର୍ତ୍ତମାନ ପର୍ଯ୍ୟନ୍ତ ଓଡ଼ିଶାର ପୂର୍ବ ବିଦ୍ୟମାନ ଶିକ୍ଷା ନୀତି ମୁଖ୍ୟତଃ ଶିକ୍ଷାର ଗୁଣବତ୍ତା ଉପରେ କମ୍ ଗୁରୁତ୍ୱ ଦେଇ ପ୍ରବେଶ ଏବଂ ଇକ୍ୱିଟି ପ୍ରସଙ୍ଗ ଉପରେ ଗୁରୁତ୍ୱ ଦେଉଛି। ଗତବର୍ଷ ଓଡ଼ିଶା ଶିକ୍ଷାମନ୍ତ୍ରୀ ଶିକ୍ଷା ସମ୍ପର୍କରେ ଦୁଇଟି ପ୍ରମୁଖ ପ୍ରସଙ୍ଗ ଉତ୍ଥାପନ କରିଥିଲେ ; ପ୍ରଥମେ କେନ୍ଦ୍ର ସରକାରଙ୍କୁ ଅନୁରୋଧ ଯେ ଓଡ଼ିଶା ବିଶ୍ୱବିଦ୍ୟାଳୟଗୁଡ଼ିକୁ ଏକକ କିମ୍ବା ସ୍ୱୟଂଶାସିତ ସଂସ୍ଥା ପରିବର୍ତ୍ତେ ଅନୁବନ୍ଧିତ ଅନୁଷ୍ଠାନ ଭାବରେ କାର୍ଯ୍ୟ କରିବାକୁ ଅନୁମତି ଦିଅନ୍ତୁ; ଦ୍ୱିତୀୟରେ ରାଜ୍ୟଗୁଡିକ ଉପରେ ଆର୍ଥିକ ଭାର କେନ୍ଦ୍ର ସରକାର ବହନ କରିବାକୁ ପଡିବ କାରଣ ରାଜ୍ୟ ଏହାର ମୋଟ ବଜେଟର ୧୭–୧୮ ପ୍ରତିଶତ ଶିକ୍ଷା ପାଇଁ ଖର୍ଚ୍ଚ କରିସାରିଛି। ତାଙ୍କର ଧାରଣା ହେଉଛି ଯେ ନୂତନ ଶିକ୍ଷା ନୀତିରେ ପରାମର୍ଶ ଦିଆଯାଇଥିବା ଉଚ୍ଚଶିକ୍ଷାର ସଂସ୍କାର ଜାତୀୟ ଅନୁସନ୍ଧାନ ଫାଉଣ୍ଡେଶନ ପାଣ୍ଠିରୁ ରାଜ୍ୟ ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ୫୦ ପ୍ରତିଶତ ବିନିଯୋଗ ମାଧ୍ୟମରେ ବାସ୍ତବ ରୂପ ନେଇପାରିବ କାରଣ ୯୩ ପ୍ରତିଶତ ଛାତ୍ରୀଛାତ୍ର ରାଜ୍ୟ ବିଶ୍ୱବିଦ୍ୟାଳୟରେ ଉଚ୍ଚ ଅଧ୍ୟୟନ କରୁଛନ୍ତି।

୨୦୧୧ ଜନଗଣନା ଅନୁଯାୟୀ, ଓଡ଼ିଶାରେ ସହରୀ ଜନସଂଖ୍ୟା ୧୫୦.୭୨ ଲକ୍ଷ ଏବଂ ଗ୍ରାମାଞ୍ଚଳର ଜନସଂଖ୍ୟା ୨୬୯.୦୨ଲକ୍ଷ। ତେଣୁ, ସହରାଞ୍ଚଳରେ ରହୁଥିବା ଲୋକଙ୍କ ତୁଳନାରେ ରାଜ୍ୟର ଅଧିକାଂଶ ଜନସଂଖ୍ୟା ଗ୍ରାମାଞ୍ଚଳରେ ଉଚ୍ଚଶିକ୍ଷାରେ କମ୍ ସୁବିଧା ପାଇଥାନ୍ତି। ୨୦୧୮–୧୯ ସର୍ଭେରୁ ଜଣାଯାଇଛି ଯେ, ସେଠାରେ ୫୨ଟି ସରକାରୀ ଡିଗ୍ରୀ କଲେଜ ଏବଂ ୮୪୦ ବେସରକାରୀ ଡିଗ୍ରୀ କଲେଜ ଥିଲା, ଯାହା ଓଡ଼ିଶାରେ ପ୍ରାୟ ୨ଲକ୍ଷ ଛାତ୍ରୀଛାତ୍ରଙ୍କୁ ଶିକ୍ଷା ପ୍ରଦାନ କରିଥିଲା। ୨୦୨୦ ସୁଦ୍ଧା, ୧୬ଟି ସାଧାରଣ ବିଶ୍ୱବିଦ୍ୟାଳୟ ଅଛି, ଯେଉଁଥିରେ ଚାରୋଟି ନୂତନ ପ୍ରତିଷ୍ଠିତ ବିଶ୍ୱବିଦ୍ୟାଳୟ ଅନ୍ତର୍ଭୁକ୍ତ। ଜିଏମ୍ ୟୁନିଭରସିଟି, ଖଲ୍ଲିକୋଟ୍ ୟୁନିଭରସିଟି, ଆର୍ଡି ମହିଳା ବିଶ୍ୱବିଦ୍ୟାଳୟ ଏବଂ ଷ୍ଟେଟ୍ ଓପନ୍ ୟୁନିଭରସିଟି, ଆଇଆଇଟି, ଆଇଆଇଏମ୍, ନାଇଜର, ଏଆଇଏମ୍ଏସ୍, ଏନ୍ଆଇଟି, ଆଇଏସ୍ଇଆର୍ ଏବଂ ସେଣ୍ଟ୍ରାଲ ୟୁନିଭରସିଟି, କୋରାପୁଟ। ଓଡ଼ିଶାର ଶିକ୍ଷାଗତ ପରିସ୍ଥିତି ବିଷୟରେ, ୨୦୧୭–୧୮ ବର୍ଷ ପାଇଁ ଉଚ୍ଚଶିକ୍ଷା ନିମନ୍ତେ ଅଲ ଇଣ୍ଡିଆ ସର୍ଭେରୁ ଜଣାପଡ଼ିଛି ଯେ, ଓଡ଼ିଶାରେ ପ୍ରତ୍ୟେକ ଲକ୍ଷ ଜନସଂଖ୍ୟାରେ ୨୩ଟି କଲେଜ ରହିଛି, ଯେପରି ଭାରତରେ ଏହା ହାରାହାରି ୨୮। ମୋଟ ନାମଲେଖା ଅନୁପାତ (ଜିଇଆର) ଭାରତର ହାରାହାରି ୨୫.୮ ତୁଳନାରେ ଓଡ଼ିଶା ୨୨ ରହିଛି। ଏହି ପରିପ୍ରେକ୍ଷୀରେ ଆମର କ୍ଷେତ୍ର ଅଧ୍ୟୟନ ସତ୍ତ୍ୱେ ପ୍ରମାଣିତ କରିଛି ଯେ, ଓଡ଼ିଶା ବିଭିନ୍ନ କାରଣରୁ ଚ୍ୟାଲେଞ୍ଜର ସମ୍ମୁଖୀନ ହୋଇଛି ଯେପରି କି: * କଲେଜ ଶିକ୍ଷାରେ ଯୋଗଦେବା ପାଇଁ ଖର୍ଚ୍ଚ । * ଶିକ୍ଷାଗତ ସଂସ୍କାର ଦିଗରେ ଅଣ-ପ୍ରଭାବଶାଳୀ ସରକାରୀ ନୀତି ଏବଂ କାର୍ଯ୍ୟକ୍ରମ। * ବିଶେଷକରି ସରକାରୀ କଲେଜ/ବିଶ୍ୱବିଦ୍ୟାଳୟରେ ଏହାର ଶିକ୍ଷକ ଏବଂ ଛାତ୍ର ସଂଗଠନ ମାଧ୍ୟମରେ ରାଜନୈତିକ ଦଳର ହସ୍ତକ୍ଷେପ ଏବଂ ପ୍ରଭାବ। * ପୁରୁଣା ସିଲାବସ୍, ଏକାଡେମିକ୍ ପଛୁଆବର୍ଗ ଏବଂ ଏହିପରି ଅଣ–କୁଶଳୀ ଏବଂ ଅଯୋଗ୍ୟ ସ୍ନାତକ ଏବଂ ସ୍ନାତକୋତ୍ତର। ତଥାପି, ନୂତନ ଶିକ୍ଷା ନୀତି ୨୦୨୦ର କାର୍ଯ୍ୟକାରିତା ସହିତ ଓଡ଼ିଶା ଶିକ୍ଷା ବିଭାଗର ସୁଯୋଗ ବୃଦ୍ଧି ଏବଂ ମାନଙ୍କ ଉନ୍ନତି ଦ୍ୱାରା ବିଦ୍ୟମାନ ଶିକ୍ଷା ବ୍ୟବସ୍ଥାର ନବୀକରଣ, ପୁନର୍ଗଠନ ଏବଂ ପୁନପରିଦର୍ଶନ କରିବାର ସମୟ ଆସିଛି। ଏହି ଶିକ୍ଷା ନୀତିରେ ମୁକାବିଲା ପାଇଁ ସେଗୁଡିକ ମଧ୍ୟରୁ କେତେକକୁ ତୁରନ୍ତ ସମାଧାନ କରାଯିବା ଆବଶ୍ୟକ: * ଭିତ୍ତିଭୂମି ସୃଷ୍ଟି (ବିତରଣର ଡିଜିଟାଲ୍ ମୋଡ୍ ଅନ୍ତର୍ଭୁକ୍ତ କରି) ଏବଂ ଗବେଷଣା ଲାବରେଟୋରୀକୁ ମଜଭୁତ କରିବା। * ଭଲ ତାଲିମପ୍ରାପ୍ତ ଏବଂ ଗୁଣାତ୍ମକ ଅଧ୍ୟାପନାଗୁଡ଼ିକର ଅନୁକରଣ । * ପାଠ୍ୟକ୍ରମର ନବୀକରଣ ଏବଂ ଶିକ୍ଷାଦାନ–ଶିକ୍ଷଣ ପ୍ରକ୍ରିୟାର ପୁରାତନ ଢାଞ୍ଚାକୁ ବାହାର କରିଦେବା। * ଏକାଡେମିକ୍ ଏବଂ ଇଣ୍ଡଷ୍ଟ୍ରି ମଧ୍ୟରେ ଏକ ଉତ୍ତମ ଇଣ୍ଟରଫେସ୍ ସହିତ ଦକ୍ଷତା ଆଧାରିତ ଶିକ୍ଷା। * ଉଚ୍ଚ ମାଧ୍ୟମିକ ସ୍ତର ପର୍ଯ୍ୟନ୍ତ ରାଜ୍ୟ ଦ୍ୱାରା ପରିଚାଳିତ ଶିକ୍ଷା ଯନ୍ତ୍ର ଦ୍ୱାରା ସମନ୍ୱୟ ଏବଂ ହାତ ଧରି ସମର୍ଥନ ପ୍ରତିଷ୍ଠା କରିବା। * ଅନୁସନ୍ଧାନ, ଉଦ୍ଭାବନ ଏବଂ ସହଯୋଗ ପାଇଁ ପର୍ଯ୍ୟାପ୍ତ ଅର୍ଥ।

ନୂତନ ଶିକ୍ଷାନୀତି ୨୦୨୦ ନୀତି ନମନୀୟ ପାଠ୍ୟକ୍ରମ ସହିତ ବ୍ୟାପକ–ଆଧାରିତ, ବହୁ–ଶୃଙ୍ଖଳିତ, ସାମଗ୍ରିକ ସ୍ନାତକୋତ୍ତର ଶିକ୍ଷା, ବିଷୟଗୁଡ଼ିକର ସୃଜନଶୀଳ ମିଶ୍ରଣ, ଧନ୍ଦାମୂଳକ ଶିକ୍ଷାର ଏକୀକରଣ ଏବଂ ଉପଯୁକ୍ତ ପ୍ରମାଣପତ୍ର ସହିତ ଏକାଧିକ ପ୍ରବେଶ ଏବଂ ପ୍ରସ୍ଥାନ ପଏଣ୍ଟ ପ୍ରବର୍ତ୍ତନ କରେ। ପରାମର୍ଶ ଦିଆଯାଇଛି ଯେ, ପରୀକ୍ଷାମୂଳକ ଶିକ୍ଷଣ ସମାଲୋଚନାକାରୀ ଚିନ୍ତାଧାରା, ମାମଲାଭିତ୍ତିକ ଆଲୋଚନା ଏବଂ ବିଶ୍ଳେଷଣଭିତ୍ତିକ ଶିକ୍ଷାଦାନ ଏବଂ ଶିକ୍ଷଣକୁ ଉତ୍ସାହିତ କରି ପାଠ୍ୟକ୍ରମରେ ପ୍ରାଥମିକତା ହେବା ଆବଶ୍ୟକ। ଏହି ଶିକ୍ଷା ନୀତି ପାଠ୍ୟପୁସ୍ତକ ଶିକ୍ଷାକୁ ହ୍ରାସ କରିବା ପାଇଁ ଇଣ୍ଟରାକ୍ଟିଭ୍ କ୍ଲାସ୍ ଉପରେ ଗୁରୁତ୍ୱାରୋପ କରିଛି, ଯାହାଦ୍ୱାରା ଶିକ୍ଷାଦାନ ଏବଂ ଶିକ୍ଷଣ ପ୍ରକ୍ରିୟାରେ ପରିବର୍ତ୍ତନ ପାଇଁ ଅଭିନବ ତଥା ସମନ୍ୱିତ ଶିକ୍ଷାଦାନ ଉପରେ ଗୁରୁତ୍ୱ ଦିଆଯାଇଛି । ରାଜ୍ୟ ବିଶ୍ୱବିଦ୍ୟାଳୟଗୁଡ଼ିକରେ ମାନବ ସମ୍ବଳ ବିକାଶ (ଏଚ୍ଆର୍ଡି) କେନ୍ଦ୍ରଗୁଡ଼ିକୁ ସକ୍ରିୟ କରିବା ଭଳି ସଂସ୍କାର ରାଜ୍ୟରେ ଶିକ୍ଷକ ଓ ମହାବିଦ୍ୟାଳୟର ଗୁଣବତ୍ତା ଉନ୍ନତି ପାଇଁ ଏକ ସମ୍ଭାବ୍ୟ ଉପାୟ ହେବ। ସେହିଭଳି, ବହୁମୁଖୀ ଶିକ୍ଷା ଏବଂ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟ (MERUs), ଆଇଆଇଟି, ଆଇଆଇଏମ୍ ସହିତ ସମାନ, ଦେଶରେ ସର୍ବଭାରତୀୟ ମାନଦଣ୍ଡରେ ସର୍ବୋତ୍ତମ ବହୁମୁଖୀ ଶିକ୍ଷାକୁ ସୁଗମ କରିବା ପାଇଁ ରାଜ୍ୟରେ ଚିନ୍ତା କରାଯିବା ଆବଶ୍ୟକ ।

ଉନ୍ନତ ଶିକ୍ଷାକୁ ପ୍ରୋତ୍ସାହିତ କରିବା ପାଇଁ ଓଡ଼ିଶାର ଅପାର ସମ୍ଭାବନା ରହିଛି କାରଣ ଏହାର ଜନସଂଖ୍ୟାର ୫୦ ପ୍ରତିଶତ ୨୫ବର୍ଷରୁ କମ୍ । ଏମାନେ ଯୋଗାଇ ଦିଆଯାଇଥିବା ଗୁଣାତ୍ମକ ଶିକ୍ଷାରୁ ଯଥେଷ୍ଟ ଲାଭ ପାଇ ପାରିବେ। ଗୁଣବତ୍ତା ତଥା ନିଯୁକ୍ତି ପାଇଁ ବି ରାଜ୍ୟ ନିଜର ଆଭିମୁଖ୍ୟ ଜାରି ରଖିଛି। ରାଜ୍ୟ ସରକାର ଏସ୍ସି, ଏସ୍ଟି, ଓବିସି ଏବଂ ଅନ୍ୟାନ୍ୟ ଏସ୍ଇଡିଜିଗୁଡ଼ିକର ଛାତ୍ରମାନଙ୍କ ଯୋଗ୍ୟତାକୁ ଉତ୍ସାହିତ କରିବା ପାଇଁ ଉଦ୍ୟମ କରିବା ଆବଶ୍ୟକ। ଏହି ପରିପ୍ରେକ୍ଷୀରେ, ଛାତ୍ରବୃତ୍ତି ଗ୍ରହଣ କରୁଥିବା ଛାତ୍ରମାନଙ୍କ ଅଗ୍ରଗତିକୁ ସମର୍ଥନ, ପୋଷଣ ଏବଂ ଟ୍ରାକ୍ କରିବା ପାଇଁ ଜାତୀୟ ସ୍କଲାରଶିପ୍ ପୋର୍ଟାଲକୁ ବିସ୍ତାର କରାଯିବା ଉଚିତ। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଏକ ସମୟ ମଧ୍ୟରେ ଏହା ଧାର୍ଯ୍ୟ କରାଯାଇଛି ଯେ, ରାଜ୍ୟର ପ୍ରତ୍ୟେକ କଲେଜ ଏକ ସ୍ୱୟଂଶାସିତ ଡିଗ୍ରୀ ପ୍ରଦାନକାରୀ କଲେଜ କିମ୍ବା ଏକ ବିଶ୍ୱବିଦ୍ୟାଳୟର ଏକ ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନରେ ପରିଣତ ହେବା ଉଚିତ। ଓଡ଼ିଶା ଉଚ୍ଚଶିକ୍ଷା ବିଭାଗ ଉଚ୍ଚଶିକ୍ଷାର ଏକ ଲକ୍ଷ୍ୟ ସ୍ଥିର କରିବା ଉଚିତ ଯେଉଁଥିରେ ୨୦୩୦ ସୁଦ୍ଧା ରାଜ୍ୟରେ ଅତି କମ୍ରେ ୧୦୦ଟି ଉଚ୍ଚଶିକ୍ଷା ପ୍ରତିଷ୍ଠାନ ରହିବ ଯାହାଦ୍ୱାରା ନୂତନ ଶିକ୍ଷା ନୀତି ୨୦୨୦ ଦ୍ୱାରା ସ୍ଥିର ହୋଇଥିବା ଉଚ୍ଚାଭିଳାଷୀ ଲକ୍ଷ୍ୟ ପୂରଣ ହୋଇପାରିବ।

## ଅସୁମାରି ସ୍ୱପ୍ନ



ଘାସିରାମ ପଣ୍ଡା

ମିଲି ଯେତେବେଳେ ନବମ ଶ୍ରେଣୀରେ ପଢୁଥିଲେ ଘରଲୋକେ ତାଙ୍କ ବାହା ଠିକ କରି ଦେଇଥିଲେ। ମିଲିର ସ୍ୱପ୍ନ କିନ୍ତୁ ଭିନ୍ନଥିଲା। ସେ ପାଖରେ ରହୁଥିବା ଜଣେ ଅଙ୍ଗନୱାଡି କର୍ମୀଙ୍କ ସହଯୋଗରେ ବାହାଘର ବନ୍ଦ ପାଇଁ ବାପା ମା'ଙ୍କୁ ବୁଝାଇବାରେ ସଫଳ ହେଲେ। ଏ ବର୍ଷ ସେ ଦଶମ ଶ୍ରେଣୀର ଛାତ୍ରୀ। ପାଠପଢି ଆଗକୁ ନର୍ସ ହେବାକୁ ଇଚ୍ଛା। ହେଲେ ଘରର ଆର୍ଥିକ ଅବସ୍ଥା ଏଥିରେ ବାଧକ ସାଜୁଛି। ବାପା ସମୁଦ୍ରକୁ ମାଛ ମାରିବାକୁ ଯାଆନ୍ତି। ଯେତିକି ରୋଜଗାର ହୁଏ ସେଥିରେ ତାଙ୍କୁ ମିଶାଇ ପାଞ୍ଚ ଜଣଙ୍କ ଚଳିବା କଷ୍ଟକର ହୋଇପଡେ। ସେ ଘରର ବଡ। ତାଙ୍କ ତଳେ ଆହୁରି ତିନି ଭଉଣୀ ଓ ଭାଇଟିଏ। ବଡ ଝିଅକୁ ଜଲ୍ଦି ବାହା ନ କଲେ ତା' ପଛକୁ ଥିବା ଝିଅମାନେ ବାହା ହେବାକୁ ଡେରି ହେବ। ବୟସ ବଢିଲେ ଅଧିକ ଯୌତୁକ ଦେବାକୁ ପଡିବ। ମିଲିକୁ ବାଟ ଦେଖେଇବାକୁ ବି କେହି ନାହାନ୍ତି। ନର୍ସ ହେବାକୁ ହେଲେ କ'ଣ ପଢିବାକୁ ହୁଏ, କେତେ ଖର୍ଚ୍ଚ ହୁଏ ଏ ସବୁ ଜାଣିବାକୁ ତାଙ୍କର ଖୁବ୍ ଆଗ୍ରହ। ଦୃଢ ଇଚ୍ଛାଶକ୍ତି ସତ୍ତ୍ୱେ ଆର୍ଥିକ ସ୍ଥିତି ଓ ସାମାଜିକ ଚଳଣି ମିଲି ମନକୁ ସନ୍ଦିହାନ କରିଦେଉଛି।

ମିଲି ଭଳି ଅନେକ କିଶୋରୀଙ୍କ ଏମିତି କିଛି ନା କିଛି ଅଭିଳାଷ ଥାଏ। ବିଭିନ୍ନ କ୍ଷେତ୍ରରେ ମହିଳାଙ୍କ ଯୋଗଦାନ ଓ ପାରଦର୍ଶିତା କିଶୋରୀମାନଙ୍କ ଏଭଳି ଅଭିଳାଷକୁ ବଳ ଦେଉଛି। କିଶୋରୀ ମନ ଚାହେଁ ପାଠ ପଢିବ, ରୋଜଗାର କରିବ, ଦୁନିଆ ଦେଖିବ। ନିଜକୁ ଏମିତି ଯୋଗ୍ୟ କରିବ ଯେମିତି କେବେ, କେଉଁଠି, କାହାକୁ ଜୀବନ ସାଥି କରିବ ସେ ନିଷ୍ପତ୍ତି ନିଜେ ନେଇପାରିବ। ହେଲେ ସମସ୍ତଙ୍କର ଏ ସୌଭାଗ୍ୟ ଜୁଟେ ନାହିଁ। ସୁଯୋଗ ଓ ପ୍ରୋତ୍ସାହନର ଅଭାବରେ ମିଲି ଭଳି ଅନେକଙ୍କ ମନରେ ଥିବା ଅସୁମାରି ସ୍ୱପ୍ନ ଅଧାରେ ରହିଯାଉଛି। ସମାଜରେ ପ୍ରଚଳିତ ଝିଅ ଜନମ ଚୁଲିମୁଣ୍ଡକୁ ଭଳି ପ୍ରବାଦ ନୂଆ ହୋଇ ଗଜା ମେଲୁଥିବା କିଶୋରୀ ମନର ସ୍ୱପ୍ନକୁ ପଲ୍ଲବିତ ହେବା ପୂର୍ବରୁ ପତ୍ରଖିଆ କୀଟ ଭଳି ଚରିଯାଉଛି। ଆମ ରାଜ୍ୟରେ ଏବେ ବି ପ୍ରତି ଶହେରେ ୨୧ ଜଣ ଝିଅ ୧୮ ବର୍ଷ ପୂର୍ବରୁ ବାହା ହୁଅନ୍ତି। ଏହାରି ଭିତରୁ ଅଧିକାଂଶ ବିବାହ ପ୍ରାୟତଃ ୧୪ରୁ ୧୮ ବର୍ଷ ଭିତରେ ହୁଏ। ନିଜର ଶୈଶବ ଯାଇ ନ ଥିବା ପୂର୍ବରୁ ଝିଅଟି ଆଉ ଗୋଟିଏ ଛୁଆର ମା' ହୁଏ। ବାଲ୍ୟ ବିବାହର ଶିକାର ହେଉଥିବା ଏହି ସବୁ କିଶୋରୀମାନେ ସମସ୍ତ ପ୍ରକାରର ଶିଶୁ ଅଧିକାରରୁ ବଞ୍ଚିତ ହୁଅନ୍ତି। ପାଠପଢାରେ ଡୋରି ଲାଗେ। ଏମାନଙ୍କ ଭିତରୁ ଅନେକେ ଘରୋଇ ହିଂସାର ସମ୍ମୁଖୀନ ହୁଅନ୍ତି। ରକ୍ତହୀନତା ଓ ଅପପୁଷ୍ଟିର କବଳରେ ପଡି ଏମାନଙ୍କ ମଧ୍ୟରୁ ଅନେକଙ୍କ ପ୍ରସବ ସମୟରେ ମୃତ୍ୟୁ ହୁଏ। କିଶୋରୀ ମନର ସ୍ୱପ୍ନରେ ଡେଣା ଲାଗିବା ପୂର୍ବରୁ ଜୀବନର ଯବନିକା ପଡିଯାଏ।

ନିକଟରେ ଭାରତ ସରକାର ଝିଅଙ୍କ ବିବାହ ବୟସକୁ ୧୮ରୁ ୨୧ କରିବା ପାଇଁ ଏକ କମିଟି ଗଠନ କରିଛନ୍ତି। ଏହି କମିଟି ଏ ସମ୍ପର୍କରେ ନିଜର ମତ ନୀତି ଆୟୋଗରେ ଦାଖଲ କରିବେ। ଏହି ଅବସରରେ କମିଟିକୁ ଅଭିମତ ପଠେଇବା ପାଇଁ କିଛି କିଶୋର, କିଶୋରୀଙ୍କ ସହ ଆଲୋଚନାର ଅବକାଶ ସୃଷ୍ଟି ହୋଇଥିଲା। ଆଶ୍ଚର୍ଯ୍ୟ ହେଲେ ବି ସମସ୍ତଙ୍କର ମତ ଥିଲା ପ୍ରାୟ ଏକା ପରି। ପ୍ରଥମତଃ ଏକଥା ଉଠିଥିଲା କି ବାହା ହେବାକୁ ନେଇ ଏତେ ଗୁରୁତ୍ୱ କାହିଁକି ଦିଆଯାଉଛି ? ବିବାହ ପାଇଁ ଚିନ୍ତିତ ହେବା ଅପେକ୍ଷା ପିଲାଙ୍କ ସୁରକ୍ଷା, ଶିକ୍ଷା, ତାଲିମ, ନିଯୁକ୍ତି ଓ ରୋଜଗାରକୁ ନେଇ ଚିନ୍ତା କରାଯାଉ ନାହିଁ କାହିଁକି ? କେବଳ ଆଇନଗତ ଭାବେ ବିବାହ ବୟସକୁ ୧୮ରୁ ୨୧ କରି ଦିଆଗଲେ ଝିଅଙ୍କ ସ୍ୱାର୍ଥର କୌଣସି ସୁରକ୍ଷା ହୋଇପାରିବ ନାହିଁ। ବରଂ ଝିଅମାନଙ୍କୁ ନିଜ ଗୋଡରେ ଠିଆ ହେବା ଭଳି ବାତାବରଣ ତିଆରି ପାଇଁ ଗୁରୁତ୍ୱ ଦେବାକୁ ଅନେକେ ମତ ରଖିଥିଲେ। ଝିଅଙ୍କୁ ନିଜ ଶରୀର ବିଷୟରେ ବୁଝିବା ପାଇଁ ଅବକାଶ ମିଳୁନାହିଁ। କୈଶୋର ଅବସ୍ଥାରେ ଦେହ ଓ ମନର ପରିବର୍ତ୍ତନ ଉପରେ ଚର୍ଚ୍ଚା, ଆଲୋଚନା କରିବାର ସୁଯୋଗ ସୃଷ୍ଟିହେଲେ ସାଥି ବାଛିବାର ବୟସ ଓ ଆବଶ୍ୟକତା ସମ୍ପର୍କିତ ନିଷ୍ପତ୍ତି ନେବା ସହଜ ହୋଇପାରିବ। ଉଚ୍ଚ ଶିକ୍ଷା ପାଇଁ ପ୍ରୋତ୍ସାହନ, ବୃତ୍ତି ଚୟନରେ ସହାୟତା, ବାଲ୍ୟ ବିବାହ ପ୍ରବଣତା ଥିବା ପରିବାରକୁ ସାମାଜିକ ଓ ଆର୍ଥିକ ସୁରକ୍ଷା ଯୋଜନାରେ ସାମିଲ କରାଯାଇପାରିଲେ ଝିଅ ପିଲାମାନେ ଅଧିକ ପଢିବାର ଅବକାଶ ପାଇବେ ଓ ବିବାହ ବୟସ ଆପେ ବଢିଯିବ।

ସ୍ୱପ୍ନ ସାକାର ହେବାର ଅବକାଶକୁ ଅନୁଭବ କରିପାରିଲେ ସ୍ୱପ୍ନ ଦେଖିବାର ସାହସ ସୃଷ୍ଟି ହେବ। ଏହା ସେମାନଙ୍କୁ ନୂଆ କିଛି କରି ଦେଖେଇବାର ଖୋରାକ ଯୋଗାଇବ। ସ୍ୱପ୍ନକୁ ଡେଣା ମିଳିଲେ ନିଜ ସାମର୍ଥ୍ୟରେ ସେ ଅନେକ ଦୂରକୁ କ୍ଷେପିଯିବେ। ଏପରି ଏକ ସ୍ଥିତିରେ ବିବାହ ସେମାନଙ୍କ ପାଇଁ ବାଧ୍ୟବାଧକତା ନ ହୋଇ ଆଗ୍ରହର ବିଷୟ ହେବା ଉଚିତ।

ସୁବର୍ଣ୍ଣପୁର, ମୋ–୯୪୩୮୩୪୧୭୯୪
ghasirampanda@gmail.com

## ଏଇ ଭାରତରେ

ପବିତ୍ର ରାଖୀପୂର୍ଣ୍ଣମୀରେ କିଏ କେତେ ପ୍ରକାର ରାଖୀ ବାନ୍ଧିଲେ କିନ୍ତୁ ମହାରାଷ୍ଟ୍ରର ମିନାକ୍ଷୀ ୱାକେଙ୍କ ବାଉଁଶ ତିଆରି ରାଖୀ ଥିଲା ସମ୍ପୂର୍ଣ୍ଣ ଭିନ୍ନ, ଆକର୍ଷଣୀୟ ତଥା ପରିବେଶ ଉପଯୋଗୀ। ବାଉଁଶ କାଠିକୁ ସୂତାରେ ବାନ୍ଧି ଏହାକୁ ତିଆରି କରିଛନ୍ତି। କେବଳ ରାଖୀ ନୁହେଁ ସେ ସ୍ୱାଧୀନତା ଦିବସ ଉପଲକ୍ଷେ ତିଆରି କରୁଛନ୍ତି ବାଉଁଶର ତ୍ରିରଙ୍ଗା ଲକେଟ। ଛୋଟ ଛୋଟ ବାଉଁଶ କାଠିକୁ ବୁଣି ଛପା ଆକାରର କରିବା ପରେ ତାହାକୁ ରଙ୍ଗାଇଛନ୍ତି। ବାଉଁଶରେ ତ୍ରିରଙ୍ଗା ପତାକା କରିଛନ୍ତି। ତାଙ୍କ ହାତ ତିଆରି ବାଉଁଶର ଗହଣା, ଟେବୁଲ ମ୍ୟାଟ ଓ ବାସ୍କେଟର ବି ଖୁବ୍ ଚାହିଦା ରହିଛି। ମିନାକ୍ଷୀ ରହନ୍ତି ଚାନ୍ଦପୁରରେ। ତାଙ୍କୁ ବର୍ତ୍ତମାନ ବୟସ ୨୯। ତାଙ୍କ ଅଞ୍ଚଳରେ ବାଉଁଶ ଶସ୍ତାରେ ଉପଲବ୍ଧ ହେଉଥିବାରୁ ୨୦୧୭ରେ ସେ ପ୍ରଥମେ ଏହି କାର୍ଯ୍ୟ ଆରମ୍ଭ କରିଥିଲେ। ଧୀରେ ଧୀରେ ତାଙ୍କ କଳାକୃତିର ଆଦର ବଢିବା ପରେ ସେ ତାଙ୍କ ବ୍ୟବସାୟକୁ ବଢ଼ାଇପାରିଛନ୍ତି। ଏବେ ଏହି ସବୁ ସାମଗ୍ରୀକୁ ସେ 'ଅଭିସାର ଇନୋଭେଟିଭ' ବ୍ରାଣ୍ଡରେ ବିକ୍ରି କରୁଛନ୍ତି। କରୋନା ମହାମାରୀ ସମୟରେ ସେ ସ୍ଥାନୀୟ ଅଞ୍ଚଳର ଗରିବ ମହିଳାମାନଙ୍କୁ ଏହି କାମରେ ଲଗାଇଛନ୍ତି। ଚଳିତ ବର୍ଷ ସେ ୧୦,୦୦୦ ରାଖୀ ବିକ୍ରି କରିଛନ୍ତି। ଏହାପରେ ସ୍ୱାଧୀନତା ଦିବସ ପାଇଁ ୩୦୦୦ ଲକେଟ ତିଆରି କରି ବିକ୍ରି କରିବାକୁ ଲକ୍ଷ୍ୟ ରଖିଛନ୍ତି। ମିନାକ୍ଷୀଙ୍କ ସମ୍ପର୍କରେ ଜାଣିବା ପରେ ମୁମ୍ବାଇର ଲତା ମେନନ ଏକାକୀ ୭୦୦ ରାଖୀ କଣିଥିଲେ।

## ୨୫ ବର୍ଷ ତଳର ଧରିତ୍ରୀ

**୪ ଅଗଷ୍ଟ ୧୯୯୫**

- କଲିକତାସ୍ଥିତ ଦାମୋଦର ନଦୀରେ ଏକ ଦେଶୀ ଡଙ୍ଗା ବୁଡ଼ିଯିବା ଫଳରେ ୬୦ ଜଣଙ୍କର ମୃତ୍ୟୁ ଘଟିଛି।
- ରୁଷିଆର ମହାକାଶ ପ୍ରତୀରକ୍ଷା ବାହିନୀ ପକ୍ଷରୁ ପ୍ଲେସ୍ମେଣ୍ଟ ଉତ୍କ୍ଷେପଣ ଘାଟିରୁ ମୋଲ ନିୟାଏମ୍ ନାମକ ଏକ ଟୁଷ୍ଟର ରକେଟର ଉତ୍କ୍ଷେପଣ କରାଯାଇଛି।
- ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ମହାତ୍ମା ଗାନ୍ଧୀ ଓ ବିନୋବା ଭାବେଙ୍କର ଅତି ଘନିଷ୍ଠ ଥିବା ଗୀତା ବଜାଜ୍ଙ୍କର ୭୬ ବର୍ଷ ବୟସରେ ପରଲୋକ।

## su | do | ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | 8 | | | 5 | | | | 7 | C | 3 | | |
| | 8 | 1 | | | A | | | | 5 | | | D | | |
| 7 | D | E | | 9 | | | | A | | | 8 | | | |
| | 2 | | 7 | E | | | | | | | | 8 | | 6 |
| | | | | | 3 | | 0 | | | | 1 | | 5 | |
| A | 5 | D | | 0 | 8 | | | 6 | | E | | | | |
| | | | | | | 4 | | | | 6 | | | 1 | 7 |
| | | | | | | | | | | | | | 3 | 5 |
| | 1 | | 2 | | B | | A | C | | | 0 | 4 | | E |
| 8 | 6 | | | | 5 | | | B | | | | | | |
| | | A | 3 | | 4 | | 1 | | | | | | C | |
| | E | | 1 | 7 | 2 | | | | | | 4 | | | D |
| B | 7 | | | D | | | E | 0 | 3 | | | | | |
| 3 | | | | | 9 | | | | | 1 | A | | 0 | |
| | | | | | E | | | | B | C | | 2 | 4 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| E | 4 | 3 | C | A | 2 | 1 | 5 | 9 | 6 | B | D | 8 | 7 | 0 |
| 6 | 5 | 0 | 8 | D | 1 | 7 | B | 4 | C | 3 | E | 9 | 2 | A |
| 9 | 1 | 7 | 4 | B | 0 | D | 2 | 3 | 8 | 5 | A | C | E | 6 |
| B | 8 | 2 | 6 | E | 9 | A | C | 0 | 7 | 4 | 1 | D | 3 | 5 |
| C | D | A | 7 | 3 | 5 | E | 6 | 8 | 9 | 2 | 0 | B | 4 | 1 |
| 5 | 7 | 4 | A | 8 | E | C | 3 | D | 1 | 6 | B | 0 | 9 | 2 |
| 0 | 9 | D | 1 | C | 6 | 5 | 4 | 7 | 3 | E | 2 | A | 8 | B |
| 1 | 2 | B | 0 | 4 | D | 8 | E | 6 | A | 7 | 9 | 3 | 5 | C |
| A | E | 8 | 3 | 5 | B | 9 | 0 | 2 | D | C | 4 | 6 | 1 | 7 |
| 3 | 6 | C | 2 | 9 | 7 | B | 1 | A | 0 | 8 | 5 | 4 | D | E |
| 4 | A | E | D | 2 | C | 6 | 7 | 1 | B | 9 | 3 | 5 | 0 | 8 |
| D | C | 1 | 5 | 6 | 3 | 0 | 8 | E | 4 | A | 7 | 2 | B | 9 |
| 7 | 3 | 6 | B | 0 | 4 | 2 | 9 | C | 5 | 1 | 8 | E | A | D |
| 2 | 0 | 5 | 9 | 7 | 8 | 3 | A | B | E | D | 6 | 1 | C | 4 |
| 8 | B | 9 | E | 1 | A | 4 | D | 5 | 2 | 0 | C | 7 | 6 | 3 |

ଗତକାଲିର ଉତ୍ତର

# ମଦ୍ୟପ ବାପଙ୍କ ଅସାମାଜିକ ପୁଅ



ପ୍ରଫେସର ରମେଶ ଚନ୍ଦ୍ର ପରିଡ଼ା

ଆମ ସମାଜରେ ଏବେ ମଦ୍ୟପମାନଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ତା'ର ନିମ୍ନଗାମୀ ପ୍ରଭାବ ପରିଲକ୍ଷିତ ହେଉଛି ଆମ ପାରିବାରିକ, ସାମାଜିକ ଏବଂ ଅର୍ଥନୈତିକ ଜୀବନଠାରୁ ଆରମ୍ଭ କରି ସ୍ୱାସ୍ଥ୍ୟ, ମାନବ ସମ୍ବଳ ତଥା ଆୟୁଷ ଉପରେ। ଦିନକୁ ଦିନ ଏହାର ନୂଆ ନୂଆ କୁପରିଣାମ ଦୃଷ୍ଟି ଗୋଚର ହେବାରେ ଲାଗିଛି। ଉଦାହରଣ ସ୍ୱରୂପ, ଦୀର୍ଘଦିନ ଧରି ମଦ ପ୍ରେମୀମାନେ ପ୍ରଚାର ଚଳାଇ ଆସିଥିଲେ ଯେ ସୀମିତ ମାତ୍ରାରେ ରେଡ୍ ୱାଇନ୍ ଭଳି କେତେକ ମଦ୍ୟ ପାନ କରିବା ସ୍ୱାସ୍ଥ୍ୟ ପକ୍ଷେ ଉପଯୋଗୀ। କାରଣ, ଏଥିରେ ଥାଏ କିଛି ପ୍ରତିଜାରକ ବା ଆଣ୍ଟି ଅକ୍ସିଡାଣ୍ଟ, ଯାହା କି ରୋଗ ପ୍ରତିରୋଧକ ଶକ୍ତି ବଢ଼ାଏ। କିନ୍ତୁ ଏହା ସମ୍ପୂର୍ଣ୍ଣ ଅମୂଳକ ବୋଲି ନିକଟରେ ସ୍ୱାସ୍ଥ୍ୟ ଗବେଷଣା ପତ୍ରିକା 'ଲାନ୍ସେଟ୍'ରେ ପ୍ରକାଶିତ ଏକ ନିବନ୍ଧରେ ସୂଚନା ଦେଇଛନ୍ତି ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟର ଗବେଷକମାନେ। ସେମାନଙ୍କ ମତରେ ମଦ୍ୟପାନର ପରିମାଣ ସହିତ ଆମ ସ୍ୱାସ୍ଥ୍ୟର ଦୁରବସ୍ଥା ସମାନୁପାତିକ। ଅର୍ଥାତ୍ ଯେକୌଣସି ମଦ ଆମେ ଯେତେ ସାମାନ୍ୟ ପାନକଲେ ମଧ୍ୟ ତାହାର ସେହି ଅନୁପାତରେ କିଛି ନା କିଛି କୁପ୍ରଭାବ ପଡ଼ିଥାଏ।

ମଣିଷ ଶରୀରରେ ଏଭଳି କୌଣସି ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ନାହିଁ, ଯାହା କି ମଦ୍ୟପାନ ଦ୍ୱାରା ରୋଗାକ୍ରାନ୍ତ ନ ହୁଏ, ଯକୃତ, ହୃତ୍ପିଣ୍ଡ, ମସ୍ତିଷ୍କଠାରୁ ଆରମ୍ଭ କରି ବୃକକ୍ ପର୍ଯ୍ୟନ୍ତ। ଏହାଛଡ଼ା ବିବିଧ ସ୍ନାୟୁବିକ ବ୍ୟାଧି, ପୃଥୁଳତା, ଉଚ୍ଚ ରକ୍ତଚାପ, କର୍କଟରୋଗ ଇତ୍ୟାଦିର ମଧ୍ୟ ଏହା କାରଣ ହୋଇପାରେ। ତେବେ ନିକଟରେ ଏହାର ଏକ ନୂତନ ଦିଗନ୍ତ ଉନ୍ମୋଚନ କରିଛନ୍ତି ବେଙ୍ଗାଲୁରୁସ୍ଥିତ 'ନିମ୍ହାନ୍ସ' (ନ୍ୟାଶନାଲ ଇନ୍ଷ୍ଟିଚ୍ୟୁଟ ଅଫ୍ ମେଣ୍ଟାଲ ହେଲ୍ଥ ଏଣ୍ଡ ନ୍ୟୁରୋସାଇନସେସ୍)ର ଗବେଷକ ଗଣ। ସେମାନଙ୍କ ଦ୍ୱାରା ଅନୁଷ୍ଠିତ ଏକ ଅଧ୍ୟୟନରୁ ପ୍ରମାଣିତ ହୋଇପାରିଛି ଯେ, ମଦ କେବଳ ମଦ୍ୟପର ଶାରୀରିକ ତଥା ମାନସିକ ସ୍ୱାସ୍ଥ୍ୟକୁ ବିପର୍ଯ୍ୟସ୍ତ କରେନାହିଁ, ତା' ସନ୍ତାନ ସନ୍ତତିମାନଙ୍କଠାରେ ଜୈବିକ ତଥା ଜିନୀୟସ୍ତରରେ ମଧ୍ୟ ନକାରାତ୍ମକ ପରିବର୍ତ୍ତନ ଆଣେ। ସେମାନେ ଏହାକୁ ନେଇ ଗବେଷଣା ପତ୍ରିକା 'ନ୍ୟୁରୋ ସାଇକୋ ଫାର୍ମାକୋଲୋଜି ଏଣ୍ଡ୍ ବାୟୋଲୋଜିକାଲ୍ ସାଇକୋଲୋଜି' (ଏପ୍ରିଲ୍ ୨୦୧୯)ରେ ନିବନ୍ଧଟିଏ ପ୍ରକାଶ କରିଛନ୍ତି।

ତଦନୁଯାୟୀ, ଏହି ପିଲାମାନେ ପରିବାର ମଧ୍ୟରେ ଲାଗିରହିଥିବା ଉତ୍ତେଜନା, କଳହ ଏବଂ ବିଭିନ୍ନ ପ୍ରକାର ଅଶାନ୍ତି ଶୈଶବକାଳରୁ ଦେଖି ଆସିଥାନ୍ତି। ଏହା ତାଙ୍କୁ ମାନସିକ ଚାପଗ୍ରସ୍ତ କରେ। ଏଣୁ ତାଙ୍କଠାରେ ସୃଜନଶୀଳତା କିମ୍ବା ସକାରାତ୍ମକ ଚିନ୍ତାଧାରା ଉଦ୍ରେକ ହେବା ସମ୍ଭବପର ହୁଏନାହିଁ। ତେବେ, ଏଥିସହିତ ସେମାନଙ୍କଠାରେ ଜିନୀୟ ପରିବର୍ତ୍ତନ ମଧ୍ୟ ଆସିଯାଏ। ଫଳରେ ସେମାନଙ୍କଠାରେ ଗୁରୁତର ମାନସିକ ଚାପ, ହତାଶା, ଅପରାଧ ପ୍ରବଣତା ଆଦି ପ୍ରକଟିତ ହୋଇଥାଏ।

ଉପରୋକ୍ତ ଗବେଷଣାରେ ୫୦ରୁ ଊର୍ଦ୍ଧ୍ୱ ମଦ୍ୟପଙ୍କ ସନ୍ତାନସନ୍ତତିଙ୍କ ଉପରେ ଦୀର୍ଘକାଳ ଧରି ଚଳାଇଥିବା ଅଧ୍ୟୟନରୁ ଜଣାପଡିଛି ଯେ, ଏହି ପରିବର୍ତ୍ତନ ତାଙ୍କ ଡିଏନ୍ଏର 'ମେଥିଲେସନ୍' ସହିତ ସମ୍ପୃକ୍ତ। ଏହାଦ୍ୱାରା ଏହି ଜିନୀୟ ଅଣୁରେ ରାସାୟନିକ ପରିବର୍ତ୍ତନ ଆସେ। ଫଳରେ ଜିନ୍ର ପ୍ରକଟିତ ହେବା ପ୍ରକ୍ରିୟା ପ୍ରଭାବିତ ହୁଏ। ପୁନଶ୍ଚ ଏହା 'ହାଇକୋଥାଲାମସ୍–ପିଟ୍ୟୁଟାରୀ ଅକ୍ଷ'ର କ୍ରିୟାବିଧିକୁ ମଧ୍ୟ ବଦଳାଇଦିଏ। ଅତଏବ ମସ୍ତିଷ୍କରେ ଥିବା ହାଇପୋଥାଲାମସ୍ ଗ୍ରନ୍ଥି' ଏବଂ 'ପିଟ୍ୟୁଟାରୀ ଗ୍ରନ୍ଥି'ର ବୃକକ୍ ଉପରେ ଅବସ୍ଥିତ 'ଆଡ୍ରେନାଲ ଗ୍ରନ୍ଥି' ସହିତ ପାରସ୍ପରିକ କ୍ରିୟା ସମ୍ପାଦନ ସ୍ୱାଭାବିକ ହୁଏନାହିଁ। ଏହି ଗବେଷକମାନଙ୍କ ମଧ୍ୟରୁ ଅନ୍ୟତମ ଡକ୍ଟର ମୀରା ପୁରୁଷୋତ୍ତମଙ୍କ ମତରେ 'ହାଇପୋଥାଲାମସ୍–ପିଟ୍ୟୁଟାରୀ ଅକ୍ଷ' ହେଉଛି ଏକ ଗୁରୁତ୍ୱପୂର୍ଣ୍ଣ ସ୍ନାୟୁ–ଅନ୍ତଃସ୍ରାବୀ ବ୍ୟବସ୍ଥା, ଯାହା କି ଆମର ମାନସିକ ଚାପ ଓ ଖାଦ୍ୟ ହଜମଠାରୁ ଆରମ୍ଭ କରି ଶରୀରର ପ୍ରତିରକ୍ଷା ବ୍ୟବସ୍ଥା, ମିଜାଜ, ଭାବପ୍ରବଣତା, ଯୌନ ସାମର୍ଥ୍ୟ ଏବଂ ଶକ୍ତିର ସଞ୍ଚୟ ଓ ବ୍ୟୟ ଆଦି ପ୍ରକ୍ରିୟାକୁ ନିୟନ୍ତ୍ରିତ କରେ। ଏହାବ୍ୟତୀତ ମଦ୍ୟପଙ୍କ ପିଲାମାନେ ଶୈଶବାବସ୍ଥାରେ ସମ୍ମୁଖୀନ ହୋଇଥିବା ଦୁର୍ଦ୍ଦଶାର 'କୋର୍ଟିସଲ' ହର୍ମୋନର କ୍ରିୟାବିଧିକୁ ହ୍ରାସ କରିଦେବା ଏବଂ ଏକ ନିର୍ଦ୍ଦିଷ୍ଟ ଜିନ୍ରେ ଡିଏନ୍ଏରେ 'ମେଥିଲେସନ୍' ପ୍ରକ୍ରିୟା ଅଭିବୃଦ୍ଧି କରିବା ତାଙ୍କ ବାହ୍ୟ ଆଚରଣ ସହିତ ସମ୍ପର୍କ ଥିବାର ସେ କହନ୍ତି। ଏହି ଜିନ୍ରେ ମଧ୍ୟ ସ୍ନାୟୁ ସଞ୍ଚରକ ରୂପେ କାର୍ଯ୍ୟ କରୁଥିବା 'ସେରୋଟୋନିନ୍' ବାହକ ଲାଗି ସଂକେତାବଳୀ ଥାଏ, ଯାହା କି ଆମ କ୍ଷୁଧା, ସୁସ୍ଥ ଅନୁଭବ, ବୋଧଶକ୍ତି ଏବଂ ସ୍ମରଣଶକ୍ତି ପାଇଁ ଅତୀବ ଗୁରୁତ୍ୱପୂର୍ଣ୍ଣ।

ସେହିପରି ଅନ୍ୟତମ ଗବେଷକ ଡକ୍ଟର ବିବେକ ବେନେଗାଲଙ୍କ ସୂଚନା ଅନୁସାରେ ଏହି ଅଧ୍ୟୟନକାଳରେ ପରୀକ୍ଷା ଅନ୍ତର୍ଭୁକ୍ତ ପିଲାମାନଙ୍କର ମାନସିକ ଚାପ ସଙ୍ଗେ ସଙ୍ଗେ ସେମାନଙ୍କ ଲାଳରେ ଥିବା 'କୋର୍ଟିସଲ୍'ର ମାତ୍ରା ମଧ୍ୟ ନିରୂପଣ କରାଯାଇଥିଲା। ସାଧାରଣ କ୍ଷେତ୍ରରେ ମାନସିକ ଚାପ କାଳରେ ଏହାର ରସାୟନର ସ୍ତର ହଠାତ୍ ବୃଦ୍ଧିପାଏ। କିନ୍ତୁ ଏମାନଙ୍କଠାରେ ସେପରି ଘଟିଲା ନାହିଁ। ତାହା ଧୀରେ ଧୀରେ ଏବଂ କମ୍ ମାତ୍ରାରେ ବୃଦ୍ଧିପ୍ରାପ୍ତ ହେଲା। କାରଣ ସମ୍ଭବତଃ ଏପ୍ରକାର ମାନସିକ ଚାପ ତାଙ୍କର ଦେହସୁହା ହୋଇଯାଇଥିଲା।

ବେନେଗାଲଙ୍କ ମତରେ ଏ ଅଧ୍ୟୟନର ବିଶେଷତ୍ୱ ହେଲା ଯେ, ଏହା ମାନସିକ ଚାପ ସମୟରେ 'କୋର୍ଟିସଲ୍'ର ମାତ୍ରା ମାଧ୍ୟମରେ 'ହାଇପୋଥାଲାମସ୍–ପିଟ୍ୟୁଟାରୀ ଅକ୍ଷ'ର କ୍ରିୟାବିଧିକୁ ପୁଙ୍ଖାନୁପୁଙ୍ଖ ମୂଲ୍ୟାୟନ ଏବଂ ଡିଏନ୍ଏ ସ୍ତରରେ ଶୈଶବାବସ୍ଥାରେ ଦୁର୍ଦ୍ଦଶାଜନିତ ରାସାୟନିକ ପ୍ରଭାବର ଆକଳନ କରିପାରିଛି। ଫଳରେ ଏସବୁ ସହିତ ସାମାଜିକ ଆଚରଣର ସମ୍ପର୍କ ହୃଦୟଙ୍ଗମ ହୋଇପାରିଛି। ପୁନଶ୍ଚ ଏହା ମଧ୍ୟ ଜଣାପଡିଛି ଯେ, ବାପା ମା' ଉଭୟ ମଦ୍ୟପ ହୋଇଥିଲେ ଏ ପ୍ରଭାବ ଅଧିକ ହୋଇଥାଏ ଏବଂ ଝିଅମାନଙ୍କ ତୁଳନାରେ ପୁଅମାନଙ୍କଠାରେ ତାହା ପ୍ରକଟିତ ହୁଏ ଅଧିକ ସ୍ପଷ୍ଟ ଭାବେ। ସେଥିପାଇଁ ସେମାନେ ଅଧିକ ରୁକ୍ଷ, ଦାୟିତ୍ୱହୀନ ଏବଂ ଅସାମାଜିକ ହୋଇଥାନ୍ତି।

ଉଷାନିବାସ, ୧୨୪/୨୪୪୫, ଖଣ୍ଡଗିରି
ବିହାର, ଭୁବନେଶ୍ୱର
ମୋ–୯୯୩୭୯୮୫୭୬୭

## ପାଠକ ଶ୍ରେଷ୍ଠ ବିଚାରକ

### ଉଚ୍ଚଶିକ୍ଷା ବିଭାଗର କରୋନା କଟକଣା

ମହାଶୟ,

କରୋନାର ମୁକାବିଲା ସରକାରଙ୍କ ପାଇଁ ସବୁଠାରୁ ବଡ଼ କାର୍ଯ୍ୟ ହୋଇଛି। ଉଚ୍ଚଶିକ୍ଷା ବିଭାଗ ତରଫରୁ କଲେଜଗୁଡିକରେ ପାଠପଢା ନିଷେଧ କରାଯାଇଛି। ଏହାପରେ ବି ଅଧ୍ୟାପକମାନଙ୍କୁ କଲେଜ ଆସିବାକୁ ବାଧ୍ୟ କରାଯାଉଛି। ଅନେକ କ୍ଷେତ୍ରରେ କରୋନା ବ୍ୟାପିଥିବା ଅଞ୍ଚଳରୁ ଅଧ୍ୟାପକମାନେ କଲେଜ ଆସୁଛନ୍ତି। ଅନ୍ୟ ସରକାରୀ ଅଫିସଗୁଡିକ ଅଧା କର୍ମଚାରୀରେ ଚାଲୁଛି। ହେଲେ ଅଧ୍ୟାପକମାନେ ଅନଲାଇନ୍ରେ ପାଠ ପଢାଉଥିବାବେଳେ ସେମାନଙ୍କୁ କଲେଜ ଆସିବାକୁ କାହିଁକି ବାଧ୍ୟ କରାଯାଉଛି ? ଏହାଦ୍ୱାରା ଅଯଥାରେ ସମୟ ନଷ୍ଟ ହେବା ସହ ପାଠପଢା ପାଇଁ ଆବଶ୍ୟକ ସୁସ୍ଥ ମନ ଓ ପରିବେଶ ମିଳିବାରେ ବାଧା ଉପୁଜିବ। ଆମେ ଅନ୍ତତଃ ଏ ସମୟରେ ଅସୂୟା ଭାବରୁ ଉର୍ଦ୍ଧ୍ୱକୁ ଯାଇ ନିଷ୍ପତ୍ତି ନେବା ଉଚିତ। ମୋତେ ଲାଗୁଛି ଅଧ୍ୟାପକମାନେ ଘରେ ରହି କାହିଁକି ଦରମା ପାଇବେ ବୋଲି ସୃଷ୍ଟି ହେଉଥିବା ଅସୂୟାର ଏହା ଫଳ। ପାଠ ପଢାଇବା ଦରକାର ନା କଲେଜ ଆସିବା ଦରକାର ଏହା ଉଚ୍ଚଶିକ୍ଷା ବିଭାଗ ଚନ୍ତା କରୁ। ଯଦି ପାଠ ପଢାଇବା ଦରକାର ତେବେ ଘରେ ରହି ମୋବାଇଲ ମାଧ୍ୟମରେ ଅଧ୍ୟାପକମାନେ ସୁସ୍ଥ ମନ ଓ ସୁସ୍ଥ ପରିବେଶରେ ପାଠ ପଢ଼ାନ୍ତୁ।

ସୁଧାଂଶୁ ବିଶ୍ୱାଳ, ଭୁବନପୁର, ଗଡ଼ମଧୁପୁର, ଧର୍ମଶାଳା, ଯାଜପୁର

### 'ଆମ ଗୁହାଳ' ଯୋଜନାରେ ମନ୍ଥରତା

ସାରା ରାଜ୍ୟରେ କାର୍ଯ୍ୟକାରୀ କରାଯାଇଥିବା 'ଆମ ଗୁହାଳ' ଯୋଜନା ୨୦୧୬–୧୭ରୁ ଆରମ୍ଭ ହୋଇଥିଲେ ମଧ୍ୟ ସଫଳ ହୋଇପାରି ନାହିଁ। ପ୍ରତି ପଞ୍ଚାୟତ ପିଛା ୫ରୁ ୬ଟି ଲେଖାଏଁ କୃଷକ ପରିବାରକୁ ଯୋଗାଇବା ଲକ୍ଷ୍ୟ ରଖାଯାଇଛି। ପାଞ୍ଚବର୍ଷ ବିତିଯାଇଥିଲେ ମଧ୍ୟ ସରକାରଙ୍କ ଆନ୍ତରିକତା ଅଭାବ ଦେଖାଯାଉଛି। ଏହାକୁ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଛି। ଯୋଜନାକୁ ଅଧିକ ଗୁରୁତ୍ୱ ଦିଆଯାଉ।

ରମେଶ ଚନ୍ଦ୍ର ବେହେରା, ଆୟତପୁର, କିଶନନଗର, କଟକ

## ଚିରନ୍ତନୀ

କେତେ ରୂପ ରସ ସାଇତି ରଖଇଁ ଚିତ୍ତରେ
ଗାଇଦେବା ପାଇଁ ସବୁ କଥା ଦିନେ ଗୀତରେ
ଗାଇଦେବା ପାଇଁ ଜୀବନ ଯାତନା
ଅପାସୋରା ସବୁ ସପନ ରଚନା
ମିଛ ଦୁନିଆରେ କହିବାକୁ ପଦେ ସତରେ
ମୁଦିଦେବା ପାଇଁ ଡୋଳା ଦୁଇ ଶେଷେ ଗୀତରେ।
(ଜୟପୁର ଘାଟି)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**ରେଳବାଇ କର୍ମଚାରୀ ପୁରସ୍କୃତ**

ସମ୍ବଲପୁର, (ବ୍ୟୁରୋ): ସମ୍ବଲପୁର ରେଳ ମଣ୍ଡଳରେ କାର୍ଯ୍ୟରତ ନିରାପତ୍ତା କର୍ମଚାରୀଙ୍କୁ ସୋମବାର ପୁରସ୍କୃତ କରାଯାଇଛି । ରେଳ ମଣ୍ଡଳ ପ୍ରବନ୍ଧକ ପ୍ରଦୀପ କୁମାର ପ୍ରମାଣପତ୍ର ସହ ନଗଦ ଅର୍ଥରାଶି ଦେଇ ସମ୍ବଲପୁରରେ କାର୍ଯ୍ୟରତ ଟ୍ରାକ୍ ମ୍ୟାଣ୍ଟେନର କୁମାରୀ କର୍ମୀଙ୍କୁ ଓ ଝୁଝୁମୁରା ଷ୍ଟେସନ ଟୋକନ ପୋଟର୍ କେସି ମାଝିଙ୍କୁ ପୁରସ୍କୃତ କରିଥିଲେ । ବରିଷ୍ଠ ମଣ୍ଡଳ ପରିଚାଳନା ପ୍ରବନ୍ଧକ ମିଳିନ୍ଦ ହିରୱେ ଓ ବରିଷ୍ଠ ମଣ୍ଡଳ ଯାନ୍ତ୍ରୀକ ଯନ୍ତ୍ରୀ ସଞ୍ଜୟ କୁମାର ଉପସ୍ଥିତ ଥିଲେ ।

# କ୍ରାଇମବ୍ରାଞ୍ଚରେ ପଡ଼ିରହିଛି ଅଧାରୁ ଅଧିକ ମାମଲା

ତ୍ରିନାଥ ମହାନ୍ତି

ଭୁବନେଶ୍ୱର, ୩।୮ (ବ୍ୟୁରୋ)

## ମିଳୁନି ନ୍ୟାୟ, ତୁଟୁଛି ଭରସା

- ୧୨ ବର୍ଷରେ ୩୪୫ କେସ୍ ମଧ୍ୟରୁ ୧୬୮ର ତଦନ୍ତ ସରିଛି
- ଗଣବଳାତ୍କାର, ହତ୍ୟା ଭଳି ବଡ଼ ମାମଲାରେ ତଦନ୍ତ ଫେଲ୍
- ଗୃହ ବିଭାଗ ଦେଇଛି ୩୬ ସମ୍ବେଦନଶୀଳ ମାମଲା
- ଆଦିତ୍ୟ ମୃତ୍ୟୁ ରହସ୍ୟ ପର୍ଦ୍ଦାଫାଶ ନେଇ ସନ୍ଦେହ

ରାଜ୍ୟ ସରକାରଙ୍କ ସର୍ବୋଚ୍ଚ ତଥା ଭରସାଯୋଗ୍ୟ ତଦନ୍ତକାରୀ ସଂସ୍ଥା ହେଉଛି କ୍ରାଇମବ୍ରାଞ୍ଚ। ଯେତେବେଳେ ପୋଲିସ ଫେଲ୍ ମାରେ ସେତେବେଳେ କ୍ରାଇମବ୍ରାଞ୍ଚ ତଦନ୍ତ ପାଇଁ ଦାବି ଉଠେ। ଲୋକେ କ୍ରାଇମବ୍ରାଞ୍ଚର ଦ୍ୱାରସ୍ଥ ହୁଅନ୍ତି ବା କ୍ରାଇମବ୍ରାଞ୍ଚ ତଦନ୍ତ ପାଇଁ କୋର୍ଟରେ ପିଟିଶନ କରନ୍ତି। ମାମଲାର ଗୁରୁତ୍ୱ ଥିଲେ ଅବା ସମ୍ବେଦନଶୀଳ ହୋଇଥିଲେ ସରକାର ମଧ୍ୟ କ୍ରାଇମବ୍ରାଞ୍ଚକୁ ତଦନ୍ତ ଦାୟିତ୍ୱ ଦିଅନ୍ତି। ହେଲେ ଏବେ କ୍ରାଇମବ୍ରାଞ୍ଚ ତଦନ୍ତକୁ ନେଇ ମଧ୍ୟ ବଡ଼ ପ୍ରଶ୍ନ ଉଠିଛି। ନିଶା କାରବାର ଭଳି କିଛି ମାମଲାରେ ବାହାବା ନେଉଥିବା ଏହି ସଂସ୍ଥା କିନ୍ତୁ ଅପହରଣ, ନିଖୋଜ, ହତ୍ୟା, ଗଣବଳାତ୍କାର ଆଦି ମାମଲାର ତଦନ୍ତରେ ବିଫଳ ହୋଇଛି। ଅଧାରୁ ଅଧିକ ମାମଲା ବର୍ଷ ବର୍ଷ ଧରି ପଡ଼ି ରହିଛି। ଫଳରେ ଅଭିଯୁକ୍ତମାନେ ଖସି ବୁଲୁଥିବାବେଳେ ଏପଟେ ପ୍ରମାଣ ଅଭାବରୁ ନ୍ୟାୟିକ ବ୍ୟବସ୍ଥା ବାଟବଣା ହୋଇଯାଉଛି। ଏକ୍ଷେତ୍ରରେ ରାଜନୈତିକ ଚାପ, ତଦନ୍ତରେ ଅତ୍ୟାଧୁନିକ ଜ୍ଞାନକୌଶଳର ଉପଯୋଗ ହୋଇ ନ ପାରିବା, ତଦନ୍ତ ଅଧିକାରୀଙ୍କ ଦକ୍ଷତା ଓ ମନୋବୃତ୍ତିର ଅଭାବ ପ୍ରସଙ୍ଗ ସାମ୍ନାକୁ ଆସୁଛି। ଫଳରେ କ୍ରାଇମବ୍ରାଞ୍ଚ ଉପରୁ ଭରସା ତୁଟିବାରେ ଲାଗିଛି। ଓଡ଼ିଶା ପୋଲିସର କ୍ରାଇମବ୍ରାଞ୍ଚରେ ବର୍ତ୍ତମାନ ସିଆଇଡି, ଇଓଡବ୍ଲ୍ୟୁ, ଏସ୍‌ଟିଏଫ୍ ଆଦି ଗୁରୁତ୍ୱପୂର୍ଣ୍ଣ ଶାଖା କାର୍ଯ୍ୟ କରୁଛି। ଏହାସତ୍ତ୍ୱେ ତଦନ୍ତକୁ ନେଇ ଅନେକ ସମୟରେ ଅଭିଯୋଗ ଉଠିଛି। ବିଶେଷକରି ଗତ ୧୨ ବର୍ଷ ମଧ୍ୟରେ ରାଜ୍ୟ କ୍ରାଇମବ୍ରାଞ୍ଚ ତଦନ୍ତ ପ୍ରକ୍ରିୟାରେ ଅତ୍ୟନ୍ତ ଖରାପ ପ୍ରଦର୍ଶନ କରିଛି। ୨୦୦୭ରୁ ୨୦୧୯ ଜୁଲାଇ ପର୍ଯ୍ୟନ୍ତ ମୋଟ ୩୪୫ଟି ସମ୍ବେଦନଶୀଳ ମାମଲାର ତଦନ୍ତ ଭାର ନେଇଛି କ୍ରାଇମବ୍ରାଞ୍ଚ। ଏହାର ୯୦ ପ୍ରତିଶତ ଅର୍ଥାତ୍ ୩୦୯ ମାମଲା ବିଭିନ୍ନ ଥାନାରୁ ଆସିଛି। ଏହାସହ ଗୃହ ବିଭାଗ ମଧ୍ୟ କୁନ୍ଧୁଲି, ପିପିଲି ଗଣବଳାତ୍କାର ଭଳି ୩୬ଟି ହାଇପ୍ରୋଫାଇଲ ମାମଲା କ୍ରାଇମବ୍ରାଞ୍ଚକୁ ଦେଇଛି। ହେଲେ ଏହି ସଂସ୍ଥା ୪୮.୬୯ ପ୍ରତିଶତ ବା ୧୬୮ଟି ମାମଲାର ତଦନ୍ତ ଶେଷ କରିଥିବାବେଳେ ୫୧.୩୦ ପ୍ରତିଶତ ବା ୧୭୭ଟି ମାମଲା ତଦନ୍ତାଧୀନ ଅବସ୍ଥାରେ ପଡ଼ିରହିଛି।

ଦୋଷୀ ସାବ୍ୟସ୍ତ ହାର ମଧ୍ୟ ବେଶ୍ ନୈରାଶ୍ୟଜନକ ରହିଛି। ଅଭିଯୁକ୍ତଙ୍କୁ ଧରୁଥିଲେ ମଧ୍ୟ ସେମାନଙ୍କ ବିରୋଧରେ ବଳିଷ୍ଠ ପ୍ରମାଣ ଯୋଗାଡ କରିପାରୁ ନ ଥିବାରୁ ସେମାନେ କୋର୍ଟରୁ ଖସିଯାଉଛନ୍ତି। ଗତବର୍ଷ ପିପିଲି ନାବାଳିକା ଗଣବଳାତ୍କାର ମାମଲାରେ କ୍ରାଇମବ୍ରାଞ୍ଚର ଦୁର୍ବଳ ପ୍ରମାଣ ଯୋଗୁ ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ ହୋଇଥିଲେ। ରାଜ୍ୟବ୍ୟାପୀ ଏହାକୁ ନେଇ ପ୍ରତିବାଦର ସ୍ୱର ଉଠିବା ସହ ତଦନ୍ତ ଓ ନ୍ୟାୟିକ ବ୍ୟବସ୍ଥା ଉପରେ ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା। ଏହାପରେ କ୍ରାଇମବ୍ରାଞ୍ଚ ଅଭିଯୁକ୍ତଙ୍କ ଜାମିନ ଖାରଜ ପାଇଁ କୋର୍ଟରେ ପିଟିଶନ କରିଥିଲେ। ସେହିଭଳି ୧୨ବର୍ଷ ମଧ୍ୟରେ କ୍ରାଇମବ୍ରାଞ୍ଚ ୫୩୪ ଜଣଙ୍କୁ ଗିରଫ କରିଥିବାବେଳେ ୪୫ଜଣ ଏବେ ମଧ୍ୟ ଫେରାର ହୋଇ ବୁଲୁଛନ୍ତି।

ଅନ୍ୟପକ୍ଷରେ ୨୦୧୯ ଜୁଲାଇରୁ ବର୍ତ୍ତମାନ ସୁଦ୍ଧା କ୍ରାଇମବ୍ରାଞ୍ଚର ସିଆଇଡ଼ି ୩ ମାମଲା ନେଇଥିବାବେଳେ ଇଓଡବ୍ଲ୍ୟୁ ୧୭ଟି ମାମଲା ନେଇଛି। ସେହିପରି ଏସ୍‌ଟିଏଫ୍ ୨୨ଟି ମାମଲା ରୁଜୁ କରି ତଦନ୍ତ କରୁଛି। ସବୁଠୁ ବଡ଼ କଥା ହେଲା, ସାଇବର ମାମଲା ବଢ଼ି ଚାଲିଛି। ଇତିମଧ୍ୟରେ ୩୪ଟି ସାଇବର ମାମଲା ରୁଜୁ କରାଯାଇ ତଦନ୍ତ କରାଯାଉଛି। କେବଳ ଏନ୍‌ଡିପିଏସ୍ ସମେତ ୧୫ଟି ମାମଲାରେ କୋର୍ଟରେ ଚାର୍ଜସିଟ ଦାଖଲ କରାଯାଇଥିବାବେଳେ ବାକି ମାମଲାରେ ତଦନ୍ତ ଜାରି ରହିଛି। ଏବେ ମାନବପ୍ରେମୀ ଆଦିତ୍ୟ ମୃତ୍ୟୁ ମାମଲାର ତଦନ୍ତ କ୍ରାଇମବ୍ରାଞ୍ଚ କରୁଥିବାବେଳେ ପର୍ଦ୍ଦାଫାଶ ନେଇ ମଧ୍ୟ ସନ୍ଦେହ ପ୍ରକାଶ ପାଇଛି।

### ‘ଫୋକସ୍ ତଦନ୍ତ ପାଇଁ ସମୟ ଲାଗେ’



କ୍ରାଇମବ୍ରାଞ୍ଚ ସାଧାରଣ ମାମଲା ନିଏନି। ଅତି ସମ୍ବେଦନଶୀଳ ମାମଲାର ବିଭିନ୍ନ ଦିଗକୁ ନେଇ ତଦନ୍ତ କରାଯାଉଥିବାରୁ ତାହା ସମୟ ଲାଗେ। ଏହି ତଦନ୍ତର ଆଭରେଜ୍ ପିରିୟଡ଼ ହେଉଛି ୩ବର୍ଷ। ପୋଲିସ ଭଳି ୧୦ରୁ ୧୫ ଦିନ ଭିତରେ ଆମେ ଚାର୍ଜଶିଟ୍ ଦାଖଲ କରୁନା। କ୍ରାଇମବ୍ରାଞ୍ଚ ତଦନ୍ତରେ ଅଭିଯୁକ୍ତ ଗିରଫ ହେବା ମୁଖ୍ୟ କଥା ନୁହେଁ, ଫୋକସ୍ ତଦନ୍ତ ଦରକାର। ତେଣୁ କ୍ରାଇମବ୍ରାଞ୍ଚ ଯେଉଁ ମାମଲା ନିଏ ତାହା ଅଧିକ ସମୟ ଲାଗେ।

–ସୌମେନ୍ଦ୍ର ପ୍ରିୟଦର୍ଶୀ, ଏଡିଜି, କ୍ରାଇମବ୍ରାଞ୍ଚ

### ‘ତଦନ୍ତକାରୀ ଅଫିସରଙ୍କ ଅଭାବ ରହୁଛି’



କ୍ରାଇମବ୍ରାଞ୍ଚ ଉପରେ ଲୋକଙ୍କର ଯଥେଷ୍ଟ ଭରସା ରହିଛି। ବର୍ଷକୁ ୨୬ରୁ ୨୭ ସମ୍ବେଦନଶୀଳ ମାମଲା କ୍ରାଇମବ୍ରାଞ୍ଚକୁ ତଦନ୍ତ କରିବାକୁ ଦିଆଯାଉଛି। କିନ୍ତୁ ସେଠାରେ ତଦନ୍ତକାରୀ ଅଫିସରଙ୍କ ଅଭାବ ରହିଛି। ଯେହେତୁ ଜଣେ ଅଧିକାରୀ ଏକାଧିକ ମାମଲାର ତଦନ୍ତ ଦାୟିତ୍ୱ ନେଉଛି, ତେଣୁ ଠିକ୍ ଭାବେ ତଦନ୍ତ ସାରିବାକୁ ସମୟ ଲାଗୁଛି। ସିବିଆଇରେ ଜଣେ ଅଫିସର ଗୋଟିଏ ବର୍ଷରେ ୩ଟି ମାମଲାର ତଦନ୍ତ କରୁଛନ୍ତି। ତେଣୁ ସିବିଆଇ ଭଳି କ୍ରାଇମବ୍ରାଞ୍ଚରେ ଏହି ବ୍ୟବସ୍ଥା ଲାଗୁହେବା ଆବଶ୍ୟକ। କର୍ମଚାରୀ ସଂଖ୍ୟା ବଢାଇଲେ ମାମଲାର ଶୀଘ୍ର ତଦନ୍ତ ଶେଷ ହୋଇପାରିବ।

–ଗୋପାଳଚନ୍ଦ୍ର ନନ୍ଦ, ପୂର୍ବତନ ପୋଲିସ ଡିଜି, ଓଡ଼ିଶା

## ସଂକ୍ଷେପରେ

### ୬ ଘଣ୍ଟା ଦାଣ୍ଡରେ ପଡ଼ିରହିଲା ମୃତଦେହ

**କରୋନା ସନ୍ଦେହରେ ହଜିଗଲା ମାନବିକତା**

ଜଗନ୍ନାଥପ୍ରସାଦ,୩।୮(ଡି.ଏନ୍.ଏ.): ଗଞ୍ଜାମ ଜିଲା ଜଗନ୍ନାଥପ୍ରସାଦ ବ୍ଲକ ପଞ୍ଚଭୂତି ଗୌଡ଼ସାହିରେ ସୋମବାର ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଥିଲା। ଜଣେ ଅବସରପ୍ରାପ୍ତ ଶିକ୍ଷକଙ୍କ ମୃତଦେହକୁ କରୋନା ଭୟରେ ସାହି ଲୋକେ ସଂସ୍କାର କରିବାକୁ ରାଜି ହୋଇ ନ ଥିଲେ। ଫଳରେ ପ୍ରାୟ ୬ଘଣ୍ଟା ଗାଁ ଦାଣ୍ଡରେ ମୃତଦେହ ପଡ଼ିରହିଥିଲା। ପ୍ରଶାସନ ପହଞ୍ଚି ବୁଝାଶୁଝା କରିବା ପରେ ସମସ୍ୟା ସମାଧାନ ହୋଇଥିଲା। ପଞ୍ଚଭୂତି ଗୌଡ଼ସାହିର ଅବସରପ୍ରାପ୍ତ ଶିକ୍ଷକ ଗଣେଶ ଶତପଥୀ ଜ୍ୱରରେ ପୀଡ଼ିତ ଥିଲେ। ସୋମବାର ସକାଳ ପ୍ରାୟ ୮ଟାରେ ତାଙ୍କ ସ୍ତ୍ରୀ ଅଟୋ ଯୋଗେ ଜଗନ୍ନାଥପ୍ରସାଦ ଡାକ୍ତରଖାନାକୁ ଚିକିତ୍ସା ପାଇଁ ଆଣିଥିଲେ। ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ମୃତଦେହ ଗାଁକୁ ଆସିଥିଲା। ହେଲେ ସଂସ୍କାର କରିବାକୁ ସାହିଲୋକେ ରାଜି ହୋଇ ନ ଥିଲେ। କାରଣ ୪ ଦିନ ତଳେ ଗଣେଶଙ୍କ ବଡ଼ଭାଇ ବିନାୟକ ଶତପଥୀଙ୍କ ହୃଦ୍‌ଘାତରେ ମୃତ୍ୟୁ ଘଟିଥିଲା। କରୋନାରେ ତାଙ୍କର ମୃତ୍ୟୁ ହୋଇଥିବା ଗ୍ରାମରେ ଗୁଜବ ପ୍ରଚାର ହୋଇଥିଲା। ସୋମବାର ଭାଇ ଗଣେଶଙ୍କ ମୃତ୍ୟୁ ହେବାରୁ ସାହି ଲୋକଙ୍କ ସନ୍ଦେହ ଦୃଢ଼ୀଭୂତ ହୋଇଥିଲା। ଫଳରେ ପ୍ରାୟ ୬ଘଣ୍ଟା ଗାଁ ଦାଣ୍ଡରେ ମୃତଦେହ ପଡି ରହିଥିଲା। ଜଗନ୍ନାଥପ୍ରସାଦ ବ୍ଲକ ପ୍ରଶାସନ ଓ ସ୍ଥାନୀୟ ସରପଞ୍ଚଙ୍କ ପ୍ରତିନିଧି ପହଞ୍ଚି ସାହି ଲୋକଙ୍କ ସହ ଆଲୋଚନା କରି ସେମାନଙ୍କ ସହଯୋଗ ଲୋଡ଼ିଥିଲେ। ପରେ ସାହିର କେତେଜଣ ଲୋକ ପିପିଇ କିଟ୍ ପିନ୍ଧି ଗ୍ରାମ ଶ୍ମଶାନରେ ଗଣେଶଙ୍କ ମୃତଦେହ ସତ୍କାର କରିଥିଲେ। ସୂଚନାଯୋଗ୍ୟ, ଜ୍ୱରରେ ଗଣେଶଙ୍କ ମୃତ୍ୟୁ ଘଟିଥିଲେ ମଧ୍ୟ ତାଙ୍କର ସ୍ୱାବ୍ ପରୀକ୍ଷା କରାଯାଇନି।

### ଶ୍ରାବଣ ପୂର୍ଣ୍ଣିମାରେ ଗୋପୂଜନ, ବୃକ୍ଷରୋପଣ

ବିନିକା,୩।୮(ଡି.ଏନ୍.ଏ.): ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ କାମଧେନୁ ଗୋ-ସେବାଶ୍ରମ ପିତେଇପାଲିଠାରେ ଶ୍ରାବଣ ପୂର୍ଣ୍ଣିମା ଉପଲକ୍ଷେ ଗୋପୂଜନ କାର୍ଯ୍ୟକ୍ରମ ଓ ବଳଦେବ ଜୀଉଙ୍କ ପୂଜନୋତ୍ସବ ସୋମବାର ଅନୁଷ୍ଠିତ ହୋଇଛି। ଟ୍ରଷ୍ଟ ସଭାପତି ଡମ୍ବରୁଧର ମେହେରଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଚାପଧାରି ହୋତା ଯୋଗ ଦେଇଥିଲେ। ସେହିପରି ସଦର ସୋନପୁର ବ୍ଲକ ବାଲପୁର ଗାଁରେ ନେତାଜୀ ପାଠାଗାର ତରଫରୁ ରକ୍ଷାବନ୍ଧନ ଉପଲକ୍ଷେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଲଛିପୁର ବନରକ୍ଷୀ ବିଜୟ କୁମାର ସେଠ୍ ଅତିଥିଭାବେ ଯୋଗ ଦେଇଥିଲେ।

### କେନ୍ଦ୍ର, ରାଜ୍ୟ ସରକାରଙ୍କ ବିରୋଧରେ ଯୁବକଂଗ୍ରେସ କରିବ ଇ-କ୍ୟାମ୍ପେନ

ଭୁବନେଶ୍ୱର,୩।୮(ବ୍ୟୁରୋ): ଭାଜପା ନେତୃତ୍ୱାଧୀନ କେନ୍ଦ୍ର ସରକାର ଓ ରାଜ୍ୟର ବିଜେଡି ସରକାରଙ୍କ ଯୁବମାରଣ ନୀତି ବିରୋଧରେ ସ୍ୱରତ୍ତୋଳନ କରିବା ପାଇଁ ଓଡ଼ିଶା ପ୍ରଦେଶ ଯୁବକଂଗ୍ରେସ ପକ୍ଷରୁ ଆହ୍ୱାନ ଦିଆଯାଇଛି। ଡିଜିଟାଲ ପ୍ଲାଟ୍‌ଫର୍ମ ଜରିଆରେ ଇ-କ୍ୟାମ୍ପେନ ‘ଭଏସ୍ ଅଫ୍ ଓଡ଼ିଶା’ ନାମରେ ଏକ ଅନ୍‌ଲାଇନ କ୍ୟାମ୍ପେନର ଶୁଭାରମ୍ଭ କରାଯାଇଛି। କୋଭିଡ୍-୧୯ ଜନିତ ସରକାରୀ କଟକଣାକୁ ଦୃଷ୍ଟିରେ ରଖି ଏଭଳି ଡିଜିଟାଲ ପ୍ଲାଟ୍‌ଫର୍ମର ସହାୟତା ନିଆଯାଇଛି। ରାଜ୍ୟ ଯୁବକଂଗ୍ରେସ ସଭାପତି ସ୍ମିତିରଞ୍ଜନ ଲେଙ୍କାଙ୍କ ଆହ୍ୱାନରେ ରାଜ୍ୟର ସମସ୍ତ ବିଧାନସଭା କ୍ଷେତ୍ର ଓ ଜିଲାସ୍ତରର ବହୁ ଯୁବତୀଯୁବକ ଏହି ଅନ୍‌ଲାଇନ କ୍ୟାମ୍ପେନରେ ସାମିଲ ହୋଇ ଉଭୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସରକାରଙ୍କ ବିରୋଧରେ ସ୍ୱରତ୍ତୋଳନ କରିଛନ୍ତି। ଆସନ୍ତା ଦିନରେ ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ଦିଗରେ ସରକାରଙ୍କ ପାଖରେ ସେମାନେ ଦାବି ଉପସ୍ଥାପନ କରିଛନ୍ତି। ଏହାସହ ଯୁବକଂଗ୍ରେସ ପକ୍ଷରୁ କେତେକ ଦାବି ରଖାଯାଇଛି ଯଥା, ଆମ ରାଜ୍ୟରେ ଥିବା ଶିଳ୍ପସଂସ୍ଥାଗୁଡ଼ିକରେ ରାଜ୍ୟର ପିଲାଙ୍କୁ ଅଗ୍ରାଧିକାର ଭିତ୍ତିରେ ୫୦ପ୍ରତିଶତ ଉପଯୁକ୍ତ ତାଲିମ ସହ ନିଯୁକ୍ତି ଦିଆଯାଉ। ଉପା ସରକାରଙ୍କ ଯୁଗାନ୍ତକାରୀ ରୋଜଗାର ମଡେଲ ‘ଏମ୍‌ଜିଏନ୍‌ଆର୍‌ଜିଏସ୍’ରେ କେନ୍ଦ୍ର ସରକାର ଅଧିକ ଟଙ୍କା ପ୍ରଦାନ କରିବା ସହ ଶ୍ରମଦିବସ ବୃଦ୍ଧି କରନ୍ତୁ। କୃଷିଭିତ୍ତିକ ରୋଜଗାରକୁ ପ୍ରୋତ୍ସାହନ ମିଳୁ। କ୍ଷୁଦ୍ର, ଲଘୁ ଓ ମଧ୍ୟମ ଉଦ୍ୟୋଗ ଦ୍ୱାରା ଜଣେ ଅନେକ ଲୋକଙ୍କୁ ରୋଜଗାର ଦେଇପାରିବ ବୋଲି ଲେଙ୍କା କହିଛନ୍ତି।

### ସ୍ୱଭାବ କବିଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ

ପଡିଆବାହାଲ, ୩।୮ (ଡି.ଏନ.ଏ.)

ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତ ଅବସରରେ ସୋମବାର ଝୁଝୁମୁରା ବ୍ଲକ ବାହାମ ପଞ୍ଚାୟତ ବଡତୁରାଙ୍ଗ ଗାଁର ପ୍ରବେଶ ପଥରେ କବିଙ୍କ ଏକ ପ୍ରତିମୂର୍ତ୍ତି ଉନ୍ମୋଚିତ ହୋଇଛି। ବାହାମ ସରପଞ୍ଚ ମିତ୍ରଭାନୁ ପ୍ରଧାନ ଏହାକୁ ଉନ୍ମୋଚନ କରିଥିଲେ। ଅମୂଲ୍ୟ କୁମାର ବଡପଣ୍ଡା ଓ ଦାମୋଦର ମେହେର ପ୍ରତିମୂର୍ତ୍ତିର ସ୍ଥାପନା ଏବଂ ପୂଜାର୍ଚ୍ଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଚନ୍ଦ୍ରଶେଖର ମେହେର, ପବିତ୍ର ମେହେର, ଅଶୋକ ମେହେର, ଖଗେଶ୍ୱର ମେହେର, ଭୋଜରାଜ ମେହେର, ବିଜୟ ମେହେର, କିଶୋର ମେହେର, ରୋହିତ କୁମାର ମେହେର, ଜନ୍ମେଜୟ ପଧାନ, କୈବଲ୍ୟ ପଧାନ ଓ ରାଜାରାମ ଷଡଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ।

### ଇଞ୍ଜିନିୟର ରାମକୁମାର ଅଗ୍ରୱାଲଙ୍କ ପରଲୋକ

ବଲାଙ୍ଗୀର ଅଫିସ, ୩।୮

ବଲାଙ୍ଗୀର ରେଲୱେ ଷ୍ଟେଶନ ରୋଡ ନିବାସୀ ଇଞ୍ଜିନିୟର ରାମକୁମାର ଅଗ୍ରୱାଲ(୮୩)ଙ୍କ ସୋମବାର ସନ୍ଧ୍ୟାରେ ହୃଦ୍‌ଘାତରେ ପରଲୋକ ହୋଇଛି । ତାଙ୍କର ସ୍ତ୍ରୀ କୁଳବାଈ, ପୁଅ ସଞ୍ଜୟ, ତିନି ଭଉଣୀ ଓ ଜ୍ୱାଇଁ ଅଛନ୍ତି । ଖବର ପାଇ ବିଶିଷ୍ଟ ବ୍ୟକ୍ତି ଓ ସମ୍ପର୍କୀୟ ଶେଷଦର୍ଶନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ମଙ୍ଗଳବାର ସକାଳେ ବିଭୂତିପଡା ଶ୍ମଶାନରେ ତାଙ୍କ ଅନ୍ତିମ ସଂସ୍କାର ହେବ।

## ପଞ୍ଚାୟତ ନିର୍ବାଚନ ଲାଗି କଂଗ୍ରେସର ଏବେଠୁ ଆଲୋଚନା

ଭୁବନେଶ୍ୱର,୩।୮(ବ୍ୟୁରୋ): ରାଜୀବ ଗାନ୍ଧୀ ପଞ୍ଚାୟତ ରାଜ ସଙ୍ଗଠନର ଭିଡ଼ିଓ ବାର୍ତ୍ତାଳାପ ମାଧ୍ୟମରେ ଏକ ଗୁରୁତ୍ୱପୂର୍ଣ୍ଣ ସଭାରେ ଆସନ୍ତା ପଞ୍ଚାୟତ ନିର୍ବାଚନକୁ ଦୃଷ୍ଟିରେ ରଖି ଦଳ ଗୁରୁତ୍ୱପୂର୍ଣ୍ଣ ନିଷ୍ପତି ନେବା ସହିତ ରଣକୌଶଳ ପ୍ରସ୍ତୁତ କରିଛି। ତୃଣମୂଳସ୍ତରରୁ ସଙ୍ଗଠନକୁ ଶକ୍ତିଶାଳୀ କରିବା ସହିତ ଲୋକଙ୍କ ସ୍ଥାନୀୟ ସମସ୍ୟା ଓ ଜାତୀୟ ଓ ରାଜ୍ୟସ୍ତରୀୟ ରାଜନୈତିକ ପ୍ରସଙ୍ଗଗୁଡିକୁ ଆଧାର କରି ଗଣଆନ୍ଦୋଳନ ଗଢ଼ି ତୋଳିବା ସହିତ ସଙ୍ଗଠନକୁ ଶକ୍ତିଶାଳୀ କରାଯିବାର ନିଷ୍ପତ୍ତି ନିଆଯାଇଛି। ଆରଜିପିଆରଏସ ରାଜ୍ୟ ଅଧକ୍ଷ ସୁଦର୍ଶନ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ସଙ୍ଗଠନର ଅଧକ୍ଷା ସୁଶ୍ରୀ ମିନାକ୍ଷୀ ନଟରାଜନ, ଉପାଧ୍ୟକ୍ଷ ହର୍ଷବର୍ଦ୍ଧନ, ଜାତୀୟ ଆବାହକ ରଜନୀକାନ୍ତ ବାଡ଼, ଓଡିଶା ପ୍ରଭାରୀ ରାଜକୁମାର କିରାଡ୍ଡୁ, ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ସମେତ ୩୩ ସାଙ୍ଗଠନିକ ଜିଲା ସଭାପତି ଯୋଗ ଦେଇଥିଲେ।



ପୁରୀଠାରେ ସୋମବାର ବାଲୁକା ଶିଳ୍ପୀ ମାନସ ସାହୁଙ୍କ ସ୍ୟାଣ୍ଡ ଆନିମେଶନରେ ଅଯୋଧ୍ୟା ରାମ ମନ୍ଦିରର ପ୍ରସ୍ତାବିତ ମଡେଲ।

## ପଞ୍ଜୁରି ଭିତରେ ମାଛଚାଷ ଲାଗି ସରକାରଙ୍କ ପ୍ରୋତ୍ସାହନ

ଭୁବନେଶ୍ୱର,୩।୮(ବ୍ୟୁରୋ)

ଓଡ଼ିଶାରେ ୬.୮୪ ଲକ୍ଷ ହେକ୍ଟର ପରିମିତ ବିସ୍ତୃତ ମଧୁରଜଳ ଉତ୍ସ ରହିଛି। ୨୦୧୯–୨୦ ଆର୍ଥିକ ବର୍ଷରେ ରାଜ୍ୟରେ ପ୍ରାୟ ୮.୧୬ ଲକ୍ଷ ମେଟ୍ରିକ୍ ଟନ୍ ମାଛ ଉତ୍ପାଦିତ ହୋଇଛି। ଓଡ଼ିଶାରେ ଭାରତୀୟ କାର୍ପ ମାଛ ଓ ଅନ୍ୟ ପ୍ରଜାତି ମାଛର ଚାହିଦା ଏବଂ ଉପଯୋଗ ନିରନ୍ତର ବୃଦ୍ଧି ପାଉଛି। ରାଜ୍ୟ ସରକାର ବୃହତ୍ ଓ ମଧ୍ୟମ ଜଳଭଣ୍ଡାର ଗୁଡ଼ିକରେ ମଧୁରଜଳ ମାଛ ଉତ୍ପାଦନ ବୃଦ୍ଧି ଲାଗି ଏକ ନୀତି ପ୍ରଚଳନ ପୂର୍ବକ ପଞ୍ଜୁରି ଭିତରେ ମାଛଚାଷ ପାଇଁ ପ୍ରୋତ୍ସାହନ ଦେଉଛନ୍ତି।

ବୃହତ୍ ଓ ମଧ୍ୟମ ଜଳଭଣ୍ଡାରର ଜଳଉତ୍ସର ଏକ କ୍ଷୁଦ୍ର ଅଞ୍ଚଳକୁ (୧%) ଏଥି ଲାଗି ବିନିଯୋଗ କରାଗଲେ ଏହା ରାଜ୍ୟର ମଧୁରଜଳ ମାଛ ଉତ୍ପାଦନ କ୍ଷେତ୍ରରେ ପ୍ରମୁଖ ଭୂମିକା ଗ୍ରହଣ କରିପାରିବ। ରାଜ୍ୟର ମଧୁରଜଳ ମାଛ ଉତ୍ପାଦନ ବୃଦ୍ଧି ଲାଗି ପଞ୍ଜୁରି ଭିତରେ ମାଛଚାଷ ଏକ ଉନ୍ନତ ଏବଂ ଅଭିନବ ଜ୍ଞାନକୌଶଳ। ଏହା ପ୍ରଚୁର ମାଛ ଉତ୍ପାଦନ ପାଇଁ ଏକ ଉଜ୍ଜ୍ୱଳ ସମ୍ଭାବନା ସୃଷ୍ଟି କରିବ। ଏହାଦ୍ୱାରା ରାଜ୍ୟ ମାଛର ଆବଶ୍ୟକତା ପୂରଣ କରିବା ସହିତ ସ୍ୱାବଲମ୍ବୀ ହୋଇପାରିବ। ଜଳକୃଷି କ୍ଷେତ୍ରରେ ମତ୍ସ୍ୟ ଉଦ୍ୟୋଗୀଙ୍କୁ ଏହା ପ୍ରୋତ୍ସାହିତ ସହିତ ନୂତନ ନିଯୁକ୍ତି ସୃଷ୍ଟି କରିପାରିବ। ଏହି ପଞ୍ଜୁରିଗୁଡ଼ିକ ଜଳଭଣ୍ଡାରରେ ମାଛଚାଷ ନିମନ୍ତେ ଏକ ଆବଦ୍ଧ କ୍ଷେତ୍ର । ସାଧାରଣତଃ ଏହା ଚାରିଦିଗରୁ ଜାଲ ଦ୍ୱାରା ଆବଦ୍ଧ କରାଯାଏ ଏବଂ କେବଳ ଉପରିଭାଗ ଖାଦ୍ୟ ପରିବେଷଣ ଓ ପଞ୍ଜୁରିସ୍ଥିତ ମାଛ ପରିଚାଳନା ନିମନ୍ତେ ଖୋଲା ରହିଥାଏ।


ପ୍ରଥମ ଦଫାରେ ଏହି ପଞ୍ଜୁରି ଭିତରେ ମାଛଚାଷ ନିମନ୍ତେ ହୀରାକୁଦ ଜଳଭଣ୍ଡାରକୁ ୫ଟି ଜୋନ୍ ଏବଂ ୧୦୦ ଗୋଟି ସବ୍‌ଜୋନ୍‌ରେ ବିଭକ୍ତ କରାଯାଇଛି। ଯେଉଁଥିରେ ପ୍ରାୟ ୨୪ଶହ ଗୋଟି ପଞ୍ଜୁରି ସ୍ଥାପନ କରିହେବ। ଏହି ସ୍ଥିରୀକୃତ ସବ୍‌ଜୋନ୍ ଗୁଡ଼ିକ ମୁଖ୍ୟତଃ ପ୍ରାଥମିକ ମତ୍ସ୍ୟଜୀବୀ ସମବାୟ ସମିତି, ମତ୍ସ୍ୟଚାଷୀ, ଘରୋଇ ଉଦ୍ୟୋଗୀ ଏବଂ କମ୍ପାନୀଗୁଡ଼ିକୁ ଲିଜ୍ ସୂତ୍ରରେ ପ୍ରଦାନ କରାଯିବ। ପ୍ରତ୍ୟେକ ସବ୍‌ଜୋନ୍‌ରେ ପଞ୍ଜୁରି ନିମନ୍ତେ ୬ଶହ ବର୍ଗ ମିଟର ପରିମିତ ଜଳଭାଗ ରହିବ ଏବଂ ସେଥିରେ ୬ ମିଟର ଲମ୍ବ ୪ ମିଟର ପ୍ରସ୍ଥ ୪ ମିଟର ଗଭୀରତା ବିଶିଷ୍ଟ ୨୪ ଗୋଟି ଆୟତାକାର ପଞ୍ଜୁରି କିମ୍ବା ୧୬ ମିଟର ବ୍ୟାସ ବିଶିଷ୍ଟ ୩ ଗୋଟି ଗୋଲାକାର ପଞ୍ଜୁରି ସ୍ଥାପନ କରାଯିବ। ପ୍ରତି ଆୟତାକାର ପଞ୍ଜୁରିରୁ ୩ ହଜାର କି.ଗ୍ରା. ପର୍ଯ୍ୟନ୍ତ ମାଛ ଉତ୍ପାଦନ ହୋଇପାରିବ। ଏହି ପଞ୍ଜୁରିଗୁଡ଼ିକରେ ଭାକୁର, ରୋହି, ମିରିକାଳି, ଅମୁର କାର୍ପ, ଜଳଙ୍ଗ, ଏକଲିଙ୍ଗ ବିଶିଷ୍ଟ ଗିଫ୍‌ଟ୍ ଟିଲାପିଆ, ଭେକ୍‌ଟି, ଖୁରାଣ୍ଡି ଓ ବଟର୍ କ୍ୟାଟ୍ ଫିସ୍ ଇତ୍ୟାଦି ପ୍ରଜାତିର ମାଛ ଚାଷ ଲାଗି ଅନୁମତି ଦିଆଯିବ। ପଞ୍ଜୁରି ଭିତରେ ମାଛଚାଷ ପାଇଁ ପ୍ରସ୍ତୁତ ନୀତି ଓ ନିୟମ ସମୂହରେ ଜଳର ଗୁଣବତ୍ତା ରକ୍ଷା, ପଞ୍ଜୁରି ପରିଚାଳନା ଓ ମାଛଗୁଡ଼ିକର ସ୍ୱାସ୍ଥ୍ୟ ସୁରକ୍ଷା ଦିଗରେ ସ୍ୱତନ୍ତ୍ର ସର୍ତ୍ତ ରଖାଯାଇଛି।

## ଜୁନ୍‌ରେ ବଢ଼ିଲା, ଜୁଲାଇରେ କମିଲା

### ଉପରମୁଣ୍ଡରେ ଅନିୟମିତ ବର୍ଷା

ସମ୍ବଲପୁର, ୩।୮(ବ୍ୟୁରୋ)

ମୌସୁମୀ ବର୍ଷା ଠିକ୍ ସମୟରେ ଆସିଥିଲେ ମଧ୍ୟ ଧୋକା ଦେଇଛି। ଓଡ଼ିଶାର ବିଭିନ୍ନ ଜିଲାରେ ଅଦ୍ୟାବଧି ବର୍ଷା ପରିମାଣ ସ୍ୱାଭାବିକ ହୋଇନାହିଁ। ପଡୋଶୀ ରାଜ୍ୟ ଛତିଶଗଡ଼ରେ ମଧ୍ୟ ଜୁଲାଇ ମାସରେ ବର୍ଷା ସ୍ୱାଭାବିକ ହୋଇ ନ ଥିବା ଜଣାପଡିଛି। ତେଣୁ ହୀରାକୁଦ ଜଳ ଭଣ୍ଡାରକୁ ଜୁନ୍ ମାସରେ ହାରାହାରି ୦.୮୯୩ ମିଲିୟନ ଏକର ଫୁଟ ଜଳ ପ୍ରବେଶ କରିବାର ଥିବାବେଳେ ୨.୨୬୩ ମିଲିୟନ ଏକର ଫୁଟ ପ୍ରବେଶ କରିଥିଲା। ସେହିପରି ଜୁଲାଇ ମାସରେ ୫.୪୧୯ ମିଲିୟନ ଏକର ଫୁଟ ଜଳ ପ୍ରବେଶ କରିବାକୁ ଥିବାବେଳେ ୪.୧୬୩ ମିଲିୟନ ଏକର ଫୁଟ ପ୍ରବେଶ କରିଛି। ହୀରାକୁଦ ଡ୍ୟାମ୍‌କୁ ଜୁନ୍‌ରେ ଜଳ ପ୍ରବେଶ ବଢ଼ିଥିବା ବେଳେ ଜୁଲାଇରେ କମିଛି। ହେଲେ ବିଗତ ବର୍ଷ ତୁଳନାରେ ସୋମବାର ସୁଦ୍ଧା ହୀରାକୁଦ ଡ୍ୟାମ୍‌ରେ ଜଳସ୍ତର ସ୍ୱାଭାବିକ ରହିଛି। ଉଭୟ ମାସକୁ ମିଶାଇଲେ ମୋଟ ୬.୪୨୬ ମିଲିୟନ ଏକର ଫୁଟ ଜଳ ଡ୍ୟାମ୍‌କୁ ଆସିଥିବା ହୀରାକୁଦ ଡ୍ୟାମ୍ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି।



ହୀରାକୁଦ ଡ୍ୟାମ

ଅନ୍ୟପକ୍ଷେ ହୀରାକୁଦ ଜଳଭଣ୍ଡାରର ସ୍ଥିତି ଉପର ମୁଣ୍ଡ ଛତିଶଗଡ ରାଜ୍ୟ ବର୍ଷା ଉପରେ ମୁଖ୍ୟତଃ ନିର୍ଭର କରିଥାଏ। ଛତିଶଗଡ ଜଳସେଚନ ବିଭାଗ ସହ ସମନ୍ୱୟ ରଖି ହୀରାକୁଦ ଜଳ ଭଣ୍ଡାରରୁ ଜଳ ନିଷ୍କାସନ କରାଯାଇଥାଏ। ଛତିଶଗଡରେ କମ୍ ବର୍ଷା ହେବାରୁ ଏବେ କମ୍ ଗେଟରେ ଜଳ ନିଷ୍କାସନ କରାଯାଉଛି। ହେଲେ ଜଳ ଭଣ୍ଡାରର ରୁଲ କର୍ଭ ଅନୁସାରେ ଜଳସ୍ତର ରହିଛି। ଏହି ଅନୁସାରେ ଜୁନ୍ ମାସରେ ସର୍ବନିମ୍ନ ୫୯୦ରୁ ୫୯୫, ଜୁଲାଇ ୧ ତାରିଖରେ ସର୍ବନିମ୍ନ ୫୯୦ରୁ ୬୦୦, ଜୁଲାଇ ୨୧ରେ ୬୦୦ରୁ ୬୧୦, ଅଗଷ୍ଟ ୧୧ ତାରିଖରେ ୬୦୫ରୁ ୬୫୧ ଫୁଟ ଜଳସ୍ତର ରହିବାର ନିୟମ ରହିଛି। କିନ୍ତୁ ସୋମବାର ରିପୋର୍ଟ ଅନୁସାରେ ଡ୍ୟାମ୍‌ର ଜଳସ୍ତର ୬୦୫.୨୭ ଫୁଟ ରହିଛି। ୨୦୧୯ ଅଗଷ୍ଟ ୩ ତାରିଖରେ ମଧ୍ୟ ଜଳସ୍ତର ୬୦୭.୧୫ ଫୁଟ୍ ରହିଥିଲା। ଅନ୍ୟପଟେ ପ୍ରତିବର୍ଷ ବର୍ଷା ପୂର୍ବରୁ ଛତିଶଗଡ ଓ ଓଡ଼ିଶା ମଧ୍ୟରେ ଜଳ ପରିଚାଳନା ବୈଠକ ଅନୁଷ୍ଠିତ ହୋଇଥାଏ। ତେବେ ଏଯାଏ ଉଭୟ ରାଜ୍ୟ ମଧ୍ୟରେ ଏହି ବୈଠକ ଅନୁଷ୍ଠିତ ହୋଇନ ଥିବା ଜଣାପଡିଛି। ଜୁଲାଇ ଶେଷ ସପ୍ତାହରେ ବନ୍ଧ ସୁରକ୍ଷା କମିଟିକୁ ଏ ଦିଗରେ ପଦକ୍ଷେପ ନେବାକୁ ସରକାରଙ୍କ ପକ୍ଷରୁ ଚିଠି କରାଯାଇଥିଲା।

ସୂଚନାଯୋଗ୍ୟ, ହୀରାକୁଦ ଜଳଭଣ୍ଡାରର ସର୍ବନିମ୍ନ ୫୯୦ ଓ ସର୍ବାଧିକ ୬୩୦ ଫୁଟ ଜଳସ୍ତର ରହିବା କ୍ଷମତା ରହିଛି। ଜଳଭଣ୍ଡାରରେ ପ୍ରତିବର୍ଷ ୨୪.୧୯୯ ମିଲିୟନ ଏକର ଫୁଟ ଜଳ ରହିଥାଏ। ଏଥିରେ ବର୍ଷ ତମାମ ବୁର୍ଲା ପାୱାର ହାଉସ, ଚିପିଲିମା ପାୱାର ହାଉସ, ଚାଷ ଓ କମ୍ପାନୀକୁ ଜଳ ଯୋଗାଇ ଦିଆଯାଇଥାଏ। ଜୁନ ମାସରେ ଜଳଭଣ୍ଡାରରୁ ୧.୮୧୧, ଜୁଲାଇରେ ୩.୦୭୮ ମିଲିୟନ ଏକର ଜଳ ନିଷ୍କାସନ ହୋଇଛି। ସେଥିମଧ୍ୟରୁ ଜୁନ ମାସରେ ପାୱାର ଜେନେରେଟ୍ ପାଇଁ ୦.୭୯୪ ମିଲିୟନ ଏକର ଫୁଟ, ଜୁଲାଇରେ ୦.୮୦୯ ମିଲିୟନ ଏକର ଫୁଟ ନିଷ୍କାସିତ ହୋଇଛି। ସେହିପରି କୃଷି କାର୍ଯ୍ୟ ପାଇଁ ଜୁନ ମାସରେ ଶାସନ ଓ ବରଗଡ କେନାଲରେ ୦.୦୨୮, ଜୁଲାଇ ମାସରେ ୦.୨୫୧ ମିଲିୟନ ଏକର ଫୁଟ ପାଣି ଛଡାଯାଇଛି। ଜୁନରେ ୦.୦୪୫ ଓ ଜୁଲାଇରେ ୦.୦୨୦ ମିଲିୟନ ଏକର ଫୁଟ ଜଳ ଖରାରେ ବାଷ୍ପୀଭୂତ ହୋଇଥିବା ହୀରାକୁଦ ଜଳଭଣ୍ଡାର କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି।

CLASSIFIED DISPLAY

MORE SPACE • SAME PRICE

TARIFF — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

SMS SENDING WORK



ବେକାର ଯୁବକ, ଯୁବତୀ, ଗୃହିଣୀ ଏବଂ ବିଦ୍ୟାର୍ଥୀ ମାନଙ୍କ ପାଇଁ ସୁବର୍ଣ୍ଣ ସୁଯୋଗ Part time, full time SMS Work କରି ମାସକୁ 15000/- ରୁ 30000/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ । ବିଦ୍ୟାର୍ଥୀ ମାନଙ୍କୁ ସର୍ବାଧିକାର ଦିଆଯିବ ।

Laptop, Mobile FREE

7326805892

ସରସ ଫାଇନାନ୍ସ

ଋଣ କରାନ୍ତୁ ମାତ୍ର 24 ଘଣ୍ଟାରେ

ସବୁ ଯୋଜନା ଅଧୀନରେ

ପ୍ରପର୍ଟି, ମାର୍କଶିଟ୍, ପର୍ସନାଲ ଆଧାର ଋଣ, ପଶୁପାଳନ, ବ୍ୟବସାୟ ଓ ଗୃହ ଋଣ

50% ଛାଡ଼ 1% ସୁଧ

କମ୍ ସୁଧ ହାରରେ ଋଣ ମିଳିବ

ଥରେ ସେବାର ସୁଯୋଗ ଦିଅନ୍ତୁ Online ସୁବିଧା

ସବୁ ପ୍ରକାର ଋଣ ଘରେ ବସି ପାଆନ୍ତୁ

8595495741
8595477915

Email: sarasfinance77@gmail.com

କାମ ନ ହେଲେ ପୂରା ଟଙ୍କା ଫେରସ୍ତ

ସମସ୍ୟା ଅଛି ତ ସମାଧାନ ମଧ୍ୟ ଅଛି

ଯେମିତି ଚାହିଁବେ ସେମିତି ହିଁ ହେବ – My Promise

ମିଆଁ ସୁଫି ଜୀ



7248297104

ଯେକୌଣସି କାମର 3 ଘଣ୍ଟାରେ 100% ସମାଧାନ

ସ୍ପେଶାଲିଷ୍ଟ:- ମୋହିନୀ ବଶୀକରଣ, ବ୍ୟବସାୟରେ ବାଧା, ରୁଷିଥିବା ବ୍ୟକ୍ତିଙ୍କୁ ରାଜି କରାଇବା, ବିବାହରେ ବାଧା, ଶତ୍ରୁ ଓ ପଡ଼ୋଶୀ ହଇରାଣ କରିବା, ଯଦି ଆପଣଙ୍କ ସ୍ୱାମୀ କିମ୍ବା ପୁତ୍ର କାହା ବଶରେ ଅଛନ୍ତି ତେବେ ଥରେ ନିଶ୍ଚୟ ଫୋନ୍ କରନ୍ତୁ।

ଭଣ୍ଡ ବାବାମାନଙ୍କ ପ୍ରତି ସାବଧାନ!

ଫୋନ୍‌ରେ ଘରେ ବସି 100% ସମାଧାନ ପାଆନ୍ତୁ

8054793195

ନିଜ ଜମିକୁ ରୋଜଗାରର ମାଧ୍ୟମ ବନାନ୍ତୁ

GALAXY TOWER CO.

କମ୍ପାନୀ ଦ୍ୱାରା ଖାଲି ଜମି, ଛାତ, ଖେତ ଓ ପ୍ଲଟ୍‌ରେ ଡାଇରେକ୍ଟ କମ୍ପାନୀର ସିନିୟର ଅଧିକାରୀଙ୍କ ସହ କଥା ହୋଇ

ଡିଜିଟାଲ ମଲ୍ଟିମିଡିଆ ଟାୱାର ଲଗାନ୍ତୁ।



ଅଗ୍ରିମ: 60 ଲକ୍ଷ

ଭଡ଼ା: 45 ହଜାର

+ ମାସିକ 20 ହଜାରର ଅନ୍ୟାନ୍ୟ ସୁବିଧା

ଡାଇରେକ୍ଟ କମ୍ପାନୀ ସହ ଯୋଗାଯୋଗ କରନ୍ତୁ

94856-87401
87654-83137

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଯୁବକ ମୃତ

ଦେଓଗାଁ (ଡି.ଏନ.ଏ.)- ବଲାଙ୍ଗୀର ଜିଲା ଦେଓଗାଁ ସାଗରପଡାରେ ସୋମବାର ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଶ୍ୟାମ ପାତ୍ର (୩୫)। ଶ୍ୟାମ ପୂର୍ବାହ୍ନ ପ୍ରାୟ ୯ଟାରେ ନିଜଘରେ ବିଦ୍ୟୁତ୍ କାମ କରୁଥିବା ବେଳେ ହଠାତ୍ ଆଘାତପ୍ରାପ୍ତ ହୋଇଥିଲେ। ପରିବାର ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଡାକ୍ତରଖାନା ନେବାବେଳେ ତାଙ୍କର ମୃତ୍ୟୁ ଘଟିଥିଲା। ଏ ନେଇ ଦେଓଗାଁ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ବର୍ତ୍ତମାନ ତାଙ୍କ ସ୍ତ୍ରୀ ଓ ଦୁଇପିଲା ଅଛନ୍ତି।

# ସ୍ୱାବଲମ୍ବୀ କରିବ 'ମୋ ବଗିଚା'

ସମ୍ବଲପୁର,୩।୮ (ବ୍ୟୁରୋ)

ସରକାର 'ମୋ ବଗିଚା' ଯୋଜନା ଆରମ୍ଭ କରିଛନ୍ତି। ଏହି ଯୋଜନାରେ ହିତାଧିକାରୀଙ୍କୁ ରୋଜଗାର ମିଳିପାରିବ। ବିଶେଷ କରି ଏହି ଯୋଜନାରେ ମହିଳାମାନଙ୍କୁ ଅଗ୍ରାଧିକାର ଦିଆଯାଉଛି। ହେଲେ ପୁରୁଷମାନେ ମଧ୍ୟ ଲାଭ ଉଠାଇ ପାରିବେ। ପରିବାର ସଦସ୍ୟ, ଏସଏଚ୍‌ଜି, ଯୁବଗୋଷ୍ଠୀ ମଧ୍ୟ ଉକ୍ତ ଯୋଜନାରେ ସାମିଲ ହୋଇ ପାରିବେ। ଅନ୍ୟପକ୍ଷେ ଯେଉଁ ଗର୍ଭବତୀ ମହିଳା ଓ ଶିଶୁମାନେ ପୁଷ୍ଟିହୀନତା ଓ ରକ୍ତହୀନତା ପରି ଅନ୍ୟାନ୍ୟ ସ୍ୱାସ୍ଥ୍ୟଗତ ସମସ୍ୟା ଭୋଗୁଛନ୍ତି ଏହି ଯୋଜନାରେ ସେମାନଙ୍କୁ ସାମିଲ କରାଯାଇ ସ୍ୱାସ୍ଥ୍ୟ ସମସ୍ୟା ଦୂର କରାଯିବାକୁ ଜିଲା ପ୍ରଶାସନର ଲକ୍ଷ୍ୟ ରହିଛି।


'ମୋ ବଗିଚା' ଯୋଜନାରେ ଚାଷ କରିବା ପାଇଁ ମହିଳାମାନେ ପ୍ରସ୍ତୁତ କରିଥିବା କ୍ଷେତ।

ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଏବଂ ଓଡ଼ିଶା ଜୀବିକା ମିଶନ ପକ୍ଷରୁ ଏହି ଯୋଜନା କାର୍ଯ୍ୟକାରୀ କରାଯାଉଛି। ଜିଲାରେ ମୋଟ ୧୮ ହଜାର ହିତାଧିକାରୀଙ୍କୁ ଏହି ଯୋଜନାରେ ସାମିଲ କରାଯିବାର ଲକ୍ଷ୍ୟ ରହିଛି। ଏ ପର୍ଯ୍ୟନ୍ତ ଜିଲାର ମୋଟ ୯ ବ୍ଲକରେ ୬ ହଜାରରୁ ଅଧିକ ପରିବାର କାମ ଆରମ୍ଭ କରିଛନ୍ତି ବୋଲି ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଜିଲା ସଂଯୋଜକ ସୋଭିତ୍ ବିଶି କହିଛନ୍ତି। ତାଙ୍କ ସୂଚନା ଅନୁଯାୟୀ, ଏହି ଯୋଜନା ଲାଗି ଆଗ୍ରହୀ ବ୍ୟକ୍ତିଙ୍କ ଘରେ କିମ୍ବା ଅନ୍ୟସ୍ଥାନରେ ମାତ୍ର ୪ରୁ ୬ ଡିସିମିଲ ଜମି ଥିବା ଆବଶ୍ୟକ। ସେହି ଜମିରେ ଭିଟାମିନ୍ ଜାତୀୟ ଫସଲ କରିବା ପାଇଁ ପ୍ରୋତ୍ସାହନ ଦିଆଯିବ। କଦଳୀ, ଲେମ୍ବୁ, ସଜନା ଚାରା ଯୋଗାଇ ଦିଆଯିବ। ଏଥିପାଇଁ ଆବେଦନ କଲା ପରେ ସ୍ଥାନୀୟ ପଞ୍ଚାୟତସ୍ତରରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଆର୍ଥିକ ସହାୟତା ଦିଆଯିବ। ୧୦ ହଜାର ୪୭୯ ଟଙ୍କା ସହ ଓଏଲ୍‌ଏମ୍(ଓଡିଶା ଲାଇଭଲିହୁଡ୍ ମିଶନ)ରୁ ସହାୟତା ଦିଆଯିବ। ଅନ୍ୟପକ୍ଷେ ପ୍ରବାସୀ ଶ୍ରମିକଙ୍କ ପାଇଁ ମଧ୍ୟ ସୁବିଧା ରହିଛି। ସେମାନଙ୍କୁ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ୧୩୫୦୮ ଟଙ୍କା ଏବଂ ଓଏଲ୍‌ଏମ୍ ପକ୍ଷରୁ ୨୫୦ ଟଙ୍କା ପ୍ରଦାନ କରାଯିବ। ଏହି ଯୋଜନା ପାଇଁ ଉଦ୍ୟାନ କୃଷି, କୃଷି ବିଭାଗ ପକ୍ଷରୁ ତାଲିମ ପ୍ରଦାନ କରାଯିବ। ଏଥିପାଇଁ ଜିଲା, ବ୍ଲକ୍ ଓ ପଞ୍ଚାୟତସ୍ତରରେ ତାଲିମ ବ୍ୟବସ୍ଥା କରାଯାଇଛି। ଏହି ଯୋଜନାରେ ସାମିଲ ହେବାକୁ ହେଲେ ବ୍ଲକ୍ ଓ ପଞ୍ଚାୟତ ଅଫିସରେ ଆବେଦନ କରିବାକୁ ପଡିବ। ଜିଲାରେ ମୋଟ ୧୮ ହଜାର ବଗିଚା କରିବା ଲକ୍ଷ୍ୟ ରହିଛି। ଏ ପର୍ଯ୍ୟନ୍ତ ୬ ହଜାର ମୋ ବଗିଚା କାମ ଆରମ୍ଭ ହୋଇଛି। ଅଗଷ୍ଟ ମାସ ଶେଷ ସୁଦ୍ଧା ଧାର୍ଯ୍ୟ ଲକ୍ଷ୍ୟ ପୂରଣ ହୋଇଯିବ ବୋଲି ସଂଯୋଜକ ବିଶି କହିଛନ୍ତି।

ସୂଚନାଯୋଗ୍ୟ, ବାମରା ବ୍ଲକ୍‌ର ୧୭ ପଞ୍ଚାୟତରେ ୨୮୦୦, ଧନକଉଡା ବ୍ଲକର ୯ ପଞ୍ଚାୟତରେ ୧୧୫୦, ଜମନକିରା ବ୍ଲକର ୨୧ ପଞ୍ଚାୟତରେ ୩୦୨୫, ଯୁଯୁମୁରା ବ୍ଲକର ୧୮ ପଞ୍ଚାୟତରେ ୨୫୭୬, କୁଚିଣ୍ଡା ବ୍ଲକର ୧୭ ପଞ୍ଚାୟତରେ ୨୩୧୪, ମାନେଶ୍ୱର ବ୍ଲକର ୧୨ ପଞ୍ଚାୟତରେ ୧୬୧୮, ନାକଟିଦେଉଳ ବ୍ଲକର ୧୪ ପଞ୍ଚାୟତରେ ୧୧୬୫, ରେଢାଖୋଲ ବ୍ଲକର ୧୪ ପଞ୍ଚାୟତରେ ୧୬୮୦, ରେଙ୍ଗାଲି ବ୍ଲକର ୧୬ ପଞ୍ଚାୟତ ୧୬୭୨ ପ୍ରକଳ୍ପ କରିବାର ଲକ୍ଷ୍ୟ ରହିଛି।

## ସଂକ୍ଷେପରେ

### ଗାଧୋଇବାକୁ ଯାଇ ଦୁଇଜଣଙ୍କ ମୃତ୍ୟୁ

ଅମରପାଲି/ଡୁଙ୍ଗୁରିପାଲି,୩।୮ (ଡି.ଏନ.ଏ.)- ସୁବର୍ଣ୍ଣପୁର ଜିଲା ସୁବଳୟା ଥାନା ଅଧୀନ ଆମ୍ବସରଭଟ୍ଟା ଗାଁରେ ସୋମବାର ପାଣିରେ ବୁଡ଼ି ୨ଜଣଙ୍କ ମୃତ୍ୟୁ ଘଟିଛି। ନିକଟସ୍ଥ ସୁରୁବାଲି ଯୋରକୁ ଗାଧୋଇବାକୁ ଯାଇଥିବା ବେଳେ ଜଣେ ବୃଦ୍ଧ ବୁଡ଼ିଯିବାରୁ ତାଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ ଯାଦବ ଜଗଦଲା (୭୫)। ସେହିଭଳି ଡୁଙ୍ଗୁରିପାଲି ବ୍ଲକ୍ ଛକଠାରେ ରହୁଥିବା ଗୌତମ କଠାର (୫୦) ନାମକ ଜଣେ ବ୍ୟକ୍ତିଙ୍କ ମଧ୍ୟ ରବିବାର ଅପରାହ୍ନ ୩ଟାରେ ମୃତ୍ୟୁ ଘଟିଛି। ସେ କେନାଲକୁ ଗାଧୋଇବାକୁ ଯାଇ ଫେରି ନ ଥିଲେ। ଘର ଲୋକେ କେନାଲରେ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କ ପତ୍ତା ମିଳି ନ ଥିଲା। ଡୁଙ୍ଗୁରିପାଲି ଦମକଳ କେନ୍ଦ୍ର କର୍ମଚାରୀ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ହେଲେ ତାଙ୍କୁ ଉଦ୍ଧାର କରିବାରେ ସଫଳ ହୋଇ ନ ଥିଲେ। ସୋମବାର ସକାଳେ ଗୋଧାପାଲିଠାରେ ଗୌତମଙ୍କ ମୃତଦେହ ଭାସୁଥିବା ଲୋକେ ଦେଖିଥିଲେ। ଅଗ୍ନିଶମ କର୍ମଚାରୀ ମୃତଦେହ ଉଦ୍ଧାର କରି ଡୁଙ୍ଗୁରିପାଲି ପୋଲିସକୁ ହସ୍ତାନ୍ତର କରିଥିଲେ।

### ୧୧୬୧ କାଳିଆ ହିତାଧିକାରୀଙ୍କୁ ଟଙ୍କା ଫେରସ୍ତ ନୋଟିସ

ଝାରସୁଗୁଡା ଅଫିସ,୩।୮- ରାଜ୍ୟ ସରକାରଙ୍କ କୃଷି ବିଭାଗ ପକ୍ଷରୁ କାଳିଆ ଯୋଜନାରେ ଚାଷୀମାନଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। ବର୍ତ୍ତମାନ ସହାୟତା ପାଇଥିବା କେତେକ ଚାଷୀଙ୍କୁ ଅଯୋଗ୍ୟ ଦର୍ଶାଯାଇ ଟଙ୍କା ଫେରସ୍ତ ପାଇଁ ନୋଟିସ୍ କରାଯାଇଛି। ଏହିକ୍ରମରେ ଝାରସୁଗୁଡା ଜିଲା କୃଷି ବିଭାଗ ପକ୍ଷରୁ ୧୧୬୧ ଜଣ ଚାଷୀଙ୍କୁ ଟଙ୍କା ଫେରସ୍ତ ନୋଟିସ୍ ଜାରି କରାଯାଇଛି। ଝାରସୁଗୁଡା ବ୍ଲକରେ ୨୫୧, କିରମିରା ବ୍ଲକରେ ୨୭୨, ଲଇକେରା ବ୍ଲକରେ ୨୦୨, କୋଲାବିରା ବ୍ଲକରେ ୧୫୪ ଏବଂ ଲଖନପୁର ବ୍ଲକରେ ୨୮୨ଜଣ ଉପରୋକ୍ତ ଅଯୋଗ୍ୟ ଚାଷୀ ରହିଥିବା ଜିଲା କୃଷି ବିଭାଗ ପକ୍ଷରୁ କୁହାଯାଇଛି।

### ରେଙ୍ଗାଲି ବ୍ଲକ୍‌ରୁ ୭ କରୋନା ପଜିଟିଭ

ରେଙ୍ଗାଲି, ୩।୮ (ଡି.ଏନ.ଏ.)-କରୋନା ମହାମାରୀ ଏବେ ସାରା ରାଜ୍ୟରେ ହୁହୁ ହୋଇ ବଢ଼ିବାକୁ ଲାଗିଛି। ସୋମବାର ସମ୍ବଲପୁର ଜିଲାରୁ ୯୩ ଜଣ କରୋନା ରୋଗୀ ଚିହ୍ନଟ ହୋଇଛନ୍ତି। ସେଥିମଧ୍ୟରୁ ରେଙ୍ଗାଲି ବ୍ଲକରୁ ୭ଜଣ ଅଛନ୍ତି। ଗୁମଲୋଇରୁ ୨ଜଣ ଥିବା ବେଳେ ଠେଲକଲୋଇରୁ ୫ଜଣ ଚିହ୍ନଟ ହୋଇଛନ୍ତି। ଠେଲକଲୋଇରୁ ବାହାରିଥିବା ୫ଜଣଙ୍କ ଝାରସୁଗୁଡା ଲିଙ୍କ୍ ରହିଛି। ଝାରସୁଗୁଡା ଜିଲା ବେହେରାମାଲର ଜଣେ ଯୁବକ ଗତ ୧୨ ତାରିଖ ରେଙ୍ଗାଲି ବ୍ଲକ ଠେଲକଲୋଇରେ ଥିବା ନିଜ ସମ୍ପର୍କୀୟଙ୍କ ଘରକୁ ଆସିଥିଲେ। ଅସୁସ୍ଥ ଅନୁଭବ କରିବାରୁ ରେଙ୍ଗାଲିସ୍ଥିତ ଏକ ଘରୋଇ ଡାକ୍ତରଙ୍କୁ ଦେଖାଇ ପରେ ଝାରସୁଗୁଡା ଫେରି ଯାଇଥିଲେ। କିଛି ଦିନ ପରେ ପୁଣି ଅସୁସ୍ଥ ଅନୁଭବ କରିବାରୁ ଝାରସୁଗୁଡା ଡାକ୍ତରଖାନାକୁ ଯାଇ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ କୋଭିଡ୍ ଟେଷ୍ଟ କରିଥିଲେ। ସେ କରୋନା ପଜିଟିଭ ଆସିବାରୁ ଠେଲକଲୋଇର ୧୧ ଜଣଙ୍କୁ ହୋମ୍ କ୍ୱାରାଣ୍ଟାଇନରେ ରଖାଯାଇଥିଲା। ସେଥିମଧ୍ୟରୁ ସୋମବାର ୫ଜଣ କରୋନା ଆକ୍ରାନ୍ତ ବୋଲି ଜଣା ପଡ଼ିଛି। ରେଙ୍ଗାଲି ବିଡିଓ ଶଙ୍କର ପ୍ରସାଦ ସାହୁ, ରେଙ୍ଗାଲି ତହସିଲଦାର ସୁନିଲ ମେହେର ଠେଲକଲୋଇ ଯାଇ ଉକ୍ତ ସ୍ଥାନକୁ ସିଲ୍ କରଛନ୍ତି। ସମସ୍ତ ୫ଜଣ ରୋଗୀଙ୍କୁ ଚିକିତ୍ସା ପାଇଁ କୋଭିଡ୍ କେୟାର ସେଣ୍ଟରକୁ ପଠାଯାଇଛି।

## ଫଟୋରେ ଖବର


ସୋମବାର ଥିଲା ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ। ହେଲେ ସମ୍ବଲପୁର ବୀର ସୁରେନ୍ଦ୍ର ସାଏ ଟାଉନ୍ ହଲ୍ ପଡିଆରେ ଥିବା ତାଙ୍କ ପ୍ରତିମୂର୍ତ୍ତିରେ ଫୁଲମାଳଟିଏ ଦେବାକୁ ପ୍ରଶାସନ ଭୁଲି ଯାଇଥିଲା। ଏବେ ସେହି ପ୍ରତିମୂର୍ତ୍ତି ତଳେ ଚାଲିଛି ପରିବା ହାଟ।

## ୧୨ସିଆରପିଏଫ୍ ଯବାନ କରୋନା ଆକ୍ରାନ୍ତ

ବଲାଙ୍ଗୀର ଅଫିସ, ୩।୮

- ବଲାଙ୍ଗୀର: ୫ ଶହ ଟପିଲା ସଂକ୍ରମଣ
- ସରିଲା ୪ଦିନିଆ ଶଟ୍‌ଡାଉନ୍

ବଲାଙ୍ଗୀର ଜିଲାରେ କରୋନା ସଂକ୍ରମିତଙ୍କ ସଂଖ୍ୟାରେ ରେକର୍ଡ ବୃଦ୍ଧି ହୋଇଛି। ଶନିବାର ଗୋଟିଏ ଦିନରେ ନୂଆ ୫୧ ସଂକ୍ରମିତ ଚିହ୍ନଟ ହେବା ପରେ ଜିଲାର ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୫୧୪ରେ ପହଞ୍ଚିଛି। ଏହି ସଂକ୍ରମିତଙ୍କ ମଧ୍ୟରୁ ୧୨ ଜଣ ସିଆରପିଏଫ୍ ଯବାନ ଓ ୨ଜଣ କୋଭିଡ ଯୋଦ୍ଧା ଚିହ୍ନଟ ହୋଇଛନ୍ତି। ୫୧ ଜଣଙ୍କ ମଧ୍ୟରୁ ୨୧ ଜଣ ବଲାଙ୍ଗୀର ମ୍ୟୁନିସିପାଲିଟି ଅନ୍ତର୍ଗତ ବିଭିନ୍ନ ପଡାର। ବଲାଙ୍ଗୀର ତୁଳସୀନଗରର ୨, ସୁଦପଡାର ୪, ଠିକାଦାରପଡାର ୫, ମାଳପଡାର ୪, ରାଧାରାଣୀପଡା, ରୁଗୁଡିପଡା, କ୍ଲବପଡା, ସାଗରପଡା, ତାଳପାଲିପଡା, ଲାଲଟିକ୍ରାରେ ଜଣେ ଲେଖାଏ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ପୁଇଁତଲା ବ୍ଲକର ସଦର ଗାଁ ପୁଇଁତଲାରୁ ୮ ଓ ଭାଲେରରୁ ଜଣେ, ବେଲପଡା ବ୍ଲକର ପର୍ଲିମାଲରୁ ୪ଜଣ, ବଲାଙ୍ଗୀର ବ୍ଲକ ଡଙ୍ଗାଘାଟ ଓ ବାରପୁରଗିଆରୁ ଜଣେ ଲେଖାଏ, ଦେଓଗାଁ ବ୍ଲକ ମୁରସିଂରୁ ଜଣେ ଚିହ୍ନଟ ହୋଇଛନ୍ତି। ଶନିବାର ରିପୋର୍ଟରେ ବଲାଙ୍ଗୀର ଜିଲାରେ କୌଣସି ସଂକ୍ରମିତ ଚିହ୍ନଟ ହୋଇ ନ ଥିଲେ।

ଜୁଲାଇ ଶେଷ ସପ୍ତାହରୁ ସଂକ୍ରମଣ ସଂଖ୍ୟା ବୃଦ୍ଧି ପାଇବାରୁ ଜିଲାରେ ଭୟର ବାତାବରଣ ଦେଖାଦେଇଛି। ବିଶେଷକରି ବଲାଙ୍ଗୀର ସହରରେ ସଂକ୍ରମିତଙ୍କ ସଂଖ୍ୟା ବଢିବାରେ ଲାଗିଛି। ଏହାକୁ ଦୃଷ୍ଟିରେ ରଖି ଜୁଲାଇ ୩୧ତାରିଖରୁ ଅଗଷ୍ଟ ୩ ପର୍ଯ୍ୟନ୍ତ ଜିଲାକୁ ଶଟ୍‌ଡାଉନ୍ କରାଯାଇଥିଲା। ଏହାର ପ୍ରଭାବରେ ଜିଲାସାରା ଜନଜୀବନ ପ୍ରଭାବିତ ହୋଇଥିଲା।



୪ ଦିନିଆ ଶଟ୍‌ଡାଉନ୍‌ର ଶେଷଦିନ ବି ବଲାଙ୍ଗୀର ମାର୍କେଟ ଜନଶୂନ୍ୟ ରହିଛି।

## ଦିନକରେ ୩୩ କରୋନା ପଜିଟିଭ ଚିହ୍ନଟ

ବରଗଡ଼ ଅଫିସ୍,୩।୮

ବରଗଡ଼ ଜିଲାରେ ସୋମବାର ୩୩ ନୂଆ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଆକ୍ରାନ୍ତଙ୍କ ମଧ୍ୟରେ ୧୫ଜଣ ମହିଳା ଏବଂ ୧୮ଜଣ ପୁରୁଷ ଅଛନ୍ତି। ସେମାନଙ୍କ ମଧ୍ୟରେ ବରଗଡ଼ ପୌରାଞ୍ଚଳରେ ସର୍ବାଧିକ ୨୪ଜଣ ରହିଛନ୍ତି। ଆକ୍ରାନ୍ତଙ୍କ ମଧ୍ୟରୁ ବରଗଡ଼ ପୌର ପରିଷଦ ଅଧୀନ ୱାର୍ଡ ନଂ-୨ କୁଳିପଡ଼ାର ୬, ୱାର୍ଡ ନଂ-୧ ଭୁର୍ଦ୍ଧୁବନ୍ଧ ପଡ଼ାର ୪, ୱାର୍ଡ ନଂ-୧ ମାରୱାଡ଼ି ପଡ଼ାର ଜଣେ, ୱାର୍ଡ ନଂ-୧ ନଦୀପଡ଼ାର ୧୧ଜଣ, ୱାର୍ଡ ନଂ-୯ ବାନ୍ଧୁଟିକ୍ରାର ଜଣେ, ୱାର୍ଡ ନଂ-୧୩ ପଞ୍ଚାୟତ କଲେଜ ରୋଡ୍‌ର ୩ଜଣ ରହିଛନ୍ତି। ସେହିପରି ଖୁଣ୍ଟପାଲି ବ୍ରାହ୍ମଣପଡ଼ାର ୫, ବରପାଲି ବ୍ଲକ ପାଟକୁଲୁଣ୍ଡାର ଜଣେ ଏବଂ କଟାପାଲି ଗ୍ରାମର ଜଣେ ଆକ୍ରାନ୍ତ ଅଛନ୍ତି। ଆକ୍ରାନ୍ତମାନଙ୍କୁ ବରଗଡ଼ କୋଭିଡ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଛି ବୋଲି ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନ ସୂଚନା ଦେଇଛନ୍ତି। ଏହାକୁ ମିଶାଇ ଜିଲାରେ ଆକ୍ରାନ୍ତଙ୍କ ସଂଖ୍ୟା ୪୬୪ରେ ପହଞ୍ଚିଛି। ଅନ୍ୟପକ୍ଷେ ସୋମବାର ଅତାବିରା ଏନଏସିର ୨୩ଜଣ ଆକ୍ରାନ୍ତ ସୁସ୍ଥ ହୋଇଥିବା ସୂଚନା ଦିଆଯାଇଛି। ଏପର୍ଯ୍ୟନ୍ତ ୩୮୪ଜଣ ସୁସ୍ଥ ହୋଇଥିବାବେଳେ ଜଣଙ୍କର ମୃତ୍ୟୁ ହୋଇଛି ଏବଂ ଅନ୍ୟ ୭୯ଜଣ ସକ୍ରିୟ ରହି ବିଭିନ୍ନ କୋଭିଡ୍ ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି ବୋଲି ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କଲ୍ୟାଣୀ ଦାଶ ସୂଚନା ଦେଇଛନ୍ତି।

## ପଜିଟିଭ ଚିହ୍ନଟ ପରେ ଲୋକଙ୍କୁ ସଚେତନ କଲା ପୋଲିସ

ଦେଓଗାଁ,୩।୮ (ଡି.ଏନ.ଏ.)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ କୁର୍ଲୁଲା ପଞ୍ଚାୟତ ଅନ୍ତର୍ଗତ ମୁରସିଂରେ ସୋମବାର ଜଣେ ୫୦ ବର୍ଷୀୟ ବ୍ୟକ୍ତି (ଲୋକାଲ)କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ତେବେ ଏଥିରେ କେହି ଭୟଭୀତ ନ ହେବା ପାଇଁ ଦେଓଗାଁ ପୋଲିସ ପକ୍ଷରୁ ଲୋକଙ୍କୁ ନିବେଦନ କରାଯାଇଛି। ସମସ୍ତେ ମାସ୍କ ପିନ୍ଧିବା, ବାରମ୍ବାର ହାତ ଧୋଇବା ଓ ସାମାଜିକ ଦୂରତ୍ୱ ବଜାୟ ରଖିବାକୁ ପୋଲିସ ସଚେତନ କରିଛି। ଗତ ବୁଧବାର ପଡୋଶୀ ସଦର ବ୍ଲକ କୁଡାସିଂହାରେ ମଧ୍ୟ ଜଣେ ବ୍ୟକ୍ତି କରୋନା ପଜିଟିଭ ଚିହ୍ନଟ ପରେ ସମ୍ପୃକ୍ତ ଅଞ୍ଚଳରେ ଆତଙ୍କ ସୃଷ୍ଟି ହୋଇଥିଲା।

## ଆୟୁଷ ଡାକ୍ତରଙ୍କ ଭରସାରେ ୨ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର

ବିନିକା,୩।୮ (ଡି.ଏନ୍.ଏ.)

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକର ଶଙ୍କରା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ବାଙ୍କିଘିର୍ଡି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଡାକ୍ତର ଓ ସ୍ୱାସ୍ଥ୍ୟ କର୍ମଚାରୀ ଅଭାବ ଜନିତ ସମସ୍ୟା ଦେଇ ଗତି କରୁଛି। ବର୍ଷବର୍ଷ ଧରି ସ୍ଥାୟୀ ଡାକ୍ତର ପଦବୀ ଖାଲିପଡିଛି। ଉଭୟ ସ୍ୱାସ୍ଥ୍ୟକେନ୍ଦ୍ର ଏବେ ବସ୍ତୁତଃ ଆୟୁଷ ଡାକ୍ତରଙ୍କ ଭରସାରେ ଚାଲିଛି।

ଶଙ୍କରା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ କୌଡିଆମୁଣ୍ଡା, ଚରଦା, ଫୁଲମୁଠି, ସାହାଜବାହାଲ, କଟାପାଲି, କଇନ୍ତରା ପ୍ରଭୃତି ଗ୍ରାମର ଲୋକ ନିର୍ଭର କରନ୍ତି। ଦୀର୍ଘଦିନ ହେବ ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ଥାୟୀ ଡାକ୍ତର ନାହାନ୍ତି। ଏହାଛଡା ଫାର୍ମାସିଷ୍ଟ, ନର୍ସ, ଆଟେଣ୍ଡାଣ୍ଟ ପଦ ଖାଲିପଡିଛି। ଏଠାରେ ଆୟୁଷ ଡାକ୍ତର ଗୀତାଞ୍ଜଳି ମିଶ୍ର କାର୍ଯ୍ୟରତ ଅଛନ୍ତି। ତାଙ୍କ ଅନୁପସ୍ଥିତିରେ ମହିଳା ସ୍ୱାସ୍ଥ୍ୟକର୍ମୀ କାମ ତୁଲାଉଛନ୍ତି। ସେହିପରି ବାଙ୍କିଘିର୍ଡି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ବାଙ୍କିଘିର୍ଡି, ବାବୁପାଲି ଓ ସିଂଘିଝୁବା ପଞ୍ଚାୟତର ୨୧ଟି ଗାଁର ଜନସାଧାରଣ ସ୍ୱାସ୍ଥ୍ୟସେବା ପାଇଁ ନିର୍ଭର କରିଥାନ୍ତି। ଏଠାରେ ମଧ୍ୟ ଡାକ୍ତର ଅଭାବ। ଆୟୁଷ ଡାକ୍ତର ସସ୍ମିତା ପଣ୍ଡା ତରଭାରୁ ବାଙ୍କିଘିର୍ଡିକୁ ଡେପୁଟେଶନରେ ଆସି ରୋଗୀଙ୍କୁ ଦେଖୁଛନ୍ତି। ଏଠାରେ ସୁଇପର, ଆଟେଣ୍ଡାଣ୍ଟ ମଧ୍ୟ ନାହାନ୍ତି। ତେବେ ମେଡିସିନ ସ୍ପେଶାଲିଷ୍ଟ ନ ଥିବାରୁ ଉଭୟ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀ ସେବା ଦୀର୍ଘବର୍ଷ ହେଲା ବ୍ୟାହତ ହେଉଛି। ଅନେକ ସମୟରେ ରୋଗୀମାନେ ଖର୍ଚ୍ଚାନ୍ତ ହୋଇ ବିନିକା, ସୋନପୁର, ବୁର୍ଲା ଆଦି ଡାକ୍ତରଖାନା ଯାଇ ଚିକିତ୍ସିତ ହେଉଛନ୍ତି। ଖାଲିଥିବା ଡାକ୍ତର ପଦବୀ ପୂରଣ ଲାଗି ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହୋଇ ଆସୁଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇ ନାହିଁ। ଫଳରେ ଜନ ଅସନ୍ତୋଷ ଆନ୍ଦୋଳନ ପାଇଁ ଦାନା ବାନ୍ଧିବାରେ ଲାଗିଛି।

## ପଟାଭାଡ଼ି, ବହିରଖମନ କଣ୍ଟେନ୍‌ମେଣ୍ଟ ଜୋନ୍



କଣ୍ଟେନ୍‌ମେଣ୍ଟ ଜୋନ୍ ଘୋଷିତ ପଟାଭାଡି ବସ୍ତି।

ସୋନପୁର,୩।୮ (ନି.ପ୍ର.)

**ଦମ୍ପତିଙ୍କ ସମେତ ୩ ପଜିଟିଭ୍**

ସୁବର୍ଣ୍ଣପୁର ଜିଲାରେ ଆଉ ୩ କରୋନା ପଜିଟିଭ୍ ସୋମବାର ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ଦମ୍ପତି ଓ ଜଣେ ବୃଦ୍ଧ ଅଛନ୍ତି। ସୋନପୁର ସହର ୧୦ ନଂ ୱାର୍ଡ ପଟାଭାଡି ବସ୍ତିର ସ୍ତ୍ରୀ(୨୧) ଓ ସ୍ୱାମୀ(୨୭) ସଂକ୍ରମିତ ହୋଇଛନ୍ତି। ଦମ୍ପତି ବୌଦ୍ଧରୁ ସଂକ୍ରମିତ ହୋଇ ଫେରିଥିବା ଜଣାପଡିଛି। ସେହିପରି ସୋନପୁର ବ୍ଲକ ଖରଜୁରା ପଞ୍ଚାୟତ ବହିରଖମନ ହରିଜନ ବସ୍ତିରେ ଜଣେ ୬୦ ବର୍ଷର ବୃଦ୍ଧଙ୍କ ରିପୋର୍ଟ ପଜିଟିଭ୍ ଆସିଛି। ସଂକ୍ରମିତଙ୍କୁ ଜିଲା କୋଭିଡ୍ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ସ୍ଥାନୀୟ ସଂକ୍ରମିତ ହୋଇଥିବାରୁ କଣ୍ଟାକ୍ଟ ଟ୍ରେସିଂ ଆରମ୍ଭ ହୋଇଛି। ସଂକ୍ରମଣର ଆଶଙ୍କାକୁ ଦୃଷ୍ଟିରେ ରଖି ଜିଲାପାଳ ମୋନୀଷା ବାନାର୍ଜୀ ପଟାଭାଡି ଓ ବହିରଖମନ ବସ୍ତି ଅଞ୍ଚଳକୁ ଆସନ୍ତା ୧୦ ଦିନ ପର୍ଯ୍ୟନ୍ତ କଣ୍ଟେନ୍‌ମେଣ୍ଟ ଜୋନ୍ ଘୋଷଣା କରିଛନ୍ତି। ଘୋଷିତ ଅଞ୍ଚଳ ମଧ୍ୟରେ ପଟାଭାଡିରେ ୧୨ଟି ପରିବାର ଓ ବହିରଖମନରେ ୧୩ଟି ପରିବାର ରହୁଛନ୍ତି। ବସ୍ତିକୁ ସଂଯୋଗ କରୁଥିବା ସମସ୍ତ ରାସ୍ତାକୁ ମ୍ୟୁନିସିପାଲିଟି ଓ ବ୍ଲକ ପ୍ରଶାସନ ପକ୍ଷରୁ ସିଲ୍ କରାଯାଇଛି। ଅଞ୍ଚଳ ମଧ୍ୟରେ ଥିବା ପରିବାରଗୁଡିକୁ ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଇବା ସହ ଆଇନଶୃଙ୍ଖଳା, ସ୍ୱାସ୍ଥ୍ୟ ସମସ୍ୟା ଓ ଜିଲା ପ୍ରଶାସନ ସହ ଯୋଗାଯୋଗ ପାଇଁ ଜିଲାପାଳ ଅଧିକାରୀଙ୍କୁ ଦାୟିତ୍ୱ ପ୍ରଦାନ କରିଛନ୍ତି। ଜିଲାରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୧୧୩ରେ ପହଞ୍ଚିଛି। ସେଥିରୁ ୮୧ ଜଣ ସୁସ୍ଥ ହୋଇଛନ୍ତି।

## ସିସିଟିଭି ଫୁଟେଜ ଖୋଲିଲା ଡକାୟତି ଗୁମର

ବଲାଙ୍ଗୀର ଅଫିସ, ୩।୮

- ୪ ଅଭିଯୁକ୍ତ ଗିରଫ
- ବାଇକ, ୨ ହଜାର ଟଙ୍କା ଜବତ
- ୨ ସହଯୋଗୀ ଫେରାର

ବଲାଙ୍ଗୀର ସହର ମହିଳା କଲେଜ ରାସ୍ତାରେ ଶୁକ୍ରବାର ଦିନଦ୍ୱିପହରେ ଜଣେ ବ୍ୟକ୍ତିଙ୍କୁ ଭୁଜାଲି ଦେଖାଇ ଟଙ୍କା ଏକ ମୋବାଇଲ ଡକାୟତି ହୋଇଥିଲା। ଏହି ମାମଲାରେ ଟାଉନ ଥାନା ପୋଲିସ ୪ଜଣଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ଏକ ଟିଭିଏସ୍ ବାଇକ୍ (ଓଡି୧୭ ଏ ୯୫୧୮) ଓ ୨ ହଜାର ଟଙ୍କା ଜବତ କରାଯାଇଛି। ଅଭିଯୁକ୍ତମାନେ ହେଲେ ବିଭୂତିପଡାର ରାକେଶ ଭୋଇ (୨୭) ଓ ଗୌତମ ସୁନା (୨୫), ଟିମିନିଭାଟିପଡାର ସିନ୍ଧୁ ବନ୍‌ଛୋର (୩୦) ଓ ବିକାଶ ବୁଡେକ (୨୧)। ଅନ୍ୟ ୨ ସହଯୋଗୀ ଅଭିଯୁକ୍ତ ଫେରାର ହୋଇଯାଇଥିବା ଜଣାପଡିଛି। ଶୁକ୍ରବାର ଦିନ ପ୍ରାୟ ୧ଟା ୩୦ରେ ସୁବର୍ଣ୍ଣପୁର ଜିଲା ବୀରମହାରାଜପୁରର ସଚ୍ଚିଦାନନ୍ଦ ସେଠୀ ମହିଳା କଲେଜ ରାସ୍ତାରେ ଯାଉଥିବାବେଳେ ୪ ଅଭିଯୁକ୍ତ ତାଙ୍କ ପାଖକୁ ଆସି ଭୁଜାଲି ଦେଖାଇ ୧୭ ହଜାର ୯ ଶହ ଟଙ୍କା ଓ ଏକ ମୋବାଇଲ ଲୁଟି ଫେରାର ହୋଇଯାଇଥିଲେ। ଏ ନେଇ ଭୋଇ ଟାଉନ୍ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା(ନଂ.୩୩୦/୨୦) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ସିସିଟିଭି ଫୁଟେଜ ଯାଞ୍ଚ ପରେ ସମୁଦାୟ ୬ ଜଣ ଏହି ଡକାୟତିରେ ସାମିଲ ଥିବା ସ୍ପଷ୍ଟ ହୋଇଥିଲା। ବିଭିନ୍ନ ସୂତ୍ରରୁ ମିଳିଥିବା ସୂଚନା ଆଧାରରେ ପୋଲିସ ଭିନ୍ନ ଭିନ୍ନ ସ୍ଥାନରୁ ଉପରୋକ୍ତ ୪ ଜଣଙ୍କୁ ଗିରଫ କରିଛି।




ଗିରଫ ୪ ଅଭିଯୁକ୍ତଙ୍କ ସହ ଜବତ୍ ବାଇକ୍।

## ଯୋଗ୍ୟ ହିତାଧିକାରୀ ଆବାସ ଯୋଜନାରୁ ବଞ୍ଚିତ

ଲୋଇସିଂହା, ୩।୮ (ଡି.ଏନ.ଏ.)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଉପରବାହାଲ ପଞ୍ଚାୟତ ଅନ୍ତର୍ଗତ ସାଧୁପାଲି ଗାଁର ବହୁ ଯୋଗ୍ୟ ହିତାଧିକାରୀ ଆବାସ ଯୋଜନାରୁ ବଞ୍ଚିତ ରହିଥିବା ଅଭିଯୋଗ ହୋଇଛି। ଏ ନେଇ ଗ୍ରାମର ସଚେତନ ଯୁବଗୋଷ୍ଠୀ ଅସନ୍ତୋଷ ବ୍ୟକ୍ତ କରି ବ୍ଲକ ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ। ଇତିମଧ୍ୟରେ ଏକ ମାସ ବିତିଯାଇଥିଲେ ସୁଦ୍ଧା ଏହାର ତଦନ୍ତ କରାଯାଇନାହିଁ। ଏକ ୱାର୍ଡ ବିଶିଷ୍ଟ ସାଧୁପାଲି ଗାଁରେ ୧୨୦ପରିବାର ବାସ କରନ୍ତି। ଅଧିକାଂଶ ଲୋକ ଗରିବ ଶ୍ରେଣୀର ହୋଇଥିବା ବେଳେ ଆବାସ ଯୋଜନା ନ ପାଇ ଭଙ୍ଗା ଦଦରା ଘରେ ରହୁଛନ୍ତି। ଗ୍ରାମର ଡୋଲାମଣି ସାହୁଙ୍କୁ ଉଦାହରଣଭାବେ ନିଆଯାଇପାରେ। ସ୍ତ୍ରୀ କମଳା, ଦିବ୍ୟାଙ୍ଗ ଝିଅ ବିଳାସିନୀ ଓ ପୁଅ ସିଦ୍ଧାନ୍ତଙ୍କୁ ନେଇ ତାଙ୍କ ପରିବାର। ଭଙ୍ଗା କୁଡିଆରେ ୪ ପ୍ରାଣୀ ରହୁଛନ୍ତି। ପକ୍କା ଘର ପାଇଁ ପଞ୍ଚାୟତରେ ଅନେକ ଥର ଆବେଦନ କରି ଆସୁଥିଲେ ଚୂଡାନ୍ତ ତାଲିକାରେ ତାଙ୍କ ନାମ ଆସି ପାରୁନାହିଁ। ସେହିପରି ଗ୍ରାମର ସମାରୁ ସାହୁ। ସ୍ତ୍ରୀ ଶାନ୍ତି ଓ ୭ ଝିଅଙ୍କୁ ନେଇ ତାଙ୍କ ସଂସାର। ୪ ଝିଅ ବାହାହୋଇ ସାରିଛନ୍ତି। ଯୋଗ୍ୟ ହିତାଧିକାରୀ ତାଲିକାରେ ନାମ ଥିଲେ ସୁଦ୍ଧା ସମାରୁଙ୍କୁ ମିଳି ପାରିନି ଆବାସ ଗୃହ। ସେହିପରି ଗ୍ରାମର ଅନ୍ୟ ୫୦ପରିବାର ଏହି ଯୋଜନାରୁ ବାଦ୍ ପଡିଥିବା ଅଭିଯୋଗ ହୋଇଛି। ପଞ୍ଚାୟତ ଓ ବ୍ଲକ ପ୍ରଶାସନର ଟାଳଟୁଳ ନୀତି ଯୋଗୁ ଯୋଗ୍ୟ ହିତାଧିକାରୀ ବାଦ୍ ପଡୁଥିବା ଅଭିଯୋଗ ନେଇ ଗ୍ରାମର ବିଷ୍ଣୁପ୍ରସାଦ ସାହୁ, ସୁମନ୍ତ ନାଗ, ସୁନୀଲ ନାଗ, ଧନଞ୍ଜୟ ସାହୁଙ୍କ ସମେତ ଯୋଜନାରୁ ବାଦ୍ ପଡୁଥିବା କେତେକ ହିତାଧିକାରୀ ବିଡିଓ ରାମଚନ୍ଦ୍ର ଖାଡିଆଙ୍କୁ ସାକ୍ଷାତ୍ କରି ସମସ୍ୟା ଜଣାଇଥିଲେ। ହେଲେ ଏ ଦିଗରେ ତଦନ୍ତରେ ଅଗ୍ରଗତି ହୋଇ ନ ଥିବାରୁ ସମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏ ସମ୍ପର୍କରେ ଉପରବାହାଲ ପଞ୍ଚାୟତ ନିର୍ବାହୀ ଅଧିକାରୀ(ପିଇଓ) ପ୍ରେମାନନ୍ଦ ମହାଲିଙ୍ଗଙ୍କୁ ପଚାରିବାରୁ କେତେକ ଯୁବକ ବିଡିଓଙ୍କ ପାଖକୁ ଅଭିଯୋଗ ନେଇ ଆସିଥିଲେ। ବ୍ଲକରୁ ଆସିଥିବା ଲିଷ୍ଟ ଅନୁଯାୟୀ ଗୃହ ବଣ୍ଟନ କରାଯାଉଛି। ତେବେ ସେମାନେ କେଉଁ ଲିଷ୍ଟ ବଳରେ ଅଭିଯୋଗ କରୁଛନ୍ତି ତାହା ଆମକୁ ଜଣାଇ ନାହାନ୍ତି। ଗ୍ରାମର ଜଣୈକ ବ୍ୟକ୍ତିଙ୍କ କାର୍ଯ୍ୟାଦେଶ ଆସିଥିଲା। ତେବେ ସେ ପୂର୍ବରୁ ପାଇଥିବା କହିବାରୁ ତାଙ୍କୁ ବାଦ୍ ଦିଆଯାଇଥିବା ସେ କହିଥିଲେ।


ଭଙ୍ଗା କୁଡିଆ ସମ୍ମୁଖରେ ଅବାସ ଯୋଜନାରୁ ବଞ୍ଚିତ ଡୋଲାମଣି ସାହୁ।

**ସାଧାରଣରେ ବଢୁଛି ଅସନ୍ତୋଷ**

**ପୁଣି ଖସିଲା ମାନୁଫାକ୍ଚରିଂ କ୍ଷେତ୍ର କାର୍ଯ୍ୟକଳାପ**

ଦେଶର ମାନୁଫାକ୍ଚରିଂ କ୍ଷେତ୍ର କାର୍ଯ୍ୟକଳାପ ଲଗାତର ଭାବେ ୪ର୍ଥ ମାସ ଲାଗି ହ୍ରାସ ଘଟିଛି। ବଜାର ପ୍ରଭାବିତ ରହିବା ଯୋଗୁ ଏଭଳି ସ୍ଥିତି ଉପୁଜିଥିବା ପିଏମ୍ଆଇ ଏହାର ରିପୋର୍ଟରେ ପ୍ରକାଶ କରିଛି।



## ସଂକ୍ଷେପରେ

### ୫୪,୬୭୮ ଟଙ୍କା ସ୍ତରରେ ସୁନା

**ନୂଆଦିଲ୍ଲୀ,୩।୮:** ସୁନା ଦର ବର୍ତ୍ତମାନ ଲଗାତର ଭାବେ ବଢ଼ି ଚାଲିଛି। ସୋମବାର ନୂଆ ଦିଲ୍ଲୀରେ ସୁନା ଦର ୧୮୫ ଟଙ୍କା ବଢ଼ିବା ଯୋଗୁ ୧୦ ଗ୍ରାମ ପିଛା ଦର ୫୪,୬୭୮ ଟଙ୍କା ରହିଛି। ଟଙ୍କାର ମୂଲ୍ୟରେ ହ୍ରାସ ହେବା ଯୋଗୁ ଦରରେ ଏଭଳି ପରିବର୍ତ୍ତନ ଆସିଥିବା ଏଚ୍ଡିଏଫ୍ସି ସିକ୍ୟୁରିଟିଜ ପକ୍ଷରୁ ସୂଚନା ଦିଆଯାଇଛି। ଏହାର ପୂର୍ବ କାରବାରରେ ସୁନା ଦର ୫୪,୪୯୩ ଟଙ୍କାରେ ବନ୍ଦ ହୋଇଥିଲା। ସୋମବାର ରୁପା ଦର ୧୬୭୨ ଟଙ୍କା ବଢ଼ି କିଲୋ ପିଛା ଦର ୬୬,୭୪୨ ଟଙ୍କା ରହିଛି। ପୂର୍ବ କାରବାରରେ ଏହାର ଦାମ ୬୫,୦୭୦ ଟଙ୍କା ରହିଛି। ୨୪ କ୍ୟାରେଟ ସୁନାର ସ୍ପଟ୍ ଦର ଦିଲ୍ଲୀରେ ୧୮୫ ଟଙ୍କା ରହିଥିବା ଏଚ୍ଡିଏଫ୍ସି ସିକ୍ୟୁରିଟିଜର ସିନିୟର ଆନାଲିଷ୍ଟ ତପନ ପଟେଲ କହିଛନ୍ତି। ସୋମବାର ଡଲାର ତୁଳନାରେ ଟଙ୍କାର ମୂଲ୍ୟ ୨୦ ପଇସା ନିମ୍ନରେ ରହି ୭୫ ଟଙ୍କା ସ୍ତରରେ ରହିଛି। ଏହି ସମୟରେ ଘରୋଇ ବଜାରର ପୁଞ୍ଜିବଜାର କାରବାର ମଧ ପ୍ରଭାବିତ ହୋଇଛି। ଅନ୍ତର୍ଜାତୀୟ ବଜାରରେ ସୁନା ଆଉନ୍ସ ପ୍ରତି ୧୯୭୩ ଡଲାର ରହିଥିବା ବେଳେ ରୁପା ୨୪.୩୦ ଡଲାର ରହିଛି।

### ଜନଧନ ଆକାଉଣ୍ଟ ସଂଖ୍ୟା ୪୦ କୋଟି ଟପିଲା

**ନୂଆଦିଲ୍ଲୀ,୩।୮:** ପ୍ରଧାନମନ୍ତ୍ରୀ ଜନଧନ ଯୋଜନାରେ ବର୍ତ୍ତମାନ ସୁଦ୍ଧା ୪୦ କୋଟିରୁ ଉର୍ଦ୍ଧ୍ୱ ଖାତା ଖୋଲାଯାଇଛି। ଏହି ଖାତାଗୁଡ଼ିକରେ ୧.୩୦ ଲକ୍ଷ କୋଟି ଟଙ୍କାର ଜମା ରାଶି ରହିଛି। ୨୦୧୪ ଅଗଷ୍ଟ ୨୮ରେ ଏହି ଯୋଜନାକୁ ଶୁଭାରମ୍ଭ କରାଯାଇଥିଲା। ସାଧାରଣ ଲୋକଙ୍କୁ ବ୍ୟାଙ୍କିଙ୍ଗ୍ ସେବା ସହ ଯୋଡିବା ଲାଗି ସରକାର ଏଭଳି ବ୍ୟବସ୍ଥା ଗ୍ରହଣ କରିଥିବା ଜଣାପଡ଼ିଛି। ଏହି ଯୋଜନା ବର୍ତ୍ତମାନ ୬ ବର୍ଷରେ ପଦାର୍ପଣ କରିଛି। ଏହା ବିଶ୍ୱର ସବୁଠାରୁ ବଡ଼ ବିତ୍ତୀୟ ସମାବେଶ ବୋଲି କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟର ଆର୍ଥିକ ସେବା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଏହି ଖାତା ଖୋଲିବା ଲାଗି ନ୍ୟୂନତମ ରାଶିର ଆବଶ୍ୟକତା ପଡୁନାହିଁ। ମୋଟା ଆକାଉଣ୍ଟ ମଧ୍ୟରୁ ଅଧିକାଂଶ ଖାତା ମହିଳାଙ୍କର ରହିଛି।

# ବ୍ୟାଙ୍କଗୁଡ଼ିକୁ ଋଣ ଖିଲାପ ଚିନ୍ତା

**ନୂଆଦିଲ୍ଲୀ,୩।୮**




**■ସୁଧୁରୁନି ବଜାର ସ୍ଥିତି**
**■କ୍ଷୁଦ୍ର ବାଣିଜ୍ୟ, ରିଟେଲ ଋଣରେ ଏନ୍ପିଏ ବଢ଼ିପାରେ**

କରୋନା ପାଇଁ ବଜାର ବର୍ତ୍ତମାନ କ୍ଷତିଗ୍ରସ୍ତ ସ୍ଥିତିରେ ରହିଛି। ଚାହିଦା ନ ରହିବା ଯୋଗୁ ବର୍ତ୍ତମାନ କମ୍ପାନୀଗୁଡ଼ିକର କାରବାର ଖସିଯାଇଛି। ସେଗୁଡ଼ିକର ସମସ୍ୟାକୁ ଧ୍ୟାନରେ ରଖି ରିଜର୍ଭ ବ୍ୟାଙ୍କ ଋଣ ଉପରେ ମୋରାଟୋରିୟମ ଘୋଷଣା କରିଥିଲେ। ମୋରାଟୋରିୟମ ଅବଧି ଶେଷ ହେବାକୁ ଯାଉଛି। ବଜାର ଭଲ ସ୍ଥିତିରେ ନ ଥିବାରୁ ଏହି ବ୍ୟବସ୍ଥାରୁ ବାହାରିଲେ କମ୍ପାନୀଗୁଡ଼ିକ ଠିକ୍ ସମୟରେ ସେମାନଙ୍କ ଋଣ ଶୁଝିବା ନେଇ ବର୍ତ୍ତମାନ ବ୍ୟାଙ୍କଗୁଡିକ ଆଶଙ୍କା ପ୍ରକଟ କରିଛନ୍ତି। କ୍ଷୁଦ୍ର ବାଣିଜ୍ୟ ଏବଂ ରିଟେଲ ଋଣ ସମେତ କର୍ପୋରେଟ ଋଣ ଖିଲାପକୁ ନେଇ ବ୍ୟାଙ୍କଗୁଡିକ ଚିନ୍ତା ପ୍ରକଟ କରିଥିବା ଜଣାପଡ଼ିଛି।

ରିଜର୍ଭ ବ୍ୟାଙ୍କ ପକ୍ଷରୁ ଏ ନେଇ ରିପୋର୍ଟ ପ୍ରକାଶ କରାଯାଇଛି। କେନ୍ଦ୍ରୀୟ ବ୍ୟାଙ୍କର ଫାଇନାନ୍ସିଆଲ ଷ୍ଟାବିଲିଟି ରିପୋର୍ଟରେ କୁହାଯାଇଛି ଯେ, ୬୫.୩% କ୍ଷୁଦ୍ର ବାଣିଜ୍ୟ ଋଣ ଏବଂ ୫୬.୨% ରିଟେଲ ଋଣ ବର୍ତ୍ତମାନ ମୋରାଟୋରିୟମ ଅଧୀନରେ ରହିଛି। ଏଭଳି ସ୍ଥିତିରେ ମୋରାଟୋରିୟମ ଅଧୀନରେ ରହିଥିବା କର୍ପୋରେଟ ଋଣର ହାର ୩୯%। ବ୍ୟାଙ୍କଗୁଡ଼ିକ ପ୍ରଦାନ କରିଥିବା ଏହି ଋଣରେ ଆସେଟ୍ କ୍ୱାଲିଟି ଆଗାମୀ ଦିନରେ କିଭଳି ରହିବ ତାକୁ ନେଇ କେନ୍ଦ୍ରୀୟ ବ୍ୟାଙ୍କ ଏହାର ରିପୋର୍ଟରେ ଆଶଙ୍କା ପ୍ରକଟ କରିଛି।

ନିକଟରେ ସେଣ୍ଟ୍ରମ୍ ବ୍ରୋକିଂ ଲିମିଟେଡ୍ ପକ୍ଷରୁ ପ୍ରକାଶିତ ଏକ ରିପୋର୍ଟରେ କୁହାଯାଇଥିଲା ଯେ, କମ୍ପାନୀଗୁଡ଼ିକ କ୍ଷତିରେ ରହିବା ଯୋଗୁ ଛଟେଇ ଏବଂ ଦରମା କାଟ କରିଛନ୍ତି। ଏଭଳି ସ୍ଥିତି ରିଟେଲ ଋଣ ଉପରେ ବିଶେଷ ଭାବେ ପ୍ରଭାବ ପକାଇବ। ସେହିଭଳି କ୍ରେଡିଟ୍ କାର୍ଡ ବର୍ଗ ମଧ ଏହାଦ୍ୱାରା ପ୍ରଭାବିତ ହେବ ବୋଲି କୁହାଯାଇଛି। ବନ୍ଧକ ଏବଂ କ୍ରେଡିଟ୍ କାର୍ଡ ବର୍ଗରେ ଆସେଟ୍ କ୍ୱାଲିଟି ଗତ ଗୋଟିଏ ବର୍ଷ ପ୍ରଭାବିତ ସ୍ଥିତିରେ ରହିଛି ବୋଲି ଟ୍ରାନ୍ସ ୟୁନିୟନ ସିବିଲ ବ୍ୟୁରୋ ପକ୍ଷରୁ ଏକ ଡାଟାରେ ପ୍ରକାଶ ପାଇଥିଲା। ସେହିଭଳି ବ୍ୟକ୍ତିଗତ ଋଣ, ଦୁଇଚକିଆ ଏବଂ ବାଣିଜ୍ୟିକ ଯାନ ଋଣ ବର୍ଗରେ ଋଣ ଅଭିବୃଦ୍ଧି ନାହିଁ। ଏହିସବୁ ବର୍ଗରେ ଏନ୍ପିଏ ବଢ଼ିବା ନେଇ ଆଶଙ୍କା କରାଯାଇଛି। ୨୦୧୯ ସେପ୍ଟେମ୍ବରରୁ ୨୦୨୦ ମାର୍ଚ୍ଚରେ ରିଟେଲ ଋଣ ବର୍ଗରେ ମୋଟ ଏନ୍ପିଏ ଅନୁପାତ ବଢ଼ିଛି।

କୋଭିଡ୍-୧୯ ପୂର୍ବ ସ୍ଥିତି ଏବଂ ବର୍ତ୍ତମାନର ବଜାର ସ୍ଥିତିରେ ରିଟେଲ ଋଣ ବର୍ଗରେ ଏନ୍ପିଏ ବଢ଼ିବା ନେଇ ବ୍ୟାଙ୍କ ଅଫ୍ ବରୋଦା ସିଇଓ ସଞ୍ଜୀବ ଚଢ଼ା ସତର୍କ କରାଇଥିଲେ। ଏହାବାଦ ଏମ୍ଏସ୍ଏମ୍ଇ ଏବଂ ବଡ଼ କର୍ପୋରେଟ ଋଣ ଅନେକ ଚ୍ୟାଲେଞ୍ଜ ସୃଷ୍ଟି କରିବ ବୋଲି ସେ ମତବ୍ୟକ୍ତ କରିଥିଲେ।

# ଜୁଲାଇରେ ୩ ଲକ୍ଷ ୟୁନିଟ ଯାନ ବିକିଲା ହୋଣ୍ଡା

**ଭୁବନେଶ୍ୱର,୩।୮**




ହୋଣ୍ଡା ମୋଟର ସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ ପ୍ରାଇଭେଟ ଲିମିଟେଡ୍ ପକ୍ଷରୁ ଚଳିତ ବର୍ଷ ଜୁଲାଇ ମାସରେ ୩.୨୧ ଲକ୍ଷ ଯାନ ବିକ୍ରି କରିଛି। ଜୁନ ମାସ ତୁଳନାରେ କମ୍ପାନୀର ବିକ୍ରି ପ୍ରାୟ ୧ ଲକ୍ଷ ଅଧିକ ରହିଛି। କୋଭିଡ୍ ପରବର୍ତ୍ତୀ ସ୍ଥିତିରେ ଯାନ ବ୍ୟବହାର ନେଇ ଲୋକଙ୍କ ଚାହିଦା ବଢ଼ିବାରୁ ଏଭଳି ସ୍ଥିତି ଉପୁଜିଥିବା କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି। ଘରୋଇ ବଜାରରେ କମ୍ପାନୀ ୩.୦୯ ଲକ୍ଷ ୟୁନିଟ ଯାନ ଡେସ୍ପାଚ୍ କରିଛି। ଏଥିରେ ୫୩% ବୃଦ୍ଧି ପରିଲକ୍ଷିତ ହୋଇଛି। ଜୁନ୍ ମାସରେ କମ୍ପାନୀ ୨.୦୧ ଲକ୍ଷ ଯାନ ଡେସ୍ପାଚ୍ କରିଥିଲା। ଏହି ସମୟରେ କମ୍ପାନୀ ୧୨,୨୫୧ ୟୁନିଟ ଯାନ ରପ୍ତାନି କରିଛି। ଜୁନ୍ ମାସରେ ଏହା ୮୦୪୧ ୟୁନିଟ ରହିଥିଲା। ଏଥିରେ ୫୨% ଉନ୍ନତି ଆସିଛି। ବଜାରର ଚାହିଦାକୁ ପୂରଣ କରିବା ଲାଗି କମ୍ପାନୀ ସବୁ ପ୍ରକାର ପଦକ୍ଷେପ ହାତକୁ ନେଉଛି ବୋଲି କମ୍ପାନୀର ସେଲ୍ସ ମାର୍କେଟିଂ ନିର୍ଦ୍ଦେଶକ ଯଦବିନ୍ଦର ସିଂ ଗୁଲେରିଆ ସୂଚନା ଦେଇଛନ୍ତି।

# ସେଣ୍ଟ୍ରାଲ ବ୍ୟାଙ୍କର ନୂତନ କ୍ଷେତ୍ରୀୟ ପ୍ରବନ୍ଧକ

**ଭୁବନେଶ୍ୱର,୩।୮**



ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟରେ କାର୍ଯ୍ୟରତ ଉପ-ମହାପ୍ରବନ୍ଧକ ପ୍ରଦୀପ କୁମାର ସାମନ୍ତରାୟ ନୂତନ କ୍ଷେତ୍ରୀୟ ପ୍ରବନ୍ଧକ ଭାବେ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ଏହା ପୂର୍ବରୁ ସେ ଛତିଶଗଡର ଅମ୍ବିକାପୁର କ୍ଷେତ୍ରର କ୍ଷେତ୍ରୀୟ ପ୍ରବନ୍ଧକ ଭାବରେ କାର୍ଯ୍ୟ କରୁଥିଲେ। ୧୯୯୫ରେ ସେ ବ୍ୟାଙ୍କରେ ଯୋଗଦେଇ ମଧ୍ୟପ୍ରଦେଶ, ଗୁଜରାଟ, ଓଡ଼ିଶା, ଛତିଶଗଡ, ଉତ୍ତରପ୍ରଦେଶ, ପଶ୍ଚିମବଙ୍ଗ ଓ ମହାରାଷ୍ଟ୍ର ଆଦି ସ୍ଥାନରେ କାର୍ଯ୍ୟ କରିଛନ୍ତି। ଦୀର୍ଘ ୧୯ ବର୍ଷ ସେ ବିଭିନ୍ନ ଶାଖାରେ କାର୍ଯ୍ୟ କରିଛନ୍ତି। ନିକଟରେ ପଦୋନ୍ନତି ପରେ ସେ ଭୁବନେଶ୍ୱର ସ୍ଥିତ କ୍ଷେତ୍ରୀୟ କାର୍ଯ୍ୟାଳୟରେ କ୍ଷେତ୍ରୀୟ ମୁଖ୍ୟ ଭାବେ କାର୍ଯ୍ୟ କରୁଥିଲେ।

# ରାଉଣ୍ଡ ଟେବୁଲ-୫୩ ପକ୍ଷରୁ ସହାୟତା




**ଭୁବନେଶ୍ୱର,୩।୮**

କରୋନା ମହାମାରୀ ସମୟରେ ନିଜ ଜୀବନକୁ ବାଜି ଲଗାଇ ସମାଜ ଓ ସାଧାରଣ ଜନତାଙ୍କ ପାଇଁ କାର୍ଯ୍ୟ କରୁଥିବା କରୋନା ଯୋଦ୍ଧାଙ୍କୁ ଭୁବନେଶ୍ୱର ରାଉଣ୍ଡ ଟେବୁଲ-୫୩ ପକ୍ଷରୁ ସହାୟତା ଯୋଗାଇ ଦିଆଯାଇଛି। ସଙ୍ଗଠନ କୋକାକୋଲାକୁ ଗ୍ଲୁକୋଜ ପାନ ବିତରଣରେ ଅଂଶୀଦାର ଭାବରେ ମନୋନୀତ କରିଛି। ଗତ ସପ୍ତାହ ମଧ୍ୟରେ ସଙ୍ଗଠନ ଉଭୟ କଟକ-ଭୁବନେଶ୍ୱର ଅଞ୍ଚଳର ବିଭିନ୍ନ ମେଡିକାଲ, ପୋଲିସ କାର୍ଯ୍ୟାଳୟ ଓ ମହାନଗର ନିଗମରେ ଆକ୍ୱାରିୟସ ଓ ମିନିଟ ମେଡ୍ ପ୍ରସ୍ତୁତ ପାନୀୟ ଜଳ ବଣ୍ଟନ କରାଯାଇଛି। ସଙ୍ଗଠନ ଏହି ମହାମାରୀ ସମୟରେ ବିଭିନ୍ନ ପଦକ୍ଷେପ ଗ୍ରହଣ ସ୍ୱରୂପ ସାମାଜିକ କାର୍ଯ୍ୟକ୍ରମ ଜାରି ରଖିଛି। ରାଉଣ୍ଡ ଟେବୁଲ ଇଣ୍ଡିଆର ଏକ ଅଂଶ ହେଉଛି ଭୁବନେଶ୍ୱର ରାଉଣ୍ଡ ଟେବୁଲ-୫୩। ଏହି ସଙ୍ଗଠନ ଦୀର୍ଘ ବର୍ଷ ଧରି ଓଡ଼ିଶାରେ ତା'ର ଆଭିମୁଖ୍ୟ ଓ ସାମାଜିକ କାର୍ଯ୍ୟକଳାପ କରି ଚାଲିଛି। ବିଭିନ୍ନ ସମୟରେ ରାଜ୍ୟରେ ଦେଖାଦେଉଥିବା ପ୍ରାକୃତିକ ଦୁର୍ବିପାକ ବେଳେ ସଙ୍ଗଠନ ସବୁ ବର୍ଗର ଲୋକଙ୍କୁ ଆବଶ୍ୟକ ସେବା ଓ ସହଯୋଗ ଯୋଗାଇ ଆସୁଛି। ସେହିପରି ଶିକ୍ଷାଠାରୁ ଆରମ୍ଭକରି ସମାଜର ଦୁର୍ବଳ ଶ୍ରେଣୀର ଲୋକଙ୍କ ପାଇଁ ସଂସ୍ଥା କାର୍ଯ୍ୟ କରୁଛି ବୋଲି ସଙ୍ଗଠନ ପକ୍ଷରୁ ସୂଚନା ଦିଆଯାଇଛି।

# ସଙ୍କେତ କମ୍ୟୁନିକେଶନ୍ସର ପ୍ରତିଷ୍ଠା ଦିବସ

**ଭୁବନେଶ୍ୱର,୩।୮**

ପ୍ରମୁଖ ବିଜ୍ଞାପନ ଏଜେନ୍ସି ସଙ୍କେତ କମ୍ୟୁନିକେଶନ୍ସ ପକ୍ଷରୁ ଏହାର ୩୦ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏହାର ଭୁବନେଶ୍ୱର ମୁଖ୍ୟ ଶାଖା ସମେତ ଦିଲ୍ଲୀ,କୋଲକାତା, ମୁମ୍ବାଇ, ହାଇଦ୍ରାବାଦ, ରାଜମହେନ୍ଦ୍ରୀ, ଭଦୋଦରା ଏବଂ ଡେରାଡୁନ ଆଦି ଶାଖାର ସମସ୍ତ କର୍ମକର୍ତ୍ତା, ଅନୁଷ୍ଠାନର ସହଯୋଗୀଙ୍କୁ ନେଇ ଭିଡିଓ କନ୍ଫରେନ୍ସ ଜରିଆରେ ଏହି କାର୍ଯ୍ୟକ୍ରମ ପାଳିତ ହୋଇଯାଇଛି। ଇଣ୍ଟିଗ୍ରେଟେଡ୍ କମ୍ୟୁନିକେଶନ ସେବା ଯୋଗାଣ ଲକ୍ଷ୍ୟରେ କମ୍ପାନୀ ସର୍ବଦା ନିଜର ଯୋଗଦାନ ଜାରି ରଖିଛି ବୋଲି ପରିଚାଳନା ନିର୍ଦ୍ଦେଶକ ଶୁଭାଶିଷ ତ୍ରିପାଠୀ ସୂଚନା ଦେଇଥିଲେ। ନିର୍ଭରଯୋଗ୍ୟ ସେବା ଯୋଗାଇଦେବା ଲକ୍ଷ୍ୟରେ କମ୍ପାନୀ କାର୍ଯ୍ୟ କରି ଆସୁଛି ବୋଲି ନିର୍ଦ୍ଦେଶକ ପ୍ରକାଶ ସାହୁ ମତବ୍ୟକ୍ତ କରିଥିଲେ।

# ୧୨ରୁ ଉର୍ଦ୍ଧ୍ୱ ସହରରେ ଜିଓ ଫାଇବର ସେବା

**ଭୁବନେଶ୍ୱର,୩।୮**

ରିଲାଏନ୍ସଜିଓ ଓଡ଼ିଶାର ୧୨ରୁ ଅଧିକ ପ୍ରମୁଖ ସହରକୁ ଏହାର ହାଇସ୍ପିଡ୍ ଜିଓ ଫାଇବର ବ୍ରଡ୍ବ୍ୟାଣ୍ଡ ସେବାକୁ ସମ୍ପ୍ରସାରିତ କରିଛି। ଉପଭୋକ୍ତାମାନଙ୍କୁ ସଙ୍କଟ ସମୟରେ ହାଇସ୍ପିଡ୍ ବ୍ରଡ୍ବ୍ୟାଣ୍ଡ ସହିତ ସଂଯୁକ୍ତ ରଖିବା ପାଇଁ ଏହାର ପ୍ରତିବଦ୍ଧତା ସ୍ୱରୂପ ଜିଓ ଫାଇବର ଗ୍ରାହକଙ୍କୁ ସର୍ବଶ୍ରେଷ୍ଠ ସେବା, ପରିବର୍ଦ୍ଧିତ ନେଟ୍ୱର୍କ କଭରେଜ ଏବଂ ପ୍ରମୁଖ ସହରର ମୁଖ୍ୟ ଅଞ୍ଚଳଗୁଡିକରେ ସେବା ଉପଲବ୍ଧ କରାଇବା ଦିଗରେ କାର୍ଯ୍ୟ କରୁଛି । ପୂର୍ବରୁ ଜିଓ ଫାଇବର ସେବା ଉପଲବ୍ଧ ହୋଇଥିବା ଭୁବନେଶ୍ୱର, କଟକ, ରାଉରକେଲା, ସମ୍ବଲପୁର ଏବଂ ବଲାଙ୍ଗୀର ଆଦି ସହରରେ ଏବେ ଏହା ଅଧିକ ଅଞ୍ଚଳକୁ ପରିବ୍ୟାପ୍ତ ହୋଇଛି । ବିଗତ କିଛି ସପ୍ତାହ ମଧ୍ୟରେ ଯାଜପୁର ରୋଡ୍, ପୁରୀ, ଝାରସୁଗୁଡ଼ା, କୋରାପୁଟ, ଅନୁଗୋଳ, କେନ୍ଦ୍ରାପଡ଼ା ଏବଂ ସୁନ୍ଦରଗଡ଼ ଆଦି ସହରରେ ଜିଓ ଫାଇବର ସେବା ଆରମ୍ଭ ହୋଇଛି ।

## ରାଜ୍ୟ ଖବର

# ଗଞ୍ଜାମ ସ୍ଥିତି: ସରକାରଙ୍କୁ ଭାଜପା, କଂଗ୍ରେସର ଟାର୍ଗେଟ

## ନିମ୍ନମାନର ରୋଗୀ ସେବା ନେଇ ଭୃଗୁଙ୍କ ଅଭିଯୋଗ

**ଭୁବନେଶ୍ୱର,୩।୮(ବ୍ୟୁରୋ)**

କରୋନା ଭଳି ଜରୁରୀକାଳୀନ ସ୍ୱାସ୍ଥ୍ୟସେବା ସମୟରେ ଔଷଧ, ପିପିଇ କିଟ୍ ପାଇଁ ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀମାନେ କାହିଁକି ବିଡିଓଙ୍କୁ ଅନୁରୋଧ କରୁଛନ୍ତି। ଏଥିପାଇଁ ପ୍ରଶାସନ ଓ ରାଜ୍ୟ ସରକାର ଦାୟୀ ନୁହନ୍ତି କି ବୋଲି ଭାଜପା ରାଜ୍ୟ ଉପସଭାପତି ଭୃଗୁ ବକ୍ସିପାତ୍ର ପ୍ରଶ୍ନ କରିଛନ୍ତି । ଭୃଗୁ କହିଛନ୍ତି, ଗତ କିଛିଦିନ ହେଲାଣି ଗଞ୍ଜାମ ଜିଲାରେ କରୋନାଜନିତ ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଅକ୍ସିଜେନ ଅଭାବ ଯୋଗୁ ଆକ୍ରାନ୍ତଙ୍କ ମୃତ୍ୟୁ ହେଉଛି ବୋଲି ବିଭିନ୍ନ ସାମାଜିକ ଗଣମାଧ୍ୟମରେ ପ୍ରଚାର ଚାଲିଛି। ଗୋଟିଏ ଅକ୍ସିଜେନ ମୂଲ୍ୟ ପାଖାପାଖି ୧୦ ହଜାର ଟଙ୍କା ଏବଂ ଏହା ୨ରୁ ୩ ଦିନ ଚାଲିବା କଥା। ମାତ୍ର ୨ରୁ ୩ ଘଣ୍ଟାରେ ସରିଯିବା ଦୁର୍ଭାଗ୍ୟଜନକ ଘଟଣା । ଅକ୍ସିଜେନ ଅଭାବ ପାଇଁ ରୋଗୀଙ୍କ ମୃତ୍ୟୁ ଘଟୁଛି ବୋଲି ମୃତକଙ୍କ ସମ୍ପର୍କୀୟ ଅଭିଯୋଗ କରୁଛନ୍ତି । ରାତିରେ ଅକ୍ସିଜେନ ସରିଗଲେ, ତା' ପରଦିନ ସକାଳ ୧୦ରୁ ୧୧ଟା ପର୍ଯ୍ୟନ୍ତ ଏହା ଯୋଗାଇ ଦିଆଯାଇ ପାରୁନାହିଁ। ଜିଲାରେ କୋଭିଡ୍ ଚିକିତ୍ସା ପାଇଁ ୩୦୦ ବେଡ୍ ଥିବାବେଳେ ଅକ୍ସିଜେନ ଅଭାବ ପରିଲକ୍ଷିତ ହେବା ଅତ୍ୟନ୍ତ ଚିନ୍ତାଜନକ। ଅକ୍ସିଜେନ ଯୋଗାଉଥିବା ସଂସ୍ଥା କିମ୍ବା ଭେଣ୍ଡରକୁ କାହିଁକି ରାଜ୍ୟ ସରକାର ଏବଂ ପ୍ରଶାସନ ପଚାରୁ ନାହାନ୍ତି ବୋଲି ସେ ପ୍ରଶ୍ନ କରିଛନ୍ତି।

## ନିଜ ଯୋଜନା ପାଳନ କରୁନାହାନ୍ତି ସରକାର: ନିରଞ୍ଜନ

**ଭୁବନେଶ୍ୱର,୩।୮(ବ୍ୟୁରୋ)**

ରାଜ୍ୟ ସରକାର ଯେଉଁଭଳି ଯୋଜନା କରୁଛନ୍ତି ତାକୁ ଠିକ୍‌ରେ ପାଳନ କରୁ ନାହାନ୍ତି। ଫଳରେ ରାଜ୍ୟରେ କରୋନା ଭୟଙ୍କର ସ୍ଥିତିରେ ପହଞ୍ଚିଲାଣି। ଗଞ୍ଜାମ ଜିଲାର ପରିସ୍ଥିତି ଭୟାବହ ହେଲାଣି ବୋଲି ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଅଭିଯୋଗ କରିଛନ୍ତି। ନିରଞ୍ଜନ ଏକ ପ୍ରେସ୍ ବିଜ୍ଞପ୍ତିରେ କହିଛନ୍ତି, ରାଜ୍ୟର ସର୍ବାଧିକ ସଂକ୍ରମଣ ଏବଂ ମୃତ୍ୟୁ ଗଞ୍ଜାମ ଜିଲାରେ ଚିହ୍ନଟ ହୋଇଛନ୍ତି। ଏଯାବତ୍ ଜିଲାରେ ୧୦ହଜାର ୯୯୨ ସଂକ୍ରମିତ ଏବଂ ୧୦୩ ଜଣଙ୍କ ମୃତ୍ୟୁ ହୋଇଛି। ସରକାର ନିଜ ଯୋଜନା ପାଳନ କରିବାରେ ବିଫଳ ହେଉଛନ୍ତି। ଏହାଦ୍ୱାରା ରାଜ୍ୟରେ କରୋନା ଭୟଙ୍କର ସ୍ଥିତିରେ ପହଞ୍ଚିଲାଣି। ଆଣ୍ଟିଜେନ ଏବଂ ଆର୍ଟିପିସିଆର ଟେଷ୍ଟ କରାଯାଉଛି। ରିପୋର୍ଟ ଠିକ୍ ଆସୁନାହିଁ। ଟେଷ୍ଟ ପାଇଁ ମୋବାଇଲ ଗାଡି ଥିଲେ ମଧ ତାହା ବୁଲୁନାହିଁ। ଫଳରେ ବହୁ ଲୋକ ଟେଷ୍ଟ ପୂର୍ବରୁ ଜ୍ୱରରେ ପୀଡ଼ିତ ହୋଇ କୋଭିଡ୍ ହସ୍ପିଟାଲ ଯିବା ପୂର୍ବରୁ ମୃତ୍ୟୁମୁଖରେ ପଡୁଛନ୍ତି। କୋଭିଫ୍ଲୁ ଇଞ୍ଜେକ୍ସନ ଆସିଥିଲେ ସୁଦ୍ଧା ତାହା ରୋଗୀଙ୍କୁ ଦିଆଯାଉ ନାହିଁ। ଫଳରେ ସ୍ଥାନୀୟ ଅଞ୍ଚଳଗୁଡିକରେ ପଜିଟିଭ ସଂଖ୍ୟା ବଢିଚାଲିଛି। ଜିଲାରେ ୧୦୪ ଗୋଟି ଆମ୍ବୁଲାନ୍ସ ଥିଲେ ମଧ ଲୋକମାନଙ୍କୁ ସେବା ମିଳିପାରୁ ନାହିଁ। ବାହାର ରାଜ୍ୟରୁ ଫେରିଥିବା ଶ୍ରମିକଙ୍କୁ କାମ ଦିଆଯିବ ବୋଲି କୁହାଯାଇଥିଲେ ମଧ ତାହା ମିଳୁନାହିଁ ବୋଲି ନିରଞ୍ଜନ କହିଛନ୍ତି।

# ଅକ୍ସିଜେନ ଅଭାବରୁ ୪ଜଣଙ୍କ ମୃତ୍ୟୁ

**ବ୍ରହ୍ମପୁର ଅଫିସ ,୩।୮**

**ବ୍ରହ୍ମପୁର ବଡ଼ ମେଡିକାଲ**
**ଜନ ପ୍ରତିନିଧିଙ୍କ ଅଭିଯୋଗ**

ବ୍ରହ୍ମପୁର ବଡ ଡାକ୍ତରଖାନାର ଚିକିତ୍ସା ବ୍ୟବସ୍ଥାକୁ ନେଇ ସୋମବାର ଅଭିଯୋଗ ଆସିଛି। ଅକ୍ସିଜେନ ଅଭାବରୁ ୪ଜଣ ରୋଗୀଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ଜଣେ ଜନପ୍ରତିନିଧି ଏଭଳି ଅଭିଯୋଗ କରିଛନ୍ତି। ଏହାର ଭିଡିଓ ଗଣମାଧ୍ୟମରେ ଭାଇରାଲ ହୋଇଛି। ଅକ୍ସିଜେନ ଅଭାବରୁ ବଡ ଡାକ୍ତରଖାନା କାଜୁଆଲିଟିରେ କିଛି ଘଣ୍ଟା ମଧ୍ୟରେ ୪ଜଣ ରୋଗୀଙ୍କ ମୃତ୍ୟୁ ଘଟିଥିବା କୁକୁଡାଖଣ୍ଡି ବ୍ଲକ ୧୦ନମ୍ବର ଜୋନ୍ ଜିଲା ପରିଷଦ ସଭ୍ୟ ଏଲ. ମୋହନ ଦାସ ଅଭିଯୋଗ କରିଛନ୍ତି। ଜିଲା ପରିଷଦ ସଭ୍ୟ ଦାସଙ୍କ କହିବାନୁସାରେ, ରବିବାର ସକାଳେ ବନ୍ଧୁ ଅର୍ଜ୍ଜୁନ ପାତ୍ରଙ୍କୁ ବଡ ଡାକ୍ତରଖାନା ନେଇଥିଲେ। ଅର୍ଜୁନ ହଠାତ୍ ଅସୁସ୍ଥ ହୋଇ ନିଃଶ୍ୱାସ ନେବାରେ କଷ୍ଟ ଅନୁଭବ କରୁଥିଲେ। ଡାକ୍ତର ତାଙ୍କୁ ଦେଖିବା ପରେ ଅକ୍ସିଜେନ ଦେବାକୁ କହିଥିଲେ। ଦାସ ଅକ୍ସିଜେନ ଦେବାକୁ ବିଭାଗୀୟ କର୍ମଚାରୀଙ୍କୁ କହିଥିଲେ। ହେଲେ କେହି ତାଙ୍କ କଥା ଶୁଣି ନ ଥିଲେ। ତାଙ୍କ ପୂର୍ବରୁ ଅନ୍ୟ ୩ ରୋଗୀଙ୍କ ସମ୍ପର୍କୀୟ ଅକ୍ସିଜେନ ପାଇଁ ଛିଡା ହୋଇଥିଲେ। କିନ୍ତୁ କାହାକୁ ଅକ୍ସିଜେନ ମିଳି ନ ଥିଲା। ପ୍ରାୟ ଦେଢ ଘଣ୍ଟା ପରେ ଅକ୍ସିଜେନ ମିଳିଥିଲା ବୋଲି ଦାସ କହିଛନ୍ତି।

ଏହି ସମୟ ମଧ୍ୟରେ ତାଙ୍କ ବନ୍ଧୁଙ୍କ ଅବସ୍ଥା ଗୁରୁତର ହୋଇ ପଡି ଥିବା ବେଳେ ଅନ୍ୟ ଦୁଇ ରୋଗୀ ଅକ୍ସିଜେନ ନ ପାଇ ମୃତ୍ୟୁ ଘଟିଥିଲା। ଏହାର କିଛିସମୟ ପରେ ପୁଣିଥରେ ଅନ୍ୟ ଦୁଇଜଣ ରୋଗୀଙ୍କୁ ବିଳମ୍ବରେ ଅକ୍ସିଜେନ ଦିଆଯିବା ଯୋଗୁ ସେମାନଙ୍କର ମଧ ମୃତ୍ୟୁ ଘଟିଥିବା ଦାସ ଅଭିଯୋଗ କରିଛନ୍ତି। ଏଭଳି ସ୍ଥିତି ଦେଖି ଦାସ ତାଙ୍କ ବନ୍ଧୁଙ୍କୁ ଏକ ଆମ୍ବୁଲାନ୍ସରେ ଭୁବନେଶ୍ୱର ସ୍ଥାନାନ୍ତର କରିଥିଲେ। ଡାକ୍ତରଙ୍କ କହିବା ସତ୍ତ୍ୱେ ରୋଗୀଙ୍କୁ ଠିକ୍ ସମୟରେ ଅକ୍ସିଜେନ ନ ଦେବା ଘଟଣା ଅତ୍ୟନ୍ତ ନିନ୍ଦନୀୟ ବୋଲି ଦାସ କହିଛନ୍ତି।

ନ୍ୟପଟେ ଏମ୍କେସିଜି ମେଡିକାଲ ଅଧୀକ୍ଷକ ଡା.ସନ୍ତୋଷ କୁମାର ମିଶ୍ର କହିଛନ୍ତି, ମେଡିକାଲରେ ଅକ୍ସିଜେନର ଅଭାବ ନହିଁ । ଏହା ଏକ ମିଥ୍ୟା ଅଭିଯୋଗ ବୋଲି ସେ କହିଛନ୍ତି ।

### ଅକ୍ସିଜେନ ଅଭାବ ଗୁଜବ : ଜିଲାପାଳ

ଛତ୍ରପୁର,-ବ୍ରହ୍ମପୁର ବଡ ମେଡିକାଲରେ ଅକ୍ସିଜେନ୍ ଅଭାବ ନେଇ ଭିଡିଓ ଭାଇରାଲ ହୋଇଥିଲା। ତେବେ ଅକ୍ସିଜେନ୍‌ର କୌଣସି ଅଭାବ ନ ଥିବା ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ସୋମବାର ଟୁଇଟ୍ କରି ସ୍ପଷ୍ଟ କରିଛନ୍ତି। ଅକ୍ସିଜେନ୍ ଅଭାବ ଥିବା ନେଇ କେତେକ ଲୋକ ଗୁଜବ ସୃଷ୍ଟି କରୁଛନ୍ତି। ଏହା ମିଛ ବୋଲି ଜିଲାପାଳ କହିଛନ୍ତି। କାହାକୁ ଅକ୍ସିଜେନ୍ ଦିଆଯିବ ତାହା ଡାକ୍ତରଙ୍କ ନିଷ୍ପତ୍ତି ଉପରେ ନିର୍ଭର କରେ। ସେମାନେ ଠିକ୍ ଭାବେ ସେମାନଙ୍କ କାର୍ଯ୍ୟ କରୁଛନ୍ତି। କୋଭିଡ୍ ଯୋଦ୍ଧାମାନଙ୍କୁ ଅସମ୍ମାନ ନ କରିବାକୁ ଜିଲାପାଳ କହିଛନ୍ତି।

# ମହିଳାଙ୍କୁ ଯୌତୁକ ନିର୍ଯାତନା, ମାଡ ଅଭିଯୋଗ

**ବଲାଙ୍ଗୀର ଅଫିସ, ୩।୮**

ବଲାଙ୍ଗୀର ଜିଲା ବେଲପଡା ଥାନା ଅନ୍ତର୍ଗତ ବାହାବଲ ଗ୍ରାମର ଜଣେ ଉଚ୍ଚଶିକ୍ଷିତା ମହିଳାଙ୍କୁ ତାଙ୍କ ସ୍ୱାମୀ ଓ ଶ୍ୱଶୁର ଯୌତୁକ ନିର୍ଯାତନା ସହ ମାଡ ମାରିଥିବା ଅଭିଯୋଗ ହୋଇଛି। ଏ ନେଇ ବେଲପଡା ଥାନାରେ ଏକ ମାମଲା (ନଂ.୧୬୩/୨୦) ରୁଜୁ ହୋଇଛି । ଗତବର୍ଷ ଏପ୍ରିଲ ୨୪ ତାରିଖ ଦିନ ବାହାବଲ ଗ୍ରାମର ବନ୍ଦନା ପ୍ରଧାନଙ୍କର ବରଗଡ ଜିଲା ଅମ୍ବାଭୋନା ବ୍ଲକ ରୁଚିଦା ସଦର ଗାଁର ଜୟପ୍ରକାଶ ଭୋଇଙ୍କ ସହ ବୈଦିକ ରୀତିରେ ବିବାହ ସମ୍ପନ୍ନ ହୋଇଥିଲା। ବିବାହ ସମୟରେ କନ୍ୟାପିତା ଶକ୍ତି ଅନୁଯାୟୀ ବିଭିନ୍ନ ସାମଗ୍ରୀ ଦେଇଥିଲେ। ବିବାହର ପ୍ରାୟ ଏକ ମାସ ପରେ ବନ୍ଦନା ତାଙ୍କ ସ୍ୱାମୀ ଜୟପ୍ରକାଶ ଚାକିରି କରୁଥିବା ଗୁଜରାଟସ୍ଥିତ ବାପି ସହରକୁ ଯାଇ ରହିଥିଲେ । ସେଠାରେ ତାଙ୍କ ଶ୍ୱଶୁର ଓ ସ୍ୱାମୀ ୧୦ ଲକ୍ଷ ଟଙ୍କା ଓ ଏକ କାର୍ ଯୌତୁକ ଆଣିବା କଥା ଉଠାଇ ନିର୍ଯାତନା ଦେଇଥିଲେ । ଏଭଳିକି ପିଏଚ୍ଡି କରିଥିଲେ ବି କିଛି ବି ରୋଜଗାର ନଥିବା ଦର୍ଶାଇ ତାଚ୍ଛଲ୍ୟ କରିବା ସହ ତାଙ୍କ ସ୍ୱାମୀ ମାଡ ମାରିଥିବା ବନ୍ଦନା ଅଭିଯୋଗ କରିଛନ୍ତି । ଏ ନେଇ ଜଣାଇବା ପରେ ମାତାପିତା ବନ୍ଦନାଙ୍କୁ ନିଜ ଗାଁ ବାହାବଲକୁ ନେଇ ଯାଇଥିଲେ। ତେବେ ସେହି ଗାଁକୁ ପହଞ୍ଚି ଶ୍ୱଶୁର ଓ ତାଙ୍କ କେତେକ ସମ୍ପର୍କୀୟ ବନ୍ଦନାଙ୍କ ବିଷୟରେ ଅପମାନଜନକ କଥା କହି ବୈଠକ କରିବା ସହ ଜୀବନରେ ମାରିଦେବା ଧମକ ଦେଇଥିବା ଅଭିଯୋଗ କରିଛନ୍ତି। ଏହି ଅଭିଯୋଗକୁ ନେଇ ଥାନାରେ ମାମଲା ରୁଜୁ ହେବା ପରେ ତଦନ୍ତ ଆରମ୍ଭ କରାଯାଇଥିବା ପାଟଣାଗଡ ଏସ୍ଡିପିଓ ସୁରେଶ କୁମାର ନାଏକ ସୂଚନା ଦେଇଛନ୍ତି ।

## କରୋନା ଯୋଦ୍ଧା ସମ୍ବର୍ଦ୍ଧିତ

**ଲଖନପୁର,୩।୮(ଡି.ଏନ୍.ଏ)**

ରକ୍ଷା ବନ୍ଧନ ଉତ୍ସବ ଅବସରରେ ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟ ଇବ୍ ଥର୍ମାଲ (ତେଲେନପାଲି) ଶାଖା ତରଫରୁ ପୋଲିସ୍, ଡାକ୍ତର, ସ୍ୱାସ୍ଥ୍ୟକର୍ମୀ ଓ ଖବରଦାତା ଆଦି ଯୋଦ୍ଧାମାନଙ୍କୁ ରାଖୀ ବାନ୍ଧିବା ସହ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଛି । କରୋନା କଟକଣା ପାଳନ କରି ବନହରପାଲି ଥାନା ପରିସରରେ ବ୍ରହ୍ମକୁମାରୀ ଶାଖାର ପ୍ରମୁଖ ବିକେ ବିନ୍ଦୁଙ୍କ ଅଧ୍ୟକ୍ଷତାରେ ଏକ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ବନହରପାଲି ଥାନା ଆଇଆଇସି ପ୍ରଶାନ୍ତ ମେହେର,ଏଏସ୍ଆଇ ସନ୍ତୋଷ ବେହେରା, ଗୌତମ ବେହେରା, ସୋମନାଥ ବିଶ୍ୱାଳ, ସଞ୍ଜୁକ୍ତା ଦାସ, ସୈରେନ୍ଦ୍ରୀ ନାଗ, ସୁଶାନ୍ତ କୁମାର ନାୟକ ପ୍ରମୁଖ ଅଧିକାରୀ ଓ କର୍ମଚାରୀଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ବ୍ରହ୍ମକୁମାରୀ ଶାଖା ପ୍ରମୁଖ ଭଉଣୀ ବିକେ ବିନ୍ଦୁ ସମସ୍ତ କରୋନା ଯୋଦ୍ଧାମାନଙ୍କ ହାତରେ ରାଖୀ ବାନ୍ଧିବା ସହ ବିଶ୍ୱର ସୁଖଶାନ୍ତି କାମନା କରିଥିଲେ। ସେହିପରି ଲଖନପୁର ବ୍ଲକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସମ୍ବର୍ଦ୍ଧନା ଉତ୍ସବରେ ୩୦ଜଣ କରୋନା ଯୋଦ୍ଧାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ

**ସମ୍ବଲପୁର, ୩।୮ (ବ୍ୟୁରୋ)**



ସୋମବାର ସମ୍ବଲପୁର ସ୍ୱାଧୀନତା ସଂଗ୍ରାମୀ ସ୍ମୃତି ଭବନରେ ଗଙ୍ଗାଧର ଜୟନ୍ତୀ ପାଳନ କରାଯାଉଛି ।

କରୋନା କଟକଣା ଯୋଗୁ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ସୋମବାର ନିରାଡମ୍ବର ଭାବେ ପାଳିତ ହୋଇଛି। ସକାଳ ୮ଟାରେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଅମୃତବିହାର ପରିସରସ୍ଥ କବିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ପୂର୍ବାହ୍ନ ୧୧ଟାରେ ଅନ୍‌ଲାଇନ ଜରିଆରେ ଗଙ୍ଗାଧର ସାହିତ୍ୟ ବିଷୟରେ ଆଲୋଚନା କରାଯାଇଥିଲା । ଜିଏମ୍ୟୁ କୁଳପତି ପ୍ରଫେସର ଅତନୁ କୁମାର ପତି କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଉପକୁଳସଚିବ ଡ. ଉମାଚରଣ ପତି ସଂଯୋଜନା କରିଥିଲେ । ଭୁବନେଶ୍ୱରର ଡା. କୃଷ୍ଣକେଶବ ଷଡଙ୍ଗୀ ମୁଖ୍ୟଅତିଥି ଭାବେ ଯୋଗଦେଇ ତପସ୍ୱିନୀରେ ପ୍ରକୃତି ବନ୍ଦନା କରିଥିଲେ । ଭୀମଭୋଇ ଗବେଷଣା କେନ୍ଦ୍ର ଚେୟାର ପ୍ରଫେସର ଡ. ସନ୍ତୋଷ ରଥ ଅତିଥି ପରିଚୟ ପ୍ରଦାନ ଓ ଡ. ସଚ୍ଚିଦାନନ୍ଦ ମହାପାତ୍ର ସ୍ୱାଗତ ଭାଷଣ ଦେଇଥିଲେ । କୁଳସଚିବ ଗିରିଶ ଚନ୍ଦ୍ର ସିଂ ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ଓଡିଶା ସାଂସ୍କୃତିକ ସମାଜ ପକ୍ଷରୁ ସ୍ୱାଧୀନତା ସଂଗ୍ରାମୀ ସ୍ମୃତି ଭବନଠାରେ ପୂର୍ବାହ୍ନ ୯ଟାରେ ସଂକ୍ଷିପ୍ତ ସଭା ହୋଇଥିଲା। ସଭାପତି ପ୍ରଫୁଲ୍ଲ କୁମାର ହୋତା ପରିଚାଳନା କରିଥିଲେ। ସାଧାରଣ ସମ୍ପାଦକ ସରୋଜ ଦାଶ ସ୍ୱାଗତ ଭାଷଣ ଦେଇଥିଲେ । ଡ. ସନ୍ତୋଷ ଦାଶ, ଡ, ଗୌରିଦାସ ପଧାନ, ଦୀପକ କୁମାର ପଣ୍ଡା, ସତ୍ୟନାରାୟଣ ଠାକୁର, ଡ. ସିଦ୍ଧାର୍ଥ ପଣ୍ଡା ଗଙ୍ଗାଧର ରଚନା ବଳୀର ଯଥାର୍ଥ ଆକଳନ, ମୂଲ୍ୟାୟନ ଓ ଭାଷାନ୍ତର ବିଷୟରେ ଆଲୋକପାତ କରିଥିଲେ । ସହସମ୍ପାଦକ ପ୍ରଶାନ୍ତ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରଶାନ୍ତ ପାଢୀଯୋଶୀ, ହରିଶଙ୍କର ପଣ୍ଡା, ଅଶୋକ ମିଶ୍ର, ଅଶୋକ ପ୍ରଧାନ, ଲଳିତ ବେର୍ବର୍ତ୍ତା, ଗୋବିନ୍ଦ ଅଗ୍ରୱାଲ, ଲୋକନାଥ ପାଣ୍ଡେ ସାମିଲ ଥିଲେ।



ମୁମ୍ବାଇର ରାଇଟର ତଥା କମେଡିଆନ୍ ରୋହିତ୍ ନାୟାରଙ୍କର ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଏହି ୨୯ ସେକେଣ୍ଡର ଭିଡିଓରେ ରୋହିତ୍ ନିଜ ପୋଷା କୁକୁର ଜୋଏ ସହିତ ଗୀତ ଗାଉଥିବାରୁ ଦେଖିବାକୁ ମିଳୁଛି। ଜୋଏ ରୋହିତଙ୍କ ସ୍ୱରରେ ତାଳ ମିଳାଇ ଭୁକିବାକୁ ଲାଗୁଛି। ଭିଡିଓକୁ ଶେୟାର କରି ରୋହିତ୍ ଲେଖିଛନ୍ତି ଯେ, 'ରାଗ୍ ଭୋକାର'ରେ ପୋଷା କୁକୁର ତାଙ୍କ ସହିତ ଗୀତ ଗାଇବା ଅଭ୍ୟାସ କରୁଛି। ଇତିମଧ୍ୟରେ ଏହି ଭିଡିଓକୁ ୧୬ ଲକ୍ଷରୁ ଅଧିକ ଥର ଦେଖା ହୋଇସାରିଛି। ୨୮ ହଜାରରୁ ଅଧିକ ୟୁଜର ଭିଡିଓକୁ ନେଇ ନିଜର ମତାମତ ଦେଇଛନ୍ତି।



# ଛାତ ଉପରେ ଆମ୍ବବଗିଚା





ଡ୍ରମ୍‌ରେ ଲାଗିଛି ୪୦ରୁ ଊର୍ଦ୍ଧ୍ୱ କିସମର ଆମ୍ବଗଛ

**ଏର୍ନାକୁଲମ୍:** ବାଲ୍‌ଟିରେ ଫୁଲଗଛ ଏବଂ ଛାତ ଉପରେ ବିଭିନ୍ନ ପନିପରିବା ଗଛ ଲଗାଇବା କଥା ଶୁଣିଥିବେ। ହେଲେ ଛାତ ଉପରେ ଆମ୍ବବଗିଚା ବିଷୟରେ ଜାଣି ନ ଥିବେ। କେରଳର ଜଣେ ୬୩ ବର୍ଷୀୟ ବ୍ୟକ୍ତି ଛାତ ଉପରେ ୪୦ରୁ ଊର୍ଦ୍ଧ୍ୱ କିସମର ଆମ୍ବ ଫଳାଇବାରେ ସଫଳ ହୋଇଛନ୍ତି। ସେ ହେଲେ ଏର୍ନାକୁଲମ୍‌ର ଜୋସେଫ୍ ଫ୍ରାନ୍ସିସ୍।

ଜୋସେଫ୍ ପେସାରେ ଜଣେ ଏସି(ଏୟାର କଣ୍ଡିଶନର) ଟେକ୍ନିସିଆନ। କିନ୍ତୁ ତାଙ୍କ ବାପା ଜଣେ ଚାଷୀ। ତେଣୁ ବାପାଙ୍କ ପ୍ରେରଣାରେ ସେ ୧୮୦୦ ବର୍ଗଫୁଟ ଛାତ ଉପରେ ଆମ୍ବବଗିଚା ଠିଆ କରିପାରିଛନ୍ତି। ଜୋସେଫ୍ ପ୍ରଥମେ କୌଣସି ଏକ ସ୍ଥାନରେ ପଲିଥିନ୍‌ରେ ବଡ଼ ଆମ୍ବଗଛ ଦେଖିବାକୁ ପାଇଥିଲେ। ସେଠାରୁ ହିଁ ତାଙ୍କର ମନରେ ଛାତ ଉପରେ ଆମ୍ବ ବଗିଚା କରିବାର ଚିନ୍ତା ଆସିଥିଲା। ପଲିଥିନ୍‌ରେ ଯଦି ଆମ୍ବଗଛ ବଞ୍ଚିପାରୁଛି, ତେବେ ଡ୍ରମ୍‌ରେ କାହିଁକି ହୋଇପାରିବ ନାହିଁ ବୋଲି ସେ ଚିନ୍ତା କରିଥିଲେ। ଏହାପରେ ପିଭିସି ଡ୍ରମ୍‌କୁ କାଟି ତାକୁ ଷ୍ଟାଣ୍ଡଦେଇ ଆମ୍ବଗଛ ଲଗାଇବା ଆରମ୍ଭ କରିଥିଲେ। ଛାତ ଉପରେ ସୃଷ୍ଟି କରିଥିବା ଏହି ବଗିଚାରେ ଅଲ୍‌ଫାନ୍‌ସୋ, ଚନ୍ଦ୍ରାକରନ୍, ନ1ଲମ, ମାଲଗୋବା ଏବଂ କେଶର ଭଳି ନାମୀ ଏବଂ ଲୋକପ୍ରିୟ କିସମର ଆମ୍ବଗଛ ରହିଛି। ଏହି ଗଛଗୁଡ଼ିକ ଏବେ ୫ରୁ ୯ଫୁଟ ପର୍ଯ୍ୟନ୍ତ ବଢ଼ିଲାଣି। କେତେକ କିସମର ଗଛ ବର୍ଷକୁ ୨ଥର ଫଳ ଦେଇଥାଏ। ମହତ୍ତ୍ୱପୂର୍ଣ୍ଣ ବିଷୟ ହେଲା ସେ ଗ୍ରାଫ୍ଟିଙ୍ଗ୍ ଟେକ୍ନୋଲୋଜି ପ୍ରୟୋଗକରି ଏକ ନୂଆ କିସମ ମଧ୍ୟ ସୃଷ୍ଟି କରିଛନ୍ତି। ଏହାର ନାମ ସେ 'ପେଟ୍ରିସିଆ' ରଖିଛନ୍ତି। ଏହି ଆମ୍ବ ସବୁଠାରୁ ମିଠା ବୋଲି ତାଙ୍କ ଦାବି। ତେବେ ଏହି ଆମ୍ବ ବଗିଚାର ଯତ୍ନନେବା ମଧ୍ୟ ସହଜ କଥା ନୁହେଁ। ଠିକ୍ ସମୟରେ ଖାଦ୍ୟ, ପାଣି, ସଫେଇ ଏବଂ ଫଳର ସୁରକ୍ଷା ଜରୁରୀ ହୋଇଥାଏ। ଡ୍ରମ୍‌ରୁ ଅତିରିକ୍ତ ପାଣି ବାହାରକୁ ଯିବା ପାଇଁ ମଧ୍ୟ ସେ ବ୍ୟବସ୍ଥା କରିଛନ୍ତି। ଯୋସେଫ୍‌ଙ୍କ କହିବା ହେଲା ସେ ଲାଭ ପାଇବା ପାଇଁ ଏହି ଆମ୍ବବଗିଚା କରିନାହାନ୍ତି,ଏଥିରେ ସେ ଖୁସି ପାଇଥାନ୍ତି। ଫଳୁଥିବା ସମସ୍ତ ଆମ୍ବ ସେ ନିଜ ସାଙ୍ଗ ଏବଂ ସମ୍ପର୍କୀୟଙ୍କୁ ମାଗଣାରେ ଦେଇଦିଅନ୍ତି। ସେହିପରି ଛୁଟିଦିନରେ ଜୋସେଫ୍‌ଙ୍କ ବଗିଚା ଦେଖିବା ପାଇଁ ଅନେକ ଲୋକଙ୍କ ଭିଡ଼ ଜମିଥାଏ। ସେମାନଙ୍କୁ ମଧ୍ୟ ସେ ଆମ୍ବ ଦେଇଥାନ୍ତି। ତେବେ କେବଳ ଆମ୍ବଗଛ ନୁହେଁ, ସେ ଦେଶର ବିଭିନ୍ନ କୋଣ ଅନୁକୋଣରୁ ସଂଗୃହୀତ ଗୋଲାପ ଗଛ ମଧ୍ୟ ଲଗାଇଛନ୍ତି। 'କଟ୍ ରୋଜ' ଭଳି କିସମ ମଧ୍ୟ ତାଙ୍କ ନିକଟରେ ରହିଛି। ନୂଆ ଘରକୁ ସ୍ଥାନାନ୍ତର ପରେ ସେ ବଗିଚାରେ ୨୫୦ କିସମର ଗୋଲାପ ଗଛ ଲଗାଇଥିବା ଜୋସେଫ କୁହନ୍ତି।

## ବାଜି ମାରିଲେ କରିସ୍ମା


କରିସ୍ମା ତନ୍ନା

**ମୁମ୍ବାଇ:** ଆକ୍ସନ ଆଧାରିତ ରିୟାଲିଟି ଶୋ 'ଖତରୋଁ କେ ଖିଲାଡି'(କେକେକେ-୧୦)ର ଦଶମ ସିଜନ୍‌ର ବିଜେତା ହୋଇଛନ୍ତି ଅଭିନେତ୍ରୀ କରିସ୍ମା ତନ୍ନା। ବଲିଉଡ୍ ଫିଲ୍ମ ନିର୍ଦ୍ଦେଶକ ରୋହିତ ସେଟ୍ଟି ହୋଷ୍ଟ କରୁଥିବା ଏହି କାର୍ଯ୍ୟକ୍ରମ ଯେତିକି ରୋମାଞ୍ଚକର ସେତିକି କଷ୍ଟକର ମଧ୍ୟ। ତେବେ ଏହି ଶୋ'ର ଗ୍ରାଣ୍ଡ ଫାଇନାଲ ଟ୍ରଫି ନିଜ ନାଁରେ କରିନେଇଛନ୍ତି କରିସ୍ମା। ଏକ ଜାତୀୟ ଗଣମାଧ୍ୟମକୁ ସାକ୍ଷାତକାର ଦେଇ କରିସ୍ମା କହିଛନ୍ତି, ଯେତେ ସବୁ କଷ୍ଟକର ଷ୍ଟଣ୍ଟ୍ ସେ କରିଛନ୍ତି, ସେ ସବୁ କରିବାରେ ତାଙ୍କ ମା'ଙ୍କ ଆଶୀର୍ବାଦ ତାଙ୍କ ସାଥିରେ ଥିଲା। ପ୍ରଥମେ ଶୋ' କରିବାକୁ ଡର ଲାଗିଥିଲା। ଏପରି କି, ଏହି ଶୋ' ମୋ ପାଇଁ ନୁହେଁ ବୋଲି ଭାବିଥିଲି। କିନ୍ତୁ ପରେ ପରେ ଏହା କରିବାକୁ ଭଲ ଲାଗିଥିଲା। ଏବେ ଏହାର ରେଜଲ୍ଟ ମିଳିଲା ବୋଲି ମଧ୍ୟ କହିଛନ୍ତି କରିସ୍ମା। ଏହି ଶୋ'ଜିତି କରିସ୍ମା ସାବ୍ୟସ୍ତ କରିଦେଲେ ଯେ, ମହିଳାମାନେ ମଧ୍ୟ ଖିଲାଡି ହୋଇପାରିବେ। ଏନେଇ ସେ କହିଛନ୍ତି, 'ପୁରୁଷଙ୍କୁ ଭଗବାନ ମଜ୍‌ଭୁତ କରିଛନ୍ତି। କିନ୍ତୁ ମହିଳାମାନେ ଭାବନାତ୍ମକ ଭାବେ ଷ୍ଟ୍ରଙ୍ଗ୍। ତେଣୁ ମୁଁ ଏହାର ଉପଯୋଗ କରି ବିଜୟ ହାସଲ କରିଛି।' ଟକ୍କର ସମସ୍ତଙ୍କ ସହ ଥିଲା କିନ୍ତୁ କରଣ ପଟେଲ, ଧର୍ମେଶ ୟେଲାନ୍ଦେ ଓ ତେଜସ୍ୱୀ ପ୍ରକାଶଙ୍କ ସହ ମୁକାବିଲା ସବୁଠୁ ଅଧିକ ଥିଲା। ତେବେ ଶେଷ ପର୍ଯ୍ୟନ୍ତ କରିସ୍ମା ଓ ଧର୍ମେଶଙ୍କ ମଧ୍ୟରେ ସିଧା ଟକ୍କର ଥିଲା। ତେବେ ଏଥିରେ ବାଜିମାତ କରି କେକେକେ-୧୦ ଟ୍ରଫି ନିଜ ନାଁରେ କରିନେଇଛନ୍ତି କରିସ୍ମା ତନ୍ନା।

## ଗୋବରରେ ପ୍ରସ୍ତୁତ କରୋନା ରାଖୀ



**ହାଇଦ୍ରାବାଦ:** କରୋନା ରାଖୀ, ଏକଥା ଶୁଣି ଅନେକଙ୍କର ଭ୍ରୂକୁଞ୍ଚନ ହୋଇପାରେ। କିନ୍ତୁ ଏମିତି ଏକ ଭିନ୍ନ ଧରଣର ରାଖୀ ଏଥର ଦେଖିବାକୁ ମିଳିଥିଲା ତେଲେଙ୍ଗାନାର ହାଇଦ୍ରାବାଦରେ ଥିବା କିଛି ଦୋକାନରେ। ଏଠାରେ କିଛି ଦୋକାନୀ କରୋନା ରାଖୀ ବିକ୍ରି କରିଥିଲେ। ଅର୍ଥାତ୍ ଏହି କରୋନା ରାଖୀ ତିଆରି କରାଯାଇଥିଲା ଗାଈ ଗୋବରରେ। ଏଭଳି ଏକ ଭିନ୍ନ ଧରଣର ରାଖୀ ପାଇଁ ଏବେ ସୋସିଆଲ୍ ମିଡିଆରେ ଢେର୍ ଚର୍ଚ୍ଚା ହେଉଛି।

କରୋନା ପାଇଁ ଏବେ ସବୁଆଡ଼େ କଟକଣା ବଢ଼ିବା ସହିତ ଲୋକେ ବି ସତର୍କ ହେବାରେ ଲାଗିଛନ୍ତି। ତେଣୁ ସଂକ୍ରମଣ ରୋକିବା ପାଇଁ ଯଥାସମ୍ଭବ ପ୍ରୟାସ ଜାରି ରଖିଛନ୍ତି। ଲୋକଙ୍କ ମାନସିକତାକୁ ଦୃଷ୍ଟିରେ ରଖି ହାଇଦ୍ରାବାଦର ଏକ ଦୋକାନରେ ବିକ୍ରି ହୋଇଥିଲା କରୋନା ରାଖୀ। ଏହି କରୋନା ରାଖୀ ତିଆରି ହୋଇଥିଲା ଗାଈ ଗୋବରରେ। କରୋନା ସଂକ୍ରମଣ ନେଇ ସଚେତନ କରିବାପାଇଁ ଏଭଳି ରାଖୀ ବିକ୍ରି ହୋଇଥିଲା ଏବଂ ଏହାକୁ ଅନେକ କିଣିବା ପାଇଁ ଚାହିଁଥିଲେ। ଦୋକାନୀଙ୍କ କହିବା କଥା ଲକ୍‌ଡାଉନ୍ ପାଇଁ ସବୁଆଡ଼େ କଟକଣା ଥିବାରୁ ଖୁବ୍ କମ୍ ସମୟ ଦୋକାନ ଖୋଲିବାକୁ ପଡୁଛି। ତେଣୁ ଏଭଳି ସମୟରେ ଭଲ ବିକ୍ରି ଉଦ୍ଦେଶ୍ୟରେ କରୋନା ରାଖୀ ଆଣିବାକୁ ବାଧ୍ୟ ହୋଇଥିଲୁ। ରକ୍ଷାବନ୍ଧନ ପର୍ବକୁ ଏଥର ସମସ୍ତେ କଟକଣାରେ ନିକଟ ସମ୍ପର୍କୀୟଙ୍କ ମଧ୍ୟରେ ପାଳନ କରିଥିବାରୁ ଏହି ରାଖୀ ନେବାକୁ ପସନ୍ଦ କରିଥିଲେ। କରୋନା ସମୟରେ କରୋନା ରାଖୀ ପିନ୍ଧିବା ଉଚିତ ବୋଲି ଅନେକ ମତ ଦେଇଛନ୍ତି। ତେବେ ବ୍ୟବସାୟ ଯାହା ବି ହୋଇଥାଉ ଏଭଳି ଏକ ରାଖୀକୁ ନେଇ ଏବେ ସୋସିଆଲ୍ ମିଡିଆରେ ବି ଚର୍ଚ୍ଚା ହେଉଛି।


## ଗଛରେ ରାଖୀ ବାନ୍ଧିଲେ ସ୍କୁଲ ପିଲା

**ମୋରାଦାବାଦ:** ପରିବେଶ ସରସ ସୁନ୍ଦର ରଖିବା ଓ ଗଛ ନ କାଟିବା ଲାଗି ସ୍କୁଲ ପିଲାମାନେ ଏକ ନିଆରା ଢ଼ଙ୍ଗରେ ପବିତ୍ର ରକ୍ଷାବନ୍ଧନ ପାଳନ କରିଛନ୍ତି। ଉତ୍ତରପ୍ରଦେଶ ମୋରାଦାବାଦର ସ୍କୁଲ ପିଲା ପରିବେଶ ସୁରକ୍ଷା ଅଭିଯାନକୁ ଗୁରୁତ୍ୱ ଦେଇ ବୃକ୍ଷ ବଞ୍ଚାଅ, ଜୀବନ ବଞ୍ଚାଅ ସଚେତନତା ବାର୍ତ୍ତା ଲେଖା ଥିବା ରାଖୀ ଗଛରେ ବାନ୍ଧିଛନ୍ତି। ସମସ୍ତେ ଏଭଳି ପଦକ୍ଷେପ ଗ୍ରହଣ କରିବାକୁ ସେମାନେ ପରାମର୍ଶ ଦେଇଛନ୍ତି। ରକ୍ଷାବନ୍ଧନ ଭଉଣୀ-ଭାଇଙ୍କ ମଧ୍ୟରେ ଥିବା ଅତୁଟ ସମ୍ପର୍କକୁ ସୂଚାଇଥାଏ। ସେହିପରି ପୃଥିବୀ ତିଷ୍ଠି ରହିବା ପଛରେ ବୃକ୍ଷ ହିଁ ଗୁରୁତ୍ୱପୂର୍ଣ୍ଣ। ପରିବେଶ ସୁରକ୍ଷିତ ରହିଲେ ପୃଥିବୀ ସୁରକ୍ଷିତ ରହିବ। ପୃଥିବୀ ଏବଂ ବୃକ୍ଷ ମଧ୍ୟରେ ଅତୁଟ ସମ୍ପର୍କ ଯେତେ ସୁଦୃଢ଼ ହେବ, ଏହା ମାନବ ସମାଜ ପାଇଁ ସେତେ ଶୁଭଙ୍କର ହେବ ବୋଲି ସ୍କୁଲ ପିଲା ମତପୋଷଣ କରିଛନ୍ତି। ଏବେ ଏହି ନିଆରା ରକ୍ଷାବନ୍ଧନ ସୋସିଆଲ୍ ମିଡ଼ିଆରେ ଭାଇରାଲ ହେବାରେ ଲାଗିଛି।




## ସୁଶାନ୍ତଙ୍କୁ ଝୁରିଲେ ଭଉଣୀ ରାନୀ

**ମୁମ୍ବାଇ:** ଅଭିନେତା ସୁଶାନ୍ତ ସିଂ ରାଜପୁତ ଆତ୍ମହତ୍ୟା କରିବା ଦେଢମାସ ପୂରିଲାଣି। କିନ୍ତୁ ଏବେ ବି ତାଙ୍କୁ ଭୁଲି ପାରୁନାହାନ୍ତି ତାଙ୍କ ପ୍ରଶଂସକ ଏବଂ ପରିବାର ଲୋକେ। ପ୍ରତିଦିନ ତାଙ୍କୁ ନେଇ ଚର୍ଚ୍ଚା ହେଉଛି। ରାକ୍ଷୀରେ ସୁଶାନ୍ତଙ୍କୁ ବହୁ ମିସ୍ କରୁଛନ୍ତି ତାଙ୍କ ଭଉଣୀ। ଏହି ଅବସରରେ ସେ ଭାଇଙ୍କ ପାଇଁ ଏକ ଭାବପ୍ରବଣ ମେସେଜ ମଧ୍ୟ ଲେଖିଛନ୍ତି। ସେ କହିଛନ୍ତି, ୩୫ ବର୍ଷ ପରେ ଆଜି ପ୍ରଥମ ଥର ପାଇଁ ପୂଜା ଥାଳି ସଜା ହୋଇ ଅଛି, ରାକ୍ଷୀ ଏବଂ ମଠା ବି ଅଛି କିନ୍ତୁ ଆରତି ଉତାରିବାକୁ ସେ ଚେହେରା ନାହିଁ। ରାଖୀ ବାନ୍ଧିବାକୁ ସେ ହାତ ବି ନାହିଁ। ତୁମେ ଜନ୍ମ ନେବା ପରେ ଆମ ଘରେ ଖୁସିର ଲହରୀ ଖେଳି ଯାଇଥିଲା। ସାଙ୍ଗ ହୋଇ ରହୁଥିଲୁ। ସବୁ କଥା ଶେୟାର କରୁଥିଲୁ। ସେ ଜାଣିଛନ୍ତି, ତାଙ୍କ ଭାଇ ଆଉ କେବେବି ଫେରି ଆସିବେ ନାହିଁ। ହେଲେ ମନ ମାନୁନି। ତେଣୁ ସବୁଥର ପରି ଏଥର ମଧ୍ୟ ଭାଇ ପାଇଁ ପୂଜା ଥାଳି ସଜାଇ ସୁଶାନ୍ତଙ୍କୁ ମନେ ପକାଇ ତାଙ୍କ ଭଉଣୀ ରାନୀ ଭାବପ୍ରବଣ ପୋଷ୍ଟ ଶେଆର୍ କରିଛନ୍ତି। ଯାହାକୁ ନେଇ ସୋସିଆଲ ମିଡିଆରେ ଏବେ ବେଶ୍ ଚର୍ଚ୍ଚା। ତୁମ ବିନା ବଞ୍ଚିବା କଷ୍ଟକର ହୋଇପଡୁଛି ବୋଲି ରାନୀ କହିଛନ୍ତି। ସୂଚନାଯୋଗ୍ୟ, ଗତ ଜୁନ ୧୪ରେ ସୁଶାନ୍ତ ମୁମ୍ବାଇସ୍ଥିତ ନିଜ ବାସଭବନରେ ରଶି ଲଗାଇ ଆତ୍ମହତ୍ୟା କରିଥିଲେ। ଏବେ ଏହି ଘଟଣାର ପୋଲିସ ତଦନ୍ତ ଚାଲିଛି।


ରାନୀଙ୍କ ସହ ସୁଶାନ୍ତ ସିଂ

## ସାନିଟାଇଜ୍ ବେଳେ ନଷ୍ଟ ହୋଇଗଲା ଟଙ୍କା



**ସିଓଲ:** କରୋନା ଭାଇରସ୍ ସଂକ୍ରମଣ ରୋକିବା ପାଇଁ ଏବେ ଲୋକେ ସ୍ୱଚ୍ଛତା ଉପରେ ବେଶି ଧ୍ୟାନ ଦେଉଛନ୍ତି। ବାରମ୍ବାର ହାତ ଧୋଇବା, ସାନିଟାଇଜର ବ୍ୟବହାର କରିବା ସହିତ ପରିବାପତ୍ରଠୁ ଆରମ୍ଭ କରି ପ୍ରାୟ ସବୁ ଜିନିଷକୁ ସଫା କରିବା ଉପରେ ବେଶି ଗୁରୁତ୍ୱ ଦେଉଛନ୍ତି। ଏମିତି କି କେତେଜଣ ଟଙ୍କାଗୁଡ଼ିକୁ ବି ସଫା କରିବାକୁ ପଛାଉ ନାହାନ୍ତି। ଏଭଳି ଏକ ଘଟଣା ଏବେ ସୋସିଆଲ୍ ମିଡିଆରେ ଢେର୍ ଚର୍ଚ୍ଚାର ବିଷୟ ପାଲଟିଛି। ଦକ୍ଷିଣ କୋରିଆର ସିଓଲରେ ଥିବା ଅନ୍‌ସାନ୍ ସିଟିର ଇଓମ୍ ଟଙ୍କାକୁ ସାନିଟାଇଜ୍ କରିବା ପାଇଁ ଏଗୁଡ଼ିକୁ ୱାଶିଂ ମେଶିନ୍‌ରେ ପକାଇ ସଫା କରିବା ପାଇଁ ଚେଷ୍ଟା କରିଥିଲେ। କିନ୍ତୁ ତାଙ୍କର ଅଧିକାଂଶ ଟଙ୍କା ନଷ୍ଟ ହୋଇଯାଇଥିଲା। ଇଓମ୍ ଏକାଥରକେ ୫୦ହଜାର ଓନ୍ ବା ୪୨ ଡଲାର ମୂଲ୍ୟର ନୋଟକୁ ୱାଶିଂ ମେଶିନରେ ପକାଇଥିଲେ, ଯାହାର ଭାରତୀୟ ମୂଲ୍ୟ ୩ ଲକ୍ଷ ଟଙ୍କାରୁ ଅଧିକ ହେବ। ତେଣୁ ଏତେଗୁଡ଼ିଏ ଟଙ୍କା ୱାଶିଂ ମେଶିନରେ ନଷ୍ଟ ହୋଇଯିବାରୁ ସମସ୍ତ ଟଙ୍କାକୁ ନେଇ ସେ ବ୍ୟାଙ୍କକୁ ଯାଇଥିଲେ। କିନ୍ତୁ ଦକ୍ଷିଣ କୋରିଆରେ ଏଭଳି ନଷ୍ଟ ହୋଇଯାଇଥିବା ଟଙ୍କାକୁ ବଦଳାଇବାର ସେଭଳି ନିୟମ ନାହିଁ। କିନ୍ତୁ ଇଓମ୍‌ଙ୍କ ପ୍ରବଳ ଅନୁରୋଧ ପରେ ବ୍ୟାଙ୍କ ତାଙ୍କର କିଛି ପରିମାଣର ଟଙ୍କା ବଦଳାଇ ଦେଇଥିଲେ। ବ୍ୟାଙ୍କର କହିବା ଅନୁସାରେ ଇଓମ୍‌ଙ୍କ ନୋଟ୍‌ଗୁଡ଼ିକ ଏଭଳି ନଷ୍ଟ ହୋଇଯାଇଛି ଯେ ସେସବୁ କେତେ ପରିମାଣର ଟଙ୍କା ତାହା ଗଣିବା ମଧ୍ୟ ସମ୍ଭବ ନୁହେଁ। ତେଣୁ ବ୍ୟାଙ୍କ ପକ୍ଷରୁ ଅଳ୍ପ ପରିମାଣର କ୍ଷତି ଭରଣା କରାଯାଇଛି।

ଇଓମ୍‌ଙ୍କ କହିବା ଅନୁସାରେ ତାଙ୍କ ପରିବାରରେ ଏକ ଅନ୍ତ୍ୟେଷ୍ଟିକ୍ରିୟା କାମରେ ବନ୍ଧୁମାନେ ଦେଇଥିବା ସମସ୍ତ ଟଙ୍କାକୁ ସେ ସଫା କରିବା ପାଇଁ ମେଶିନ୍‌ରେ ପକାଇ ଦେଇଥିଲେ। କରୋନା ଭୟରେ ସେ ଏପରି କରିଥିଲେ, କିନ୍ତୁ ସେଗୁଡ଼ିକ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିଲା।

## ସଂକ୍ରମିତ ପିଆଜ ଖାଇ ଅସୁସ୍ଥ

**ୱାଶିଂଟନ:** ଆମେରିକାରେ କରୋନା ସଂକ୍ରମଣ ଯୋଗୁ ଅଚଳାବସ୍ଥା ସୃଷ୍ଟି ହୋଇଥିବାବେଳେ ଏବେ ବହୁ ଲୋକ ସଂକ୍ରମିତ ପିଆଜ ଖାଇ ଅସୁସ୍ଥ ହୋଇପଡ଼ିଛନ୍ତି। ଇତିମଧ୍ୟରେ ୬୦ରୁ ଅଧିକ ଲୋକଙ୍କୁ ଚିକିତ୍ସା ଲାଗି ହସ୍ପିଟାଲରେ ଭର୍ତ୍ତି କରାଯାଇଥିବା କୁହାଯାଉଛି। ପିଆଜରେ ଥିବା ସୈଲମୋନେଲା ବ୍ୟାକ୍ଟେରିଆ ଯୋଗୁ ଫୁଡ୍ ପଏଜନିଂ ହୋଇଥିବା ଡାକ୍ତର କହିଛନ୍ତି। ଆମେରିକାର ୩୧ଟି ପ୍ରଦେଶରେ ଏଭଳି ସମସ୍ୟା ଦେଖାଦେଇଛି। ପିଆଜ ଥମସନ୍ ଇଣ୍ଟରନ୍ୟାଶନାଲ୍ ନାମକ ଏକ କମ୍ପାନୀ ପକ୍ଷରୁ ସପ୍ଲାଏ କରାଯାଇଥିଲା। ପିଆଜ ସଂକ୍ରମଣ ଅଭିଯୋଗ ମିଳିବା ପରେ କମ୍ପାନୀ ଏହାର ପିଆଜକୁ ବଜାରରୁ ଫେରାଇ ଆଣିବା ଜାରି ରଖିଛି। ପିଆଜ ଖାଇବା ପରେ ୬୫ ବର୍ଷରୁ ଅଧିକ ବୟସ୍କଙ୍କ କ୍ଷେତ୍ରରେ ସମସ୍ୟା ଦେଖାଦେଉଥିବା କୁହାଯାଉଛି। ସେମାନେ ପ୍ରାୟ ୭ ଦିନ ପର୍ଯ୍ୟନ୍ତ ଅସୁସ୍ଥ ରହୁଛନ୍ତି ବୋଲି ହସ୍ପିଟାଲ ପକ୍ଷରୁ ସୂଚନା ଦିଆଯାଇଛି।




## ମନେ ପଡ଼ନ୍ତି

**ପ୍ରଥମ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ଲଳିତ ମୋହନ ପଣ୍ଡା**
ଆବିର୍ଭାବ: ୨୮।୦୮।୧୯୭୨
ତିରୋଧାନ: ୧୬।୦୮।୨୦୧୯
ତୁମ ସ୍ନେହ, ଶ୍ରଦ୍ଧା, ତ୍ୟାଗ ସର୍ବୋପରି ସ୍ୱାଭିମାନ ଆମ୍ଭମାନଙ୍କର ପାଥେୟ ହେଉ। ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରାର୍ଥନା କରୁଛୁ।
-:ଶୋକସନ୍ତପ୍ତ:-
ବୋଉ, ପ୍ରତାପ, ସବିତା, ଝାଡି, ମଦନ, ମନୁ, ବିରଞ୍ଚି, ଲୁଲୁ, ଭଣଜା: ବିନାୟକ, ନାରାୟଣ, ବୁବୁ, ବାପି, ପତ୍ନୀ: ଅରୁଣା, ପୁଅ: ଶ୍ରେୟାଂଶୁ, ପୁତୁରା: ଚନ୍ଦନ, ଗୁଡୁ, ଡୁଡୁ, ଶ୍ଳୋକ।
ଧ-୧୭୮୭୪

**ଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ଜଗଜ୍ଜୀବନ ମିଶ୍ର**
(ପ୍ରାକ୍ତନ ସରପଞ୍ଚ)
ନୂଆ ସୋମେଶ୍ୱରପୁର, ସାକ୍ଷୀଗୋପାଳ
ଆବିର୍ଭାବ: ୧୮।୦୫।୧୯୩୬
ତିରୋଧାନ: ୨୬।୦୭।୨୦୨୦
ଆପଣଙ୍କ ଅମର ଆତ୍ମାର ଚିରଶାନ୍ତି ଓ ସଦ୍‌ଗତି ନିମନ୍ତେ ଭଗବାନଙ୍କ ନିକଟରେ ପ୍ରାର୍ଥନା।
-:ଶୋକସନ୍ତପ୍ତ:-
ପୁତ୍ର, ପୁତ୍ରବଧୂ, ଝିଅ, ଜ୍ୱାଇଁ, ନାତୁଣୀ, ନାତି, ନାତୁଣୀ ଜ୍ୱାଇଁ, ଅଣନାତୁଣୀ, ଅଣନାତି ଓ ପରିବାରବର୍ଗ।
ଧ-୬୭୬୨୦

# ଶିଶୁ ପାଇଁ ସଂଜୀବନୀ

ଶିଶୁଟି ଭୂମିଷ୍ଠ ହେବା ପରେ ତା'ର ପ୍ରଥମ ଓ ଗୁରୁତ୍ୱପୂର୍ଣ୍ଣ ଖାଦ୍ୟ ହେଲା ଜନ୍ମଦାତ୍ରୀ ମା'ର କ୍ଷୀର; ଯାହାକୁ ଅମୃତ ସହ ତୁଳନା କରାଯାଏ। ଆଜିର ଅଲଟ୍ରାମଡର୍ନ ଯୁଗରେ ବିଭିନ୍ନ ଜିନିଷର ବିକଳ୍ପ ମିଳୁଛି। ହେଲେ ଶିଶୁ ପାଇଁ ମା' କ୍ଷୀରର ବିକଳ୍ପ ଭାବେ ଅନ୍ୟ କୌଣସି ଖାଦ୍ୟର ସ୍ଥାନ ନାହିଁ। ଭଗବାନଙ୍କ ସୃଷ୍ଟିରେ ଶିଶୁ ପାଇଁ ମା' କ୍ଷୀର ହେଉଛି ସର୍ବୋତ୍କୃଷ୍ଟ ଅବଦାନ। ହେଲେ ବିଭିନ୍ନ କାରଣରୁ ଅନେକ ଶିଶୁ ମା' କ୍ଷୀର ଖାଇବାରୁ ବଞ୍ଚିତ ହୋଇଥାନ୍ତି, ଯାହା କି ସେମାନଙ୍କ ସ୍ୱାସ୍ଥ୍ୟ ପ୍ରତି ଅହିତକର। ତେଣୁ ସ୍ତନ୍ୟପାନ ସମ୍ପର୍କରେ ବିଶ୍ୱବ୍ୟାପୀ ସଚେତନତା ସୃଷ୍ଟି ଲାଗି ପ୍ରତିବର୍ଷ ଅଗଷ୍ଟ ପ୍ରଥମ ସପ୍ତାହକୁ ବିଶ୍ୱ ସ୍ତନ୍ୟପାନ ସପ୍ତାହ ଭାବେ ପାଳନ କରାଯାଇ ଆସୁଅଛି। ଚଳିତବର୍ଷ ଏହି ଅବସରକୁ ନେଇ ବିଶେଷ ଉପସ୍ଥାପନା...



## ବେଶ୍ ଉପକାରୀ ସ୍ତନ୍ୟପାନ

କେଉଁ ଆଦିମ କାଳରୁ ମାନବ ଶଶୁଟି ପୃଥିବୀ ପୃଷ୍ଠକୁ ଆସିବା ପରେ ମାତୃ ସ୍ତନ୍ୟପାନ କରିଆସୁଅଛି। ମାତୃ ସ୍ତନ୍ୟପାନ ଓ ଅନାବିଳ ମାତୃସ୍ନେହର ନିବିଡ ଆଶ୍ଳେସ ଦ୍ୱାରା ସେ ନିଜ ସ୍ଥିତିକୁ ଏ ଭୂପୃଷ୍ଠରେ ସୁଦୃଢ କରିଥାଏ। ତେବେ ମନୁଷ୍ୟ ଜୀବନର ମୂଳଦୁଆ ପ୍ରଥମ ୧୦୦୦ ଦିନର ଯତ୍ନ ଉପରେ ନିର୍ଭର କରେ। ଏଥିରେ ଜନ୍ମ ସମୟର ରାଶି ନକ୍ଷତ୍ରର ପ୍ରଭାବ ମୂଲ୍ୟହୀନ। ଏକହଜାର ଦିନକୁ ଏହିପରି ଭାବରେ ବିଭକ୍ତ କରାଯାଇଛି। ଗର୍ଭରେ ଥିବା ୯ମାସ ବା ୨୭୦ ଦିନ ଓ ଜନ୍ମଠାରୁ ଦୁଇ ବର୍ଷ ପର୍ଯ୍ୟନ୍ତ ୭୩୦ ଦିନ। ପ୍ରଥମ ୬ ମାସ କେବଳ ମାତୃ ସ୍ତନ୍ୟପାନ ଓ ୨ ବର୍ଷ ପର୍ଯ୍ୟନ୍ତ ସ୍ତନ୍ୟପାନ ସହ ଅନ୍ୟାନ୍ୟ ବୟସ ଉପଯୋଗୀ ଖାଦ୍ୟ ଶିଶୁଟିର ଭବିଷ୍ୟତ ନିର୍ଦ୍ଧାରଣ କରିଥାଏ।

ପୃଥିବୀ ପୃଷ୍ଠରେ ଯେତେ ସ୍ତନ୍ୟପାୟୀ ପ୍ରାଣୀ ଅଛନ୍ତି ସମସ୍ତେ ନିଜର ମାତୃ ସ୍ତନ୍ୟପାନ କରି ନିଜର ଶରୀର ଗଠନ, ସ୍ୱଭାବ, ପ୍ରକୃତି ଓ ପରିବେଶ ସହିତ ଚଳିବାର କଳାକୁ ସାକାର କରିଥାନ୍ତି। ଯେପରି ବ୍ୟାଘ୍ର ଗୋଟିଏ ମାଂସାସୀ ପ୍ରାଣୀ ଓ ତା'ର ଶରୀର ତଥା ମସ୍ତିଷ୍କ ବୃଦ୍ଧି ନିମିତ୍ତ ସମସ୍ତ ଉପାଦାନ ସେ ତା'ର ମାତୃ ସ୍ତନ୍ୟରୁ ପାଇଥାଏ। ସେହିପରି ଏକ ଗୋ ଶାବକ ଶାକାହାରୀ ଖାଦ୍ୟ ଖାଇବା ଲାଗି ଗୋ ଦୁଗ୍ଧରୁ ଉପାଦାନ ଆହରଣ କରିଥାଏ। ତିମି ମାଛ ଏକ ସ୍ତନ୍ୟପାୟୀ ଜଳଜୀବ; ଯାହାର ଶରୀରର ଉତ୍ତାପ ରକ୍ଷା ପାଇଁ ଅଧିକ ଚର୍ବି ଦରକାର ହୋଇଥାଏ। ସେଥିପାଇଁ ତା'ର ମାତୃସ୍ତନ୍ୟରେ ଅଧିକ ଚର୍ବି ଥାଏ। ଏସବୁ ଆଲୋଚନାର ଅର୍ଥ ହେଲା, ଯେଉଁ ପ୍ରାଣୀର ଶରୀର ଗଠନ ଓ ଜୀବନଯାପନ ପାଇଁ ଯେଉଁ ଉପାଦାନ ଆବଶ୍ୟକତା ଥାଏ ତାହା ସେହି ଜୀବର ମାତୃ ସ୍ତନ୍ୟରେ ଥାଏ। ହେଲେ ପରିତାପର ବିଷୟ କେତେକ ଶିଶୁ ବିଭିନ୍ନ କାରଣରୁ ଏଥିରୁ ବଞ୍ଚିତ ହୋଇଥାନ୍ତି। ଫଳରେ ସେମାନଙ୍କ ଠାରେ ଆବଶ୍ୟକ ପୋଷକତତ୍ତ୍ୱ ଅଭାବ ହୋଇଥାଏ। ତେଣୁ ଏଦିଗରେ ସଚେତନ କରିବା ଲାଗି ବିଶ୍ୱ ସ୍ତନ୍ୟପାନ ଦିବସ ପାଳନ କରାଯାଉଛି। ତେବେ ସୁଖର ବିଷୟ ଆମ ଦେଶରେ ସ୍ତନ୍ୟପାନ ହାର ବୃଦ୍ଧିପାଉଛି। ପ୍ରଥମ ୬ ମାସ କେବଳ ସ୍ତନ୍ୟପାନ କରାଇବା ହାର ୨୦୦୫-୨୦୦୬ରେ ୪୬.୪% ଥିବା ବେଳେ ୨୦୧୫-୧୬ରେ ଏହା ବୃଦ୍ଧି ପାଇ ୫୪.୯ ପ୍ରତିଶତ ହୋଇଛି। ତଥାପି ଚିକିତ୍ସାଳୟରେ ପ୍ରସବ ହାର ବୃଦ୍ଧି ସତ୍ତ୍ୱେ ସ୍ତନ୍ୟପାନ ହାର ଆଶାଜନକ ନୁହେଁ। ମାତୃସ୍ତନ୍ୟ କ୍ଷରଣ ଏକ ମାନସିକ ଓ ଶାରୀରିକ ପ୍ରକ୍ରିୟା। ଏହାକୁ ଅନୁଧ୍ୟାନ କଲେ ଆଶ୍ଚର୍ଯ୍ୟାନ୍ୱିତ ହେବାକୁ ପଡେ। ଏକ ଅପରିପକ୍ୱ ଶିଶୁ ପାଇଁ ମାତୃସ୍ତନ୍ୟରେ ଅଧିକ ଶକ୍ତି ଓ ପୁଷ୍ଟି ଥାଏ। ସେହିପରି ଏକ ପରିପକ୍ୱ ଶିଶୁ ପାଇଁ ଖାଦ୍ୟସାର ସ୍ୱତନ୍ତ୍ର ହୋଇଥାଏ। ପ୍ରୋଲକ୍ଟିନ୍ ଓ ଅକ୍ସିଟୋସିନ ଦୁଇଟି ହରମୋନ ଦ୍ୱାରା ଦୁଗ୍ଧ କ୍ଷରଣ ନିୟନ୍ତ୍ରିତ ହୋଇଥାଏ।



**କ୍ଷୀର କ୍ଷରଣ ବୃଦ୍ଧିର ଉପାୟ**
ଶିଶୁକୁ ୬ ମାସ ପର୍ଯ୍ୟନ୍ତ ଅନ୍ୟ କିଛି ନ ଦେଇ କେବଳ ସ୍ତନ୍ୟପାନ କରାଇବା ଏବଂ ବିଶେଷ କରି ରାତିରେ ସ୍ତନ୍ୟପାନ କରାଇବା ସହ ମା' ସମସ୍ତ ଖାଦ୍ୟ ଖାଇବା ଓ ଅଧିକ ଜଳପାନ କରିବା।

**କ୍ଷୀର ହ୍ରାସର କାରଣ:**
ଶିଶୁକୁ ବୋତଲରେ ଖୁଆଇବା, ସମ୍ପୂର୍ଣ୍ଣ କ୍ଷୀର ନ ପିଆଇ ବାହାର କ୍ଷୀର, ଚିନି ପାଣି, ମହୁ ପାଣି, ଗାଈ କ୍ଷୀର ପିଆଇବା ଏବଂ ସ୍ତନ୍ୟପାନ ସମୟରେ ଭୁଲ ଭାବେ ଶିଶୁକୁ ଧରିବା କ୍ଷୀର ହ୍ରାସ ପାଇଁ ଦାୟୀ।

**ସ୍ତନ୍ୟପାନର ଉପକାର:**
ସ୍ତନ୍ୟପାନର ଉପକାର ଅସୁମାରୀ। କାରଣ ମା'ର କ୍ଷୀର ସହଜରେ ଉପଲବ୍ଧ। ଏହାର ଉତ୍ତାପ ଶିଶୁର ଶରୀର ଉତ୍ତାପ ସହିତ ସମାନ। ଏହା ସଂକ୍ରାମକ ଜୀବାଣୁମୁକ୍ତ ଓ ପ୍ରଥମ ଦିନରୁ ରୋଗ ପ୍ରତିରୋଧକ ଶକ୍ତି ଯଥେଷ୍ଟ ପରିମାଣରେ ଥାଏ। ଏହା ନ୍ୟୁମୋନିଆ, ଡାଇରିଆ ରୋଗରୁ ଶିଶୁକୁ ରକ୍ଷା କରିଥାଏ। ଯେପରି ଇମ୍ୟୁନୋଗ୍ଲୋବୁଲିନ୍ ଜି(IgG), ଲାକ୍ଟୋଫେରିନ୍, ଲାଇସୋଜାଇମ୍, ଇଣ୍ଟରଫେରନ୍, କମ୍ପ୍ଲିମେଣ୍ଟ, ଟି ଓ ବି ଲିମ୍ଫୋସାଇଟ୍, ବାଇଫିଡସ୍ ଫ୍ୟାକ୍ଟର pABA ରୋଗ ଆକ୍ରମଣରୁ ଶିଶୁକୁ ମୁକ୍ତ ରଖେ। ସ୍ତନ୍ୟପାନ ବୁଦ୍ଧିର ବିକାଶ ସହ ଦୃଷ୍ଟିଶକ୍ତି ମଧ୍ୟ ବୃଦ୍ଧି କରିଥାଏ। ଭବିଷ୍ୟତରେ ଶିଶୁକୁ କରୋନାରୀ ଅର୍ଟେରୀ ରୋଗ, ଉଚ୍ଚ ରକ୍ତଚାପ ରୋଗ, ବହୁମୂତ୍ର ରୋଗ, ପୃଥୁଳତା, ଆଜ୍‌ମା ଓ ଆଲର୍ଜି, ଲିମ୍ଫୋମା ସଂକ୍ରମଣଜନିତ ଆନ୍ତ୍ରିକ ରୋଗ ହୁଏ ନାହିଁ। ମା' କ୍ଷୀର ପିଇବା ଦ୍ୱାରା ମାଣ୍ଡିବଲ୍ ବା ତଳ ମାଢି ହାଡର ଉପଯୁକ୍ତ ଚାଳନା ହୋଇଥାଏ ଏବଂ ତାହା ଶକ୍ତ ହୋଇଥାଏ। କେବଳ ଏତିକି ନୁହେଁ ମା' କ୍ରୋଡରେ ରହି ଶିଶୁ କ୍ଷୀର ପିଇବା ଦ୍ୱାରା ଶିଶୁ ମୃତ୍ୟୁ ହାର କମିଥାଏ।

**ସ୍ତନ୍ୟପାନ ଦ୍ୱାରା ମା'ର ଉପକାରିତା**
- ମାତୃସ୍ତନ୍ୟ ଶିଶୁ ପାଇଁ ସହଜଲବ୍ଧ। ତେଣୁ ଏଥିରେ ମା'ର ସମୟ ଅପଚୟ ହୁଏ ନାହିଁ। ବିଶ୍ରାମ ନେବାକୁ ସମୟ ପାଇଥାଏ। ଏହା ସ୍ତନ କର୍କଟ, ଡମ୍ବି କୋଷର କର୍କଟ, ଜରାୟୁ ଗ୍ରୀବା କର୍କଟ ଆଦି ରୋଗରୁ ରକ୍ଷା କରିଥାଏ। ଏହା ପ୍ରସବୋତ୍ତର ରକ୍ତସ୍ରାବ ହ୍ରାସ କରିଦିଏ(ପିପିଏମ୍)। ଗର୍ଭାବସ୍ଥାରେ ଜମିଥିବା ଚର୍ବିକୁ ହ୍ରାସ କରିଥାଏ। ଏହା ଏକ ପ୍ରାକୃତିକ ଗର୍ଭ ନିରୋଧକ।

**ପରିବାର ଓ ସମାଜର ଉପକାର:**
ମା' କ୍ଷୀରର ବିକଳ୍ପ ନାହିଁ। ହେଲେ ଏହା ବଦଳରେ ଡବାକ୍ଷୀର ଖୁଆଇବା ଦ୍ୱାରା ଓଲଟା ଶିଶୁର ଦେହ ବାରମ୍ବାର ରୁଗ୍‌ଣ ହୋଇଥାଏ। ପ୍ରତିଦିନ ଶିଶୁକୁ ଆବଶ୍ୟକ ମାତ୍ରାରେ ଡବାକ୍ଷୀର ଯୋଗାଇବା ପରିବାର ଉପରେ ଆର୍ଥିକ ବୋଝ ହୋଇଥାଏ। ଫଳରେ ଏହି ଖର୍ଚ୍ଚ ସହିତ ଶିଶୁର ଔଷଧ ଖର୍ଚ୍ଚ, ଡାକ୍ତର ଫିଜ୍, ଲାବୋରେଟୋରୀ, ଏକ୍ସ-ରେ ଖର୍ଚ୍ଚ ଇତ୍ୟାଦି ବେଢି ଉପରେ କୋରଡା ମାଡ। କେବଳ ଏତିକି ନୁହେଁ, ଶିଶୁ ଖାଦ୍ୟ ପ୍ରସ୍ତୁତି ପାଇଁ ଆବଶ୍ୟକ ଗ୍ୟାସ୍ କିମ୍ବା କାଠ ଲାଗି ଜଙ୍ଗଲ ହ୍ରାସ। କ୍ଷୀର ଡବା, ବୋତଲ ଏଣେ ତେଣେ ପଡିବା ଫଳରେ ପରିବେଶ ଦୂଷିତ ହେଇଥାଏ। ତେଣୁ ଶିଶୁ ସହିତ ଉଭୟ ପରିବାର ଓ ସମାଜର କଲ୍ୟାଣ ପାଇଁ ଶିଶୁକୁ ମା' କ୍ଷୀର ଖୁଆଇବା ଆବଶ୍ୟକ।

ଏହିଦିଗରେ ଜନସାଧାରଣଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ଚଳିତବର୍ଷ ବିଶ୍ୱ ସ୍ତନ୍ୟପାନ ସପ୍ତାହର ବାର୍ତ୍ତା- ସପୋର୍ଟ ବ୍ରେଷ୍ଟ ଫିଡିଙ୍ଗ୍ ଫର୍ ଏ ହେଲ୍‌ଦିଅର୍ ପ୍ଲାନେଟ୍।

- ଡା. ନରେଶ ଚନ୍ଦ୍ର ଆଚାର୍ଯ୍ୟ
ଶିଶୁରୋଗ ବିଶେଷଜ୍ଞ
ଲିଙ୍ଗରାଜ ବିହାର, ପୋଖରୀପୁଟ
ମୋ- ୯୪୩୭୧୦୩୬୭୭

## ଶିଶୁ ଲାଗି ସର୍ବୋତ୍ତମ ଖାଦ୍ୟ

ମା' କ୍ଷୀର ଅମୃତ, ଯାହାକୁ ପାନ କଲେ ଶିଶୁର ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ହୁଏ ଓ ସେ ଦୀର୍ଘାୟୁ ହୁଏ। ଏହି କ୍ଷୀର ଶିଶୁ ପାଇଁ ସଂଜୀବନୀ ସଦୃଶ । ଶିଶୁକୁ ଏହା ଦିଏ ନୂଆ ଜୀବନ ।

ସ୍ତନ୍ୟପାନ ଶିଶୁର ଜନ୍ମଗତ ଅଧିକାର । ସ୍ତନ୍ୟପାନ ଦ୍ୱାରା ପ୍ରତିବର୍ଷ ଭାରତରେ ପ୍ରାୟ ଅଢ଼େଇ ଲକ୍ଷ ଶିଶୁଙ୍କର ଜୀବନ ରକ୍ଷା ହୋଇଥାଏ। ତେଣୁ ଶିଶୁ ପାଇଁ, ମା' ପାଇଁ ତଥା ସମାଜ ପାଇଁ ସ୍ତନ୍ୟପାନର ଉପକାରକୁ ଆଖିରେ ରଖି ପ୍ରତିବର୍ଷ ସାରା ପୃଥିବୀରେ ଅଗଷ୍ଟ ମାସ ୧ ତାରିଖରୁ ୭ ତାରିଖ ଯାଏ ବିଶ୍ୱ ସ୍ତନ୍ୟପାନ ସପ୍ତାହ ପାଳିତ ହେଉଛି । ଏଥିପାଇଁ ଚଳିତବର୍ଷର ବାର୍ତ୍ତା ହେଉଛି "ସପୋର୍ଟ ବ୍ରେଷ୍ଟ ଫିଡ଼ିଂ ଫର୍ ଏ ହେଲ୍‌ଦିଅର୍ ପ୍ଲାନେଟ୍", "ସୁସ୍ଥ ପୃଥିବୀ ପାଇଁ ସ୍ତନ୍ୟପାନକୁ ସମର୍ଥନ"। ସେଥିପାଇଁ ଜନ୍ମର ପ୍ରଥମ କେତେ ଘଣ୍ଟା ମଧ୍ୟରେ ହିଁ ଶିଶୁମାନଙ୍କୁ ସ୍ତନ୍ୟପାନ ପାଇଁ ମା'କୁ ସାହାଯ୍ୟ କରିବା ଆବଶ୍ୟକ। ଥାଏ । ଏଥିରେ ଶ୍ୱେତସାର, ସ୍ନେହସାର ଓ ଲାକ୍ଟୋଜେନ୍ କମ୍ ଥାଏ। କଷକ୍ଷୀରରେ ଆଣ୍ଟିଅକ୍ସିଡାଣ୍ଟ, ଆଣ୍ଟିବଡ଼ି ଓ ଇମ୍ୟୁନୋଗ୍ଲୋବଲିନ୍ ଓ ଟ୍ରିପ୍‌ସିନ୍ ବେଶି ପରିମାଣରେ ଥାଏ, ଯାହା ଶିଶୁର ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇଥାଏ। ଏଥିରେ ଥିବା ଆଣ୍ଟିବାକ୍ଟେରିଆଲ୍ ଓ ଆଣ୍ଟିଭାଇରାଲ୍ ଗୁଣ ଯୋଗୁଁ ଏହା ଜୀବାଣୁ ନାଶକ ଓ ଭୂତାଣୁ ନାଶକ ହୋଇଥାଏ । ଶିଶୁ କଷକ୍ଷୀର ଖାଇବା ଦ୍ୱାରା ତା'ର କାମଳ ରୋଗ ବା ଜଣ୍ଡିସ୍ ପାଇଁ ଦାୟୀ ଅନ୍ତଃନଳୀରେ ଥିବା କଳାରଙ୍ଗର ମଇଳାଗୁଡ଼ିକ ବାହାର କରିବାରେ ସାହାଯ୍ୟ କରେ। କଷକ୍ଷୀରରେ ଥିବା ଭିଟାମିନ୍ 'ଏ' ଶରୀରବର୍ଦ୍ଧକ ତଥା ଚର୍ମ ଓ ଆଖିକୁ ରକ୍ଷା କରିଥାଏ। ଭିଟାମିନ୍ 'ଇ' ଓ 'ବି' ଶିଶୁର ହିମୋଲାଇଟିକ ଏନିମିଆ କରେ ନାହିଁ। ଭିଟାମିନ୍ 'ଡି' ଶିଶୁକୁ କର୍କଟ ରୋଗରୁ ରକ୍ଷା କରେ । ଏଥିରେ ଥିବା ଫ୍ୟାଟି ଏସିଡ୍ ଶିଶୁର ମସ୍ତିଷ୍କ ବୃଦ୍ଧି ଓ ବିକାଶରେ ସାହାଯ୍ୟ କରେ। ଏହି କ୍ଷୀର ଶିଶୁକୁ ଶ୍ୱାସଜନିତ ସଂକ୍ରମଣ ବା ନିମୋନିଆରୁ ରକ୍ଷା କରେ । ତଥା ଶିଶୁକୁ ରକ୍ତ କର୍କଟ ବା ଲ୍ୟୁକୋମିଆରୁ ରକ୍ଷା



ଏଥିରେ ଲକ୍ଷ ଲକ୍ଷ ଶିଶୁଙ୍କର ଜୀବନରକ୍ଷା ହେବା ସହ ଶିଶୁମାନେ ସୁସ୍ଥସବଳ ଓ ନୀରୋଗ ରହିବେ। ଏଥିରେ ମା'ମାନେ ମଧ୍ୟ ସୁସ୍ଥ ରହିବେ ।
ମା' କ୍ଷୀର ହେଉଛି ଏକ ସର୍ବୋତ୍କୃଷ୍ଟ, ପ୍ରାକୃତିକ, ପରିପୂରକ ଖାଦ୍ୟ; ଯେଉଁଥିରେ ରହିଛି ପୋଷକ ସନ୍ତୁଳନତା, ଯାହା ଶିଶୁଙ୍କ ପାଇଁ ସଂପୂର୍ଣ୍ଣ ଉପଯୋଗୀ । ଗର୍ଭର ୫ ମାସ ବେଳକୁ ଇଷ୍ଟ୍ରୋଜେନ୍, ପ୍ରୋଜେଷ୍ଟେରୋନ୍ ଓ ପ୍ରୋଲାକ୍ଟିନ୍ ପ୍ରଭାବରୁ କ୍ଷୀର ତିଆରିର ପ୍ରାଥମିକ ପ୍ରକ୍ରିୟା ଆରମ୍ଭ ହୋଇଥାଏ। ତେଣୁ ପ୍ରସବ ପରେ ମା'ର ସ୍ତନରୁ ବାହାରୁଥିବା ହଳଦିଆ ରଙ୍ଗର କ୍ଷୀରକୁ 'କଷ କ୍ଷୀର' ବା କୋଲୋଷ୍ଟ୍ରମ୍‌କୁ ଫୋପାଡ଼ି ନ ଦେଇ ଶିଶୁକୁ ଖୁଆଇବା ଆବଶ୍ୟକ । କାରଣ ଏହା ଶିଶୁର ପ୍ରଥମ ପ୍ରତିଷେଧକ ଟିକା । ଏହା ସହଜରେ ହଜମ ହୋଇଯାଏ ଓ ଏଥିରେ ବେଶି ପୁଷ୍ଟିସାର, ସୋଡିୟମ୍ କ୍ଲୋରାଇଡ୍, ପଟାସିୟମ୍ ଏବଂ ଫ୍ୟାଟ୍ ସଲ୍ୟୁବଲ୍ ଭିଟାମିନ୍ ଯଥା- ଏ, ଇ, ଡି ଏବଂ କାରୋଟିନ୍ କରିଥାଏ। ଏହାଦ୍ୱାରା ଭବିଷ୍ୟତରେ ମେଦବୃଦ୍ଧି, ମଧୁମେହ ଓ ହୃଦ୍‌ରୋଗ କମ୍ ହୋଇଥାଏ। ଯେଉଁ ଶିଶୁ ମା' ଠାରୁ ସ୍ତନ୍ୟପାନ କରନ୍ତି, ସେମାନଙ୍କର ଅନ୍ୟ ଶିଶୁଙ୍କଠାରୁ କାନ ସଂକ୍ରମଣ ୩ ଗୁଣ କମ୍ ହୁଏ, ପରିସ୍ରା ସଂକ୍ରମଣ କମ୍ ହୋଇଥାଏ ତଥା ହଠାତ୍ ଶିଶୁ ମୃତ୍ୟୁ ମଧ୍ୟ କମିଯାଇଥାଏ । ମା' କ୍ଷୀରରେ ୮୮% ଜଳୀୟ ଅଂଶ ଥିବାରୁ ଶିଶୁଙ୍କୁ ପାଣି କିମ୍ବା ଅନ୍ୟ କୌଣସି ତରଳ ନ ପିଆଇ ୬ ମାସ ଯାଏ କେବଳ ମା' କ୍ଷୀର ଖୁଆଇବା ଜରୁରୀ । ତେବେ କେବଳ ଶିଶୁ ଯେ ଏଥିରେ ଉପକୃତ ହୁଏ ତା' ନୁହେଁ ବରଂ ମା' ପାଇଁ ମଧ୍ୟ ଏହା ବେଶ୍ ଉପକାରୀ। ତେଣୁ ପ୍ରତ୍ୟେକ ମା' ମାନଙ୍କର ପ୍ରଥମ କର୍ତ୍ତବ୍ୟ ହେଉଛି ନିଜ ଶିଶୁକୁ ଛଅ ମାସ ଯାଏଁ କେବଳ ନିଜ କ୍ଷୀର ଖୁଆଇବା। ସ୍ତନ୍ୟପାନ ସପ୍ତାହରେ ସବୁ ମା'ମାନେ ନିଜ ଶିଶୁକୁ ସ୍ତନ୍ୟପାନ କରାଇବା ପାଇଁ ଏକ ଦୃଢ଼ ଇଚ୍ଛାଶକ୍ତି ସହ ସଂକଳ୍ପବଦ୍ଧ ହୋଇ ଏକ ସୁସ୍ଥ ଶିଶୁର ଜନନୀ ହେବାର ଗୌରବ ନିଅନ୍ତୁ ।

-ଡା. ସରୋଜିନୀ ଷଡ଼ଙ୍ଗୀ
ଲିଙ୍କ୍ ରୋଡ, କଟକ-୧୨
ମୋ- ୯୪୩୭୦୫୫୦୦୭

## ମା' କ୍ଷୀର ବୃଦ୍ଧି ଲାଗି

ଶିଶୁର ଶାରୀରିକ ବିକାଶ ଲାଗି ଆବଶ୍ୟକ ସମସ୍ତ ଉପାଦାନ ତା'କୁ ମା' କ୍ଷୀରରୁ ମିଳିଥାଏ। ହେଲେ କେତେକ ମା'ଙ୍କ କ୍ଷେତ୍ରରେ କ୍ଷୀର କ୍ଷରଣ କମ ହେବା ଫଳରେ ଶିଶୁକୁ ଆବଶ୍ୟକ ମାତ୍ରାରେ କାର୍ବୋହାଇଡ୍ରେଟ୍, କ୍ୟାଲ୍‌ସିଅମ୍, ପ୍ରୋଟିନ୍, ମିନେରାଲ୍ସ, ଭିଟାମିନ୍ସ ଭଳି ସମସ୍ତ ଆବଶ୍ୟକ ପୋଷକ ତତ୍ତ୍ୱ ଅଭାବ ହୋଇଥାଏ। ଯାହାକୁ ଭରଣା କରିବା ଲାଗି ମା'କୁ ନିଜ ଖାଦ୍ୟ ପ୍ରତି ବିଶେଷ ଧ୍ୟାନ ଦେବାକୁ ପଡିବ। ମନେ ରଖନ୍ତୁ ଅନେକେ ଭାବନ୍ତି ନିର୍ଦ୍ଦିଷ୍ଟ ଖାଦ୍ୟ କିମ୍ବା ଭିଟାମିନ୍ ଔଷଧ, ପ୍ରୋଟିନ୍ ପାଉଡର, ଆଡିଶନାଲ ଫୁଡ୍ ସପ୍ଲିମେଣ୍ଟ ଇତ୍ୟାଦି ଖାଇଲେ ମା' ଶରୀରିକ ଆବଶ୍ୟକତା ଭରଣା କରିହେବା ସହ କ୍ଷୀର ଅଧିକ ହେବ। କେହି କେହି ସ୍ତନ୍ୟଦାତ୍ରୀ ମା'ଙ୍କୁ ଏହା ଖାଇବା ଠିକ୍ ନୁହେଁ, ଏହା ଖାଇଲେ ଶିଶୁର ଝାଡା ହେବ, ଦେହ ଖରାପ ହେବ ଇତ୍ୟାଦି କହିଥାନ୍ତି। ହେଲେ ବାସ୍ତବରେ ଏସବୁ ଏକ ଭ୍ରାନ୍ତ ଧାରଣା ଯାହାକୁ ସୋସିଓ କଲ୍‌ଚରାଲ୍ ଆସ୍ପେକ୍ଟସ୍ ଅଫ୍ ଫୁଡ୍' ବା ଆମ ଖାଦ୍ୟ ଅଭ୍ୟାସରେ ସାମାଜିକ ଓ ସାଂସ୍କୃତିକ କାରକଗୁଡିକର ପ୍ରଭାବ କୁହାଯାଏ। ତେଣୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଠିକ୍ ପରିମାଣରେ କ୍ଷୀର ହେବା ସହ ମା' ଶରୀର ସୁସ୍ଥ ରହିବା ଲାଗି ମା'କୁ ସବୁବେଳେ ପେଟ ପୁରାଇ ଖାଇବା ଦରକାର ଏବଂ ଯାହାବି ପୂର୍ବରୁ ଖାଉଥିଲେ ତା'ଠାରୁ ଅଧିକ ପରିମାଣରେ ଖାଦ୍ୟ ଆବଶ୍ୟକ। ଅର୍ଥାତ୍ ଦୈନିକ ଭାତ, ଡାଲି, କ୍ଷୀର, ତେଲ, ଘିଅ ଏବଂ ଚିନି, ଗୁଡ଼ ଆଦି ଖାଦ୍ୟର ମାତ୍ରା ବଢାଇବା ଆବଶ୍ୟକ। ଏହା ବ୍ୟତୀତ ରୁଟି, ଦୁଧ, ଛେନା, ଫଳ, ଶାଗୁ, ଲାଉ, ସନ୍ତୁଳା ଓ ତଟକା ପନିପରିବାରେ ପ୍ରସ୍ତୁତ ଖାଦ୍ୟ, ଫଳରସଠୁ ଆରମ୍ଭକରି ଅନ୍ୟ ସବୁ ପ୍ରକାର ଖାଦ୍ୟ ବି ଖାଇବା ଦରକାର। ଏ ସମୟରେ ପ୍ରଚୁର ପାଣି ପିଇବା ଦରକାର। ତେବେ ସାଧାରଣତଃ ସ୍ୱାସ୍ଥ୍ୟ ପ୍ରତି ନକାରାତ୍ମକ ପ୍ରଭାବ ପକାଉଥିବା ଅଧିକ ଥଣ୍ଡା, ତେଲ ମସଲା ଖାଦ୍ୟ, ଫାଷ୍ଟଫୁଡ୍ ଜାତୀୟ ଖାଦ୍ୟ ନ ଖାଇବା ଭଲ। ଏହାବ୍ୟତୀତ ବିନା ଡାକ୍ତରଙ୍କ ପରାମର୍ଶରେ କ୍ଷୀର ବଢାଇବା ଲାଗି କୌଣସି ଔଷଧ ଖାଇବା ଶିଶୁ ପାଇଁ ବିପଦପୂର୍ଣ୍ଣ।



## ସ୍ତନ୍ୟପାନ ସମୟରେ ସତର୍କତା

**ଶିଶୁକୁ କ୍ଷୀର ଖୁଆଇବା ସମୟରେ ପ୍ରତ୍ୟେକ ମା'ଙ୍କୁ ସୁରକ୍ଷା ଦୃଷ୍ଟିରୁ କେତେକ ଦିଗ ପ୍ରତି ସଚେତନ ହେବା ନିହାତି ଆବଶ୍ୟକ। ଜାଣି ରଖନ୍ତୁ ସେ ସମ୍ପର୍କରେ...**

- ଅନେକ ମା' ଅଣ୍ଟା ଏବଂ ପିଠିରେ କଷ୍ଟ ନ ହେବା ଲାଗି ଶୋଇକି ଶିଶୁକୁ କ୍ଷୀର ପିଆଇଥାନ୍ତି। ହେଲେ ଶୋଇବା ଅବସ୍ଥାରେ ଶିଶୁକୁ ସ୍ତନ୍ୟପାନ କରାଇବା ଦ୍ୱାରା ଶିଶୁର ନାକରେ ଚାପ ପଡ଼ି ଶ୍ୱାସରୁଦ୍ଧ ହେବା ଆଶଙ୍କା ଥାଏ। ଏମିତିକି ଏହାଦ୍ୱାରା ଶ୍ୱାସରୁଦ୍ଧ ହୋଇ ଶିଶୁ ମୃତ୍ୟୁର ବି ନଜିର ରହିଛି। ତେଣୁ ସର୍ବଦା ବସିରହି ସ୍ତନ୍ୟପାନ କରାଇବା ନିରାପଦ। ଏଥିପାଇଁ ପିଠିକୁ ତକିଆ କିମ୍ବା ଅନ୍ୟ କୌଣସି ସପୋର୍ଟ ଦେଇ କମ୍ଫର୍ଟେବଲ୍ ପୋଜିସନ୍‌ରେ ବସି ଶିଶୁକୁ ଖୁଆନ୍ତୁ।
- ଅନେକ ମା' ଶିଶୁକୁ ଭୋକ ଲାଗୁଥିବ ଭାବି ଅଳ୍ପ ଅଳ୍ପ ସମୟ ବ୍ୟବଧାନରେ ସ୍ତନ୍ୟପାନ କରାଇଥାନ୍ତି। ବେଳେ ବେଳେ ଏହି କାରଣରୁ ଶିଶୁଠାରେ ଅରୁଚି, ବାନ୍ତି ଆଦି ଦେଖାଦେଇଥାଏ। ତେଣୁ ଶିଶୁକୁ ଭୋକ କଲେ ଅର୍ଥାତ୍ ସେ କାନ୍ଦିଲେ କ୍ଷୀର ପିଆଇବା କିମ୍ବା ଦେଢରୁ ଦୁଇ ଘଣ୍ଟା ବ୍ୟବଧାନରେ ଖୁଆଇବା ଦରକାର। ଏହାଦ୍ୱାରା ଶିଶୁର ଖାଦ୍ୟ ହଜମ ହେବା ସହଜ ହୋଇଥାଏ।
- କ୍ଷୀର ପିଇବା ପରେ ଶିଶୁକୁ ନିଜ କାନ୍ଧରେ ପକାଇ( ଯେପରି ଶିଶୁର ପେଟ ଚାପିହେବ) ତା' ପିଠିକୁ କିଛି ସମୟ ଥାପୁଡାନ୍ତୁ। ଏହାଦ୍ୱାରା ଶିଶୁ ପେଟରୁ ହାକୁଡି ଆକାରରେ ଗ୍ୟାସ୍ ବାହାରି ଆସିବ ଏବଂ ସେ ବାନ୍ତି କରିବ ନାହିଁ। ଏହାପରେ ଶିଶୁକୁ ଚିତ୍ କରି ନ ଶୁଆଇ କଡ଼ମାଡି କିମ୍ବା ତା'ର ମୁହଁକୁ ଗୋଟେ କଡ଼କୁ କରି ଶୁଆଇବାକୁ ଚେଷ୍ଟା କରନ୍ତୁ। କାରଣ ଚିତ୍ ହୋଇ ଶୋଇବା ଦ୍ୱାରା ଶିଶୁ ବାନ୍ତି କରିବା ସମୟରେ ଏହା ନାକ ଦେଇ ଭିତରକୁ ଯାଇ ନିଃଶ୍ୱାସ ବନ୍ଦ ହୋଇଯିବା ଆଶଙ୍କା ଥାଏ।
- ଶିଶୁକୁ ସର୍ବଦା ଦୁଇସ୍ତନରୁ ସମାନ ପରିମାଣରେ କ୍ଷୀର ପିଆଇବାକୁ ଚେଷ୍ଟା କରନ୍ତୁ। ନଚେତ୍ ଗୋଟିଏ ସ୍ତନରେ ଅଧିକ କ୍ଷୀର ଜମାହୋଇ ପରବର୍ତ୍ତୀ ସମୟରେ ବିଭିନ୍ନ ସମସ୍ୟା ସୃଷ୍ଟି କରିଥାଏ। ତା'ଛଡ଼ା ଶିଶୁ ଯଦି ଠିକ୍ ଭାବେ କ୍ଷୀର ନ ପିଉଛି କିମ୍ବା ମା'ର ଅଧିକ କ୍ଷୀର ହେଉଛି ତେବେ ତାହା ଯେପରି ରହି ନ ଯାଏ ସେଥିପ୍ରତି ଧ୍ୟାନଦେବା ଆବଶ୍ୟକ। କାରଣ ଏହା ରହିଯିବା ଫଳରେ ସ୍ତନରେ ଗୋଟାଳି ହୋଇ ବିନ୍ଧିବା, ପୂଯ ହେବା ଏବଂ କେବେ କେବେ ଏହା ଅଧିକ କ୍ଷତିକାରକ ମଧ୍ୟ ହୋଇଥାଏ।
- ମନେ ରଖନ୍ତୁ ଯଦି ମା' ଅତି ଦୁର୍ବଳ, ପୁଷ୍ଟିହୀନତାର ଶିକାର କିମ୍ବା ରୁଗ୍‌ଣ ହୋଇଥାଏ ତେବେ ସେ କ୍ଷେତ୍ରରେ ସ୍ତନ୍ୟପାନ ମା'ର ଜୀବନ ପ୍ରତି ବିପଦଜନକ। ସେହିପରି ମାନସିକ ରୋଗଗ୍ରସ୍ତ, କୁଷ୍ଠ, ଏଚ୍‌ଆଇଭି, ଯକ୍ଷ୍ମା, ହାଡଫୁଟି, ମିଳିମିଳା, ଜଣ୍ଡିସ୍ ଆଦି ରୋଗ ଥିଲେ କିମ୍ବା ମା' ସ୍ତନରେ ଘା' ହୋଇଥିଲେ ସ୍ତନ୍ୟପାନ କରାଇବା ଶିଶୁ ପ୍ରତି ବିପଜ୍ଜନକ।



# ସିରିଜ କ୍ଲିନ୍ ସୁଇପ୍ ଲକ୍ଷ୍ୟରେ ଇଂଲଣ୍ଡ

ସାଉଥାମ୍ପଟନ,୩।୮ (ପି.ଟି.)

ସ୍ଥାନୀୟ ରୋଜ ବାଓଲ୍ ଗ୍ରାଉଣ୍ଡରେ ମଙ୍ଗଳବାର ଇଂଲଣ୍ଡ ଓ ଭ୍ରମଣକାରୀ ଆୟର୍ଲାଣ୍ଡ ତୃତୀୟ ତଥା ଅନ୍ତିମ ଦିନିକିଆ ମ୍ୟାଚ୍‌ରେ ମୁହାଁମୁହିଁ ହେବେ। ପ୍ରଥମ ଦୁଇଟି ମ୍ୟାଚ୍ ଜିତି ଇଂଲଣ୍ଡ ୨-୦ରେ ସିରିଜ ଅଗ୍ରଣୀ ହେବା ସହ ଆଗୁଆ ସିରିଜ ହାତେଇ ନେଇଛି। ଫଳରେ ଇଂଲଣ୍ଡ ତୃତୀୟ ମ୍ୟାଚ୍ ଜିତି ସିରିଜ କ୍ଲିନ୍ ସୁଇପ୍ କରିବା ଲକ୍ଷ୍ୟରେ

## ତୃତୀୟ ଦିନିକିଆ

ରହିଛି। ଅନ୍ୟପଟେ ଏହି ମ୍ୟାଚ୍ ଜିତି ଆୟର୍ଲାଣ୍ଡ ସାନ୍ତ୍ୱନାମୂଳକ ବିଜୟ ହାସଲ କରିବାକୁ ପ୍ରୟାସ କରିବ। ପ୍ରଥମ ଦୁଇଟି ମ୍ୟାଚ୍‌ରେ ପରାଜୟ ବରଣ କରିଥିଲେ ମଧ୍ୟ ଆୟର୍ଲାଣ୍ଡ ବିଭିନ୍ନ ସମୟରେ ଇଂଲଣ୍ଡ ଉପରେ ଚାପ ପ୍ରୟୋଗ କରିବାରେ ସମର୍ଥ ହୋଇଛି। ଅବଶ୍ୟ ଏହାକୁ ବଜାୟ ରଖିବାରେ ଆୟର୍ଲାଣ୍ଡ ସଫଳ ହୋଇପାରି ନ ଥିଲା। ଇଂଲଣ୍ଡ ଫେଭରାଇଟ୍ ବିବେଚିତ ହେଉଥିଲେ ମଧ୍ୟ ଆୟର୍ଲାଣ୍ଡ ଅନ୍ତିମ ମ୍ୟାଚ୍‌ରେ ଲଢେଇ କରିବ ବୋଲି ଆଶା କରାଯାଉଛି।

ଇଂଲଣ୍ଡ ଦୃଷ୍ଟିକୋଣରୁ ଦେଖିବାକୁ ଗଲେ ସାମ ବିଲିଙ୍ଗ୍ସ ଓ ଡେଭିଡ୍ ୱିଲି ପ୍ରତ୍ୟାବର୍ତ୍ତନ କରିଛନ୍ତି। ଏହି ଦୁଇ ଖେଳାଳି ଘରୋଇ ପରିବେଶରେ ଖେଳାଯାଇଥିବା ଗତ ବିଶ୍ୱକପ୍‌ରେ ଚୟନକର୍ତ୍ତାଙ୍କ ଦ୍ୱାରା ଅଣଦେଖାର ଶିକାର ହୋଇଥିଲେ। ବିଭିନ୍ନ କାରଣରୁ ଏମାନଙ୍କୁ ବିଶ୍ୱକପ୍ ଦଳରେ ସାମିଲ କରାଯାଇ ନ ଥିଲା। ତେବେ ଦୀର୍ଘଦିନ ପରେ ପ୍ରତ୍ୟାବର୍ତ୍ତନରେ ଏମାନେ ସଫଳ ହୋଇଛନ୍ତି ଓ ଇଂଲଣ୍ଡ ପାଇଁ ଏହା ଲାଭଦାୟକ ମଧ୍ୟ ହୋଇଛି। ଦୁଇଟି ମ୍ୟାଚ୍‌ରେ ବିଲିଙ୍ଗ୍ସ ଅପରାଜିତ ରହିଥିଲେ। ସେହିପରି ପ୍ରଥମ ଦିନିକିଆରେ ୱିଲି କ୍ୟାରିୟରର ପ୍ରଥମ ୫ ଉଇକେଟ ସଫଳତା ହାସଲ କରିଥିଲେ। ପୁଣି ଦ୍ୱିତୀୟ ଦିନିକିଆରେ ୱିଲି ଓ ବିଲିଙ୍ଗ୍ସ ମ୍ୟାଚ୍ ବିଜୟୀ ଭାଗୀଦାରି ସ୍ଥାପନ କରିଥିଲେ। ତେବେ ଜେମ୍ସ ଭିନ୍ସଙ୍କ ଦୁର୍ବଳ ଫର୍ମ ଇଂଲଣ୍ଡ ପାଇଁ ଚିନ୍ତା ସୃଷ୍ଟି କରିଛି। ସେ କ୍ରମାଗତ ଭାବେ ବିଫଳ ପ୍ରଦର୍ଶନ କରି ଆସୁଛନ୍ତି।

ଅପରପକ୍ଷରେ ଆୟର୍ଲାଣ୍ଡ ତା'ର ଅଭିଜ୍ଞ ଖେଳାଳିମାନଙ୍କ ଉପରେ ନିର୍ଭର କରିବ। ଏହି ମ୍ୟାଚ୍‌ରେ ଅଭିଜ୍ଞ ଖେଳାଳିମାନେ ଆଶାନୁରୂପ ପ୍ରଦର୍ଶନ କରିପାରିଲେ ଆୟର୍ଲାଣ୍ଡ ଇଂଲଣ୍ଡକୁ ଚକ୍‌ମା ଦେଇପାରିବ। ସିରିଜରେ ମଧ୍ୟ କେତେଜଣ ଯୁବ ଖେଳାଳି ଆଖିଦୃଶିଆ ପ୍ରଦର୍ଶନ କରିଛନ୍ତି। ତେବେ ଦଳଗତ ପ୍ରଦର୍ଶନରେ ଆୟର୍ଲାଣ୍ଡ ବିଫଳ ହୋଇଛି। ଯାହା ଫଳରେ ଇଂଲଣ୍ଡ ପାଇଁ କାମ ସହଜ ହୋଇଛି।

ଦ୍ୱିତୀୟ ଦିନିକିଆ ମଧ୍ୟ ଏହି ପିଚ୍‌ରେ ଖେଳାଯାଇଥିଲା। ସ୍ପିନରମାନେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବେ। ଆକାଶ ସାମାନ୍ୟ ମେଘୁଆ ରହିବ ଓ ପାଗ ମୁଖ୍ୟତଃ ଶୁଖିଲା ରହିବ ବୋଲି ଆଶା କରାଯାଉଛି। ଏହି ମୁକାବିଲାରେ ଇଂଲଣ୍ଡ ଫେଭରାଇଟ୍ ବିବେଚିତ ହେଉଛି।



ରୋଜ ବାଓଲ୍ ଷ୍ଟାଡ଼ିୟମ।

■ ଇଂଲଣ୍ଡ ଦଳ(ସମ୍ଭାବ୍ୟ): ଇଅନ ମୋର୍ଗାନ (ଅଧିନାୟକ), ଜାସନ ରଏ, ଜନି ବେୟାରଷ୍ଟୋ (ଉଇକେଟକିପର), ଜେମ୍ସ ଭିନ୍ସ, ସାମ ବିଲିଙ୍ଗ୍ସ, ଟମ୍ ବାଣ୍ଟନ, ମୋଇନ ଅଲି, ଡେଭିଡ୍ ୱିଲି, ଟମ୍ କୁରାନ, ଆଦିଲ ରସିଦ ଓ ସାକିବ ମେହମୁଦ।

■ ଆୟର୍ଲାଣ୍ଡ ଦଳ (ସମ୍ଭାବ୍ୟ): ଆଣ୍ଡି ବାଲବିର୍ନି (ଅଧିନାୟକ), ପଲ ଷ୍ଟିର୍ଲିଂ, ଗାରେଥ ଡେଲାନୀ, ହ୍ୟାରୀ ଟେକ୍ଟର, କେଭିନ୍ ଓ'ବ୍ରାଏନ, ଲୋରକାନ ଟକ୍କର (ଉଇକେଟକିପର), କର୍ଟିନ କ୍ୟାମ୍ପର, ସିମି ସିଂ, ଆଣ୍ଡି ମ୍ୟାକ ବ୍ରାଏନ, କ୍ରେଗ ୟଙ୍ଗ ଓ ଜୋଶ ଲିଟିଲ।

## ସଂକ୍ଷେପରେ

### ଟ୍ରଟ୍ ଇଂଲଣ୍ଡ ବ୍ୟାଟିଂ କୋଚ୍



**ଲଣ୍ଡନ,୩।୮ (ପି.ଟି.):** ବୁଧବାରଠାରୁ ଆରମ୍ଭ ହେବାକୁ ଯାଉଥିବା ପାକିସ୍ତାନ ବିପକ୍ଷ ଟେଷ୍ଟ ସିରିଜ ପାଇଁ ଇଂଲଣ୍ଡ ନୂଆ ବ୍ୟାଟିଂ କୋଚ୍ ନିଯୁକ୍ତ କରିଛି। ଏହି ୩ ମ୍ୟାଚ୍ ବିଶିଷ୍ଟ ସିରିଜରେ ପୂର୍ବତନ ବ୍ୟାଟ୍ସମ୍ୟାନ ଜୋନାଥନ ଟ୍ରଟ୍ ଇଂଲଣ୍ଡର ବ୍ୟାଟିଂ କୋଚ୍ ଭାବେ ଦାୟିତ୍ୱ ନେବେ। ୩୯ ବର୍ଷୀୟ ଟ୍ରଟ୍ ୨୦୦୯ରୁ ୨୦୧୫ ମଧ୍ୟରେ ୫୨ଟି ଟେଷ୍ଟ ଖେଳି ୩।୩୫ ରନ ସଂଗ୍ରହ କରିଛନ୍ତି। ପୂର୍ବତନ ନ୍ୟୁଜିଲାଣ୍ଡ ସ୍ପିନର ଜିତେନ ପଟେଲ ଓ ୱାରୱିକ୍ସାୟର ପୂର୍ବତନ ଦ୍ରୁତ ବୋଲର ଗ୍ରେମ୍ ୱେଲଚ୍ ଟ୍ରଟ୍‌ଙ୍କୁ କୋଚିଂରେ ସହାୟତା ପ୍ରଦାନ କରିବେ। ଟ୍ରଟ୍ ମଧ୍ୟ ୬୮ଟି ଦିନିକିଆ ଓ ୭ଟି ଟି୨୦ ମ୍ୟାଚ୍ ଖେଳିଛନ୍ତି। ଘରୋଇ କ୍ରିକେଟରେ ଟ୍ରଟ୍ ୧୮, ୬୬୨ ରନ ସଂଗ୍ରହ କରିଛନ୍ତି। ମାଞ୍ଚେଷ୍ଟରର ଓଲ୍ଡ ଟ୍ରାଫୋର୍ଡ ଗ୍ରାଉଣ୍ଡରେ ବୁଧବାର ପ୍ରଥମ ଟେଷ୍ଟରେ ଇଂଲଣ୍ଡ ଓ ପାକିସ୍ତାନ ପରସ୍ପରକୁ ଭେଟିବେ। ଏହାପରେ ପରବର୍ତ୍ତୀ ଦୁଇଟି ମ୍ୟାଚ୍ ସାଉଥାମ୍ପଟନର ରୋଜ ବାଉଲ ଗ୍ରାଉଣ୍ଡରେ ଖେଳାଯିବ। ଗତ ୱେଷ୍ଟଇଣ୍ଡିଜ ବିପକ୍ଷ ଟେଷ୍ଟ ସିରିଜରେ ଇଂଲଣ୍ଡ ୨-୧ରେ ବିଜୟୀ ହୋଇଥିଲା। କୋଭିଡ୍-୧୯ ମହାମାରୀର ପ୍ରକୋପ ଜାରି ରହିଥିବା ବେଳେ ଦୀର୍ଘ ୪ ମାସ ପରେ ଏହି ସିରିଜ ଦ୍ୱାରା ଅନ୍ତର୍ଜାତୀୟ କ୍ରିକେଟର ପ୍ରତ୍ୟାବର୍ତ୍ତନ ହୋଇଥିଲା।

### କୋଭିଡ୍ ଟାସ୍କଫୋର୍ସର ମୁଖ୍ୟ ହୋଇପାରନ୍ତି ଦ୍ରାବିଡ୍

**ନୂଆଦିଲ୍ଲୀ, ୩।୮ (ପି.ଟି.):** ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଏକ କୋଭିଡ୍-୧୯ ଟାସ୍କଫୋର୍ସ ଗଠନ କରିବ। ପୂର୍ବତନ ଅଧିନାୟକ ରାହୁଲ ଦ୍ରାବିଡ ଜାତୀୟ କ୍ରିକେଟ ଏକାଡେମୀ (ଏନସିଏ) ମୁଖ୍ୟ ହୋଇଥିବାରୁ ତାଙ୍କୁ ଏହି ଟାସ୍କ ଫୋର୍ସର ଅଧ୍ୟକ୍ଷ କରାଯିବା ସମ୍ଭାବନା ରହିଛି। ବିସିସିଆଇ ସୋମବାର ରାଜ୍ୟ ଆସୋସିଏଶନଗୁଡ଼ିକ ଲାଗି ଏସ୍‌ଓପି (ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଡ୍ୟୁଅର୍) ଘୋଷଣା କରିଛି। ବେଙ୍ଗାଲୁରୁସ୍ଥିତ ଏନସିଏରେ ଟ୍ରେନିଂ କାର୍ଯ୍ୟ ପୁନଃ ଆରମ୍ଭ କରାଯିବାକୁ ଥିବାରୁ କୋଭିଡ୍ ଟାସ୍କ ଫୋର୍ସ ଗଠନ କରାଯାଉଛି। ଏଥିରେ ଦ୍ରାବିଡଙ୍କ ବ୍ୟତୀତ ଜଣେ ମେଡିକାଲ ଅଫିସର, ଜଣେ ହାଇଜିନ୍ ଅଫିସର ଏବଂ ବିସିସିଆଇ ଏଜିଏମ୍ (କ୍ରିକେଟ ଅପରେଶନ)ଙ୍କୁ ସାମିଲ କରାଯିବ। ଟାସ୍କ ଫୋର୍ସ ନିୟମିତ ଭାବେ ଖେଳାଳିମାନଙ୍କ ଯୋଗାଯୋଗରେ ରହିବ। କୋଭିଡ୍-୧୯ ସମ୍ପର୍କିତ ସୂଚନା ଓ ପରାମର୍ଶ ଦେବ। ଏହାଛଡ଼ା ଆବଶ୍ୟକ ପଦକ୍ଷେପ ନେବ। ଏସ୍‌ଓପି ଅନୁସାରେ ଟ୍ରେନିଂ ଆରମ୍ଭ ପୂର୍ବରୁ ଏନସିଏର ପ୍ରଶାସନିକ ଷ୍ଟାଫ୍ ସହିତ ସମସ୍ତ ଖେଳାଳିଙ୍କର କରୋନା ଭାଇରସ ଟେଷ୍ଟ ହେବ। କୋଭିଡ୍-୧୯କୁ ନେଇ ଏସଓପିରେ ଦର୍ଶାଯାଇଥିବା ସମସ୍ତ ପ୍ରୋଟୋକଲ ଏବଂ ସରକାରଙ୍କ ସମସ୍ତ ନିର୍ଦ୍ଦେଶାବଳୀ ମାନି ଚଳିବା କ୍ଷେତ୍ରରେ ଏକ ଅଣ୍ଡରଟେକିଂ ସମସ୍ତ ଖେଳାଳିଙ୍କୁ ଲିଖିତ ଭାବେ ଦେବାକୁ ପଡ଼ିବ।

# ଗଠନ ହେବ ୫ ଜୋନାଲ ଟ୍ୟାଲେଣ୍ଟ ହଣ୍ଟ କମିଟି

**ନୂଆଦିଲ୍ଲୀ, ୩।୮ (ପି.ଟି.):** ଭାରତ କିପରି ଫିଫା ବିଶ୍ୱକପ୍ ପାଇଁ ଯୋଗ୍ୟତା ଅର୍ଜନ କରିବ ସେଥିଲାଗି ସରକାର ଏକ ଉଚ୍ଚାଭିଳାଷୀ ଯୋଜନା ପ୍ରସ୍ତୁତ କରିଛନ୍ତି। ସମସ୍ତ ଦେଶରୁ ଫୁଟ୍‌ବଲ ପ୍ରତିଭାମାନଙ୍କୁ ଚିହ୍ନଟ କରିବା ଲାଗି ୫ଟି ଜୋନାଲ ଟ୍ୟାଲେଣ୍ଟ ହଣ୍ଟ କମିଟି ଗଠନ କରାଯିବ ବୋଲି କେନ୍ଦ୍ର କ୍ରୀଡ଼ା ମନ୍ତ୍ରୀ କିରେନ୍ ରିଜିଜୁ ପ୍ରକାଶ କରିଛନ୍ତି। ଏଥିଲାଗି ସର୍ବଭାରତୀୟ ଫୁଟ୍‌ବଲ ମହାସଂଘ (ଏଆଇଏଫ୍‌ଏଫ୍) ସହ ପାର୍ଟନରଶିପ୍‌ରେ ଖେଲୋ ଇଣ୍ଡିଆ ପ୍ରୋଗ୍ରାମ୍ ଅଧୀନରେ ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ (ସାଇ) ତରଫରୁ ପ୍ରଥମେ ପାଣ୍ଠି ଯୋଗାଇ ଦିଆଯିବ। ଆଗାମୀ କିଛି ମାସ ମଧ୍ୟରେ ପୂର୍ବାଞ୍ଚଳ, ଉତ୍ତରାଞ୍ଚଳ, ଦକ୍ଷିଣାଞ୍ଚଳ, ପଶ୍ଚିମାଞ୍ଚଳ ଏବଂ ଉତ୍ତରପୂର୍ବାଞ୍ଚଳ କମିଟିଗୁଡ଼ିକ ଗଠନ କରାଯିବ। ଭାରତ ଅଧିନାୟକ ସୁନୀଲ ଛେତ୍ରୀଙ୍କ ୩୬ତମ ଜନ୍ମ ଦିବସ ଅବସରରେ ଏକ ଭର୍ଚୁଆଲ କାର୍ଯ୍ୟକ୍ରମରେ ଯୋଗଦାନ ପୂର୍ବକ ରିଜିଜୁ ଏକଥା ପ୍ରକାଶ କରିଛନ୍ତି। ଫୁଟ୍‌ବଲ ହେଉଛି ବିଶ୍ୱର ସବୁଠାରୁ ଲୋକପ୍ରିୟ ଖେଳ। ଆଗାମୀ ୧୦ରୁ ୧୫ବର୍ଷ ମଧ୍ୟରେ ବିଶ୍ୱକପ୍ ଓ ଅଲିମ୍ପିକ୍ସ ଲାଗି ଯୋଗ୍ୟତା ଅର୍ଜନ ଆମର ମୂଳ ଲକ୍ଷ୍ୟ ରହିଛି ବୋଲି ମନ୍ତ୍ରୀ କହିଛନ୍ତି।

# ଅରୁଣଲାଲ, ହ୍ୱାଟ୍‌ମୋର ପ୍ରଶିକ୍ଷଣ ଦେଇପାରିବେନି

**ନୂଆଦିଲ୍ଲୀ, ୩।୮ (ପି.ଟି.):** କୋଭିଡ୍-୧୯ ସଂକ୍ରମଣକୁ ଦୃଷ୍ଟିରେ ରଖି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଡିଓର (ଏସ୍‌ଓପି) କରିଛି। ଏହା ଦ୍ୱାରା ରାଜ୍ୟ ଆସୋସିଏଶନଗୁଡିକ ୬୦ ବର୍ଷରୁ ଉର୍ଦ୍ଧ୍ୱ ବୟସ୍କ ବ୍ୟକ୍ତିମାନଙ୍କୁ କୋଚ୍ ନିଯୁକ୍ତି ଦେବା ପ୍ରକ୍ରିୟାରୁ ବିରତ ରହିବେ। ଅର୍ଥାତ୍

## ବିସିସିଆଇ ଏସ୍‌ଓପି

୬୦ରୁ ଉର୍ଦ୍ଧ୍ୱ ବ୍ୟକ୍ତିମାନେ ଟ୍ରେନିଂ କ୍ୟାମ୍ପରୁ ଦୂରେଇ ରହିବାକୁ କୁହାଯାଇଛି। ଏହି ଏସ୍‌ଓପି ଭାରତୀୟ ପୂର୍ବତନ କ୍ରିକେଟର ଅରୁଣ ଲାଲ ଓ ଅଷ୍ଟ୍ରେଲୀୟ ପୂର୍ବତନ କ୍ରିକେଟର ଡେଭ ହ୍ୱାଟମୋରଙ୍କୁ ପ୍ରଭାବିତ କରିବ। ଅରୁଣ ଲାଲ ବେଙ୍ଗଲ ଓ ହ୍ୱାଟମୋର ବରୋଦାର କୋଚ୍ ରହିଛନ୍ତି। ଫଳରେ ଏମାନେ କୋଚିଂ ଦେବାରୁ ବଞ୍ଚିତ ହେବା ସ୍ପଷ୍ଟ ହୋଇଛି। ହ୍ୱାଟମୋରଙ୍କ ବୟସ ୬୬ ହୋଇଥିବା ବେଳେ ଏପ୍ରିଲ୍‌ରେ ସେ କୋଚ୍ ନିଯୁକ୍ତ ହୋଇଥିଲେ। ସେହିପରି ଅରୁଣ ଲାଲଙ୍କ ବୟସ ୬୫ ହୋଇଥିବା ବେଳେ ସେ ଗତ ମାର୍ଚ୍ଚରେ ବେଙ୍ଗଲକୁ ରଣଜୀ ଟ୍ରଫି ଫାଇନାଲରେ ପହଞ୍ଚାଇଥିଲେ।

ଉଲ୍ଲେଖଥାଉ କି, ଯେଉଁମାନଙ୍କ ବୟସ ୬୦ରୁ ଉର୍ଦ୍ଧ୍ୱ ହୋଇଥିବା ବ୍ୟକ୍ତିମାନେ ଏହି ଭାଇରସ୍ ଦ୍ୱାରା ସଂକ୍ରମିତ ହେବାର ଅଧିକ ସମ୍ଭାବନା ରହିଛି। ସେମାନଙ୍କୁ କୋଚ୍, ସପୋର୍ଟ ଷ୍ଟାଫ୍, ଅମ୍ପାୟର୍ସ, ଗ୍ରାଉଣ୍ଡ ଷ୍ଟାଫ୍ ଦାୟିତ୍ୱ ନେବାରୁ ବାରଣ କରାଯାଇଛି। ସେହିପରି ଡାଇବେଟିସ୍ ଓ ଦୁର୍ବଳ ରୋଗ ପ୍ରତିରୋଧକ ଶକ୍ତି ଥିବା ବ୍ୟକ୍ତିମାନେ ମଧ୍ୟ ସଂକ୍ରମିତ ହେବାର ଅଧିକ ସମ୍ଭାବନା ରହିଛି।



ଡେଭ ହ୍ୱାଟମୋର ଅରୁଣ ଲାଲ

# ସ୍ୱୟମ ଚାମ୍ପିୟନ

## ଏସ୍‌ଆର ଅନ୍ ଲାଇନ୍ ଚେସ୍ ଚାମ୍ପିୟନଶିପ୍

**ଭୁବନେଶ୍ୱର,୩।୮ (ସ୍ପୋର୍ଟ୍ସ ବ୍ୟୁରୋ):** ଏସ୍.ଆର. ଚେସ୍ ସେଣ୍ଟର ଆନୁକୂଲ୍ୟରେ ସୋମବାର ସନ୍ଧ୍ୟା ୭ରୁ ୯ଟା ମଧ୍ୟରେ ୧୪ତମ ଅନ୍‌ଲାଇନ୍ ଓପନ ସିନିୟର ଚେସ୍ ଚାମ୍ପିୟନଶିପ୍ ଅନୁଷ୍ଠିତ ହୋଇଯାଇଛି। ଏଥିରେ କଟକ ମହାନଦୀ ବିହାର ଶିଶୁ ମନ୍ଦିରର ଅଷ୍ଟମ ଶ୍ରେଣୀ ଛାତ୍ର ସ୍ୱୟମ ଲକ୍ଷ୍ମୀଦତ୍ତ ଧନରାଜ ସାବତ୍ ଚାମ୍ପିୟନ ହୋଇଛନ୍ତି। ୭ରୁ ୬ ପଏଣ୍ଟ ହାସଲ କରି ସେ ଟାଇଟଲ ଜିତିଛନ୍ତି। ସେହିପରି ନଖରା ଡିପିଏସ୍ କଳିଙ୍ଗର ନବମ ଶ୍ରେଣୀ ଛାତ୍ର ପ୍ରତୀକ ଚୌରାସିଆ ୫ ପଏଣ୍ଟ ହାସଲ କରି ରନର୍ସଅପ୍ ବିବେଚିତ ହୋଇଛନ୍ତି। ଭୁବନେଶ୍ୱର ଷ୍ଟୁଆର୍ଟ ସ୍କୁଲର ନବମ ଶ୍ରେଣୀ ଛାତ୍ର ନିଖିଳ ସାହୁ ୪.୫ ପଏଣ୍ଟ ହାସଲ କରି ତୃତୀୟ ସ୍ଥାନରେ ରହିଛନ୍ତି। ୧୫ବର୍ଷରୁ କମ୍ ବିଭାଗରେ ଧୀର ଚାୱଲ ୪ ପଏଣ୍ଟ ହାସଲ କରି ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି। ୧୩ ବର୍ଷରୁ କମ୍ ବିଭାଗରେ ୪.୫ ପଏଣ୍ଟ ହାସଲ କରି ଅରିନ ଅନ୍ୱେଷ ସ୍ୱାଇଁ ଶ୍ରେଷ୍ଠ ପ୍ରତିଯୋଗୀ ସାବ୍ୟସ୍ତ ହୋଇଛନ୍ତି। ୧୧ ବର୍ଷରୁ କମ୍ ପ୍ରତିଯୋଗିତାରେ ୪ଟି ଲେଖାଏ ପଏଣ୍ଟ ପାଇ ବିକାଶ କୁମାର ଲେଙ୍କା, ଶ୍ରୀନିବାସ ରଥ, ଜ୍ଞାନଜ୍ୟୋତି ସିଂ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି। ୯ ବର୍ଷରୁ କମ୍ ପ୍ରତିଯୋଗିତାରେ ଶ୍ରଦ୍ଧା ସ୍ମରଣିକା ନନ୍ଦ ୪, ଆଦିତ୍ୟ ବିକ୍ରମ ମିଶ୍ର ୪, ସନ୍ଦୀପା ପ୍ରିୟଦର୍ଶିନୀ ସାହୁ ୩.୫ ପଏଣ୍ଟ ହାସଲ କରିଛନ୍ତି। ବେଷ୍ଟ ଅଣ୍ଡର ସେଭେନ୍‌ରେ ଅର୍ଣ୍ଣବ ବିଶ୍ୱାଳ ୩ ଓ ଶୁଭସ୍ମିତା ପ୍ରିୟଦର୍ଶିନୀ ୨ ପଏଣ୍ଟ ପାଇଛନ୍ତି। ଏସ୍.ଆର. ଚେସ୍ ସେଣ୍ଟରର ସମ୍ପାଦକ ସତ୍ୟରଞ୍ଜନ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଏହି ପ୍ରତିଯୋଗିତା ଆୟୋଜିତ ହୋଇଥିଲା।



ସ୍ୱୟମ ଲକ୍ଷ୍ମୀଦତ୍ତ ଧନରାଜ ସାବତ୍

# ଚିନ୍ମୟ, ଆକାଶଦୀପ୍‌ଙ୍କୁ ସଫଳତା

**ଭଦ୍ରକ ଅଫିସ, ୩।୮:** କରୋନା ମହାମାରୀ ସମୟରେ ଟାଏକୋଣ୍ଡୋ ଖେଳାଳିମାନଙ୍କୁ ନିଜର ଅଭ୍ୟାସ ଜାରି ରଖିବା ସହ କ୍ରୀଡ଼ା ପ୍ରତି ମନୋନିବେଶ କରିବା ପାଇଁ ଦିଲ୍ଲୀ କୋରିଆନ କଲଚର୍ ସେଣ୍ଟର ଓ ଜମ୍ମୁ କାଶ୍ମୀର ଟାଏକୋଣ୍ଡୋ ସଂଘ ପକ୍ଷରୁ ଏକ ଅନ୍ତର୍ଜାତୀୟ ଟାଏକୋଣ୍ଡୋ ପୁମ୍‌ସେ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଏହା ଜୁଲାଇ ୨୪ରୁ ଆରମ୍ଭ ହୋଇ ୩୦ରେ ଉଦ୍‌ଯାପିତ ହୋଇଥିଲା। ଏଥିରେ ୨୪ଟି ଦେଶର ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଏଥିରେ କ୍ରୀଡ଼ାବିତ୍‌ମାନେ ନିଜ ନିଜର ଟାଏକୋଣ୍ଡୋ କଳା କୌଶଳର ଭିଡିଓ ୟୁ ଟ୍ୟୁବ୍ ଜରିଆ ମାଧ୍ୟମରେ ପ୍ରଦତ୍ତ ୱେବ୍ ସାଇଟ୍‌କୁ ପଠାଇଥିଲେ। ପ୍ରତିଯୋଗିତାରେ ଭଦ୍ରକର ୨ଜଣ କ୍ରୀଡ଼ାବିତ୍ ଅଂଶଗ୍ରହଣ କରିଥିଲେ। ୩୦ ବର୍ଷରୁ ଉର୍ଦ୍ଧ୍ୱ ବର୍ଗରେ ଓଡ଼ିଶା ଟାଏକୋଣ୍ଡୋ ସଂଘର ଯୁଗ୍ମ ସମ୍ପାଦକ ତଥା ଭଦ୍ରକ ଜିଲା ଟାଏକୋଣ୍ଡୋ ସଂଘର ସମ୍ପାଦକ ଚିନ୍ମୟ ବେହେରା ଫାଇନାଲ୍ ରାଉଣ୍ଡରେ ସ୍ୱର୍ଣ୍ଣ ଓ ଏଲ୍‌ଇଟି ରାଉଣ୍ଡରେ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଏଥିପୂର୍ବରୁ ସେ ବିଭିନ୍ନ ଜାତୀୟ ଓ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ସ୍ୱର୍ଣ୍ଣ ଓ ବ୍ରୋଞ୍ଜ୍ ପଦକ ହାସଲ କରି ଜିଲା ପାଇଁ ଗୌରବ ଆଣିଛନ୍ତି। ସେହିଭଳି ଆକାଶଦୀପ ପଣ୍ଡିତ ୧୪ବର୍ଷରୁ କମ୍ (ବାଳକ) ବର୍ଗରେ ଫାଇନାଲ୍ ରାଉଣ୍ଡରେ ସ୍ୱର୍ଣ୍ଣ ଓ ଏଲଇଟି ରାଉଣ୍ଡରେ ୬ଷ୍ଠ ସ୍ଥାନ ଅଧିକାର କରିଛନ୍ତି। ଏଥିପୂର୍ବରୁ ସେ ରାଜ୍ୟ ଓ ଜାତୀୟସ୍ତରରେ

## ଅନ୍‌ଲାଇନରେ ଅନ୍ତର୍ଜାତୀୟ ଟାଏକୋଣ୍ଡୋ

ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଏହି ସଫଳତା ପାଇଁ ବିଶ୍ୱ ତାଇକୋଣ୍ଡୋ ସଂଘର ପୁମ୍‌ସେ ରେଫରି ଚେୟାରମ୍ୟାନ୍ ମୁସ୍ତାଫା ମାଉଟ୍‌ରଜକ, ଜାତୀୟ ଟାଏକୋଣ୍ଡୋ ସଂଘର ରେଫରି ଚେୟାରମ୍ୟାନ୍ ଅତୁଲ ପଙ୍ଗବତ୍ରା ଏବଂ ରାଜ୍ୟ ଟାଏକୋଣ୍ଡୋ ସଂଘର ସମ୍ପାଦକ ମନମୋହନ ଭଞ୍ଜ ଏକ ଜୁମ୍ ଅନ୍‌ଲାଇନ୍ ମିଟିଂ ଜରିଆରେ ସମ୍ବର୍ଦ୍ଧନା ଜଣାଇଥିଲେ।



ଚିନ୍ମୟ ବେହେରା



ଆକାଶଦୀପ ପଣ୍ଡିତ







# ସହଜ ଡ୍ର'ରେ ଭାରତ

ନୂଆଦିଲ୍ଲୀ, ୩।୮ (ପି.ଟି.)

କୋଭିଡ୍-୧୯ ଯୋଗୁ ଦୁଇଥର କାର୍ଯ୍ୟସୂଚୀରେ ପରିବର୍ତ୍ତନ କରାଯିବା ପରେ ଥୋମାସ୍ ଓ ଉବର କପ୍ ଫାଇନାଲ ଡେନମାର୍କର ଆରହସ୍‌ଠାରେ ଅକ୍ଟୋବର ୩ରୁ ୧୧ ପର୍ଯ୍ୟନ୍ତ ଆୟୋଜନ ପାଇଁ ସ୍ଥିର ହୋଇଛି। ଏଥିରେ ଭାରତ ଅପେକ୍ଷାକୃତ ସହଜ ଡ୍ର'ରେ ସ୍ଥାନ ପାଇଛି। ଭାରତୀୟ ପୁରୁଷ ବ୍ୟାଡ୍‌ମିଣ୍ଟନ ଦଳ ଗ୍ରୁପ୍ ସି'ରେ ସ୍ଥାନ ପାଇଛି। ଏହି ଗ୍ରୁପ୍‌ରେ ୨୦୧୬ ଚାମ୍ପିୟନ ଡେନମାର୍କ, ଜର୍ମାନୀ ଓ ଆଲଜେରିଆ ସ୍ଥାନ ପାଇଛନ୍ତି। ଅନ୍ୟପକ୍ଷରେ ମହିଳା ଦଳକୁ ୧୪ଥର ବିଜେତା ଚାଇନା, ଫ୍ରାନ୍ସ ଓ ଜର୍ମାନୀ ସହ ଗ୍ରୁପ୍ ଡି'ରେ ସ୍ଥାନ ମିଳିଛି। କୁଆଲାଲମ୍ପୁରସ୍ଥିତ ବ୍ୟାଡ୍‌ମିଣ୍ଟନ ୱାର୍ଲ୍ଡ ଫେଡେରେଶନ (ବିଡବ୍ଲ୍ୟୁଏଫ୍) ମୁଖ୍ୟ କାର୍ଯ୍ୟାଳୟରେ ସୋମବାର ଡ୍ର' ଅନୁଷ୍ଠିତ ହୋଇଥିଲା। ଟୁର୍ନାମେଣ୍ଟରେ ଉଭୟ ମହିଳା ଓ ପୁରୁଷ ଦଳ ୫ମ ସିଡ୍ ମାନ୍ୟତା ଲାଭ କରିଛନ୍ତି। ୧୩ ଥର ପୂର୍ବତନ ଚାମ୍ପିୟନ ଇଣ୍ଡୋନେସିଆ ଏବଂ ପୂର୍ବତନ ୬ଥର ଚାମ୍ପିୟନ ଜାପାନ ଯଥାକ୍ରମେ ଥୋମାସ କପ୍ ଓ ଉବର କପ୍‌ରେ ଟପ୍ ସିଡ୍ ମାନ୍ୟତା ଲାଭ କରିଛନ୍ତି। ଏହି ସମ୍ମାନଜନକ ଇଭେଣ୍ଟ ପ୍ରକୃତରେ ମେ' ୧୬ରୁ ୨୪ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥାନ୍ତା କିନ୍ତୁ ଏହା ଅଗଷ୍ଟ ୧୫ରୁ ୨୩କୁ ଘୁଞ୍ଚାଇ ଦିଆଯାଇଥିଲା। ଶେଷରେ ଏହାକୁ ଅକ୍ଟୋବରରେ କରିବା ଲାଗି ନିଷ୍ପତ୍ତି ନିଆଯାଇଛି। କରୋନା ଭାଇରସ୍ ଯୋଗୁ ବିଡବ୍ଲ୍ୟୁଏଫ୍ ମାର୍ଚ୍ଚରେ ଅଲ୍ ଇଂଲଣ୍ଡ ପ୍ରତିଯୋଗିତା ପରଠାରୁ ଏହାର ୱାର୍ଲ୍ଡ ଟୁର୍ ଏବଂ ସ୍ୱୀକୃତିପ୍ରାପ୍ତ ଅନ୍ୟ ଟୁର୍ନାମେଣ୍ଟଗୁଡ଼ିକୁ ଶଟ୍ ଡାଉନ୍ କରି ଦେଇଥିଲା। ଥୋମାସ ଓ ଉବର କପ୍ ଫାଇନାଲରେ ପ୍ରତି ଗ୍ରୁପ୍‌ର ଶ୍ରେଷ୍ଠ ଦୁଇ ଦଳ ନକ୍ ଆଉଟ୍ ପର୍ଯ୍ୟାୟକୁ ଉନ୍ନୀତ ହେବେ।



## ଥୋମାସ୍ ଓ ଉବର କପ୍

୨୦୧୮ରେ ଅନୁଷ୍ଠିତ ଗତ ସଂସ୍କରଣରେ ଭାରତୀୟ ମହିଳା ଓ ପୁରୁଷ ଦଳ ନକ୍‌ଆଉଟ ଷ୍ଟେଜ୍‌କୁ ଉନ୍ନୀତ ହୋଇ ପାରି ନ ଥିଲେ। ଉବର କପ୍‌ର ୨୦୧୬ ସଂସ୍କରଣ ସେମିଫାଇନାଲ ଷ୍ଟେଜ୍‌ରେ ଭାରତୀୟ ମହିଳା ଦଳ ଚାଇନାଠାରୁ ପରାଜିତ ହୋଇଥିଲା। ସେମାନେ ଆହୁରି ମଧ୍ୟ ୨୦୧୪ ନୂଆଦିଲ୍ଲୀ ସଂସ୍କରଣରେ ସେମିଫାଇନାଲରେ ପ୍ରବେଶ କରିପାରିଥିଲେ।

# ବୟସ ଲୁଚାଇଲେ ୨ ବର୍ଷ ବାସନ୍ଦ

**ନୂଆଦିଲ୍ଲୀ,୩।୮ (ପି.ଟି.):** କ୍ରିକେଟରେ ଖେଳାଳିଙ୍କ ବୟସ ଜାଲିଆତି ପ୍ରସଙ୍ଗରେ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ତା'ର ଆଭିମୁଖ୍ୟ ଆହୁରି କଡ଼ା କରିଛି। ପଞ୍ଜୀକୃତ ଖେଳାଳିମାନେ ବୟସ ଜାଲିଆତି କରିଥିବା ନେଇ ନଜ ଆଡୁ ମାନିଗଲେ ସେମାନଙ୍କୁ କ୍ଷମା କରିଦିଆଯିବ ବୋଲି ସୋମବାର ବିସିସିଆଇ ତରଫରୁ ସ୍ପଷ୍ଟ କରାଯାଇଛି। କିନ୍ତୁ ଯେଉଁ ଖେଳାଳିମାନେ ଏ ସଂକ୍ରାନ୍ତରେ ଦୋଷ ଲୁଚାଇବାକୁ ପ୍ରୟାସ କରିବେ ସେମାନଙ୍କୁ ୨ ବର୍ଷ ବାସନ୍ଦ କରାଯିବ ବୋଲି ବୋର୍ଡ ସତର୍କ କରାଇ ଦେଇଛି। ବିସିସିଆଇ ଦ୍ୱାରା ଆୟୋଜନ କରାଯାଉଥିବା ବିଭିନ୍ନ ବୟସବର୍ଗ ଟୁର୍ନାମେଣ୍ଟଗୁଡିକରେ ଅଂଶଗ୍ରହଣ କରୁଥିବା ଖେଳାଳିମାନଙ୍କ ପାଇଁ ଏହି ନିୟମ ୨୦୨୦-୨୧ ସେସନଠାରୁ ଲାଗୁ କରାଯାଇଛି।



3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ